# ଧରିତ୍ରୀ
DHARITRI

ସୋମବାର, ମେ ୧୮/୨୦୨୦ (୧୯ ପୃଷ୍ଠା) Monday, May 18/2020

୪୭ଶ ଭାଗ ୧୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





**କ୍ୟାରିୟରର ଆରମ୍ଭରୁ ଫ୍ଲପ୍ ହୋଇଥିଲେ ନୁସରତ**
ଛୋଟ ପରଦାରୁ କ୍ୟାରିୟର ଆରମ୍ଭ କରି ଖୁବ୍ କମ୍ ଦିନ ମଧ୍ୟରେ ବଲିଉଡ୍‌ରେ ଏଣ୍ଟ୍ରି କରିବା ନୁସରତ ଭରୁଚା ଏବେ ଜଣେ ସଫଳ ଅଭିନେତ୍ରୀ। ତେବେ କ୍ୟାରିୟର ଆରମ୍ଭରୁ ସେ ଫ୍ଲପ୍ ହୋଇଥିଲେ। ୧୦

୧୯ **ଆଫ୍ରିଦିଙ୍କୁ ଜୋକର ବୋଲି କହିଲେ ଗମ୍ଭୀର**
ଭାରତର ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀର ପାକିସ୍ତାନ ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦିଙ୍କୁ ଜୋକର ବୋଲି କହିଛନ୍ତି।




# ଲକ୍‌ଡାଉନ ୩୧ ଯାଏ ବଢ଼ିଲା

- ଜୋନ ଅନୁଯାୟୀ କଟକଣା ସ୍ଥିର କରିବେ ରାଜ୍ୟ ସରକାର
- ଆନ୍ତଃରାଜ୍ୟ ବୁଝାମଣା ଭିତ୍ତିରେ ଚାଲିପାରିବ ବସ୍
- ରାଜ୍ୟ ଭିତରେ ବସ୍ ଚଳାଚଳ ନିଷ୍ପତ୍ତି ନେବେ ରାଜ୍ୟ ସରକାର
- ସନ୍ଧ୍ୟା ୭ରୁ ସକାଳ ୭ ପର୍ଯ୍ୟନ୍ତ ଜାରି ରହିବ ରାତ୍ରିକାଳୀନ କର୍ଫ୍ୟୁ

ନୂଆଦିଲ୍ଲୀ,୧୭।୫

କରୋନା ମହାମାରୀକୁ ପ୍ରତିହତ କରିବା ଲାଗି ସାରା ଦେଶରେ ମାର୍ଚ୍ଚ ୨୪ରୁ ଜାରି ହୋଇଥିବା ଲକ୍‌ଡାଉନ୍‌କୁ ପୂର୍ବରୁ ୨ ଥର ବଢ଼ାଯାଇଥିଲା। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ରବିବାର ଶେଷ ହୋଇଥିବାବେଳେ କରୋନା ସଂକ୍ରମଣ ଥମିବା ନାଁ ଧରୁ ନ ଥିବାରୁ କେନ୍ଦ୍ର ସରକାର ଏହାକୁ ଆଉ ଦୁଇ ସପ୍ତାହ ବଢ଼ାଇଛନ୍ତି। ସୋମବାରରୁ ଦେଶବ୍ୟାପୀ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଆରମ୍ଭ ହେଉଥିବାବେଳେ ଏହା ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ସମୟ ମଧ୍ୟରେ ଅର୍ଥନୈତିକ କାରବାର ବଢ଼ାଇବା ପାଇଁ କମ୍ ସଂକ୍ରମିତ ଅଞ୍ଚଳରେ କଟକଣା କୋହଳ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଲକ୍‌ଡାଉନ ୪.୦ରେ ସମସ୍ତ ଜନ ସମାବେଶ ବନ୍ଦ ରହିବ। ଶିକ୍ଷାନୁଷ୍ଠାନ, ମଲ୍, ରେଷ୍ଟୁରାଣ୍ଟ, ସୁଇମିଂ ପୁଲ୍, ଜିମ୍, ସିନେମା ହଲ୍ ପୂର୍ବଭଳି ବନ୍ଦ ରହିବା ସହ ୩୧ ପର୍ଯ୍ୟନ୍ତ ବିମାନ ଓ ମେଟ୍ରୋ ଚଳାଚଳ କରିବନି। ଲକ୍‌ଡାଉନ ବେଳେ ଆନ୍ତଃରାଜ୍ୟ ଯାତ୍ରୀବାହୀ ଯାନ ଓ ବସ୍ ଚଳାଚଳକୁ ଅନୁମତି ସମ୍ପୃକ୍ତ ରାଜ୍ୟଗୁଡ଼ିକର ସହମତିରେ ଅନୁମତି ମିଳିବ। ନିଷିଦ୍ଧାଞ୍ଚଳ ଓ ମଲ୍‌ରେ ଥିବା ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ସୋମବାରଠାରୁ ଖୋଲିବାକୁ ଅନୁମତି ଦିଆଯାଇଛି।

କୋଭିଡ୍-୧୯ ସ୍ଥିତିକୁ ଅନୁଧ୍ୟାନ କରି ରେଡ୍, ଗ୍ରୀନ୍ ଓ ଅରେଞ୍ଜ ଜୋନ୍ ନିର୍ଦ୍ଧାରଣ କରିବା କ୍ଷମତା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯାଇଛି। ଜୋନ୍ ଗୋଟିଏ ଜିଲା କିମ୍ବା ମ୍ୟୁନିସିପାଲ କର୍ପୋରେଶନ ବା ପୌରାଞ୍ଚଳ ଅଥବା ସବ୍‌ଡିଭିଜନ ହୋଇପାରେ, ସେ ନିଷ୍ପତ୍ତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନେବେ। ତଦନୁଯାୟୀ ବିଭିନ୍ନ ଜୋନ୍‌ରେ କଟକଣା କୋହଳ ରହିବ।

ମେ' ୧୮ରୁ ଲକ୍‌ଡାଉନ ୪.୦ ଭିନ୍ନ ନିୟମ ଓ ଗାଇଡଲାଇନ୍ ସହ ଆସିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୧ ତାରିଖରେ ରାଷ୍ଟ୍ରକୁ ଉଦ୍‌ବୋଧନ ଦେବା ଅବସରରେ ଘୋଷଣା କରିଥିଲେ। ସମସ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ପ୍ରସ୍ତାବ ଆଧାରରେ ନୂଆ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ଲକ୍‌ଡାଉନ-୩.୦ ବେଳେ ଟ୍ରେନ୍ ଚଳାଚଳକୁ ଅନୁମତି ମିଳି ନ ଥିଲା। ତେବେ ବିଭିନ୍ନ ରାଜ୍ୟରେ ଅଟକି ରହି ପ୍ରବାସୀ ଶ୍ରମିକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ନିଜ ରାଜ୍ୟକୁ ଫେରାଇନେବା ଲାଗି ବିଭିନ୍ନ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ 'ଶ୍ରମିକ ସ୍ପେଶିଆଲ' ଟ୍ରେନ୍ ଚଳାଇବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଥିଲା। ☞ପୃଷ୍ଠା-୪




**ଅନୁମତି**
- ଅନଲାଇନ୍ ପାଠପଢ଼ା
- ହୋଟେଲ, ରେଷ୍ଟୁରାଣ୍ଟରେ ପାର୍ସଲ ବ୍ୟବସ୍ଥା
- ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ ଖୋଲା ରହିବ
- କଣ୍ଟେନମେଣ୍ଟ ଜୋନରେ ଅତ୍ୟାବଶ୍ୟକ ଯାତାୟାତ ପାଇଁ ଅନୁମତି
- ନିଷିଦ୍ଧାଞ୍ଚଳ ବ୍ୟତୀତ ଅନ୍ୟ ସବୁ ଜୋନ୍‌ରେ ଦୋକାନ ଖୋଲିବ

**ନିଷେଧ**
- ମେଡିକାଲ ଓ ଜରୁରିକାଳୀନ ସେବାକୁ ଛାଡ଼ି ସମସ୍ତ ବିମାନ ସେବା ବନ୍ଦ
- ମେଟ୍ରୋ ଟ୍ରେନ୍ ସେବା
- ସ୍କୁଲ, କଲେଜ, କୋଚିଂ ସେଣ୍ଟର
- ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ
- ସିନେମା ହଲ୍, ଶପିଂ ମଲ୍, ଜିମ୍, ସୁଇମିଂ ପୁଲ୍, ଥିଏଟର, ପାର୍କ, ବାର, ଅଡିଟୋରିଅମ୍ ବନ୍ଦ
- ଷ୍ଟାଡିୟମରେ ଦର୍ଶକଙ୍କୁ ପ୍ରବେଶ ମନା
- ସାମାଜିକ, ସାଂସ୍କୃତିକ, ରାଜନୈତିକ, ଧର୍ମୀୟ ସମାବେଶ
- ଧର୍ମାନୁଷ୍ଠାନରେ ସାଧାରଣ ଲୋକଙ୍କ ପ୍ରବେଶ

# ଘରୋଇକରଣ ହେବ ଅଧିକ ରାଷ୍ଟ୍ରାୟତ୍ତ ସଂସ୍ଥା

**ଚୂଡ଼ାନ୍ତ ପର୍ଯ୍ୟାୟ ଘୋଷଣା**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ୪୦ ହଜାର କୋଟି ବ୍ୟୟ ବରାଦ
- ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ୧୫ ହଜାର କୋଟି
- ବର୍ଷେ ଲାଗି ଦେବାଳିଆ କାର୍ଯ୍ୟାନୁଷ୍ଠାନ ହେବନି
- ଇନ୍‌ସଲ୍‌ଭେନ୍ସି ଲାଗି ସୀମା ୧ କୋଟିକୁ ବୃଦ୍ଧି
- କମ୍ପାନୀ ଆଇନରେ ସଂଶୋଧନ ହେବ
- ବିଦେଶୀ ବଜାରରେ ସିଧାସଳଖ ଲିଷ୍ଟିଂ ହୋଇପାରିବେ କମ୍ପାନୀ
- ସବୁ କ୍ଷେତ୍ର ଲାଗି ଘରୋଇ କମ୍ପାନୀଙ୍କୁ ଅନୁମତି
- ଋଣ ସୀମା ବୃଦ୍ଧି ପାଇଁ ରାଜ୍ୟଗୁଡ଼ିକୁ ଅନୁମତି
- ଆର୍ଥିକ ପ୍ୟାକେଜରେ ଆର୍‌ବିଆଇର ୮.୦୧ ଲକ୍ଷ କୋଟି ଲିକ୍ୟୁଡିଟି ପଦକ୍ଷେପ

ନୂଆଦିଲ୍ଲୀ,୧୭।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା କବଳିତ ଅର୍ଥ ବ୍ୟବସ୍ଥାକୁ ପୁନର୍ଜୀବିତ ଲାଗି ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଏହାର ୫ମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଘୋଷଣା କରିଛନ୍ତି। ଦେଶର ବିଭିନ୍ନ କ୍ଷେତ୍ର ଲାଗି ଢାଞ୍ଚାଗତ ସଂସ୍କାର ଏହି ଘୋଷଣା ମଧ୍ୟରେ ସାମିଲ ରହିଥିବା ସେ ସୂଚନା ଦେଇଛନ୍ତି। ଏଗୁଡ଼ିକ ଦେଶର ବିକାଶଧାରାକୁ ତ୍ୱରାନ୍ୱିତ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ଅଣ ଷ୍ଟ୍ରାଟେଜିକ କ୍ଷେତ୍ରରେ ଅଧିକ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ହେବ ବୋଲି ଜଣାପଡ଼ିଛି। ଗଣମାଧ୍ୟମକୁ ସୂଚନା ଦେଇ ସୀତାରାମନ କହିଛନ୍ତି ଯେ, ☞ପୃଷ୍ଠା-୪

**କରୋନା କବଳରେ ୨୨ ଜିଲା**
ଦିନକରେ ୯୫ ଚିହ୍ନଟ
୩

**ପର୍ଯ୍ୟଟନ ଶିଳ୍ପ ହରାଇବ ୭୦% ନିଯୁକ୍ତି**
ଓଡ଼ିଶାରେ ୩ ଲକ୍ଷ ନିଯୁକ୍ତି ପ୍ରଭାବିତ ହେବ
୩

**ଆଜିର ସମ୍ପାଦକୀୟ**
ସଂଖ୍ୟା ବାଉଳା

**ଆଜିର ମନ୍ତବ୍ୟ**
"କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ୟାକେଜ ବିଭ୍ରାନ୍ତିକର ଓ ସଂଖ୍ୟାର ଯାଦୁକରୀ।
-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

# ଦୀଘା, ହାତିଆ ମଧ୍ୟରେ ମାଡ଼ ହେବ 'ଅମ୍ଫନ୍'

- ଭୀଷଣ ରୂପ ନେଲା ଅମ୍ଫନ୍
- ୬ କି.ମି. ବେଗରେ ମାଡ଼ି ଆସୁଛି
- ୨୦୦ କି.ମି. ବେଗରେ ପଶ୍ଚିମବଙ୍ଗ, ବାଂଲାଦେଶକୁ ଧକ୍କା ଦେବ
- ଓଡ଼ିଶା ଉପକୂଳରେ ଘଷି ହୋଇଯିବ
- ୧୨ ଜିଲାକୁ ହାଇଆଲର୍ଟ
- ସବୁ ବନ୍ଦରରେ ୨ ନମ୍ବର ବିପଦ ସଙ୍କେତ
- ସମ୍ଭାବ୍ୟ ପ୍ରଭାବିତ ଜିଲାକୁ ଗଲେ ଓଡ୍ରାଫ, ଏନଡିଆରଏଫ ଟିମ୍
- ୫୬୭ ବାତ୍ୟା ଆଶ୍ରୟସ୍ଥଳ, ୭ହଜାର କୋଠା ଚିହ୍ନଟ



ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହୋଇଛି। ଏହା ପାରାଦୀପଠାରୁ ଦକ୍ଷିଣରେ ୯୫୦କି.ମି., ପଶ୍ଚିମବଙ୍ଗର ଦୀଘାଠାରୁ ୧୧୨୦ କି.ମି ଏବଂ ବାଂଲାଦେଶର ଖେପୁରାଠାରୁ ୧୨୩୦ କି.ମି ଦୂରରେ କେନ୍ଦ୍ରୀଭୂତ ହୋଇଛି। ସାମୁଦ୍ରିକ ଝଡ଼ ଅମ୍ଫନ ଧୀରେ ଧୀରେ ବଳଶାଳୀ ହୋଇ ଘଣ୍ଟାକୁ ମାତ୍ର ୬ କି.ମି. ବେଗରେ ସ୍ଥଳଭାଗ ଆଡ଼କୁ ମୁହାଁଇଛି। ରବିବାର ମଧ୍ୟରାତ୍ର ସୁଦ୍ଧା ବାତ୍ୟା ଅମ୍ଫନ ଅତି ଭୟଙ୍କର ରୂପ ଧାରଣ କରିବ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବାତ୍ୟା ଭୟଙ୍କରରୁ ଅତି ଭୟଙ୍କର ହେବ। ଏହା ଉତ୍ତର ଦିଗ ଦେଇ ଗତି କରୁଛି। ୧୮ ଓ ୧୯ତାରିଖ ମଧ୍ୟରେ ଏହି ସାମୁଦ୍ରିକ ଝଡ଼ ଦିଗ ପରିବର୍ତ୍ତନ କରି ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବ। ଆସନ୍ତା ୨୦ତାରିଖ ଅପରାହ୍ନ କିମ୍ବା ସନ୍ଧ୍ୟା ସୁଦ୍ଧା ବାତ୍ୟା ପଶ୍ଚିମ ବଙ୍ଗର ଦୀଘା ଏବଂ ବାଂଲାଦେଶର ହାତିଆ ଦ୍ୱୀପ ମଧ୍ୟରେ ଅମ୍ଫନ ଅତି ଭୟଙ୍କର ରୂପ ଧାରଣ କରି ସ୍ଥଳଭାଗକୁ ମାଡ଼ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେତେବେଳକୁ ଝଡ଼ର ବେଗ ଘଣ୍ଟା ପ୍ରତି ୧୮୦ରୁ ୨୦୦ କ.ମି. ରହିବ। ୧୮ତାରିଖରେ ବାତ୍ୟାର ଘଣ୍ଟା ପ୍ରତି ବେଗ ୧୩୫ରୁ ୧୫୦ କି.ମି. ରହିବା ବେଳେ ୧୯ ତାରିଖ ରାତ୍ରି ସୁଦ୍ଧା ୧୭୦ରୁ ୨୦୦ କି.ମି.କୁ ବୃଦ୍ଧି ପାଇବ। ସ୍ଥଳଭାଗ ଛୁଇଁବା ☞ପୃଷ୍ଠା-୪

# ରାଜ୍ୟରେ ଚତୁର୍ଥ କରୋନା ମୃତ୍ୟୁ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଓଡ଼ିଶାରେ ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିସହ ଆଉ ଏକ ମୁଣ୍ଡ ନେଇଛି ଏହି ଘାତକ ଭୂତାଣୁ। ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ନୂଆ ମୃତକ ଜଣକ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଏହି ଜିଲାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ଆସିଥିବା ରିପୋର୍ଟରେ କରୋନା ଆକ୍ରାନ୍ତ ଥିବା ଜଣାପଡିଥିଲା। ସେହିପରି ରାଜ୍ୟର ଆଉ ୨ ମୃତକ ହେଉଛନ୍ତି ଖୋର୍ଦ୍ଧା ଜିଲାର। ରବିବାର ସକାଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ☞ପୃଷ୍ଠା-୪

**ସୁସ୍ଥ ହେଲେ ଆଉ ୨୪**
- ଏବେ ରାଜ୍ୟରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୬୦୪
- ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି ୭୫୯ଜଣ ସନ୍ଦିଗ୍ଧ






# ଘରୋଇ କ୍ଷେତ୍ରକୁ ଏମ୍‌ଜିଏନ୍‌ଆର୍‌ଇଜିଏ ଅର୍ଥ

ନୂଆଦିଲ୍ଲୀ,୧୭।୫

ଘରୋଇ ଫ୍ୟାକ୍ଟ୍ରି ଓ ନିର୍ମାଣସ୍ଥଳ ଭଳି ପ୍ରାଇଭେଟ୍ ଏଣ୍ଟରପ୍ରାଇଜ୍‌ରେ ନିୟୋଜିତ ଶ୍ରମିକଙ୍କ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏମ୍‌ଜିଏନ୍‌ଆଇଜିଏ ପାଣ୍ଠିକୁ ଘରୋଇ କ୍ଷେତ୍ରରେ ଖର୍ଚ୍ଚ କରିବା ଲାଗି ଏକ ମିନିଷ୍ଟରିଆଲ୍ ପ୍ୟାନେଲ ସୁପାରିସ କରିଥିବା ଜଣାପଡ଼ିଛି। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାଓ୍ୱରଚନ୍ଦ ଗେହଲଟଙ୍କ ନେତୃତ୍ୱରେ ନିଯୁକ୍ତି ସମ୍ପର୍କିତ ଅଣାନୁଷ୍ଠାନିକ ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ପକ୍ଷରୁ କରାଯାଇଥିବା ସୁପାରିସ ହେଲା, ଘରୋଇ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିରୁ ସବ୍‌ସିଡି ଅର୍ଥ ଦିଆଯିବ। ନିର୍ମାଣ ଶ୍ରମିକ ଓ ଫ୍ୟାକ୍ଟ୍ରିର ଶ୍ରମିକମାନଙ୍କୁ ମଧ୍ୟ ଉକ୍ତ ଯୋଜନା ଅଧୀନରେ ଯୋଗ୍ୟ ବିବେଚନା କରାଯିବ।



ଏହି ପଦକ୍ଷେପ ଏମ୍‌ଜିଏନ୍‌ଆର୍‌ଇଜିଏକୁ ନୂଆ କରି ପରିଭାଷିତ କରିବ। ତେବେ ଏଥିପାଇଁ ୨୦୦୫ର ଏହି ଆଇନରେ ଏକ ସଂଶୋଧନ ଜରୁରୀ।

କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ଆରମ୍ଭ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ଆଇନରେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ୧୦୦ ଦିନର କାର୍ଯ୍ୟ ସହ ମଜୁରି ନିଶ୍ଚିତ କରାଯାଇଛି। ତେବେ ଏହା ଫ୍ୟାକ୍ଟ୍ରି ଓ ଦୋକାନଗୁଡ଼ିକରେ କାର୍ଯ୍ୟକାରୀ ହେଉନାହିଁ। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଗଲେ ଗ୍ରାମାଞ୍ଚଳ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା-୪

**ମନ୍ତ୍ରୀସ୍ତରୀୟ ପ୍ୟାନେଲର ସୁପାରିସ**
- ଫ୍ୟାକ୍ଟ୍ରି, ନିର୍ମାଣସ୍ଥଳରେ ନିୟୋଜିତ ଶ୍ରମିକ ପାଇବେ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିରୁ ମଜୁରି
- ପ୍ରସ୍ତାବକୁ ନେଇ ଉଠିଲା ବିବାଦ
- ଘରବାହୁଡ଼ା ଶ୍ରମିକ ଲାଭବାନ୍ ହେବେ: ମନ୍ତ୍ରୀ ଗୋଷ୍ଠୀ



ବର୍ତ୍ତମାନ ରାଜନୀତି କରିବାର ବେଳ ନୁହେଁ। କଂଗ୍ରେସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବସ୍‌ଗୁଡ଼ିକରେ ଶ୍ରମିକମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ଅନୁମତି ଦିଅନ୍ତୁ ଉତ୍ତରପ୍ରଦେଶ ସରକାର।

–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ



ପ୍ରବାସୀମାନେ ମୁମ୍ବାଇସ୍ଥିତ କୁର୍ଲାରୁ ଏକ ବସ୍‌ରେ ରାଜସ୍ଥାନ ଅଭିମୁଖେ ଯାତ୍ରା କରୁଛନ୍ତି।

# ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ

## ଲକ୍‌ଡାଉନ୍ ୪କୁ ନେଇ କେନ୍ଦ୍ରର ଚେତାବନୀ

**ନୂଆଦିଲ୍ଲୀ,୧୭।୫(ଆଇଏଏନ୍‌ଏସ୍)**

କରୋନା ଭୂତାଣୁ ସଂକ୍ରମଣ ଆୟତ୍ତରେ ନାହିଁ। ତେଣୁ କେନ୍ଦ୍ର ସରକାର ରବିବାର ତାଲାବନ୍ଦ ଅବଧିକୁ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ୍ ୪ ମେ ୩୧ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌କୁ ଅମାନ୍ୟ କଲେ ସମ୍ପୃକ୍ତ ଉଲ୍ଲଂଘନକାରୀଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ ଏବଂ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ବଳରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରଥମେ ୨୧ ଦିନିଆ, ତା' ପରେ ଆଉ ଦୁଇଥର ଏବଂ ରବିବାର ଚତୁର୍ଥ ଥର ଲକ୍‌ଡାଉନ୍ ଅବଧି ବୃଦ୍ଧି କରିଛନ୍ତି ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା ଅବସରରେ ଲକ୍‌ଡାଉନ୍ ୪ ସମ୍ପର୍କରେ ସଙ୍କେତ ଦେଇଥିଲେ। ନୂଆ ନିୟମ ସହ ଏହି ଲକ୍‌ଡାଉନ୍ କୋହଳ ହେବ ବୋଲି ଅନେକେ ଆଶା ବାନ୍ଧିଥିଲେ। ହେଲେ ଏଥର ମଧ୍ୟ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇବା ଭଳି ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ। ଫଳରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣରୁ ଆଶା କରିଥିବା ଲୋକେ ଏବେ ନିରାଶ ହୋଇଛନ୍ତି। ଏପରି କି ଅନେକ କ୍ଷେତ୍ରରେ ଲକ୍‌ଡାଉନ୍ ଉଲ୍ଲଂଘନ ହେବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, କୌଣସି ବ୍ୟକ୍ତି ଏହି ପଦକ୍ଷେପଗୁଡ଼ିକୁ ଅମାନ୍ୟ କଲେ ତାଙ୍କ ବିରୋଧରେ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଆକ୍ଟ, ୨୦୦୫ର ଧାରା ୫୧ରୁ ୬୦ ପର୍ଯ୍ୟନ୍ତ ଏବଂ ଆଇପିସିର ଧାରା ୧୮୮ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ଅଧିକାରୀଙ୍କୁ କର୍ତ୍ତବ୍ୟ ପାଳନରେ ବାଧା ସୃଷ୍ଟି କଲେ କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାର ଅନୁପାଳନ କରିବାକୁ ମନାକଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ୍ କିମ୍ବା ଜରିମାନା ଏବଂ ସ୍ଥଳ ବିଶେଷରେ ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ।

ଏପରି ଅବମାନନା ବା ଅନୁପାଳନକୁ ପ୍ରତ୍ୟାଖ୍ୟାନ ଯୋଗୁ କାହାର ଜୀବନହାନି ଘଟିଲେ କିମ୍ବା ବିପଜ୍ଜନକ ସ୍ଥିତି ସୃଷ୍ଟି ହେଲେ ସେହି ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ। କୌଣସି ବ୍ୟକ୍ତି ରିଲିଫ୍ ସହାୟତା, ମରାମତି, ନିର୍ମାଣ କିମ୍ବା ଅନ୍ୟ ସୁବିଧା ହାତେଇବା ପାଇଁ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାଙ୍କୁ ଦୁଇବର୍ଷ ପର୍ଯ୍ୟନ୍ତ ଜେଲ୍ ସହ ଜରିମାନା କରାଯିବ। ଅନୁରୂପ ଭାବେ କେହି ମିଛ ସତର୍କତା ଜାରି କରି ଲୋକଙ୍କୁ ଭୟଭୀତ କରାଇଲେ ତାଙ୍କୁ ୧ ବର୍ଷ ଜେଲ୍ ସହ ଜରିମାନା ମଧ୍ୟ ହୋଇପାରେ। ଯଦି ଏପରି ଅବମାନନା ଯୋଗୁ ମାନବ ଜୀବନ, ସ୍ୱାସ୍ଥ୍ୟ ଓ ନିରାପତ୍ତା ବିପନ୍ନ ହୁଏ କିମ୍ବା ଦଙ୍ଗା ସୃଷ୍ଟି ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ୧ ହଜାର ଟଙ୍କା ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ।



ଦିଲ୍ଲୀ–ଉତ୍ତରପ୍ରଦେଶ ସୀମା ଅତିକ୍ରମ ପାଇଁ ଉଦ୍ୟମ ବେଳେ ବିହାରର ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇ କାନ୍ଦୁଛନ୍ତି।

# 'ଭୁଆଁ ବୁଲାଉଛି କେନ୍ଦ୍ର'

- ୨୦ ଲକ୍ଷ କୋଟି ନୁହେଁ, ୩.୨୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍: କଂଗ୍ରେସ
- ଆର୍ଥିକ ପ୍ୟାକେଜ ସଂଖ୍ୟାର ଯାଦୁ: ବାମଦଳ



ଆନନ୍ଦ ଶର୍ମା



ସୀତାରାମ ୟେଚୁରୀ

**ନୂଆଦିଲ୍ଲୀ,୧୭।୫(ପି.ଟି.)**

କରୋନା ଜନିତ ଲକ୍‌ଡାଉନ ଯୋଗୁ ଦୁର୍ବଳ ହୋଇପଡ଼ିଥିବା ଦେଶର ଅର୍ଥନୀତିକୁ ବଳ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କ୍ରମାଗତ ୫ ଦିନ ଧରି ଉକ୍ତ ପ୍ୟାକେଜ୍‌ର ଅବତାରଣା କରିଚାଲିନ୍ତି। ତେବେ ଆର୍ଥିକ ପ୍ୟାକେଜ ନାମରେ କେନ୍ଦ୍ର ସରକାର ଜନସାଧାରଣଙ୍କୁ ଭୁଆଁ ବୁଲାଉଥିବା କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ବାସ୍ତବରେ ସରକାର ୨୦ ଲକ୍ଷ କୋଟିର ପ୍ୟାକେଜ୍ ନୁହେଁ ୩.୨୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଆଣିଥିବା କଂଗ୍ରେସର ବରିଷ୍ଠ ମୁଖପାତ୍ର ଆନନ୍ଦ ଶର୍ମା କହିଛନ୍ତି। ଏହି ପ୍ୟାକେଜ୍ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧.୬ ପ୍ରତିଶତ ବୋଲି ସେ ଉଲ୍ଲେଖ କରିଛନ୍ତି।

ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଓ ଲୋକଙ୍କୁ ଋଣ ଦେବା ମଧ୍ୟରେ ପାର୍ଥକ୍ୟ ରହିଛି। ଅର୍ଥନୀତିକୁ ପୁନର୍ବାର କ୍ରିୟାଶୀଳ କରିବାକୁ ହେଲେ ଗରିବ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ହାତକୁ ଟଙ୍କା ମିଳିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଅର୍ଥମନ୍ତ୍ରୀ ଏହା ଉପରେ ବିତର୍କର ସମ୍ମୁଖୀନ ହେବାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶର୍ମା ଆହ୍ୱାନ ଦେଇଛନ୍ତି। ଅର୍ଥମନ୍ତ୍ରୀ ପ୍ରଶ୍ନ ନ ପଚାରି ପ୍ରଶ୍ନର ଉତ୍ତର ଦେବାକୁ ସେ କହିଛନ୍ତି। ସରକାରଙ୍କ ଭୁଲ୍ ପଦକ୍ଷେପ ପାଇଁ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କର ଯୋଜନା ନ ଥିବାରୁ ସେମାନେ ଶହ ଶହ କିଲୋମିଟର ଚାଲି ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଏହା ଉପରେ ସରକାର ଉତ୍ତର ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଆର୍ଥିକ ପ୍ୟାକେଜ ବିଭ୍ରାନ୍ତିକର ଏବଂ ସଂଖ୍ୟାର ଯାଦୁ ବୋଲି ବାମଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ୬୧,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଦାଦନ ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ଅର୍ଥମନ୍ତ୍ରୀ ଆଉ ୪୦,୦୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୩୦୦ କୋଟି ବ୍ୟକ୍ତିଦିବସ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ରାଜ୍ୟଗୁଡ଼ିକର ଋଣ କରିବା ସୀମା ୩ରୁ ୫ ପ୍ରତିଶତକୁ ବଢ଼ାଇବା ସହ ରାଜ୍ୟଗୁଡ଼ିକ ସେମାନଙ୍କ ଋଣ ଅଧିକାରର ମାତ୍ର ୧୪ ପ୍ରତିଶତ ଉପଯୋଗ କରିଛନ୍ତି ବୋଲି କହିବା ହାସ୍ୟାସ୍ପଦ ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ପାଣ୍ଠି ହସ୍ତାନ୍ତର କରିଥାନ୍ତି। ଅଗ୍ରିମ ନେବା ପାଇଁ ରିଜର୍ଭ ବ୍ୟାଙ୍କ ରାଜ୍ୟଗୁଡ଼ିକୁ ଦେଉଥିବା ସୁବିଧାକୁ ମୋଦି ସରକାର 'ରାଜ୍ୟକୁ ସହାୟତା' ବୋଲି ଦାବି କରୁଥିବା ୟେଚୁରୀ ଟୁଇଟ୍ କରିଛନ୍ତି। ସରକାରଙ୍କର ୫ ଦିନର ସଂଖ୍ୟା ଯାଦୁ ଗରିବ ଓ ନିଃସହାୟଙ୍କ ସଙ୍କଟ ଦୂର କରିବାରେ ସହାୟକ ହେବନାହିଁ। ସେମାନଙ୍କ ସମସ୍ୟା ପ୍ରତି ସରକାର ଆଖିବୁଜି ଦେଇଥିବା ସିପିଏମ୍ ନେତା କହିଛନ୍ତି। ଅର୍ଥନୀତିକୁ ବିକ୍ରି କରି ଅର୍ଥମନ୍ତ୍ରୀ ଆତ୍ମନିର୍ଭରତାର ପ୍ରଚାର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି।

## ଗିଲ୍‌ଗିଟ୍–ବଲ୍ଟିସ୍ତାନରେ ହେବ ନିର୍ବାଚନ

- ନିର୍ଦ୍ଦେଶନାମା ଜାରି କଲେ ପାକ୍ ରାଷ୍ଟ୍ରପତି
- କାମଚଳା ସରକାର ଗଠନ ଲାଗି ନିର୍ଦ୍ଦେଶ

**ଇସ୍‌ଲାମାବାଦ,୧୭।୫(ପି.ଟି.)**

ଗିଲ୍‌ଗିଟ୍–ବଲ୍ଟିସ୍ତାନ ପ୍ରଦେଶରେ ନିର୍ବାଚନକୁ ଭାରତ ଜୋର୍‌ଦାର ବିରୋଧ କରିଆସୁଥିବାବେଳେ ପାକିସ୍ତାନ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ସେଠାରେ କାମଚଳା ସରକାର ଗଠନ ସହ ଭୋଟଗ୍ରହଣ ଲାଗି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉକ୍ତ ଅଞ୍ଚଳରେ ସାଧାରଣ ନିର୍ବାଚନ କରାଇବା ଲାଗି ୨୦୧୮ ପ୍ରଶାସନିକ ନିର୍ଦ୍ଦେଶନାମାରେ ସଂଶୋଧନ କରିବା ଲାଗି ପାକ୍ ସୁପ୍ରିମକୋର୍ଟ ଗତ ଏପ୍ରିଲ ୩୦ରେ ସଂଘୀୟ ସରକାରଙ୍କୁ ଅନୁମତି ଦେଇଥିଲେ। ପାକ୍ ବେଆଇନ ଭାବେ ବଳପୂର୍ବକ ଦଖଲ କରିଥିବା ଏହି ଅଞ୍ଚଳରେ ନିର୍ବାଚନ କରାଇବା ପାଇଁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ଭାରତ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ଗିଲ୍‌ଗିଟ୍–ବଲ୍ଟିସ୍ତାନ ନିର୍ଦ୍ଦେଶନାମା, ୨୦୧୮ରେ ପରିବର୍ତ୍ତନକୁ ବିରୋଧକରି ଭାରତ ଇସ୍‌ଲାମାବାଦ ନିକଟରେ ପ୍ରତିବାଦ କରିଥିଲା। ଜମ୍ମୁ–କଶ୍ମୀର, ଲଦାଖ ସମେତ ଗିଲ୍‌ଗିଟ୍ ଓ ବଲ୍ଟିସ୍ତାନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଗତମାସରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

କଶ୍ମୀର ବ୍ୟାପାର ଓ ଗିଲ୍‌ଗିଟ୍–ବଲ୍ଟିସ୍ତାନ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ବିଜ୍ଞପ୍ତି ଅନୁଯାୟୀ ରାଷ୍ଟ୍ରପତି ଆଲ୍‌ଭି ଗିଲ୍‌ଗିଟ୍–ବଲ୍ଟିସ୍ତାନ ନିର୍ବାଚନ ଓ କାମଚଳା ସଂଶୋଧନ ନିର୍ଦ୍ଦେଶନାମା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗିଲ୍‌ଗିଟ୍–ବଲ୍ଟିସ୍ତାନ ବିଧାନସଭା ଜୁନ୍ ୨୪ରେ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିବ। କାମଚଳା ସରକାର ଗଠନ କରିବାର ବ୍ୟବସ୍ଥା ନ ଥିବାବେଳେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ପରେ ଏହି ସମସ୍ୟା ଦୂର ହୋଇଥିବା ଗିଲ୍‌ଗିଟ୍–ବଲ୍ଟିସ୍ତାନର ପାକିସ୍ତାନ ତେହରିକ୍–ଇ–ଇନ୍‌ସାଫ୍ ଅଧ୍ୟକ୍ଷ ସୟେଦ ଜାଫର ଶାହ କହିଛନ୍ତି।

## ପିସ୍ ଟିଭିକୁ ୩ ଲକ୍ଷ ପାଉଣ୍ଡ ଜରିମାନା



ଜାକିର ନାଏକ

ଲଣ୍ଡନ,୧୭।୫(ପି.ଟି.): ଘୃଣିତ ବକ୍ତୃତା ପ୍ରସାରଣ ଲାଗି ବିବାଦୀୟ ଇସ୍‌ଲାମିକ୍ ବକ୍ତା ଜାକିର ନାଏକଙ୍କ ପିସ୍ ଟିଭିକୁ ବ୍ରିଟେନ୍‌ର ଗଣମାଧ୍ୟମ ନିୟନ୍ତ୍ରକ ଅଫ୍‌କମ୍ ୩ ଲକ୍ଷ ପାଉଣ୍ଡ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରସାରଣ ନିୟମର ଉଲ୍ଲଂଘନ ପାଇଁ ପିସ୍ ଟିଭି ଉର୍ଦ୍ଦୁର ଲାଇସେନ୍ସଧାରୀଙ୍କ ଉପରେ ୨ ଲକ୍ଷ ପାଉଣ୍ଡ ଏବଂ ପିସ୍ ଟିଭି ଉପରେ ୧ ଲକ୍ଷ ପାଉଣ୍ଡ ଜରିମାନା ଧାର୍ଯ୍ୟ କରାଯାଇଛି। ପିସ୍ ଟିଭି ଉର୍ଦ୍ଦୁ ଓ ପିସ୍ ଟିଭି ଘୃଣିତ ବକ୍ତୃତା ଓ ଅପମାନଜନକ ବିଷୟବସ୍ତୁ ପ୍ରସାରଣ କରିଥିବା ଅଫ୍‌କମ୍ ତଦନ୍ତରୁ ଜଣାପଡିଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଅପରାଧକୁ ଉସୁକାଇବା ଭଳି ଥିଲା ବୋଲି ଅଫ୍‌କମ୍ କହିଛି।

## 'ଠିକ୍ ମାର୍ଗରେ ଯାଉଛି କେନ୍ଦ୍ରର ଗାଇଡ୍‌ଲାଇନ୍'

ନୂଆଦିଲ୍ଲୀ,୧୭।୫: କେନ୍ଦ୍ର ସରକାର ଲକ୍‌ଡାଉନ୍ ଅବଧି ବୃଦ୍ଧି କରିବା ଉଚିତ ପଦକ୍ଷେପ। ଅର୍ଥନୀତି ସୁଧାରିବା ପାଇଁ କେନ୍ଦ୍ରର ଗାଇଡ୍‌ଲାଇନ୍ ଠିକ୍ ମାର୍ଗରେ ଯାଉଛି। ସେହିପରି ରାଜ୍ୟଗୁଡ଼ିକୁ ନିଷ୍ପତ୍ତି ନେବା କ୍ଷମତା ପ୍ରଦାନ କରାଯିବା ସ୍ୱାଗତଯୋଗ୍ୟ ବୋଲି ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି, ଦିଲ୍ଲୀରେ ଲକ୍‌ଡାଉନ୍ ଅବଧି ବୃଦ୍ଧି ନେଇ ସୋମବାର ଆକ୍ସନ୍ ପ୍ଲାନ୍ ଘୋଷଣା କରାଯିବ। ଏବେ କିଛି ମାତ୍ରାରେ ନିୟମରେ କୋହଳ କରାଯିବା ସମୟ ଆସିଛି।

## କ୍ଷମତା ଭାଗବଣ୍ଟାର ଚୁକ୍ତି



କାବୁଲସ୍ଥିତ ପ୍ରେସିଡେନ୍ସିଆଲ ପ୍ୟାଲେସ୍‌ରେ ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି (ଡାହାଣ) ଓ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା କ୍ଷମତା ଭାଗବଣ୍ଟା ନେଇ ଏକ ଚୁକ୍ତି ସ୍ୱାକ୍ଷର କରୁଛନ୍ତି। ଏହାର ୮ ମାସ ପୂର୍ବରୁ ଉଭୟେ ନିଜକୁ ସେପ୍ଟେମ୍ବରରେ ଅନୁଷ୍ଠିତ ନିର୍ବାଚନରେ ବିଜୟୀ ଘୋଷଣା କରିଥିଲେ। ସଦ୍ୟ ରାଜନୈତିକ ଚୁକ୍ତିନାମା ଅନୁସାରେ ଗନି ରାଷ୍ଟ୍ରପତି ରହିବେ ଓ ଅବ୍‌ଦୁଲ୍ଲା ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନର ନ୍ୟାଶନାଲ ରିକନ୍‌ସିଲିଏଶନ ହାଇ କାଉନ୍ସିଲ୍‌ର ନେତୃତ୍ୱ ନେବେ।

## ଦିଲ୍ଲୀରୁ ଫେରିଗଲେଣି ୬୦% ଦେହଜୀବୀ

**ନୂଆଦିଲ୍ଲୀ,୧୭।୫(ପି.ଟି.)**

ଲକ୍‌ଡାଉନ ଯୋଗୁ ଜୀବିକା ହରାଇ ଦିଲ୍ଲୀର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଯୌନକର୍ମୀ ସେମାନଙ୍କ ରାଜ୍ୟକୁ ଫେରିଗଲେଣି। କରୋନା ସଂକ୍ରମଣ ଭୟରେ ଗ୍ରାହକ ଆସୁ ନ ଥିବାରୁ ଦେହଜୀବୀଙ୍କ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଥିବା ଏକ ଫୋରମ୍ ପକ୍ଷରୁ କୁହାଯାଇଛି। ଦିଲ୍ଲୀରେ ୫,୦୦୦ ପଞ୍ଜୀକୃତ ଯୌନକର୍ମୀ ରହୁଥିବାବେଳେ ସେଥିରୁ ପାଖାପାଖି ୩,୦୦୦ ସେମାନଙ୍କ ନିଜ ରାଜ୍ୟକୁ ଫେରିଗଲେଣି ବୋଲି ଅଲ୍ ଇଣ୍ଡିଆ ନେଟ୍‌ୱର୍କ ଅଫ୍ ସେକ୍ସ ୱାର୍କର୍ସର ଅଧ୍ୟକ୍ଷା କୁସୁମ କହିଛନ୍ତି। ଲକ୍‌ଡାଉନ ଆରମ୍ଭ ହେବାଠାରୁ ଜଣେ ହେଲେ ଗ୍ରାହକ ଆସୁ ନ ଥିବାରୁ ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି ବୋଲି ୮ ବର୍ଷ ହେଲା ଏହି ଧନ୍ଦାରେ ଥିବା ଶାଲିନୀ କହିଛନ୍ତି। ଦୁଇମାସ ହେଲା ସେ ଓ ତାଙ୍କ ୪ ବର୍ଷର ପୁଅ ଠିକ୍‌ଭାବରେ ଖାଇବାକୁ ପାଇ ନ ଥିବା ଅନ୍ୟ ଜଣେ ଯୌନକର୍ମୀ କହିଛନ୍ତି। ଫଳରେ ସେମାନେ ନିଜ ରାଜ୍ୟକୁ ଫେରିବାକୁ ବାଧ୍ୟ ହୋଇଥିବା କହିଛନ୍ତି।

## ଚାଇନା ରାଷ୍ଟ୍ରଦୂତଙ୍କ ମୃତଦେହ ଉଦ୍ଧାର

**ଜେରୁଜେଲମ୍,୧୭।୫**



ଇସ୍ରାଏଲ୍‌ରେ ଚାଇନାର ରାଷ୍ଟ୍ରଦୂତ ଥିବା ଡୁ ୱେଇଙ୍କ ମୃତଦେହ ରବିବାର ତେଲ୍ ଆଭିଭ୍‌ସ୍ଥିତ ତାଙ୍କ ବାସଭବନରୁ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଥିବା କହିଛି। ଗତ ଫେବୃୟାରୀରେ ୫୮ ବର୍ଷୀୟ ଡୁ ଇସ୍ରାଏଲ୍ ପାଇଁ ଚାଇନାର ରାଷ୍ଟ୍ରଦୂତ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ୟୁକ୍ରେନ୍‌ରେ ରାଷ୍ଟ୍ରଦୂତ ଥିଲେ। ଚାଇନା ସହ ଇସ୍ରାଏଲ୍‌ର ଭଲ ସମ୍ପର୍କ ରହିଛି। ଦୁଇଦିନ ପୂର୍ବରୁ ଇସ୍ରାଏଲ୍ ଗସ୍ତରେ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ ପମ୍ପେଓ କରୋନା ତଥ୍ୟ ଲୁଚାଇବା ନେଇ ଚାଇନାକୁ ସମାଲୋଚନା କରିଥିଲେ। ଏଥିସହିତ ଇସ୍ରାଏଲ୍‌ରେ ଚାଇନାର ପୁଞ୍ଜିନିବେଶକୁ ମଧ୍ୟ ସେ ବିରୋଧ କରିଥିଲେ। ପମ୍ପେଓଙ୍କ ଏଭଳି ମନ୍ତବ୍ୟକୁ ଚାଇନା ରାଷ୍ଟ୍ରଦୂତ ଡୁ ନିନ୍ଦା କରିଥିଲେ।

## ୯/୧୧ ଭଳି ଆକ୍ରମଣ ପାଇଁ ପାକ୍‌ର ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୧୭।୫(ଆଇଏଏନ୍‌ଏସ୍)**





ପାକିସ୍ତାନ ପାଶ୍ଚାତ୍ୟ ଦେଶଗୁଡ଼ିକ ବିରୋଧରେ ୯/୧୧ ଆକ୍ରମଣ ଭଳି ଆଉ ଏକ ଷଡ଼ଯନ୍ତ୍ର ରଚୁଛି। ପାକିସ୍ତାନ ସମର୍ଥିତ ହକ୍କାନି ନେଟ୍‌ୱର୍କ (ଏଚ୍‌କ୍ୟୁଏନ୍) ଇସ୍‌ଲାମିକ୍ ଆତଙ୍କବାଦୀ ସଙ୍ଗଠନ ଅଲ୍–କାଏଦାକୁ ଏହି ଆକ୍ରମଣ ପାଇଁ ସହଯୋଗ କରୁଛି। ଆଫଗାନିସ୍ତାନର ପୂର୍ବତନ ଗୋଇନ୍ଦା ମୁଖ୍ୟ ରହମତୁଲ୍ଲା ନାବିଲ୍ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛନ୍ତି।

ଆଫଗାନିସ୍ତାନର ନ୍ୟାଶନାଲ ଡାଇରେକ୍ଟର ଅଫ୍ ସିକ୍ୟୁରିଟି (ଏନ୍‌ଡିଏସ୍)ର ପୂର୍ବତନ ନିର୍ଦ୍ଦେଶକ ନାବିଲ୍ ରବିବାର ଏକାଧିକ ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଅଲ୍‌କାଏଦାକୁ ଏବେ ମଧ୍ୟ ପାକିସ୍ତାନ ଏବଂ ଏଚ୍‌କ୍ୟୁଏନ୍‌ଠାରୁ ସହାୟତା ମିଳୁଛି। ରାଷ୍ଟ୍ର ସମର୍ଥିତ ଆତଙ୍କବାଦକୁ ବନ୍ଦ କରା ନ ଗଲେ ଆମେ ୯/୧୧ ଭଳି ଆଉ ଏକ ଆକ୍ରମଣ ଭବିଷ୍ୟତରେ ଦେଖିବାକୁ ପାଇବା। ଅଲ୍–କାଏଦାର ଅଲ୍ ଜବାହିରି, ଅବୁ ମହମ୍ମଦ ଅଲ୍ ମାସ୍‌ରି ଓ ସୈଫ୍ ଉଲ୍ ଅଦେଲ ଏବେ ମଧ୍ୟ ପାଶ୍ଚାତ୍ୟ ବିରୋଧରେ ଆକ୍ରମଣ ଯୋଜନା କରୁଛନ୍ତି ବୋଲି ସେ ଟୁଇଟ୍ କରିଛନ୍ତି।

## ଆଭ୍ୟନ୍ତରୀଣ ଅଙ୍ଗ ନଷ୍ଟ କରିପାରେ କରୋନା

**ବେଜିଂ,୧୭।୫(ପି.ଟି.)**

କରୋନା ଆକ୍ରାନ୍ତ ରୋଗୀଙ୍କର ବିଭିନ୍ନ ଆଭ୍ୟନ୍ତରୀଣ ଅଙ୍ଗ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଚାଇନା ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ ସତର୍କ କରାଇବା ସହ ରୋଗୀମାନଙ୍କ ସ୍ୱାସ୍ଥ୍ୟବୀମା ସୀମାକୁ ବଢ଼ାଇଛନ୍ତି। କୋଭିଡ୍–୧୯ରୁ ଆରୋଗ୍ୟ ହୋଇଥିବା ଲୋକଙ୍କ ପାଇଁ ଚାଇନାର ଜାତୀୟ ସ୍ୱାସ୍ଥ୍ୟ ଆୟୋଗ (ଏନ୍‌ଏଚ୍‌ସି) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସୁସ୍ଥ ହେବା ସତ୍ତ୍ୱେ କେତେଜଣ ରୋଗୀଙ୍କର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଚିକିତ୍ସା ସହ ମାଂସପେଶୀ ଦୁର୍ବଳ ଜନିତ ସମସ୍ୟା ଓ ମାନସିକ ବିକାରର ଚିକିତ୍ସା ଆବଶ୍ୟକ ହେବ। ଏଗୁଡ଼ିକ ଦୀର୍ଘକାଳୀନ ରୋଗ ହୋଇଥିବାରୁ ଅନେକ ଦିନ ପର୍ଯ୍ୟନ୍ତ ଚିକିତ୍ସା କରିବାକୁ ପଡ଼ିପାରେ ବୋଲି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନାରେ ଏଥିପାଇଁ ରୋଗୀ ଚିକିତ୍ସା ବ୍ୟୟ କ୍ଲେମ୍ କରିପାରିବେ।



ଚାଇନାରେ କରୋନା ଭୂତାଣୁ ୪,୬୩୪ ଜଣଙ୍କ ଜୀବନ ନେଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୭୮,୨୨୭ ଜଣ ସୁସ୍ଥ ହେଲେଣି। ଏବେ ମାତ୍ର ୮୬ ଜଣ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହେଲେ ମଧ୍ୟ ରୋଗୀଙ୍କ ଅଙ୍ଗ ଉପରେ ଭୂତାଣୁର ପ୍ରଭାବ ଦୀର୍ଘଦିନ ରହିବ। ଗୁରୁତର ଲକ୍ଷଣ ଥିବା ରୋଗୀଙ୍କ କ୍ଷେତ୍ରରେ ଅଙ୍ଗ କ୍ଷତିଗ୍ରସ୍ତ ହେବା ସମ୍ଭାବନା ଥିବାରୁ ସେମାନଙ୍କ ପାଇଁ ଦୀର୍ଘକାଳୀନ ପୁନର୍ବାସନର ଆବଶ୍ୟକତା ଥିବା ରିପୋର୍ଟରେ କୁହାଯାଇଛି। କେତେଜଣ ରୋଗୀଙ୍କ ଠାରେ ହୃଦ୍‌ରୋଗ ଦେଖାଦେଇପାରେ ବୋଲି ଏନ୍‌ଏଚ୍‌ସି କହିଛି। ସେହିପରି କରୋନା ରୋଗୀଙ୍କଠାରେ ମାନସିକ ବିଷାଦ, ନିଦ୍ରାହୀନତା, ଖାଦ୍ୟଗ୍ରହଣରେ ବ୍ୟତିକ୍ରମ ଆଦି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ସଂକ୍ଷେପରେ

### ମହାରାଷ୍ଟ୍ରରେ ଓଡ଼ିଆ ଯୁବକଙ୍କୁ ହତ୍ୟା ଅଭିଯୋଗ

ରାଜନଗର,୧୭।୫(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ହଂସୁଆ ଗ୍ରାମର ଚନ୍ଦନ ବାରିକଙ୍କ ମୃତ୍ୟୁ ମହାରାଷ୍ଟ୍ରର ପୁଣେ ଅଞ୍ଚଳରେ ହୋଇଛି। ଏନେଇ ବାପା ହୃଷୀକେଶ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ମହାରାଷ୍ଟ୍ରକୁ କାମ କରାଇବା ପାଇଁ ନେଇଥିବା ଠିକାଦାର ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଜଣେ ଠିକାଦାରଙ୍କ ସହ ଚନ୍ଦନ ଗତ ୬ ମାସ ପୂର୍ବେ ମହାରାଷ୍ଟ୍ରର ପୁଣେକୁ ଯାଇଥିଲେ। ସେଠାରେ ସେ କାମ କରୁଥିଲେ ମଧ ଘରକୁ ଟଙ୍କା ଦେଉ ନ ଥିଲେ। ଗତ ୧୬ ତାରିଖରେ ପୁଅର ମୃତ୍ୟୁଖବର ପାଇ ହୃଷୀକେଶ ସମ୍ପୃକ୍ତ ଠିକାଦାରଙ୍କୁ ପଚାରିଥିଲେ। ରାସ୍ତା ଦୁର୍ଘଟଣାରେ ଚନ୍ଦନଙ୍କ ମୃତ୍ୟୁ ହୋଇଥିବା ନେଇ ଠିକାଦାର କହିଥିଲେ। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ମୃତକଙ୍କ ପିତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ଘଟଣାଟି ପୁଣେରେ ଘଟିଛି। ସେଠାକାର ଥାନା ସହ ଯୋଗାଯୋଗ କରାଯିବା ପରେ ଏନେଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ତୈଳ ଦର ବୃଦ୍ଧି ନେଇ କେନ୍ଦ୍ର, ରାଜ୍ୟ ସରକାରଙ୍କୁ କଂଗ୍ରେସର ଟାର୍ଗେଟ

### ଲୋକଙ୍କ ଆର୍ଥିକ ସଙ୍କଟ ଦୂର ହେଉଛି ନା ବଢ଼ାଯାଉଛି: ନିରଞ୍ଜନ

ଭୁବନେଶ୍ୱର,୧୭।୫(ବ୍ୟୁରୋ): ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ୟାକେଜ ଘୋଷଣା କରିଚାଲିଛନ୍ତି। ତାକୁ ସମୀକ୍ଷା କଲେ ଜଣାଯିବ, ଏହି ପ୍ୟାକେଜ ସବୁ ଲୋକଙ୍କୁ ଲୁଟିବାର ଗୋଟିଏ ରାସ୍ତା। ଯେତେବେଳେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ୧୧୦ ଡଲାର ଥିଲା, ତେଲ ଦର ସେତେବେଳେ ବର୍ତ୍ତମାନ ଅପେକ୍ଷା କମ୍ ଥିଲା। କିନ୍ତୁ ଏବେ ବ୍ୟାରେଲ ପିଛା ଅଶୋଧିତ ତୈଳର ମୂଲ୍ୟ ୩୦ ଡଲାର ଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଭାଟ୍ ସହ ତେଲ ଦର କ୍ରମାଗତ ବଢ଼ାଇ ଚାଲିଛନ୍ତି। କିଛିଦିନ ତଳେ କେନ୍ଦ୍ର ସରକାର ଦର ବଢ଼ାଇଥିବା ବେଳେ, ଏବେ ରାଜ୍ୟ ସରକାର ପେଟ୍ରୋଲ ଲିଟର ପିଛା ୩ ଟଙ୍କା ୧୧ ପଇସା ଓ ଡିଜେଲ ଲିଟର ପିଛା ୧ ଟଙ୍କା ୩ ପଇସା ବଢ଼ାଇଛନ୍ତି। ପ୍ରକୃତରେ ତେଲର ମୂଲ୍ୟ ଲିଟର ପିଛା ୨୦ ଟଙ୍କା ଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ପାଖାପାଖି ୪୮ ରୁ ୫୨ଟଙ୍କା ଜନସାଧାରଣଙ୍କ ଠାରୁ ଲୁଟି ଚାଲିଛନ୍ତି। ଏହା ବୋଝ ଉପରେ ନଳିତାବିଡ଼ା ସଦୃଶ। ବୋଝ ହେଉଛନ୍ତି କେନ୍ଦ୍ର ସରକାର, ନଳିତାବିଡ଼ା ହେଉଛନ୍ତି ରାଜ୍ୟ ସରକାର। କରୋନା ମହାମାରୀ ସମୟରେ ଲୋକମାନେ ଆର୍ଥିକ ଦୁରବସ୍ଥା ଦେଇ ଗତି କରି ହଇରାଣ ହେଉଥିବା ବେଳେ ସେମାନେ ଆହୁରି ହୀନସ୍ତା ହେବେ। ଏହା ଲୋକମାନଙ୍କୁ ସାହାଯ୍ୟ କରାଯାଉଛି ନା ତାଙ୍କର ଆର୍ଥିକ ଅବସ୍ଥାକୁ ତଳିତଳାନ୍ତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା ଚଳାଇଛନ୍ତି, ବୁଝିହେଉନାହିଁ ବୋଲି ନିରଞ୍ଜନ କହିଛନ୍ତି।

# ସ୍ୱାସ୍ଥ୍ୟ ବିଗାଡ଼ିବ ବିଶୋଧକ ସିଞ୍ଚନ

- କରୋନା ଭାଇରସ୍‌କୁ ହଟାଇ ପାରିବନି
- ସତର୍କ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ




ଜେନେଭା,୧୭।୫

ସାରା ବିଶ୍ୱକୁ ଦୁର୍ଦ୍ଦଶା ମଧ୍ୟକୁ ଠେଲିଛି କରୋନା ଭାଇରସ୍। ଏହାଦ୍ୱାରା ପ୍ରାୟ ୪୮ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ୩ ଲକ୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ଆଖିବୁଜିଲେଣି। ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୌଣସି ଠିକ୍ ଉପାୟ ଖୋଜା ଯାଇପାରିନାହିଁ। ଏଭଳିସ୍ଥଳେ ସାମାଜିକ ଦୂରତ୍ୱକୁ ସମସ୍ତେ ବାଧ୍ୟହୋଇ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରାୟତଃ ସବୁ ଦେଶରେ ଗୋଟିଏ ଧାରଣା ରହିଛି ଯେ, ଖୋଲାସ୍ଥାନ ବା ଯେକୌଣସି ପୃଷ୍ଠଭାଗକୁ ଜୀବାଣୁନାଶକ(ବିଶୋଧକ) ସିଞ୍ଚନ କରି କିମ୍ବା ଧୂଆଁ ଦେଇ କରୋନା ଭାଇରସ୍ ମୁକ୍ତ କରିହେବ। କିନ୍ତୁ ଏଭଳି ପ୍ରକ୍ରିୟାରେ କରୋନା ଭାଇରସ୍ ଦୂର ହୁଏ ନାହିଁ, ବରଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୁଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଶନିବାର ଚେତାଇ ଦେଇଛି।

ପୃଷ୍ଠଭାଗକୁ ସଫା କରିବା କିମ୍ବା ବିଶୋଧକ ସିଞ୍ଚନ କରିବା ଦ୍ୱାରା ଭୂତାଣୁଗୁଡ଼ିକର କ'ଣ ପ୍ରତିକ୍ରିୟା ହୁଏ ସେନେଇ ଡବ୍ଲ୍ୟୁଏଚ୍ଓ ପକ୍ଷରୁ ଏକ ଆଲେଖ୍ୟ ପ୍ରସ୍ତୁତ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ସିଞ୍ଚନ କରିବା ପ୍ରଭାବହୀନ ହୋଇପାରେ। ସାହି, ବଜାର ଭଳି ଖୋଲା ବା ବାହ୍ୟ ସ୍ଥାନରୁ କରୋନା ଭାଇରସ୍ ଓ ଅନ୍ୟ କୌଣସି ବ୍ୟାଧିଜନକ ଜୀବାଣୁ ନଷ୍ଟ କରିବା ପାଇଁ ସିଞ୍ଚନ କରିବା ଏବଂ ଧୂଆଁ ଦେବାକୁ ପରାମର୍ଶ ଦିଆଯାଇନାହିଁ। କାରଣ ଆବର୍ଜନା ଦ୍ୱାରା ଜୀବାଣୁନାଶକ ନିଷ୍କ୍ରିୟ ହୋଇଯାଏ। ବ୍ୟାଧିଜନକ ଜୀବାଣୁକୁ ନିଷ୍କ୍ରିୟ କରିବାର ଜରୁରୀ ଆବଶ୍ୟକତା ପାଇଁ ଜୈବିକ ପଦାର୍ଥର ଅନୁପସ୍ଥିତିରେ ରାସାୟନିକ ସିଞ୍ଚନ ଯଥେଷ୍ଟ ହେବନାହିଁ। ଡବ୍ଲ୍ୟୁଏଚ୍ଓ କହିଛି ଯେ, ସାହି ଓ ରାସ୍ତାଚଟାଣଗୁଡ଼ିକ କରୋନା ଭୂତାଣୁ ସଂକ୍ରମଣର ପ୍ରମୁଖ ସ୍ଥଳ ଭାବେ ବିବେଚନା କରାଯାଏନାହିଁ। ତେଣୁ ଜୀବାଣୁନାଶକ ସିଞ୍ଚନ ମାନବ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ହୋଇପାରେ। ବିଶେଷକରି କୌଣସି ପରିସ୍ଥିତିରେ ମଧ ଲୋକଙ୍କ ଉପରେ ଜୀବାଣୁନାଶକ ସିଞ୍ଚନ ପାଇଁ ପରାମର୍ଶ ଦିଆଯାଏ ନାହିଁ ବୋଲି ଡବ୍ଲ୍ୟୁଏଚ୍ଓ ଜୋର୍ ଦେଇଛି। ଏହା ଶାରୀରିକ ଏବଂ ମାନସିକ ସ୍ତରରେ କ୍ଷତି କରିବା ସହିତ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂକ୍ରମଣ କ୍ଷମତାକୁ ହ୍ରାସ କରିବ ନାହିଁ। ଲୋକଙ୍କ ଉପରେ କ୍ଲୋରାଇନ କିମ୍ବା ଅନ୍ୟାନ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ସିଞ୍ଚନ ଦ୍ୱାରା ଆଖି ଏବଂ ଚର୍ମରେ ଜଳାପୋଡ଼ା ସାଙ୍ଗକୁ ଶ୍ୱାସନଳୀ ଏବଂ ପାକସ୍ଥଳୀ ଉପରେ ଗୁରୁତର କୁପ୍ରଭାବ ପଡ଼ିପାରେ। ଅନ୍ୟପକ୍ଷରେ କୌଣସି ଗୃହ ଭିତରେ ବା ଆଭ୍ୟନ୍ତରରେ ମଧ ଜୀବାଣୁନାଶକ ସିଞ୍ଚନ ଏବଂ ଧୂଆଁ ନ ଦେବାକୁ ସ୍ପଷ୍ଟ ଭାବେ କୁହାଯାଇଛି। କେବଳ ଜୀବାଣୁନାଶକ ଭିଜା କପଡ଼ା ଦ୍ୱାରା ଚଟାଣ ଓ ଅନ୍ୟାନ୍ୟ ପୃଷ୍ଠଭାଗକୁ ପୋଛାଯାଇପାରିବ ବୋଲି କୁହାଯାଇଛି। ମହାମାରୀ କରୋନା ଭୂତାଣୁ ଯେକୌଣସି ପୃଷ୍ଠଭାଗ କିମ୍ବା ବସ୍ତୁ ସହିତ ସଂଲଗ୍ନ ହୋଇପାରେ। କିନ୍ତୁ ଏହି ଭୂତାଣୁ କେଉଁ ବସ୍ତୁ ବା ପୃଷ୍ଠଭାଗରେ କେତେ ସମୟ ଯାଏ ତିଷ୍ଠି ରହିଥାଏ ସେ ନେଇ ସ୍ପଷ୍ଟ ସୂଚନା ଉପଲବ୍ଧ ନାହିଁ।

# କରୋନା କବଳରେ ୨୨ ଜିଲା

## ୯୫ ନୂଆ ଆକ୍ରାନ୍ତ

- ସମ୍ବଲପୁରରେ ପ୍ରଥମ କରୋନା ପଜିଟିଭ୍
- ବାଲେଶ୍ୱରରେ ସରପଞ୍ଚ, ପୁରୀରେ ଅଭିଯୁକ୍ତ ସଂକ୍ରମିତ
- ରାଜ୍ୟରେ ସଂକ୍ରମିତ ସଂଖ୍ୟା ୮୩୨କୁ ବୃଦ୍ଧି
- ସର୍ବାଧିକ ଆକ୍ରାନ୍ତ ହୋଇଛନ୍ତି ଯୁବବର୍ଗ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

**ବୟସ ଅନୁସାରେ ସଂକ୍ରମିତଙ୍କ ସଂଖ୍ୟା**




ରାଜ୍ୟର ଗୋଟିଏ ପରେ ଗୋଟିଏ ଜିଲାକୁ କବଳିତ କରୁଛି କରୋନା। ସମ୍ବଲପୁର ଜିଲାରୁ ପ୍ରଥମ ପଜିଟିଭ୍ ଚିହ୍ନଟ ହେବା ପରେ ଏବେ ଜିଲା ସଂଖ୍ୟା ୨୨ରେ ପହଞ୍ଚିଛି। ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟରେ ଆଉ ୯୫ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୩୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ସର୍ବାଧିକ ହେଉଛନ୍ତି ଯୁବବର୍ଗ। ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ୫୩୫ଜଣରୁ ଊର୍ଦ୍ଧ୍ୱ ରହିଥିବା ସୂଚନା ଦିଆଯାଇଛି। ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ଜିଲାରେ ସର୍ବାଧିକ ୨୮ଜଣ ରହିଛନ୍ତି। ଏହା ତଳକୁ ବାଲେଶ୍ୱରରେ ୧୭, ଗଞ୍ଜାମରେ ୧୫, କଟକ ୧୨, ପୁରୀ ୧୧, କେନ୍ଦୁଝର ୪, ଖୋର୍ଦ୍ଧା ୩, ବଲାଙ୍ଗୀର ୨, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗ୍ରୀନ ଜୋନ୍‌ରେ ଥିବା ସମ୍ବଲପୁର ଜିଲାରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଜିଲାବାସୀଙ୍କ ମନରେ ଭୟ ଘାରିଛି। ଆକ୍ରାନ୍ତ ଜଣଙ୍କ ଅହମ୍ମଦାବାଦ ଫେରନ୍ତା ଓ ସେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ତେଣୁ ଲୋକେ ଭୟଭୀତ ନ ହେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଭଦ୍ରକ ଜିଲାରେ ଚିହ୍ନଟ ୨୮ଜଣଙ୍କ ମଧ୍ୟରୁ ୧୭ଜଣ ସୁରଟ ଫେରନ୍ତା ଥିବାବେଳେ ୮ଜଣ ପଶ୍ଚିମବଙ୍ଗ, ୨ଜଣ ମହାରାଷ୍ଟ୍ର ଓ ଜଣେ ହାଇଦ୍ରାବାଦରୁ ଆସିଛନ୍ତି। ଏମାନଙ୍କୁ ମିଶାଇ ଭଦ୍ରକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୪ ହୋଇଛି। ସେହିପରି ବାଲେଶ୍ୱରର ନୂଆ ୧୭ଜଣ ଅକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ସୁରଟ ଫେରନ୍ତା ଥିବାବେଳେ ୩ଜଣ ପଶ୍ଚିମବଙ୍ଗ, ୧୦ଜଣ ହାଇଦ୍ରାବାଦ, ଜଣେ ମହାରାଷ୍ଟ୍ର ଓ ଆଉଜଣେ କଣ୍ଟାକ୍ଟ କେସ୍ ଥିବା ଜଣାପଡ଼ିଛି। ସିମୁଳିଆ ବ୍ଲକ୍ ଅଞ୍ଚଳର ଜଣେ ସରପଞ୍ଚ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଫଳରେ ଏହି ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧୯ରେ ପହଞ୍ଚିଛି। ଅନ୍ୟପଟେ ଗଞ୍ଜାମ ଜିଲାରେ ଚିହ୍ନଟ ୧୫ଜଣଙ୍କ ମଧ୍ୟରୁ ୧୪ଜଣ ସୁରଟ ଫେରନ୍ତା ଥିବାବେଳେ ଜଣେ କଣ୍ଟାକ୍ଟ କେସ୍ ରହିଛନ୍ତି। ଜିଲାରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୨କୁ ବୃଦ୍ଧି ପାଇଛି।

କଟକ ଜିଲାରେ ଆଉ ୧୨ଜଣ ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ଚିହ୍ନଟର ନୂଆ ପଜିଟିଭ୍ ମଧ୍ୟରୁ ୮ ଅହମ୍ମଦାବାଦ, ୨ସୁରଟ, ୧ ପଶ୍ଚିମବଙ୍ଗ ଓ ଆଉ ଜଣେ ଆନ୍ଧ୍ରପ୍ରଦେଶ ଫେରନ୍ତା ବୋଲି ସୂଚନା ମିଳିଛି। ପୁରୀରୁ ଚିହ୍ନଟ ନୂଆ ୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୩ ପଶ୍ଚିମବଙ୍ଗ, ୩ ସୁରଟ ଫେରନ୍ତା ଥିବାବେଳେ ଆଉଜଣେ କଣ୍ଟାକ୍ଟ କେସ୍ ଥିବା ଜଣାପଡ଼ିଛି। ସେହିଭଳି ଅନ୍ୟ ୪ଜଣଙ୍କ ମଧ୍ୟରୁ ୩କ୍ୱାରାଣ୍ଟାଇନ୍‌ସେଣ୍ଟରରେ ଥିବାବେଳେ ଅନ୍ୟଜଣେ ଜେଲ୍ ଯାଇଥିବା ଅଭିଯୁକ୍ତ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯ ଛୁଇଁଛି। କେନ୍ଦୁଝରରେ ଆଉ ୪ ଚିହ୍ନଟ ହେବାପରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮କୁ ବୃଦ୍ଧିପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଲେଖାଏ ସୁରଟ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଫେରନ୍ତା ରହିଛନ୍ତି। ଖୋର୍ଦ୍ଧା ଜିଲାରେ ଚିହ୍ନଟ ଆଉ ୩ ସଂକ୍ରମିତଙ୍କ ମଧ୍ୟରୁ ସୁରଟ ଫେରନ୍ତା ଦୁଇଜଣ ଥିବାବେଳେ ଜଣେ କଣ୍ଟାକ୍ଟ କେସ୍ ରହିଛନ୍ତି। ଜିଲାରେ ଏବେ ମୋଟ ୫୯ ସଂକ୍ରମିତ ହେଲେଣି। ସେହିପରି ବଲାଙ୍ଗୀରରେ ଚିହ୍ନଟ ଦୁଇଜଣ ଯାକ ସୁରଟ ଫେରନ୍ତା ଓ ଏମାନଙ୍କୁ ମିଶାଇ ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୪ ହୋଇଛି। କେନ୍ଦ୍ରାପଡ଼ାରେ ଆଉ ଜଣେ ଚିହ୍ନଟ ହେବାପରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ନୂଆ ଚିହ୍ନଟ ଆକ୍ରାନ୍ତ ହେଉଛନ୍ତି ସୁରଟ ଫେରନ୍ତା। ସୁନ୍ଦରଗଡ଼ ଜିଲାରେ ଚିହ୍ନଟ ନୂଆ ଆକ୍ରାନ୍ତ ଜଣକ ଆନ୍ଧ୍ରପ୍ରଦେଶ ଫେରନ୍ତା ଓ ଜିଲାରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି।

## ୪ ସରପଞ୍ଚଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

କରୋନା ସଂକ୍ରମଣକୁ ରୋକିବା ଲାଗି ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି। ସରପଞ୍ଚମାନେ କିଭଳି ଭଲଭାବେ ନିଜ ଦାୟିତ୍ୱ ତୁଲାଇବେ ସେନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ କେତେଜଣ ସରପଞ୍ଚଙ୍କୁ ସେ ଟୁଇଟ୍ ଯୋଗେ ପ୍ରଶଂସା ମଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ରବିବାର ଟୁଇଟ୍ କରି କହିଛନ୍ତି ଯେ, ତୃଣମୂଳସ୍ତରରେ ସରପଞ୍ଚମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଗଜପତି ଜିଲାର ସରପଞ୍ଚ ପବିତ୍ରା ଗମାଙ୍ଗଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ସହିତ ଯାଜପୁର ଜିଲାର ଫନୀନ୍ଦ୍ର ପଣ୍ଡା ଏବଂ ଆଶିଷ ରଞ୍ଜନ ଚୌଧୁରୀଙ୍କ ନିଷ୍ଠାପର ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଅନ୍ୟପଟେ ବାଲେଶ୍ୱର ଜିଲା ନହଙ୍ଗ ପଞ୍ଚାୟତର ସରପଞ୍ଚ ରଞ୍ଜିତା ଦାସ ନିଜ ଅଞ୍ଚଳକୁ ବିଶୋଧନ କରିବା ଲାଗି ଶଟ୍‌ଡାଉନ ଘୋଷଣା କରିଥିବା ନିଷ୍ପତ୍ତିକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

# ଫାସ୍‌ଟ୍ୟାଗ ବୈଧ ନ ଥିଲେ ଦୁଇଗୁଣ ଟୋଲ୍ ଫି'

## ସଂଶୋଧନ ହେଲା ଜାତୀୟ ରାଜପଥ ଫି' ରୁଲ୍

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଫାସ୍‌ଟ୍ୟାଗ ନ ଥିବା, ବୈଧ ନ ଥିବା କିମ୍ବା ଅକାମୀ ହୋଇଯାଇଥିବା ଫାସ୍‌ଟ୍ୟାଗ ଗାଡ଼ିମାଲିକ ହୁସିଆର। ବିନା ଫାସ୍‌ଟ୍ୟାଗ କିମ୍ବା ଅବୈଧ ଫାସଟ୍ୟାଗ ଥାଇ ଯଦି କୌଣସି ଯାନବାହନ ଟୋଲ ପ୍ଲାଜାର ଫାସ୍‌ଟ୍ୟାଗ ଲେନ ଦେଇ ଯିବାଆସିବା କରିବେ ସେମାନଙ୍କୁ ଦୁଇଗୁଣ ଟୋଲ୍ ଫି' ଦେବାକୁ ପଡ଼ିବ। ଅର୍ଥାତ ସେମାନଙ୍କୁ ଦୁଇଥର ଯିବା ଆସିବାର ଟିକସ ଭରଣା କରିବାକୁ ପଡ଼ିବ। ଏଭଳି ଚେତାବନୀ ଦେଇଛି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ର ସରକାର ଜାତୀୟ ରାଜପଥ ଫି'(ମୂଲ୍ୟ ନିର୍ଦ୍ଧାରଣ ଓ ଆଦାୟ) ରୁଲ-୨୦୦୮କୁ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ପରେ ଫାସ୍‌ଟ୍ୟାଗ ନ ଥିବା କିମ୍ବା ଏହାର ଅବଧି ଶେଷ ହେବାପରେ ଫାସ୍‌ଟ୍ୟାଗ ଲେନ୍‌ରେ ଯାନବାହନ ନେଲେ ଦୁଇଗୁଣା ଟୋଲ ଫି' ଦେବାକୁ ହେବ। ପୂର୍ବରୁ ଥରେ ମାତ୍ର ଯିବାଆସିବା ପାଇଁ ଫି ଦେବାକୁ ପଡୁଥିଲା। ଅନେକ ଯାନବାହନ ଫାସ୍‌ଟ୍ୟାଗ ବୈଧ ଥାଇ କିମ୍ବା ନବୀକରଣ ନ କରି ଯିବା ଆସିବା କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ରୋକିବା ଲାଗି ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି।

# ପର୍ଯ୍ୟଟନ ଶିଳ୍ପ ହରାଇବ ୭୦% ନିଯୁକ୍ତି

## ଓଡ଼ିଶାରେ ୩ଲକ୍ଷ ନିଯୁକ୍ତି ପ୍ରଭାବିତ ହେବ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଦେଶ ଓ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରକୁ ପୂରାପୂରି ବଦଳାଇ ଦେଇଛି କୋଭିଡ୍-୧୯। ପର୍ଯ୍ୟଟନ ଶିଳ୍ପ ସହ ଏହାସହ ଜଡ଼ିତ ମାନବସମ୍ବଳ କରୋନା ପାଇଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଦେଶର ୧୨.୭୫ ପ୍ରତିଶତ ନିଯୁକ୍ତି କେବଳ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ବେଳେ ବିଶ୍ୱବ୍ୟାପୀ ଚାଲିଥିବା ଲକ୍‌ଡାଉନ୍ ଯୋଗୁ ଏହି କ୍ଷେତ୍ରରେ ସର୍ବାଧିକ ଲୋକ ନିଯୁକ୍ତି ହରାଇଛନ୍ତି। ପର୍ଯ୍ୟଟନ ମନ୍ତ୍ରଣାଳୟର ତଥ୍ୟ ମୁତାବକ, ୨୦୧୯-୨୦ରେ ପର୍ଯ୍ୟଟନ କ୍ଷେତ୍ର ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ପ୍ରାୟ ୮.୭ କୋଟି ଲୋକ ନିର୍ଭର କରିଥାନ୍ତି। ଏହାମଧ୍ୟରୁ ୫.୫୬% ପ୍ରତ୍ୟକ୍ଷଭାବେ ନିଯୁକ୍ତ ହୋଇଥିବା ବେଳେ ୭.୧୯% ପରୋକ୍ଷଭାବେ ନିଯୁକ୍ତି ହୋଇଥାନ୍ତି। ଅନ୍ୟ କୌଣସି ସେକ୍ଟରଠାରୁ ଏହା ଢେର୍ ଅଧିକ। ତେଣୁ କରୋନା ସଂକ୍ରମଣ ସହ ଲକ୍‌ଡାଉନ୍ ପରେ ଲକ୍‌ଡାଉନ୍ ଜାରି ରହିଲେ ପର୍ଯ୍ୟଟନ ଶିଳ୍ପରେ ପ୍ରାୟ ୩.୮ କୋଟି ନିଯୁକ୍ତି ହ୍ରାସ ହେବ। ଅର୍ଥାତ୍ ଏହି କ୍ଷେତ୍ରରେ ୭୦ ପ୍ରତିଶତ ଲୋକ ନିଯୁକ୍ତି ହରାଇବେ, ଯାହାକି ଜାତୀୟ ନିଯୁକ୍ତି ହାର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଇଛି। ସେହିଭଳି ଓଡ଼ିଶାରେ ଟ୍ରାଭେଲ, ଟୁରିଜମ୍ ଓ ହସ୍ପିଟାଲିଟି କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ପ୍ରାୟ ୫ଲକ୍ଷ ଲୋକ ନିଯୁକ୍ତି ପାଇଥିବା ବେଳେ କରୋନା ସଂକଟ ପାଇଁ ୩ ଲକ୍ଷ ନିଯୁକ୍ତି ପ୍ରଭାବିତ ହେବ ବୋଲି ଫିକି ନ୍ୟାସନାଲ ଟୁରିଜମ୍ କାଉନ୍‌ସିଲର ସହ-ଅଧ୍ୟକ୍ଷ ଏବଂ ଏଚ୍ଆର୍ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ଉଭୟ ହସ୍ପିଟାଲିଟି ଓ ଟ୍ରାଭେଲ ଇଣ୍ଡଷ୍ଟ୍ରୀ ଉପରେ ଏହାର ପ୍ରଭାବ ରହିବ।

ପର୍ଯ୍ୟଟନ ଶିଳ୍ପ ଗତ ଫେବୃୟାରୀ ମାସରୁ ସମ୍ପୂର୍ଣ୍ଣଭାବେ ବନ୍ଦ ପଡ଼ିଥିବା ବେଳେ ଜୁନ୍ ମାସ ପର୍ଯ୍ୟନ୍ତ ସମସ୍ତ ବୁକିଂ ବାତିଲ କରି ଦିଆଯାଇଛି। ଆସନ୍ତା କେତେ ଦିନ ଯାଏଁ ଏଭଳି ପରିସ୍ଥିତି ଚାଲିବ ସେ ନେଇ ମଧ ଆଶଙ୍କା ପ୍ରକାଶ ପାଇଛି। ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା(ଏଚ୍ଆର୍ଏଓ)ର ତଥ୍ୟ ମୁତାବକ, କରୋନା ଲାଗି ଉଭୟ ଇନ୍‌ବାଉଣ୍ଡ ଓ ଆଉଟ୍‌ବାଉଣ୍ଡ, ଡୋମେଷ୍ଟିକ୍, ଲିଜର, ଆଡ୍‌ଭେଞ୍ଚର, ଏମ୍ଆଇସିଇ, କ୍ରୁଜ୍, ଇକୋ ଟୁରିଜମ୍ ସବୁକିଛି ପ୍ରଭାବିତ ହୋଇଛି। ଏହି ମହାମାରୀ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ନ ଯାଇଛି କିମ୍ବା ଏହାର ଭ୍ୟାକ୍ସିନ୍ ନ ବାହାରିଛି ସେପର୍ଯ୍ୟନ୍ତ ଲୋକଙ୍କ ଘରୁ ବାହାରିବା ମୁସ୍କିଲ ହୋଇଯିବ। ଏଭଳି ସ୍ଥିତିରେ ଅତିକମ୍‌ରେ ଆସନ୍ତା ବର୍ଷେ ପର୍ଯ୍ୟନ୍ତ କୌଣସି ସ୍ଥାନରୁ ପର୍ଯ୍ୟଟକ ଆସିବେନି। ପର୍ଯ୍ୟଟନସ୍ଥଳୀ, ହୋଟେଲ୍ ରୁମ୍ ସବୁକିଛି ଖାଲିପଡ଼ିବ। ଏଭଳିସ୍ଥଳେ ମାଲିକମାନେ ହୋଟେଲ ମରାମତି, ବ୍ୟାଙ୍କ ଋଣ, ଇଏମ୍ଆଇ ଦେବାକଥା ଭାବିବେ ନା କର୍ମଚାରୀଙ୍କ ବେତନ ଦେବେ। ତେଣୁ ବହୁ କର୍ମଚାରୀ ଏହାମଧ୍ୟରେ ନିଯୁକ୍ତି ହରାଇବେ ବୋଲି ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ସ୍ପୋର୍ଟସ ଏବଂ ଇକୋ-ଟୁରିଜମ୍‌କୁ ଅସ୍ତ୍ର କରି ଉପରକୁ ଉଠିବାକୁ ଚାହୁଁଥିବା ଓଡ଼ିଶା ପର୍ଯ୍ୟଟନ ଏବେ ପୁଣିଥରେ ଆଣ୍ଠେଇ ପଡ଼ିଛି। ଗତବର୍ଷ ରାଜ୍ୟ ସରକାର ଓଡ଼ିଶା ପର୍ଯ୍ୟଟନ ବିଭବର ପ୍ରଚାର ପ୍ରସାର ପାଇଁ ବହୁ ପଦକ୍ଷେପ ନେଇଥିଲେ। ଦେଶ ବିଦେଶର ବିଭିନ୍ନ ସହରରେ ଏଥିପାଇଁ କ୍ୟାମ୍ପେନ୍ ଓ ରୋଡ ଶୋ' କରାଯାଇଥିଲା। ରାଜ୍ୟ ଏକାଧିକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ମାତ୍ର କରୋନା ଏ ସମସ୍ତ ପ୍ରୟାସରେ ପାଣି ମିଶାଇଦେଇଛି। ଇଟାଲୀ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ, ବ୍ରାଜିଲ ଓ ସ୍ପେନ୍ ଭଳି ରାଷ୍ଟ୍ରରୁ ଓଡ଼ିଶା ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଅନେକାଂଶରେ କମିବ। ୨୦୨୧ ଯାଏଁ ୟୁରୋପୀୟ ରାଷ୍ଟ୍ରରୁ ପର୍ଯ୍ୟଟକ ଆଶା କରିବା ବି ବୃଥା। ତେଣୁ ପୋଷ୍ଟ ଲକ୍‌ଡାଉନ୍ ସମୟରେ ବିଦେଶୀ ପର୍ଯ୍ୟଟକ ପରିବର୍ତ୍ତେ ଡୋମେଷ୍ଟିକ୍ ତଥା ଘରୋଇ ପର୍ଯ୍ୟଟକଙ୍କ ଉପରେ ଅଧିକ ଫୋକସ୍ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଯେତିକି ରାଜସ୍ୱ ମିଳୁଥିଲା ଏବଂ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ଯେଉଁଭଳିଭାବେ ଲାଭବାନ୍ ହେଉଥିଲା ତାହା ଆଉ ହେବନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଶକ୍ତି ବିଭାଗ
ଓଡ଼ିଶା ସରକାର

ଆମ୍ଫାନ୍ ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ଜନିତ ସତର୍କତା

OPTCL
Lifeline of Odisha

ବିଦ୍ୟୁତ୍ ଜନିତ ସଚେତନତା ହିଁ ଜୀବନ ରକ୍ଷା

**କ'ଣ କରିବେ**

- ଛିଣ୍ଡିପଡ଼ିଥିବା ବିଦ୍ୟୁତ୍ ତାର ବିଷୟରେ ଜାଣିଲେ ନିକଟସ୍ଥ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଜଣାନ୍ତୁ ଏବଂ ସେମାନଙ୍କୁ ଏହି ବାତ୍ୟାଜନିତ ପରିସ୍ଥିତିରେ କାର୍ଯ୍ୟ କରିବାକୁ ଧୈର୍ଯ୍ୟର ସହ ସହଯୋଗ କରନ୍ତୁ ।
- ବିଦ୍ୟୁତ୍ ଖୁଣ୍ଟ କିମ୍ବା stay ବଙ୍କା/ଢଳିକି ଥିଲେ ନିକଟସ୍ଥ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଜଣାନ୍ତୁ।
- କୌଣସି ବିଦ୍ୟୁତ୍ ଖୁଣ୍ଟ କିମ୍ବା ତାର ସଂସ୍ପର୍ଶରେ ଗଛ କିମ୍ବା ଡାଳ ପଡ଼ିଥିଲେ ନିକଟସ୍ଥ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଜଣାନ୍ତୁ ।
- Service ତାର ଗୁଡ଼ିକ ନିଜ ଘର କିମ୍ବା ପାଖାପାଖି ଅଞ୍ଚଳରେ ପଡ଼ିଥିବା ଦେଖିଲେ, ନିକଟସ୍ଥ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଜଣାନ୍ତୁ ।
- କୌଣସି ସବଷ୍ଟେସନରେ ଟ୍ରାନ୍ସଫରମର ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶ ଭାଙ୍ଗିଯାଇଥିବା/ସ୍ପାର୍କିଂ ଦେଖିଲେ ନିକଟସ୍ଥ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଜଣାନ୍ତୁ ।
- G.I. କିମ୍ବା Asbestos ଘର ଉପରକୁ ଯିବା ପୂର୍ବରୁ କୌଣସି ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଛି କି ନାହିଁ ତାହାର ତଦାରଖ କରନ୍ତୁ ।
- ସବୁବେଳେ ବିଦ୍ୟୁତ୍ ଜନିତ କାର୍ଯ୍ୟ ନିଜେ ନିଜେ ନ କରି ଉପଯୁକ୍ତ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କରାନ୍ତୁ ।
- ଯଦି ଘରର wiring ଏବଂ ଉପକରଣ ଗୁଡ଼ିକ ପାଣି ସଂସ୍ପର୍ଶରେ ଆସିଥାଏ ତେବେ ମେନ୍ ସୁଇଚ୍ ବନ୍ଦ କରି ଇଲେକ୍‌ଟ୍ରିସିଆନ୍‌ର ସାହାଯ୍ୟ ନିଅନ୍ତୁ ।

**କ'ଣ କରିବେ ନାହିଁ**

- କୌଣସି ଛିଣ୍ଡିପଡ଼ିଥିବା ବିଦ୍ୟୁତ୍ ତାରକୁ ସ୍ପର୍ଶ କରନ୍ତୁ ନାହିଁ ଏବଂ ଅନ୍ୟମାନଙ୍କୁ ତାର ନିକଟକୁ ଯିବାକୁ ବାରଣ କରନ୍ତୁ । ଜମା ହୋଇଥିବା ପାଣିରେ ଯଦି କୌଣସି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥାଏ ତେବେ ସେହି ପାଣିକୁ ମାଡ଼ି ଯାଆନ୍ତୁ ନାହିଁ ।
- କୌଣସି ବିଦ୍ୟୁତ୍ ଖୁଣ୍ଟ କିମ୍ବା stay ତାରକୁ ଛୁଅନ୍ତୁ ନାହିଁ, ସେଥିରେ କରେଣ୍ଟ ଥାଇପାରେ ।
- ବିଦ୍ୟୁତ୍ ତାର/ଖୁଣ୍ଟ ସଂସ୍ପର୍ଶରେ ଆସିଥିବା ଗଛ ଡାଳକୁ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ ।
- Service ତାର ଛିଣ୍ଡିଯାଇଥିଲେ ନିଜେ ନିଜେ ଯୋଡ଼ିବାକୁ ଚେଷ୍ଟା କରନ୍ତୁ ନାହିଁ । ବିଦ୍ୟୁତ୍ ବିତରଣ କମ୍ପାନୀର ସାହାଯ୍ୟ ନିଅନ୍ତୁ ।
- ସବ୍‌ଷ୍ଟେସନ ମଧ୍ୟକୁ ଯାଆନ୍ତୁ ନାହିଁ, ସେଠାରେ charged line ଥାଇପାରେ ଏବଂ ଦୁର୍ଘଟଣା ଘଟିପାରେ ।
- G.I. କିମ୍ବା Asbestos Sheet ଘର ଉପରେ କୌଣସି ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଥିଲେ ସେଠାକୁ ଯାଇ ସଫାସଫି କାର୍ଯ୍ୟ କରନ୍ତୁ ନାହିଁ।
- କୌଣସି ବିଦ୍ୟୁତ୍ ଜନିତ କାର୍ଯ୍ୟ ଅଣକୁଶଳୀ ବ୍ୟକ୍ତିଙ୍କ ଦ୍ୱାରା କରାନ୍ତୁ ନାହିଁ ।
- ଓଦା ଥିବା ଘରର wiring ଏବଂ ଉପକରଣଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ
ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨



ଓପିଟିସିଏଲ୍ ଦ୍ୱାରା ଜନହିତରେ ଜାରି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ମୀରାଶ୍ରୀତ୍ ପରିବାରବର୍ଗ


ଜନାର୍ଦ୍ଦନ ପରିବାରବର୍ଗ


ସନ୍ତୋଷ ପରିବାରବର୍ଗ


ଜିତେନ୍ଦ୍ର ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳ ଛୁଆ ପାଖକୁ ଗଲେ**
**କାଳେ ଲାଗିବ ପରା**
**ଦୁଃଖୀ ଲୋକ ସଙ୍ଗେ ସମ୍ବନ୍ଧ କଲେ**
**କାଳେ ମାଗିବ ପରା ।**

କଅଁଳ ଛୁଆର ଅଝଟ ସ୍ୱଭାବ । ତାକୁ ଟିକେ ସ୍ନେହ ଆଦର କରି ପାଖରେ ବସାଇଲେ ସେମାନେ ଆହୁରି ଅଳି ଅଝଟ କରିବା ସହ ପଛରେ ପଡି ଯାଇଥାନ୍ତି । ସେହିପରି ଅଭାବ ଅନଟନରେ ରହିଥିବା ଦୁଃଖୀ ରଙ୍କ ବ୍ୟକ୍ତିଙ୍କୁ ଟିକେ ସାହାଯ୍ୟ ବା ସହାନୁଭୂତି ଦେଖାଇଲେ ସେମାନେ ପୁଣି ସାହାଯ୍ୟ ଆଶାରେ ଦ୍ୱାରସ୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରଯାଇଛି ।

**କହିବ ସଦା ସତ କଥା**
**କା' ମନେ ନ ଦେବଟି ବ୍ୟଥା ।**

ସତ ହିଁ ଜୀବନକୁ ସମୃଦ୍ଧ କରିଥାଏ । ସତ୍ୟନିଷ୍ଠ ଜୀବନ ହିଁ ଉତ୍ତମ ଜୀବନ। ଜୀବନରେ ଯେତେ ଝଡ଼ ଝଞ୍ଜା,ଦୁଃଖ ବିପତ୍ତି ଆସିଲେ ସୁଦ୍ଧା ସତ୍ୟ ପଥରୁ ବିଚ୍ୟୁତ ହେବା ଅନୁଚିତ। ସେହିପରି ଟାଣ ବା କଟୁଯୁକ୍ତ କଥା କହି କାହା ମନରେ ଆଘାତ ଦେବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ**



ପଶ୍ଚିମବଙ୍ଗର ହାଓଡା ଜିଲା ହସ୍ପିଟାଲରେ ଜଣେ କୋଭିଡ୍-୧୯ ପଜିଟିଭ୍ ରୋଗୀଙ୍କଠାରୁ ଜନ୍ମିତ ଶିଶୁ ସହ ଫଟୋ ପାଇଁ ପୋଜ୍ ଦେଉଛନ୍ତି ଡାକ୍ତର ଓ ନର୍ସ ।

## 'ଅମ୍ଫନ୍' ପାଇଁ ୨ ସଚିବଙ୍କ ବଦଳି ସ୍ଥଗିତ

ଭୁବନେଶ୍ୱର, ୧୭ା୫(ବ୍ୟୁରୋ): ବାତ୍ୟା 'ଅମ୍ଫନ୍' ଆସନ୍ତା ୨୦ ତାରିଖରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏନେଇ ଓଡ଼ିଶାର ୧୨ଟି ଜିଲାକୁ ସତର୍କ କରାଯାଇଛି। ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଗତ ୧୩ ତାରିଖରେ ରାଜ୍ୟ ସରକାର ନେଇଥିବା ୨ସଚିବଙ୍କ ବଦଳିକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଶକ୍ତି ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ଶକ୍ତି ସଚିବ ଥିବା ବିଷ୍ଣୁପଦ ସେଠୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଭାବେ ବଦଳି କରିଥିଲେ। ମାତ୍ର ବାତ୍ୟା 'ଅମ୍ଫନ୍'କୁ ଦୃଷ୍ଟିରେ ରଖି ନିକୁଞ୍ଜ ଧଳ ଏବଂ ବିଷ୍ଣୁପଦ ସେଠୀଙ୍କ ବଦଳି ନିଷ୍ପତ୍ତିକୁ ରବିବାର ସରକାର ସ୍ଥଗିତ ରଖିଛନ୍ତି।

# ତୁଚ୍ଛ ହୋଇଗଲା ମା'ର ମମତା

**ଲକ୍‌ଡାଉନ୍ ଦୁଃଖ**
- ରାସ୍ତାରେ ଶିଶୁପୁତ୍ରକୁ ଜନ୍ମଦେଇ ଛାଡ଼ି ପଳାଇଲେ ପ୍ରବାସୀ ମହିଳା
- ଚାଇଲ୍ଡଲାଇନ୍ ନେଲା ପାଳନ ଦାୟିତ୍ୱ

ବେଦବ୍ୟାସ, ୧୭ା୫(ଡି.ଏନ.ଏ.)

ଲକ୍‌ଡାଉନ୍ ଯୋଗୁ ରୋଜଗାର ପନ୍ଥା ହରାଇଥିବା ବହୁ ପ୍ରବାସୀ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ସହରରେ ଭୋକରେ ମରିବା ଅପେକ୍ଷା ଗାଁକୁ ଫେରି ଯେନତେନ ପ୍ରକାରେ ବଞ୍ଚିବାକୁ ଅନେକେ ବ୍ୟାକୁଳ। ସେଥିପାଇଁ ଟ୍ରେନ୍ ଓ ଗାଡ଼ି ଚଳାଚଳ ହେଉ ନ ଥିବା ସତ୍ତ୍ୱେ ସେମାନେ ହଜାର ହଜାର କିଲୋମିଟର ଚାଲି ଚାଲି ଫେରିବାକୁ ଲାଗିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ରାସ୍ତାରେ ପ୍ରାଣ ହରାଉଥିବାବେଳେ ଭୋକ, କ୍ଲାନ୍ତି ଓ ରୋଗରେ ବହୁସଂଖ୍ୟକ ପ୍ରବାସୀ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଯେଉଁଠି ଜୀବନ ଚାଲିଯାଉଛି ସେଠି ମାନବିକତା ଏବଂ ମା'ର ମମତା ମଧ୍ୟ ଗୁରୁତ୍ୱ ହରାଇଦେଉଛି। ଏଭଳି ଏକ ଦୃଷ୍ଟାନ୍ତ ଜଣେ ପ୍ରବାସୀ ମହିଳାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ସାନ ନୂଆଗାଁ ମିଶନ ହସ୍ପିଟାଲ ରୋଡ୍ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛି। ଜଣେ ପ୍ରବାସୀ ମହିଳା ଏହି ଶିଶୁକୁ ଜନ୍ମ ଦେବା ପରେ ଛାଡ଼ି ପଳାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଶିଶୁକୁ ଉଦ୍ଧାର କରି ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ରାଉରକେଲା ଚାଇଲ୍ଡଲାଇନ କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ଶିଶୁକୁ ସୁନ୍ଦରଗଡ଼ ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲେ। ଏହାପରେ ଶିଶୁର ଲାଳନପାଳନ ବ୍ୟବସ୍ଥା ଦାୟିତ୍ୱ ଚାଇଲ୍ଡଲାଇନ ନେଇଛି। ଚାଇଲ୍ଡଲାଇନ କର୍ତ୍ତୃପକ୍ଷ ଘଟଣାକୁ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏତଲା ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କର୍ମକ୍ଷେତ୍ରରେ ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟସତ୍ୟ ଭାଷଣଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ । ବିଭିନ୍ନ ପ୍ରକାରର କାର୍ଯ୍ୟ ବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ ।

**ବୃଷ**

ପରିଚିତ ଭଦ୍ର ମହିଳାଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହୋଇପାରେ । ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସଙ୍ଗୀତ,ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ । ପ୍ରତିବନ୍ଧକ କାରଣରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ହାସଲ କରିବେ । ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ ।

**ମିଥୁନ**

ଟଙ୍କା, ପଇସା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି । ଆଦେଶପ୍ରାପ୍ତ ହୋଇ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ । ବ୍ୟକ୍ତିଗତ କେତେକ ସମସ୍ୟାଜନିତ ପାରିବାରିକ ଦୁଶ୍ଚିନ୍ତା ମଧ୍ୟରେ ସମୟ କଟାଇବେ ।

**କର୍କଟ**

ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିପାରିବ ନାହିଁ । ନୂତନକର୍ମାରମ୍ଭ ତଥା ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ । ସାଂଗଠନିକ ଓ ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତ ମାନର ଫଳ ପ୍ରଦାନ କରିବେ । ଅନ୍ୟ କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ ।

**ସିଂହ**

କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରି ପାରନ୍ତି । ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭୀଭୂତ କରିପାରେ । ଯାହା କରନ୍ତୁ ନା କାହିଁକି, ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା ନିତାନ୍ତ ଆବଶ୍ୟକ ।

**କନ୍ୟା**

କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇପାରନ୍ତି । ସ୍ୱାର୍ଥ ହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି । ଅର୍ଥ ସମ୍ପର୍କୀୟ ବିବାଦରେ ସୁଧାର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

**ତୁଳା**

ଆଜିର କାମଗୁଡିକ ସହଜରେ ସମ୍ପନ୍ନ ନ ହୋଇ ବିଶୃଙ୍ଖଳିତ ରହିବ । କୌଣସି ନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ । ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି ।

**ବିଛା**

ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ । ବିଗତ ଦିନମାନଙ୍କର କଥାକୁ ଚିନ୍ତାକରି ମାନସିକ ଗ୍ଲାନି ଅନୁଭବ କରିବେ ।

**ଧନୁ**

ନିଜ ଲୋକମାନଙ୍କ ଅନାସ୍ଥା ଭାବ, ମାନସିକ ଅସୁସ୍ଥତାର କାରଣ ହୋଇପାରେ । ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ । ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ । ବନ୍ଧୁମାନଙ୍କର ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି ।

**ମକର**

କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସହ ମତ ପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ । ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ । ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ସ୍ନେହ ଓ ସହାନୁଭୂତି ପରିବାର ଭିତରୁ ନ ପାଇ ଭାବପ୍ରବଣ ହୋଇପାରନ୍ତି ।

**କୁମ୍ଭ**

କର୍ମକ୍ଷେତ୍ରରେ ମାନସିକ ଚାପ ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରି ରଖିବ। ଯାନବାହନ, ଲୋକ ସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ । ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ମୀନ**

ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିବାର ସୁଯୋଗ ପାଇବେ । ବନ୍ଧୁଙ୍କ ଆମନ୍ତ୍ରଣକ୍ରମେ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି । ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି ।

ଆଜି ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଅପରା ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ଜଳକ୍ରୀଡା ଏକାଦଶୀ, ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ର/ମୀନ,ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ସକାଳ ଘ.୦୮.୪୧ମି. ଗତେ ଘ.୧୦.୨୫ମି. ମଧ୍ୟେ, ରାତ୍ରି ଘ.୦୯.୦୮ମି. ଗତେ ଘ.୧୨.୦୫ମି. ମଧ୍ୟେ, ଘ.୦୧.୩୩ ମି. ଗତେ ଘ.୦୩.୦୧ମି. ମଧ୍ୟେ ଅମୃତବେଳା । ରାତ୍ରି ଘ. ୦୩.୪୫ମି. ଗତେ ଘ.୦୪.୨୯ମି.ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ.୦୬.୫୧ମି. ଗତେ ଘ.୦୮.୨୮ମି.ମଧ୍ୟରେ ରାହୁକାଳ ।

# ଆଜିଠୁ ୩ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୭ା୫(ବ୍ୟୁରୋ)

ବାତ୍ୟା ଅମ୍ଫନ ପ୍ରଭାବରେ ରାଜ୍ୟରେ ସୋମବାରଠାରୁ ଆରମ୍ଭ ପ୍ରବଳ ବର୍ଷା। ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସୋମବାର ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ତେଣୁ ଏହି ୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସନ୍ଧ୍ୟାରେ ଦକ୍ଷିଣ ଉପକୂଳ ଓଡ଼ିଶାରେ ପବନର ବେଗ ଘଣ୍ଟାକୁ ୪୫ରୁ ୫୫କିମି ବା ଅତିବେଶିରେ ୬୫କିମି ରହିବ। ମଙ୍ଗଳବାର ଉପକୂଳ ଜିଲାଗୁଡ଼ିକର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ବୁଧବାର ଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ୬ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏହି ୬ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ସକାଳେ ଉତ୍ତର ଉପକୂଳ ଓଡ଼ିଶାରେ ପବନର ବେଗ ବଢ଼ିବ। ଘଣ୍ଟାକୁ ୭୫ରୁ ୮୫କିମି ବା ୯୫କିମି ବେଗରେ ବହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପଟେ ରାଜ୍ୟରେ ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ୪୦.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଲକ୍‌ଡାଉନ ୩୧ ଯାଏ ...

ପରେ ଦିଲ୍ଲୀରୁ କେତେକ ପ୍ରମୁଖ ସହରକୁ ୧୫ ଯୋଡ଼ା ଯାତ୍ରୀବାହୀ ଟ୍ରେନ୍‌ଚଳାଇବାକୁଅନୁମତିମିଳିଥିଲା ।ଚତୁର୍ଥପର୍ଯ୍ୟାୟଲକ୍‌ଡାଉନରେ ଅନ୍ୟ ପାସେଞ୍ଜର ଟ୍ରେନ୍ ଚଳାଚଳ ପୂର୍ବଭଳି ବନ୍ଦ ରହିବ।

ଷ୍ଟାଡିୟମ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଖୋଲିବା ଲାଗି ଅନୁମତି ମିଳିଥିଲେ ହେଁ ଦର୍ଶକଙ୍କୁ ଅନୁମତି ମିଳିନାହିଁ। ସେହିପରି ସ୍କୁଲ, କଲେଜ, କୋଚିଂ ସେଣ୍ଟର ଆଦି ବନ୍ଦ ରହିଲେ ମଧ୍ୟ ଅନ୍‌ଲାଇନ ଶିକ୍ଷାକୁ ଅନୁମତି ମିଳିଛି ଓ ଏହାକୁ ପ୍ରୋତ୍ସାହିତ କରାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟ ଆତିଥେୟତା ସେବା ବନ୍ଦ ରହିବ। ତେବେ ସରକାରୀ ଅଧିକାରୀ/ସ୍ୱାସ୍ଥ୍ୟକର୍ମୀ, ଅଟକି ରହିଥିବା ପର୍ଯ୍ୟଟକ, କ୍ୱାରାଣ୍ଟାଇନ କେନ୍ଦ୍ର ପାଇଁ ଏହି ସେବା ଉପଲବ୍ଧ ହେବ। ବସ୍ ଟର୍ମିନାଲ, ରେଲଷ୍ଟେଶନ, ବିମାନବନ୍ଦର ରେଷ୍ଟୁରାଣ୍ଟରେ ଖାଦ୍ୟର ହୋମ୍ ଡେଲିଭରି ପାଇଁ କିଚେନ୍ ଚଳାଇବାକୁ ଅନୁମତି ମିଳିଛି। ସେହିପରି ସମସ୍ତ ସାମାଜିକ, ରାଜନୈତିକ, ଧର୍ମୀୟ, ସାଂସ୍କୃତିକ, କ୍ରୀଡ଼ା ଓ ମନୋରଞ୍ଜନ ସମାବେଶକୁ ବାରଣ କରାଯାଇଛି। ସେହିପରି ସମସ୍ତ ଧର୍ମପୀଠ ଓ ଉପାସନା ସ୍ଥଳ ଜନସାଧାରଣଙ୍କ ପାଇଁ ବନ୍ଦ ରହିବ। ଧର୍ମୀୟ ସମାବେଶକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି।

ସୂଚନାଯୋଗ୍ୟ କେନ୍ଦ୍ର ସରକାର ଲକ୍‌ଡାଉନ ୪.୦ ଘୋଷଣା କରିବା ପୂର୍ବରୁ ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ତାଲାବନ୍ଦ ଅବଧିକୁ ମେ' ୩୧ ଯାଏ ବଢ଼ାଇଥିଲେ। ଦିଲ୍ଲୀ ଓ ଗୋଆ ସରକାର ରାଜ୍ୟ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ସୋମବାର ଜାରି କରିବେ ବୋଲି କହିଛନ୍ତି।

### ଦୀଘା, ହାତିଆ ମଧ୍ୟରେ ...

ପରେ ବାତ୍ୟା ଦୁର୍ବଳ ହୋଇଯିବ। ପବନର ବେଗ ମଧ୍ୟ ହ୍ରାସ ପାଇବ। ବାତ୍ୟା ପ୍ରଭାବରେ ଆସନ୍ତା ୧୮ତାରିଖ ସନ୍ଧ୍ୟାରୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ଆରମ୍ଭ ହୋଇଯିବ। ଉପକୂଳରେ ଘଣ୍ଟାକୁ ୭୫ରୁ ୮୫କି.ମି ବେଗରେ ପବନ ବହିବା ସହିତ ବୁହାକୁ ବୁହା ବର୍ଷା ହେବ। ୧୯ତାରିଖରେ ପବନର ବେଗ ୧୩୫ରୁ ୧୫୦କି.ମିକୁ ବୃଦ୍ଧି ପାଇବ। ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ୨୦ ତାରିଖରେ ମଧ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହିବ। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପାରାଦୀପ, ଚାନ୍ଦବାଲି, ପୁରୀ, ଗୋପାଳପୁରରେ ୨ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ବାତ୍ୟା ଅମ୍ଫନ ଯୋଗୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଥିସହିତ ୧୨ଟି ଜିଲାକୁ ଆଲର୍ଟରେ ରଖାଯାଇଛି। ବାତ୍ୟା ଉପରେ ନିୟମିତ ଭାବେ ନଜର ରଖାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଶନିବାର ବାତ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ପରିସ୍ଥିତିକୁ ମୁକାବିଲା କରିବାନେଇ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା ହୋଇଛି। ବାତ୍ୟାକୁ ଦେଖି ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା କରାଯିବ। ୧୯ତାରିଖ ସନ୍ଧ୍ୟାରୁ ପବନର ପ୍ରଭାବ ଓଡ଼ିଶା ଉପରେ ରହିବ। କେଉଁ ଜିଲାର କେଉଁ ଜାଗାରୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ ସେ ନେଇ ଆଲୋଚନା ଜାରି ରହିଛି। ସମ୍ଭାବ୍ୟ ପ୍ରଭାବିତ ଜିଲାଗୁଡ଼ିକୁ ୧୨ ଓଡ୍ରାଫ ଓ ୩ ଏନଡିଆରଏଫ୍ ଟିମ୍ ସହିତ ୩୫୫ ଅଗ୍ନିଶମ ୟୁନିଟ ନିୟୋଜିତ କରାଯାଇଛି। ଏପରି କି ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ମୟୂରଭଞ୍ଜ, ଗଞ୍ଜାମ, ଗଜପତି ଏବଂ ଯାଜପୁର ଜିଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାରେ କେତେକ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଘରକୁ ଅସ୍ଥାୟୀ ଚକିତ୍ସା କେନ୍ଦ୍ର(ଟିଏମ୍‌ସି)ରେ ପରିଣତ କରାଯାଇଛି। ଜିଲାରେ ଖାଲିଥିବା ସ୍କୁଲ, କଲେଜ ଓ ଅନ୍ୟାନ୍ୟ ବିଲ୍ଡିଂଗୁଡ଼ିକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଆଶଙ୍କା ଥିବା ୧୨ଟି ଜିଲାରେ ଖାଲିଥିବା ୫୬୭ଟି ବାତ୍ୟା ଆଶ୍ରୟସ୍ଥଳ ଏବଂ ୭ହଜାର କୋଠାଘରକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଭାବେ ଚିହ୍ନଟ କରାଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ସାମାଜିକ ଦୂରତା ରକ୍ଷା କରି ୧୨ଟି ଜିଲାରେ ୧୧ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ପାରିବ ବୋଲି ସେ କହିଛନ୍ତି। ୧୨ଟି ଜିଲାର ୧୮୦୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରୁ ୧୨୪୨ଟି କୋଭିଡ-୧୯ ପାଇଁ ବ୍ୟବହାର କରାଯାଉଛି। ଅବଶିଷ୍ଟ ୫୬୭ଟି ଖାଲି ରହିଛି। ଉକ୍ତ ୧୨ ଜିଲାରେ ମେ ୧୮ରୁ ୨୦ ତାରିଖ ଯାଏ ରାସ୍ତା ଦେଇ କୌଣସି ପ୍ରବାସୀଙ୍କୁ ଯିବାକୁ ଅନୁମତି ନ ଦେବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି ଜିଲାର ସୀମାରୁ ପ୍ରବାସୀ ଓଡ଼ିଆଙ୍କୁ ଏହି ଜିଲାଗୁଡ଼ିକୁ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି ବୋଲି ଏସ୍‌ଆରସି କହିଛନ୍ତି।

### ଘରୋଇକରଣ ହେବ ଅଧିକ...

ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ୪୦ ହଜାର କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ଅଧିକ ଅର୍ଥ ଖର୍ଚ୍ଚ କରିବା ନେଇ ଯୋଜନା ରଖାଯାଇଛି। ମହାମାରୀକୁ ରୋକିବା ଲାଗି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ର ୧୫ ହଜାର କୋଟି ଟଙ୍କା ଘୋଷଣା କରାଯାଇଛି। ଏହାବାଦ ଆଗାମୀ ଗୋଟିଏ ବର୍ଷ ଲାଗି ନୂଆ ଦେବାଳିଆ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ରଖାଯାଇଛି। ସେହିଭଳି ଦେବାଳିଆ କାର୍ଯ୍ୟାନୁଷ୍ଠାନ ଲାଗି ରହିଥିବା ସୀମା ୧ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବଢ଼ାଯାଇଛି। କମ୍ପାନୀ ଆଇନରେ ସାମାନ୍ୟ ଟେକ୍ନିକାଲ ତ୍ରୁଟିକୁ ଅପରାଧମୁକ୍ତ କରାଯାଇଛି। ଗୁରୁତର ଅପରାଧ କ୍ଷେତ୍ରରେ ରହିଥିବା ଧାରାକୁ ଇଣ୍ଟରନାଲ ଆଡଜୁଡିକେଶନ ମେକାନିଜମ ପରିସରଭୁକ୍ତ କରାଯିବ। ଭାରତୀୟ କମ୍ପାନୀଗୁଡ଼ିକ ବିଦେଶୀ ବଜାରରେ ସେମାନଙ୍କ ସିକ୍ୟୁରିଟି ସିଧାସଳଖ ସୂଚୀଭୁକ୍ତ କରାଇବା ଲାଗି ଅନୁମତି ମିଳିଥିବା ଜଣାପଡ଼ିଛି।

ସେ ପୁଣି କହିଛନ୍ତି ଯେ, ସରକାର ସବୁ କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କ ଲାଗି ଖୋଲା କରିଛନ୍ତି। ମାତ୍ର କିଛି ବଛା ବଛା କ୍ଷେତ୍ରରେ ସରକାରୀ କମ୍ପାନୀଗୁଡ଼ିକ କାମ କରିବେ। ଷ୍ଟ୍ରାଟେଜିକ ସେକ୍ଟରରେ ଅନ୍ତତଃ ପକ୍ଷେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀ କାମ କରିବ। ଏହି କ୍ଷେତ୍ରରେ ମଧ୍ୟ ଘରୋଇ କମ୍ପାନୀଗୁଡ଼ିକୁ ଅନୁମତି ଦିଆଯିବ। ଅଣ ଷ୍ଟ୍ରାଟେଜିକ କ୍ଷେତ୍ରରେ କାମ କରୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଘରୋଇକରଣ ହେବ। ସ୍ଥିତିର ଅନୁଧ୍ୟାନ କରିବା ପରେ ଏ ନେଇ ଚୂଡ଼ାନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏହାବାଦ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଋଣ ସୀମାକୁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୩%ରୁ ୫%କୁ ବଢ଼ାଇଛନ୍ତି। ସରକାର ଘୋଷଣା କରିଥିବା ମୋଟ ୨୦ ଲକ୍ଷ କୋଟି ଟଙ୍କାର ଆଶ୍ୱସ୍ତି ପ୍ୟାକେଜ ମଧ୍ୟରେ ରିଜର୍ଭ ବ୍ୟାଙ୍କର ୮.୦୧ ଲକ୍ଷ କୋଟି ଟଙ୍କାର ଲିକ୍ୟୁଡିଟି ସହାୟତା ସାମିଲ ରହିଛି। ସେହିଭଳି ସରକାର ୧.୭୦ ଲକ୍ଷ କୋଟି ଟଙ୍କାର ଗରିବ କଲ୍ୟାଣ ଯୋଜନାକୁ ମିଶାଇ ଆଉ ୧.୯୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ହାତକୁ ନେଇଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରଥମ ପର୍ଯ୍ୟାୟରେ ୫.୯୪ ଲକ୍ଷ କୋଟି, ଦ୍ୱିତୀୟ ପର୍ଯ୍ୟାୟରେ ୩.୧୦ ଲକ୍ଷ କୋଟି , ୩ୟରେ ୧.୫୦ ଲକ୍ଷ କୋଟି, ଚତୁର୍ଥ ଏବଂ ପଞ୍ଚମ ପର୍ଯ୍ୟାୟ ଲାଗି ମୋଟ ୪୮ ହଜାର କୋଟି ଟଙ୍କାର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।

### ରାଜ୍ୟରେ ଚତୁର୍ଥ ...

ବିଭାଗ ପକ୍ଷରୁ ରାଜ୍ୟରେ ଆଉ ଦୁଇଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ଓ ସେମାନଙ୍କ ଘର ଗଞ୍ଜାମ ଜିଲାରେ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଅପରାହ୍ନରେ ପରିବର୍ତ୍ତିତ ତଥ୍ୟ ପ୍ରକାଶ କରାଯାଇ ଦୁଇ ନୁହେଁ, ଜଣଙ୍କର ମୃତ୍ୟୁ ଘଟିଥିବା ସ୍ପଷ୍ଟ କରାଯାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ, ଅନ୍ୟ ଜଣଙ୍କର ଶନିବାର ମୃତ୍ୟୁ ହୋଇଥିଲା। ସେ କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବା ସନ୍ଦେହ ହୋଇଥିଲା। ତେବେ ନମୁନା ପରୀକ୍ଷଣ ରିପୋର୍ଟ ଆସିବା ପରେ ନେଗେଟିଭ୍ ବୋଲି ଜଣାପଡିଥିଲା। ତେଣୁ ତାଙ୍କୁ କରୋନା ଜନିତ ମୃତ୍ୟୁ ତାଲିକାରୁ ବାଦ୍ ଦିଆଯାଇଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ଆଉ ୨୪ଜଣ କରୋନା ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ରବିବାର ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ସର୍ବାଧିକ ୧୯ଜଣ ସୁସ୍ଥ ହୋଇଥିବାବେଳେ ଯାଜପୁରରୁ ୩ ଓ ବାଲେଶ୍ୱରରୁ ୨ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୨୦କୁ ବୃଦ୍ଧି ପାଇଛି।ଗଞ୍ଜାମ ଜିଲାରେ ମୋଟ ୨୯୨ଜଣ କରୋନା ଚିହ୍ନଟ ହୋଇଥିବାବେଳେ ୪୯ଜଣ ସୁସ୍ଥ ହୋଇଛନ୍ତି ଓ ୨ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ଏହି ଜିଲାରେ ୨୪୧ ସକ୍ରିୟ ରୋଗୀ ରହିଛନ୍ତି। ଯାଜପୁର ଜିଲାରେ ମୋଟ ୧୨୧ଜଣ ଚିହ୍ନଟ ହୋଇଥିବାବେଳେ ୫୫ଜଣ ସୁସ୍ଥ ହୋଇଛନ୍ତି ଏବଂ ୬୬ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ମୋଟ ୧୧୯ଜଣ ସଂକ୍ରମିତ ହୋଇଥିବାବେଳେ ୨୪ଜଣ ସୁସ୍ଥ ହୋଇଛନ୍ତି ଏବଂ ୯୫ଜଣ ସକ୍ରିୟ ରୋଗୀ ରହିଛନ୍ତି। ତେବେ ରାଜ୍ୟରେ ବର୍ତ୍ତମାନ ମୋଟ ୮୨୮ଜଣ କରୋନା ଚିହ୍ନଟଙ୍କ ମଧ୍ୟରୁ ୨୨୦ଜଣ ସୁସ୍ଥ ହୋଇଥିବାବେଳେ ୪ଜଣଙ୍କ ମୃତ୍ୟୁ ହୋଇଛି ଓ ୬୦୪ଜଣ ସକ୍ରିୟ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ୭୫୯ଜଣ ସନ୍ଦିଗ୍ଧ ରାଜ୍ୟର ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

### ଘରୋଇ କ୍ଷେତ୍ରକୁ ଏମ୍‌ଜିଏନ୍‌ଆର୍‌ଇଜିଏ...

ଯୋଜନାର ପରିସର ବୃଦ୍ଧି ଘଟିବ। ଫଳରେ ଏହି ଆଇନ ଅଧୀନରେ ସେହି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡ଼ିକ ଆସିବ, ଯେଉଁଠି ଫ୍ୟାକ୍ଟ୍ରି ଓ କନ୍‌ଷ୍ଟ୍ରକଶନ କମ୍ପାନୀଗୁଡ଼ିକ ରହିଥିବ। ଘରୋଇ କ୍ଷେତ୍ରକୁ କାର୍ଯ୍ୟ ଆରମ୍ଭ ଲାଗି ପ୍ରୋତ୍ସାହନ ଦେବା ପାଇଁ ସେମାନଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ମଜୁରି ଏମ୍‌ଜିଏନ୍‌ଆରଇଜିଏ ପାରିଶ୍ରମିକଅଂଶର ଉର୍ଦ୍ଧ୍ୱରେ ରହିବା ଉଚିତ। ଏପ୍ରିଲ ୧ରୁ ହାରାହାରି ଏମ୍‌ଜିଏନ୍‌ଆଇଜିଏ ମଜୁରି ହାର ଶ୍ରମିକ ପିଛା ଦିନକୁ ୨୦୨ ଟଙ୍କାକୁ ବୃଦ୍ଧି କରାଯାଇଛି। ଉକ୍ତ ସୁପାରିସର ତାତ୍ପର୍ଯ୍ୟ ହେଉଛି, ଏମ୍‌ଜିଏନ୍‌ଆରଇଜିଏ ମଜୁରି ବାବଦ (୨୦୨ ଟଙ୍କା)କୁ ରାଜ୍ୟଗୁଡ଼ିକ ପକ୍ଷରୁ ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକ ନିକଟକୁ ହସ୍ତାନ୍ତର କରାଯିବ। ଘରୋଇ କମ୍ପାନୀଗୁଡ଼ିକର ନଗଦ ସମସ୍ୟାକୁ ଦୂର କରିବା ପାଇଁ ଏହା ଏକ ସବ୍‌ସିଡି। ସରକାରଙ୍କ ଏହି ଅନୁଦାନ ସହ କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରମିକଙ୍କ ଦକ୍ଷତା ଅନୁସାରେ ସର୍ବନିମ୍ନ ମଜୁରି ପ୍ରଦାନ କରିବେ। କରୋନା ସଂକ୍ରମଣର ମୁକାବିଲା ପାଇଁ ଦେଶବ୍ୟାପୀ ଜାରି ଲକ୍‌ଡାଉନ୍ ଯୋଗୁ ବନ୍ଦ ହୋଇଯାଇଥିବା ଆର୍ଥିକ ଗତିବିଧିକୁ ସକ୍ରିୟ କରିବା ଲାଗି ଏହି ପଦକ୍ଷେପ ନିଆଯାଉଛି। କାରଣ ପ୍ରାୟ ଦୁଇମାସ ଧରି ଚାଲିଥିବା ଲକ୍‌ଡାଉନ୍ ଯୋଗୁ ଅନେକ ଛୋଟ ଫ୍ୟାକ୍ଟ୍ରି ଓ ନିର୍ମାଣ କମ୍ପାନୀ ନଗଦ ସଙ୍କଟକୁ ସାମ୍ନା କରୁଛନ୍ତି। ଜିଓଏମ୍ କେନ୍ଦ୍ର ସରକାରଙ୍କୁ ଚଳିତ ସପ୍ତାହରେ ଉକ୍ତ ରିପୋର୍ଟ ପ୍ରଦାନ କରିଛି।

**ପଦକ୍ଷେପକୁ ନେଇ ସମାଲୋଚନା**

ମନ୍ତ୍ରୀସ୍ତରୀୟ ପ୍ୟାନେଲର ପ୍ରସ୍ତାବଗୁଡ଼ିକୁନେଇ ବିବାଦ ଉଠିସାରିଛି। ଶୁକ୍ରବାର ମଜଦୁର କିଷାନ ଶକ୍ତି ସଙ୍ଗଠନ(ଏମ୍‌କେଏସ୍‌ଏସ୍)ର ଅଧିକାର କର୍ମୀ ଅରୁଣା ରାୟ ଓ ନିଖିଲ ଦେ ଏକ ବିବୃତି ଜାରି କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏ ଗାଇଡ୍‌ଲାଇନରେ ଅଣାଯିବାକୁ ଥିବା ପ୍ରସ୍ତାବିତ ପରିବର୍ତ୍ତନକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। କେଏମ୍‌ଏସ୍‌ଏସ୍ ବିବୃତିରେ ଉଲ୍ଲେଖ କରାଯାଇଛି, ଆମେ ଦୃଢ଼ ଭାବେ ବିଶ୍ୱାସ କରୁଛୁ ଯେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ ଥିବା ଅଧିକାର ଆଇନ ଦ୍ୱାରା ପ୍ରଦତ୍ତ। ଏହାକୁ ସୁରକ୍ଷା ଓ ସମ୍ମାନ ଦିଆଯିବା ଉଚିତ। ପରିବାରଗୁଡ଼ିକ ପାଇଁ କାର୍ଯ୍ୟ ଦିବସ ବଢ଼ାଇବା ଭଳି ଏମ୍‌ଜିଏନ୍‌ଆର୍‌ଇଜିଏର ପରିସର ବୃଦ୍ଧି ନେଇ କୌଣସି ପ୍ରକାର ଉଦ୍ୟମ ଏହି ଆଇନ ଅନୁମୋଦିତ କାର୍ଯ୍ୟର ବୈଶିଷ୍ଟ୍ୟକୁ ନେଇ ହେବା ଦରକାର। ସହରାଞ୍ଚଳକୁ ଏଥିରେ ଅନ୍ତର୍ଭୁକ୍ତ କରିବା ଏକ ଜରୁରୀ ପ୍ରସଙ୍ଗ। ଏହାକୁ ପୂର୍ବରୁ ଆଇନତଃ ମିଳିଥିବା ଅଧିକାର ସହ ଅତିରିକ୍ତ ଭାବେ ଦିଆଯିବା ଉଚିତ, ସେଗୁଡ଼ିକ ବଦଳରେ ନୁହେଁ। ଏଥିରେ ଆହୁରି କୁହାଯାଇଛି ଯେ, ଗାଇଡ୍‌ଲାଇନ୍‌ରେ କୌଣସି ପ୍ରକାର ପରିବର୍ତ୍ତନ ପାଇଁ ଉଦ୍ୟମ କରାଗଲେ ତାହା ଆଇନାନୁସାରେ ଗଠିତ ତଥା ଦେଶରେ ଏହି ଯୋଜନାର କାର୍ଯ୍ୟକାରିତା ନେଇ ପରାମର୍ଶ ଦେଇ ସମୀକ୍ଷା କରୁଥିବା କେନ୍ଦ୍ରୀୟ ଓ ରାଜ୍ୟ ଏମ୍ପ୍ଲୟମେଣ୍ଟ କାଉନ୍‌ସିଲଗୁଡ଼ିକର ପରାମର୍ଶକ୍ରମେ ହେଉ।

**ଅନ୍ୟ ପ୍ରସ୍ତାବ**

ଲକ୍‌ଡାଉନ୍ ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ କର୍ମସଂସ୍ଥାନ ହରାଇ ସହର ଛାଡ଼ି ନିଜ ନିଜ ଗାଁକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ଫଳରେ ସୃଷ୍ଟି ହୋଇଥିବା ଜୀବିକା ସମ୍ପର୍କିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଏଥିପାଇଁ ଗାଁକୁ ଫେରୁଥିବା ଶ୍ରମିକମାନଙ୍କୁ ମଧ୍ୟ ଜବ୍‌କାର୍ଡ ଦିଆଯିବା ଉଚିତ, ଯଦ୍ୱାରା ସେମାନେ ନିଜ ଦକ୍ଷତା ଅନୁସାରେ କାମ ପାଇପାରିବେ ବୋଲି ଜିଓଏମ୍ ପ୍ରସ୍ତାବ ଦେଇଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ୧୦୦ ଦିନର କାର୍ଯ୍ୟ ଶେଷ କରିଥିବା ପରିବାରଗୁଡ଼ିକୁ ଅର୍ଦ୍ଧ-କୁଶଳୀ/କୁଶଳୀ ଶ୍ରମଶକ୍ତିରେ ପରିଣତ କରିବା ଲାଗି ଏଥିରେ ସାମିଲ କରିବା ପାଇଁ ମଧ୍ୟ ପ୍ୟାନେଲ ପ୍ରସ୍ତାବ ଦେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏ ବାହାରେ କାମ ଖୋଜି ପାଇବାରେ ସେମାନଙ୍କୁ ଏହା ସହାୟକ ହେବ। ବହୁ ସଂଖ୍ୟକ ଶ୍ରମ ଶକ୍ତି ଗାଁକୁ ଫେରିବାରେ ଲାଗିଥିବାରୁ ଚିନ୍ତା ବଢ଼ିଛି। ଏଥିପାଇଁ ଦାଦନ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଲାଗି ସରକାର ଏମ୍‌ଜିଏନ୍‌ଆର୍‌ଇଜିଏକୁ ମୁଖ୍ୟ ଆଧାର ଭାବେ ଗ୍ରହଣ କରିଛନ୍ତି। ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କୋଭିଡ୍-୧୯ ରିଲିଫ୍ ପ୍ୟାକେଜ୍‌ର ଦ୍ୱିତୀୟ ପେଡ଼ି ଖୋଲିବାବେଳେ ଏ ସମ୍ପର୍କରେ ସୂଚନା ଦେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସୀତାରାମନ କହିଥିଲେ, ସରକାର ବାହୁଡ଼ା ଶ୍ରମିକମାନଙ୍କୁ ଲଗାତର ଏମ୍‌ଜିଏନ୍‌ଆର୍‌ଇଜିଏର ସୁବିଧା ଦେଇଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରକୃତ ବ୍ୟୟ ପ୍ରାୟ ୧୦,୦୦୦ କୋଟି ରହିଛି। ମାର୍ଚ୍ଚ ୨୬ରେ ସେ ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରିକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ଦୈନିକ ୧୮୨ ଟଙ୍କାରୁ ବୃଦ୍ଧି କରିଥିଲେ।


Classified


healthcare

Newly open ayurvedic/ herbal body massage with smart therapist, 9777167531. D-59947


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ଇ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। —ଶ୍ରୀମା



# ସଂଖ୍ୟା ବାଉଳା

ଗୋଟିଏ ଟ୍ରିଲିୟନ ବା ଏକ ଲକ୍ଷ କୋଟି ଟଙ୍କା କହିଲା ବେଳକୁ ମୁଣ୍ଡ ବୁଲେଇ ଯାଉଛି। ୨୦ ଲକ୍ଷ କୋଟିରେ ୧୨ଟି ନା ୧୩ଟି ଶୂନ ବୁଝିବାର ଯେଉଁ ମୌଳିକ ସମସ୍ୟା ହେଉଛି, ସେଥିରୁ ସାଧାରଣ ଅଣ-ଅର୍ଥନୈତିକ ବ୍ୟକ୍ତି ସଂଖ୍ୟା ବାଉଳା ହୋଇଯିବେ।

ଭାରତୀୟ ଅର୍ଥନୀତିରେ ୧୯୯୧ରେ ବ୍ୟାପକ ସଂସ୍କାର ଅଣାଯାଇଥିଲା। ସେତେବେଳେ ଉଦାରୀକରଣ ବା ଲିବରାଲାଇଜେଶନ, ଘରୋଇକରଣ ବା ପ୍ରାଇଭେଟାଇଜେଶନ ଏବଂ ଜଗତୀକରଣ ବା ଗ୍ଲୋବାଲାଇଜେଶନ ଚିନ୍ତାଧାରାକୁ ସଂକ୍ଷେପରେ ଏଲ୍‌ପିଜି ଆଖ୍ୟା ଦିଆଯାଇଥିଲା। ଫଳରେ ଭାରତର ବଜାର ବ୍ୟବସ୍ଥା ମୁକ୍ତ ଅର୍ଥନୀତିକୁ ଆପଣାଇଥିଲା। ଦେଶର ବିଭିନ୍ନ କ୍ଷେତ୍ରରେ ବୈଦେଶିକ ପୁଞ୍ଜି ବିନିଯୋଗ ଲାଗି ବାଟ ଫିଟିଥିଲା। କିନ୍ତୁ ସେତେବେଳେ ଭାରତୀୟ ଜନତା ପାର୍ଟି (ଭାଜପା) କଂଗ୍ରେସର ଏହି ପଦକ୍ଷେପକୁ ଘୋର ବିରୋଧ କରିଥିଲା। ସମୟ ବଦଳିଯାଇଛି। ସେତେବେଳର ବିରୋଧୀ ଦଳ ଏବେ ଦେଶର ଶାସନଗାଦିରେ ବସିଛି। କୋଭିଡ୍-୧୯ ମହାମାରୀଜନିତ ଆର୍ଥିକ ଦୁଃସ୍ଥିତିକୁ ସଜାଡ଼ିବା ଲକ୍ଷ୍ୟରେ ଭାଜପା ସରକାର ବର୍ତ୍ତମାନ 'ଆତ୍ମନିର୍ଭର ଭାରତ' ପ୍ୟାକେଜ ଦେଶକୁ ଭେଟି ଦେଇଛନ୍ତି। ୨୦ ଲକ୍ଷ କୋଟି ଟଙ୍କାର ଏହି ପ୍ୟାକେଜରେ ସମାଜର ପ୍ରତ୍ୟେକ ବର୍ଗ ପାଇଁ ସୁବିଧା ରଖାଯାଇଛି ବୋଲି ୧୨ ମେ'ରୁ ଘୋଷଣା ଚାଲିଛି। କିନ୍ତୁ ଏହାଦ୍ୱାରା ସାଧାରଣ ଭାରତୀୟ କେଉଁଭଳି ଲାଭବାନ ହେବ, ତାହା ବୁଝିବା କଷ୍ଟକର। ଏହାର ସଦ୍ୟ ଦୃଷ୍ଟାନ୍ତ କୋଲ୍ ମାଇନିଂରେ ଘରୋଇ କମ୍ପାନୀଙ୍କ ପ୍ରବେଶ ଅନୁମତି ଓ ଖଣିଜ ଖନନରେ ଘରୋଇ ସଂସ୍ଥାକୁ ଅଧିକ ଉତ୍ସାହିତ କରିବା, ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଅଟୋମେଟିକ୍ ଉପାୟରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିବିନିଯୋଗ (ଏଫ୍‌ଡିଆଇ) ସୀମା ୪୯ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି, ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଆଉ ୬ଟି ବିମାନବନ୍ଦରକୁ ଘରୋଇକରଣ, ମହାକାଶ ଓ ଆଣବିକ ଶକ୍ତି କ୍ଷେତ୍ରରେ ଘରୋଇ ସଂସ୍ଥାକୁ ପ୍ରୋତ୍ସାହନ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ଘରୋଇକରଣ କରାଯିବା ପ୍ରସ୍ତାବ 'ଆତ୍ମନିର୍ଭର ଭାରତ'ରେ ରହିଛି।

କୋଇଲା ଆଦି ଖଣିଜ ସମ୍ପଦ ପ୍ରକୃତିଦତ୍ତ। ଏହାର ବିବେକୀ ପରିଚାଳନା ଏକ ରାଷ୍ଟ୍ରକୁ ସମୃଦ୍ଧ କରିଥାଏ। ଭାରତରେ ପୂର୍ବରୁ କୋଇଲା ଉତ୍ତୋଳନ ଓ ବିକ୍ରି ଘରୋଇ କମ୍ପାନୀ ହାତରେ ଥିଲା। ଏହା ଦେଶର ସମ୍ପଦ ହୋଇଥିବା ବେଳେ ରାଜକୋଷକୁ ଅର୍ଥ ଆସୁ ନ ଥିଲା, ଯେଉଁଥିପାଇଁ କେନ୍ଦ୍ର ସରକାର ଗତ ଶତାବ୍ଦୀର ୭୦ ଦଶକରେ କୋଇଲା ଖଣି ଜାତୀୟକରଣ କରିବା ସହିତ କୋଲ୍ ଇଣ୍ଡିଆ ଏବଂ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସୃଷ୍ଟି କରି ଦେଶର ଚାହିଦା ଯଥେଷ୍ଟ ପରିମାଣରେ ମେଣ୍ଟାଇ ପାରିଥିଲେ। ଏହା ପରେ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ଉପା ସରକାର କୋଇଲା ଖଣିର ଜାତୀୟକରଣକୁ ଭାଙ୍ଗିବା ପାଇଁ କୋଇଲା ବ୍ଲକ୍ ନିଲାମ କରାଇଥିଲେ। ସେତେବେଳେ ଏହି ନିଲାମ ହାତଗଣତି କମ୍ପାନୀକୁ ଦିଆଯାଉଛି ବୋଲି କହି ଭାଜପା ଓ ଅନ୍ୟ ବିରୋଧୀ ରାଜନୈତିକ ଦଳ ଉପା ବିରୋଧରେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ। ତତ୍କାଳୀନ କମ୍ପ୍‌ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ବିନୋଦ ରାୟଙ୍କ ରିପୋର୍ଟ ଅନୁଯାୟୀ ଏହି କୋଇଲା ବ୍ଲକ୍ ବଣ୍ଟନରେ ବଡ଼ ଧରଣର ଦୁର୍ନୀତି ହୋଇଥିଲା ବୋଲି ଦେଶରେ ପ୍ରଚାର କରାଗଲା। ସେହି ରିପୋର୍ଟ ଆଧାରରେ ଏବଂ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଯାଞ୍ଚ ଯୋଗୁ ଘରୋଇ କମ୍ପାନୀଗୁଡ଼ିକର ଲାଇସେନ୍ସ ରଦ୍ଦ ହୋଇଗଲା। ଇତିମଧ୍ୟରେ ବିନୋଦ ରାୟ ଅବସର ନେବା ପରେ ଭାଜପା ସରକାରଙ୍କ ଦ୍ୱାରା ବ୍ୟାଙ୍କ୍‌ସ ବୋର୍ଡ ବ୍ୟୁରୋ (ବିବିବି)ର ଅଧ୍ୟକ୍ଷ ପଦବୀରେ ବସି ପୁନର୍ବାର ଲାଭବାନ ହେଲେ। ଉପାର ସେହି କାର୍ଯ୍ୟକୁ ସମାଲୋଚନା କରିଥିବା ଭାଜପା ଆଜି ପୁନଶ୍ଚ କୋଇଲା ଖଣିକୁ ଘରୋଇ କ୍ଷେତ୍ରକୁ ଦେବା ପାଇଁ ତତ୍ପରତା ପ୍ରକାଶ କରୁଛି। ଏହା ସୁନିଶ୍ଚିତ ଯେ ଆଜିର ପରିସ୍ଥିତିରେ ସିଏଜି ପଦବୀରେ ଥିବା ବ୍ୟକ୍ତି ମୂକ ଭଳିଆ ବସିରହିବେ।

ପରିବର୍ତ୍ତିତ ପରିସ୍ଥିତିରେ ଭାଜପା ସରକାରର ସ୍ୱର ବଦଳି ଚାଲିଛି। ଯେଉଁମାନେ 'ଗାତର ଦୋଷ' କାହାଣୀ ଜାଣିଥିବେ, ସେମାନେ ଆଜିର କ୍ଷମତାସୀନ ବ୍ୟକ୍ତିଙ୍କ ଚରିତ୍ର ମଧ୍ୟ ବୁଝି ପାରିବେ। ସେଥିପାଇଁ ସରକାର କହୁଛନ୍ତି, କୋଇଲା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଓ ଆମଦାନୀ କମାଇବା ଉପରେ ଏଥିରେ କୁଆଡ଼େ ଅଧିକ ଦୃଷ୍ଟି ଦିଆଯାଉଛି। ଏଥିସହିତ କୋଇଲା ଉତ୍ତୋଳନ ଭିତ୍ତିଭୂମିକୁ ଉନ୍ନତୀକରଣ ଲାଗି ସରକାର ୫୦ ହଜାର କୋଟି ଟଙ୍କା ନିବେଶ କରିବେ। ଏଥିରୁ ଖିଅ ଟାଣି ଆଲୋଚନା କରାଗଲେ, ସରକାରଙ୍କ ଏହି ପ୍ୟାକେଜ କିଭଳି ସାଧାରଣ ଲୋକଙ୍କ ଆର୍ଥିକ ବୋଝକୁ ହାଲୁକା କରିବ ବୁଝିବା କଷ୍ଟକର ହୋଇପଡୁଛି। ସେହିଭଳି ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଏଫ୍‌ଡିଆଇ ଅନୁମତି ଦେଶର ନିରାପତ୍ତା ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲେ ମଧ୍ୟ ସେହି ଦିଗ ପ୍ରତି ଦୃଷ୍ଟି ଦିଆଯାଇ ନାହିଁ। ଅନୁରୂପ ଭାବେ କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଘରୋଇକରଣ କରାଯିବାରେ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ଲାଭ ପହଞ୍ଚାଇବାର ଯୋଜନା ରହିଛି ବୋଲି ବୁଝା ପଡ଼ିଯାଉଛି।

ଉପରଲିଖିତ କ୍ଷେତ୍ର ଉପରେ ଦୃଷ୍ଟିପାତ କଲେ କେନ୍ଦ୍ର ସରକାରଙ୍କ ଚିନ୍ତାଧାରା କେଉଁଭଳି ସ୍ୱଦେଶୀ ଢାଞ୍ଚାକୁ ସୁଦୃଢ଼ କରିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। କରୋନା ମହାମାରୀ ଯୋଗୁ ସମଗ୍ର ଦେଶ ଆର୍ଥିକ ଦୁର୍ବଳତାରୁ ନଇଁପଡ଼ିଛି। ଅନେକ ଲକ୍ଷ ଶ୍ରମିକ କାମଧନ୍ଦା ନ ପାଇ ଭିଟାମାଟି ମୁହାଁ ହୋଇଛନ୍ତି। ସେମାନଙ୍କ ଅକଥନୀୟ ଦୁଃଖର ଦୃଶ୍ୟ ଦେଶ ସାରା ଦେଖିବାକୁ ମିଳିଛି। ଶିଳ୍ପ ବନ୍ଦ ହୋଇଯାଇଥିବାରୁ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାଧାରଣ ଲୋକ ପାଖରେ ଖାଇବାକୁ ନ ଥିବାରୁ ସେମାନଙ୍କ ହାତରେ କିଛି ଅର୍ଥ ଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେବା କଥା। ତାହା କରା ନ ଯାଇ ଋଣ ସୁବିଧା ଓ ସଂସ୍କାର ବିଷୟରେ ଉଲ୍ଲେଖ କରାଯାଉଛି, ଯାହା ନିକଟ ଭବିଷ୍ୟତରେ ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବାର ସଂକେତ ଦେଉନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ୟାକେଜଗୁଡ଼ିକ ମୁଖ୍ୟତଃ ଋଣକୁ ଅନିଶା କରାଯାଇ ଦିଆଯାଇଛି। ତେବେ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଦେଖିଲେ, ପ୍ରାୟ ସବୁ ବ୍ୟାଙ୍କ ଅନାଦାୟ ପରିସମ୍ପତ୍ତି (ଏନ୍‌ପିଏ)ରେ ବୁଡ଼ି ରହିଛନ୍ତି। ବର୍ତ୍ତମାନ ସଙ୍କଟ ସମୟରେ ଯେଉଁ ବ୍ୟାଙ୍କଗୁଡ଼ିକ କମ୍ପାନୀ ବା ବ୍ୟକ୍ତିବିଶେଷଙ୍କୁ ଋଣ ଦେବେ, ସେହି ଅର୍ଥ କିଭଳି ଆଦାୟ ହେବ ସେ ଦିଗକୁ ଘୋଷଣାରେ ସ୍ଥାନ ଦିଆଯାଇ ନାହିଁ। ଏହା ନିଶ୍ଚିତ ଯେ, ଏବେ ବିପୁଳ ପରିମାଣରେ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଋଣ କେବେ ହେଲେ ପରିଶୋଧ ହେବ ନାହିଁ। ମୃତ୍ୟୁମୁଖରେ ପଡ଼ିଥିବା ରୋଗୀଙ୍କୁ ରକ୍ତଦାନ କଲେ ତାହାର ଆରୋଗ୍ୟ ପ୍ରତିଶତ ନଗଣ୍ୟ ରହିଥାଏ। ସେଥିପାଇଁ ଋଣ ପରିବର୍ତ୍ତେ ଯଦି ସାଧାରଣ ନାଗରିକଙ୍କୁ ସାହାଯ୍ୟ ମିଳିପାରିଥାଆନ୍ତା, ହୁଏତ ପ୍ୟାକେଜର ଅର୍ଥ ଭିନ୍ନ ହୋଇଥାଆନ୍ତା।

ଭାରତୀୟ ଅର୍ଥନୀତିର ସାମଗ୍ରିକ ବିକାଶ ନଗଦ ଅର୍ଥନୀତି ଉପରେ ଦଣ୍ଡାୟମାନ। କିନ୍ତୁ ତାହାର ମେରୁଦଣ୍ଡ ବିମୁଦ୍ରୀକରଣ ବେଳେ ଭାଙ୍ଗି ଦିଆଯାଇଥିଲା। ଏବେ ନାଗରିକଙ୍କୁ ସିଧାସଳଖ ସହାୟତା ଦେବା ପରିବର୍ତ୍ତେ କେନ୍ଦ୍ର ସରକାର ଏକ ଭିନ୍ନ ପଥରେ ଆଗେଇ ଯାଉଛନ୍ତି। କୋଭିଡ୍-୧୯କୁ ସୁଯୋଗ ଭାବେ ନେଇ ସରକାର ଏବେ ବିଭିନ୍ନ କ୍ଷେତ୍ରରୁ ଅର୍ଥ ଗୋଟାଇବା ପାଇଁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅନ୍ୟପଟେ ତାଙ୍କୁ ସହଯୋଗ କରୁଥିବା ଶିଳ୍ପପତି ଓ ଧନୀ ସଂସ୍ଥାକୁ ଲାଭ ପହଞ୍ଚାଇବା ପାଇଁ ଚିନ୍ତା କରୁଛନ୍ତି। ଏହାଦ୍ୱାରା ଦେଶବାସୀ ଆତ୍ମନିର୍ଭର ହେବା ଦୂରର କଥା, ମାତ୍ର କେତେକ ଧନୀ ପରିବାର ନିଶ୍ଚିତ ଭାବେ ଆତ୍ମନିର୍ଭରତାରେ ଅଧିକ ସୁଦୃଢ଼ ହୋଇଯିବେ।

# ବିଜ୍ଞାନ ଲଢୁଛି



ଡ. ପ୍ରଫୁଲ୍ଲ କୁମାର ସାହୁ

ବିଜ୍ଞାନ ବଳରେ ମଣିଷ ଆଜି ଉପଭୋଗ କରୁଛି ଅକଳ୍ପନୀୟ ସୁବିଧା। ମାତ୍ର ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ସବୁ ଦୋଷ ଲଦୁଛି ବିଜ୍ଞାନ ଉପରେ। ୧୯୯୯ ମହାବାତ୍ୟା ହେଉ କି ଫାଇଲିନ୍ ବା ଫନୀ ହେଉ, ତା'ର ଉଗ୍ରରୂପ ଦେଖି ବିଜ୍ଞାନ ଉପରେ ଖାଲି ଦୋଷ ଲଦିନି,ତାକୁ ବି ଖୁବ୍ ଖର୍ବ ମନେକରିଛି ବିପର୍ଯ୍ୟୟ ଭୟରେ। ସଂପ୍ରତି ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ମହାମାରୀ କରୋନାକୁ ନେଇ ବୁଦ୍ଧିଜୀବୀଙ୍କ ମନ ଭିତରେ ବି ପ୍ରକାଶ ପାଇଛି ସେହି ବିଜ୍ଞାନ ବିରୋଧୀ ଆଭିମୁଖ୍ୟ। ଚାଇନାରୁ ଏହା ଆରମ୍ଭ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ତା'ର ଚରିତ୍ର, ଆଚରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ବିଭିନ୍ନ ଖବରକାଗଜରେ ପ୍ରତିଦିନ ପ୍ରକାଶ ପାଉଛି ଅସୁମାରି ଆଲେଖ୍ୟ। ସେସବୁ ଅଧିକାଂଶ ଲେଖାରେ ରହିଛି ବିଜ୍ଞାନ ପ୍ରତି ନକାରାତ୍ମକ ଭାବନା, ଯାହାର ମର୍ମାର୍ଥ ହେଉଛି ମହାମାରୀ କରୋନା ଆଗରେ ଆଜି ଆଣ୍ଠେଇ ପଡିଛି ବିଜ୍ଞାନ। ଲକ୍‌ଡାଉନ୍ ହୋଇଯାଇଛି ତା'ର ଜୟଯାତ୍ରା। ସେମାନଙ୍କର ଯୁକ୍ତି ହେଉଛି ବିଶ୍ୱବ୍ୟାପୀ ବିଶେଷଜ୍ଞଙ୍କ ନିରନ୍ତର ପ୍ରୟାସ ସତ୍ତ୍ୱେ ଏ ଯାବତ୍ ଆବିଷ୍କୃତ ହୋଇପାରିଲାନି କରୋନାର ପ୍ରତିଷେଧକ। ସେମାନଙ୍କ ଆଶଙ୍କା ଠିକ୍ ହୋଇପାରେ, ମାତ୍ର ବିଜ୍ଞାନ କିଛି ଯାଦୁବିଦ୍ୟା ନୁହେଁ ଯେ ସେ ସହସା ଶୂନ୍ୟରୁ ତୋଳି ଆଣି ଥୋଇଦେବ ସଫଳତା। ବିଜ୍ଞାନ ଆଡକୁ ଆଙ୍ଗୁଠି ନିର୍ଦ୍ଦେଶ କରିବା ପୂର୍ବରୁ ଜାଣି ରଖିବା ଦରକାର ବିଜ୍ଞାନ କେବେ କୌଣସି ସଫଳତା ରାତାରାତି ପାଇନି, ଯେତେ ଯାହା ସବୁ ହାସଲ କରିଛି, ତାହା ଏକ ପ୍ରଲମ୍ବିତ ସଂଗ୍ରାମର ଫଳ। ତା'ର ସେହି ସଂଗ୍ରାମିକ ଇତିହାସରେ ଏବେ ଯୋଡି ହୋଇଯାଇଛି ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ, ଯାହା ବିଶ୍ୱ ମହାମାରୀ କରୋନା ସହିତ ବିଜ୍ଞାନର କୌଶଳପୂର୍ଣ୍ଣ ଲଢ଼େଇ।

ଏକଦା ବଣ ଜଙ୍ଗଲରେ ବାସ କରୁଥିବା ଆଦିମ ମଣିଷ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ନିର୍ମାଣ କଲା ଘର। ଖାଦ୍ୟ ପାଇଁ ପଶୁପକ୍ଷୀ ଶିକାର ଉପରେ ନିର୍ଭର ନ କରି ଶିଖିଲା କୃଷି କାର୍ଯ୍ୟ। ଏକ ବ୍ୟବସ୍ଥିତ ଢଙ୍ଗରେ ସଂପାଦିତ ହେଲା ତା'ର ପ୍ରତ୍ୟେକ କାର୍ଯ୍ୟ। ମଣିଷର ଏହି ସୌନ୍ଦର୍ଯ୍ୟ ଚେତନାରୁ କ୍ରମଶଃ ଜନ୍ମ ନେଲା ଧର୍ମ ଦର୍ଶନ, ସାହିତ୍ୟ ଓ ଅନ୍ୟାନ୍ୟ କଳା। ଅର୍ଥାତ୍ ସଭ୍ୟତାର ପ୍ରଥମ ସୋପାନରୁ ମଣିଷ କେବଳ ପ୍ରକୃତିର ସଂଗୀତରେ ଆତ୍ମହରା ହୋଇନି, ବିଜ୍ଞାନ ସହ ମଧ୍ୟ ଯୋଡି ହୋଇଯାଇଛି ନିବିଡ ଭାବରେ। ଏହି କ୍ରମରେ ବିଜ୍ଞାନ ଆଜି ପାଲଟି ଯାଇଛି ଆମ ଜୀବନର ଏକ ଅଙ୍ଗ ଓ ଅଙ୍ଗୀକାର। ଏହାକୁ ଅସ୍ୱୀକାର କରିବା ଅର୍ଥ ଜୀବନ ପ୍ରତି ଏକ ବିରାଟ ଛଳନା ବା ଆତ୍ମ ପ୍ରବଞ୍ଚନା। ଅସ୍ୱୀକାର କରିବା ପୂର୍ବରୁ ଥରେ ଭାବିଲେ ଦେଖି, ଯଦି ହଠାତ୍ ବିଜୁଳି ସଂଯୋଗ ଚାଲିଯାଉଛି, ତେବେ କେମିତି ଉହଳ ବିକଳ ହେଉଛି ଜୀବନ! ଅର୍ଥାତ୍ ଆଉ ବିଜୁଳି ଶକ୍ତିକୁ ଛାଡ଼ି ବଞ୍ଚିବା ଏବେ ଆମ ପାଇଁ ଅସମ୍ଭବ କହିଲେ ଚଳେ। ଅଥଚ ଆମେ କେହି ଅନୁରକ୍ତ ନୁହେଁ ତା'ର ଉଦ୍ଭାବକ ବେଞ୍ଜାମିନ୍ ଫ୍ରାଙ୍କଲିନଙ୍କ ଅବଦାନ ପ୍ରତି। ଯିଏ ଆମକୁ ଏବେ ବଡ ସୁବିଧା ଆଣି ଦେଲେ ଆମେ ତାଙ୍କୁ ମନେରଖିବା ତ ଦୂରର କଥା ଜାଣିବାକୁ ବି କୁଣ୍ଠିତ। ଆମ ସମସ୍ତଙ୍କ ଘରେ ଏବେ ଟେଲିଭିଜନ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ, ମାତ୍ର କେତେ ଜଣ ଆଜି ମନେ ପକାଉଛନ୍ତି ତା'ର ଉଦ୍ଭାବକ ଜନ୍ ଲୋଗି ବେୟାର୍ଡଙ୍କ କଥା। ଆମର ଯାହା ସୁବିଧା ଦରକାର ଥିଲା,ତା' ଆମକୁ ଯୋଗାଇ ଦେଲା ବିଜ୍ଞାନ। ଆମେ କିନ୍ତୁ ସୁବିଧା ପାଇଲା ପରେ ଭୁଲିଗଲେ ବର୍ଷ ବର୍ଷ ସାଧନା କରି ଆମ ପାଇଁ ସୁବିଧା ଆଣିଥିବା ସେହି ମହାନ୍ ବ୍ୟକ୍ତିଙ୍କ ନାଁ। ଅନ୍ୟପକ୍ଷରେ ଆମେ ଆଦୌ ଭୁଲି ନାହୁଁ ଧର୍ମ ନାମରେ ବ୍ୟଭିଚାର କରୁଥିବା ଅନେକ ବାବାଙ୍କ ନାମ, ଧାମ ଓ ଆହୁରି ଅନେକ କିଛି। ଅତି ଆଗ୍ରହର ସହିତ ମନେରଖିଛୁ କେଉଁ ବାବାଙ୍କ ଆଶ୍ରମରେ ସିମେଣ୍ଟ ଗାଈ କେତେ କ୍ଷୀର ଦିଏ ଓ ସେ କ୍ଷୀରର ସାନ୍ଦ୍ରତା କେତେ। ପଠାଣି ସାମନ୍ତଙ୍କ ବିଷୟରେ ଆମକୁ ହୁଏତ କିଛି ଜଣାନାହିଁ। ଆଚ୍ଛା ଥରେ ଭାବିଲେ ଦେଖି ଜନ୍ମ ନିୟନ୍ତ୍ରଣ ପଦ୍ଧତି ବାହାରି ନ ଥିଲେ କେଉଁଠି ଥାଆନ୍ତା ଆଜି ପୃଥିବୀର ଜନସଂଖ୍ୟାର ସ୍ଥିତି ? ଚିକିତ୍ସା ବିଜ୍ଞାନର ମାଇଲ ଖୁଣ୍ଟ କୁହା ଯାଉଥିବା ନିଶ୍ଚେତକ ବା ଆନାସ୍ଥେସିଆ ଯଦି ବାହାରି ନ ଥାନ୍ତା, ତେବେ କେମିତି ସମ୍ଭବ ହୋଇଥାନ୍ତା ଜଟିଳ ରୋଗର ଅସ୍ତ୍ରୋପଚାର ? ମହାମାରୀ ପ୍ରସଙ୍ଗରେ ବି ମନକୁ ଆନ୍ଦୋଳିତ କରେ ସେହି ସମାନ ପ୍ରଶ୍ନ। ବିଗତ ଶତାବ୍ଦୀରେ ବସନ୍ତ ଓ ହଇଜା ଆଦି ମହାମାରୀ ପାଇଁ ପ୍ରତିଷେଧକ ବାହାରି ନ ଥିଲେ କେତେ କାଳ ତିଷ୍ଠି ଥାଆନ୍ତା ଏ ମାନବ ଜାତି ?

ପ୍ରାକୃତିକ ବିପର୍ଯ୍ୟୟ ସବୁକାଳରେ ରହିଛି ଓ ରହିବ, କାରଣ ପ୍ରକୃତି ପରି ପ୍ରାକୃତିକ ବିପର୍ଯ୍ୟୟ ବି ଧ୍ରୁବ ସତ୍ୟ। ଅର୍ଥାତ୍ ଏହା ମଣିଷର ଅକ୍ତିଆର ବାହାରେ। କେବଳ ଆଧୁନିକ ଜ୍ଞାନକୌଶଳ ବଳରେ ତା'ର ମୁକାବିଲା କରି ସୁରକ୍ଷିତ ରହିବା ଆମର ଦାୟିତ୍ୱ। ମନେ ପକାନ୍ତୁ ୯୯ ମହାବାତ୍ୟାର ଓଡ଼ିଶାର ବିପୁଳ କ୍ଷୟକ୍ଷତି କଥା। ପରବର୍ତ୍ତୀ ସମୟରେ ବି ଆମ ମଥା ଉପର ଦେଇ ପ୍ରବାହିତ ହୋଇଛି ଫାଇଲିନ, ହୁଦହୁଦ୍,ତିତ୍‌ଲି ଓ ଫନୀ ଆଦି ଭୟଙ୍କର ସାମୁଦ୍ରିକ ଝଡ଼। ମାତ୍ର 'ଡପଲର ରାଡାର' ର ପୂର୍ବାନୁମାନ ବଳରେ ସେ ସବୁ ବିପର୍ଯ୍ୟୟକୁ ମୁକାବିଲା କରାଯାଇ ପାରିଲା ଅତି ସଫଳତାର ସହିତ। ଏହି ରାଡାର ସାହାଯ୍ୟରେ ଏବେ ପ୍ରାୟ ସପ୍ତାହକ ପୂର୍ବରୁ ବାତ୍ୟା ସଂପର୍କିତ ସତର୍କ ସୂଚନା ପ୍ରଦାନ କରିପାରୁଛି ପାଣିପାଗ ବିଭାଗ। ଏହାଦ୍ୱାରା ବିପର୍ଯ୍ୟୟ ପରିଚାଳନା ସହଜ ହେବା ସହିତ ରକ୍ଷା ହୋଇପାରୁଛି ହଜାର ହଜାର ଲୋକଙ୍କ ଜୀବନ। ଏହା ହିଁ ବିଜ୍ଞାନର କମାଲ୍। ଏହି ପରିପ୍ରେକ୍ଷୀରେ ଆମେ ବୁଝିବା ଦରକାର, ଯେଉଁ ବୈଜ୍ଞାନିକ ଉଦ୍ଭାବନ ବଳରେ ମଣିଷ ଆଜି ଆରାମ ଦାୟକ ଜୀବନ ଅତିବାହିତ କରୁଛି ତାହା ଅକସ୍ମାତ ଆକାଶରୁ ଖସିପଡିନି କି କେଉଁ ଦେବଦେବୀ ଦେଇ ନାହାନ୍ତି ଦୟା ପରବଶ ହୋଇ। ଏସବୁ ମିଳିଛି ବିଶେଷଜ୍ଞମାନଙ୍କ ବର୍ଷ ବର୍ଷର ଗବେଷଣା ଓ ସଂଘର୍ଷ ଫଳରେ। ଅର୍ଥାତ୍ ଦୁଇଖଣ୍ଡ କାଠରୁ ଆରମ୍ଭ କରି ଆଜିର ଇଣ୍ଟରନେଟ୍ ପର୍ଯ୍ୟନ୍ତ ବିଜ୍ଞାନର ଯାତ୍ରା ଖୁବ୍ ସୁଦୀର୍ଘ ଓ ଘଟଣା ବହୁଳ। ତା'ର ଏହି ପ୍ରଲମ୍ବିତ ଯାତ୍ରା ସତ୍ତ୍ୱେ ବି ପ୍ରକୃତି କେବେ କ୍ଷୁବ୍ଧ ହୋଇନି କି ସେଥିପାଇଁ ସୃଷ୍ଟି ହେଉନି ପ୍ରାକୃତିକ ବିପ୍ଳବ। କାରଣ ପ୍ରକୃତି ଓ ବିଜ୍ଞାନ ପରସ୍ପର ବିରୋଧୀ ନୁହନ୍ତି, ପରିପୂରକ। ପ୍ରକୃତି ବିନା ବିଜ୍ଞାନର ସ୍ଥିତି ଯେମିତି ଶୂନ୍ ଓ ବିଜ୍ଞାନ ବିନା ସେମିତି ପ୍ରକୃତିକୁ ଜୀବନ ଉପଯୋଗୀ କରିବା ଅସମ୍ଭବ। ତେଣୁ ବିଜ୍ଞାନ କେବେ ପ୍ରକୃତି ବିରୋଧରେ ଯାଏନି, ବରଂ ବିଜ୍ଞାନ ଚାହେଁ ପ୍ରକୃତିର ସୁସ୍ଥତା ଓ ପରିପୁଷ୍ଟତା। କାରଣ ପ୍ରକୃତି ସୁସ୍ଥ ନ ରହିଲେ ସଫଳ ହେବନି ବିଜ୍ଞାନ। ମାତ୍ର ବୈଜ୍ଞାନିକ ଆବିଷ୍କାରର ପ୍ରୟୋଗ ଯଦି ପ୍ରକୃତି ବିରୋଧରେ ଯାଏ, ତେବେ ତାହା ସମଗ୍ର ମାନବ ଜାତି ପାଇଁ ସାବ୍ୟସ୍ତ ହୁଏ ହାନିକାରକ। ତେଣୁ ପ୍ରକୃତି ବିରୋଧରେ ଯାଉଥିବା ଶକ୍ତିକୁ ଖୋଜି ବାହାର କରିବା ଉଚିତ। ସାଧାରଣତଃ ବୈଜ୍ଞାନିକ ଆବିଷ୍କାରକୁ ପ୍ରକୃତି ବିରୋଧରେ ସେହିମାନେ କେବଳ ନେଇପାରନ୍ତି, ଯିଏ ଭାବନ୍ତି ପ୍ରକୃତି ହେଉଛି ଉତ୍ପାଦନ ନିମନ୍ତେ ଆବଶ୍ୟକୀୟ କଞ୍ଚାମାଲର ଏକ ଗନ୍ତାଘର। ସେହିମାନେ ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ପ୍ରାକୃତିକ ସଂପଦକୁ ଲୁଣ୍ଠନ କରି ପାରନ୍ତି, ଯାହାଦ୍ୱାରା ବିପଦ ଭିତରକୁ ଠେଲି ହୋଇଯାଏ ସମଗ୍ର ମାନବ ଜାତି।

କୁହାଯାଏ ଲୁହାରେ ଯଦି ଲଙ୍ଗଳ ତିଆରି ହୁଏ, ତେବେ କୃଷି କ୍ଷେତ୍ରରେ ବୃଦ୍ଧି ପାଏ ଶସ୍ୟ ଉତ୍ପାଦନ। ଅନ୍ୟପକ୍ଷରେ ଲୁହାରେ ଯଦି ଖଣ୍ଡା ବର୍ଚ୍ଛା ତିଆରି ହେବ, ତେବେ ଦେଶରେ ସୃଷ୍ଟି ହେବ ରକ୍ତପାତ। ଅର୍ଥାତ୍ ଦେଶରେ ସାମରିକ ଖର୍ଚ୍ଚଠାରୁ ବେସାମରିକ ଖର୍ଚ୍ଚ ଅଧିକ ହେବା ବାଞ୍ଛନୀୟ। ମାତ୍ର ବିଶ୍ୱବ୍ୟାପୀ ସବୁ ଦେଶରେ ଏବେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ପଛରେ ପକାଇ ବଢିଚାଲିଛି ସାମରିକ ଖର୍ଚ୍ଚ। ବିଶେଷଜ୍ଞମାନଙ୍କ ମତରେ ପ୍ରକୃତି ଉପରେ ସବୁଠାରୁ ଅଧିକ ପ୍ରତିକୂଳ ପ୍ରଭାବ ପକାଉଛି ମହାକାଶରେ ହେଉଥିବା ଗୋଳା ବାରୁଦ ପରୀକ୍ଷା। ରାଷ୍ଟ୍ରମୁଖ୍ୟମାନଙ୍କ ଯୁଦ୍ଧଖୋର ମନୋଭାବ ଯୋଗୁ ଗୋଳା ବାରୁଦ ଗନ୍ଧରେ ଅତିଷ୍ଠ ହୋଇ ପଡୁଛି ପ୍ରକୃତି। ଅଥଚ ଏବେ ସାମରିକ ଖର୍ଚ୍ଚର ପାହାଡ ଶିଖରରେ ବସିଥିବା ସେହି ପ୍ରବଳ ପ୍ରତାପୀମାନେ ଖୋଜି ପାଉନାହାନ୍ତି କରୋନା ପ୍ରକୋପରୁ ନିସ୍ତାର ପାଇବାର ରାସ୍ତା। କେବଳ ଅସହାୟ ଭାବରେ ଚାହିଁ ରହିଛନ୍ତି ସେହି ବିଜ୍ଞାନାଗାର ଆଡକୁ, ଯେଉଁଠି ଆହାର ନିଦ୍ରା ଭୁଲି କରୋନା ଭୂତାଣୁ ପ୍ରତିଷେଧକ ସନ୍ଧାନରେ ଲାଗି ପଡ଼ିଛନ୍ତି ଅନେକ ଫଟାକୋର୍ଟ ପିନ୍ଧା ମଣିଷ। ଅର୍ଥାତ୍ ମାନବ ଜାତିକୁ ଏ ସଙ୍କଟରୁ ଉଦ୍ଧାର କରିବା ପାଇଁ ପ୍ରାଣମୂର୍ଚ୍ଛା ଲଢୁଛି ବିଜ୍ଞାନ। ଏ ଲଢ଼େଇର କେବେ ଅନ୍ତ ହେବ ସେ ନିଷ୍ପତ୍ତି କରିବ ଭବିଷ୍ୟତ। ମାତ୍ର ବିଜ୍ଞାନ ଯେ କେବେ କୌଣସି ସଂଗ୍ରାମରେ ହାରି ନାହିଁ, ତା'ର ସାକ୍ଷୀ ହେଉଛି ଇତିହାସ। ତାହା ହିଁ ସବୁଠାରୁ ବଡ଼ ଆଶ୍ୱାସନାର ବିଷୟ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡା, ମୟୂରଭଞ୍ଜ,
ମୋ-୯୪୩୮୮୫୫୦୮୮

# ଏକ ନୂଆ ସକାଳର ପ୍ରତୀକ୍ଷାରେ



ଉପେନ୍ଦ୍ର ବିଶ୍ୱାଳ

ବିଶ୍ୱ ବରେଣ୍ୟ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ କହିଥିଲେ 'ବ୍ରହ୍ମାଣ୍ଡ ଯେମିତି ଅନନ୍ତ, ମଣିଷର ନିର୍ବୋଧତା ବି ସେମିତି ଅନନ୍ତ।' ମଣିଷର ଏହି ନିର୍ବୋଧପଣିଆ ହିଁ ତା' ଦୁଃଖ ଓ ଦୁର୍ଦ୍ଦିନର କାରଣ। ନିର୍ବୋଧତା ହିଁ ମଣିଷର ପତନର ପଥକୁ ପ୍ରଶସ୍ତ କରିଥାଏ। ଠିକ୍ ଏହି କଥାକୁ ବି ଆମ ବିଜ୍ଞ ମୁନି-ଋଷିମାନେ ଚେତାଇ ଯାଇଛନ୍ତି ବାରମ୍ବାର। ସେମାନେ ଥିଲେ ଅତିମାନସର ସନ୍ଧାନୀ। ଭୌତିକ ଜଗତର ଊର୍ଦ୍ଧ୍ୱରେ ରହି ଉଚ୍ଚତର ବିଭବକୁ ପ୍ରାପ୍ତ କରିଥିଲେ। ଦୂରଦ୍ରଷ୍ଟା ଏହି ମୁନି-ଋଷିଙ୍କର ଆପ୍ତବାକ୍ୟ ତ ଅକାଟ୍ୟ। ଏପରି ଅତିଭୌତିକ ଜ୍ଞାନୀମାନେ କହନ୍ତି 'ମଣିଷର ଚେତନାଗତ ବିକୃତି ଭିତରୁ ନୂଆ ନୂଆ ଜୀବାଣୁ ଜନ୍ମ ନେଇପାରନ୍ତି' (ଅନ୍ତରଙ୍ଗ ଭାରତ, ମନୋଜ ଦାସ, ପୃଷ୍ଠା ୩୫୫)। ଭୂତାଣୁଜନିତ ଆଜିର ବିଭୀଷିକା, ଆମ ବିକୃତିର ସାଙ୍କେତିକ ଇଙ୍ଗିତ ନୁହଁ କି? ସିଧାସିଧା ଆମେ କହିପାରିବା ଆମ ପାପାଚାର ଯୋଗୁଁ ଆଜିର ଭାଇରସ୍‌ର ବ୍ୟୁତ୍ପତ୍ତି। ଠିକ୍ ଏହି କଥାକୁ ବି ଭଗବାନ ଶ୍ରୀକୃଷ୍ଣ ଆମକୁ ସୂଚାଇ ଯାଇଛନ୍ତି। ସୃଷ୍ଟିଚକ୍ରର ନିୟମାନୁଯାୟୀ ଦୁନିଆରେ ପାପାଚାର ବଢ଼ିଗଲେ, ଭୟଙ୍କର ସଙ୍କଟ କବଳରୁ ଜଗତକୁ ରକ୍ଷା କରିବାକୁ ଭଗବାନ ସମୁଚିତ ବ୍ୟବସ୍ଥା କରିଥାନ୍ତି। ମଣିଷର ଚେତନା ବିକୃତ ବା କୁଟିଳ ହେଲେ, ସେ ସୈତାନରେ ରୂପାନ୍ତରିତ ହୋଇଯାଏ। ତା'ର ସତ୍ୟାନାଶୀ କ୍ରିୟାକଳାପ ହିଁ ସର୍ବନାଶକୁ ଆମନ୍ତ୍ରଣ କରେ। ବୋଧହୁଏ ଏଇଥିପାଇଁ ପୃଥିବୀର ଭାରସାମ୍ୟ ରକ୍ଷା କରିବାକୁ ବିଧାତାଙ୍କର ଆଜି ଏପରି ଏକ ଲୀଳା ଖେଳା। ଫଳରେ ମଣିଷ ହେଜିବ। ନିଜକୁ ତର୍ଜମା କରିବ ଓ ସଚେତନ ହେବ। ରାମରୁ ମରାକୁ ଆସିଯାଇଥିବା ମଣିଷ ପୁଣି ମରାରୁ ରାମକୁ ଫେରିଆସିବ। ଦସ୍ୟୁରୁ ମହର୍ଷି ହେବ। ଜୀବନର ମହାକାବ୍ୟ ରଚିବ, ଠିକ୍ ବାଲ୍ମୀକିଙ୍କ ପରି। ମର୍ଯ୍ୟାଦାଚ୍ଛାଦିତ ମହାର୍ଘ୍ୟ ମୂଲ୍ୟବୋଧଭରା ରାଜ୍ୟଟିଏ ଗଢ଼ିବ। ଅପରାଧୀକୁ ବନ୍ଦୀ କରି ରଖାଯାଏ, କାରଣ ସେ ହୁଏତ ଆତ୍ମଅନୁଶୀଳନ କରିବ, କୃତକର୍ମ ପାଇଁ ପଶ୍ଚାତ୍ତାପ କରିବ। ତା'ପରେ ବନ୍ଦୀମୁକ୍ତ ହୋଇ ସୁସ୍ଥ ଓ ସୁନ୍ଦର ଜୀବନ ଜିଇବ। ଆଜିର ଏ ପରିପ୍ରେକ୍ଷୀରେ ମଣିଷ ହିଁ ଅସଲ ଅପରାଧୀ। ବିଧାତାଙ୍କ ସୁନ୍ଦର ସୃଷ୍ଟିକୁ ବିପର୍ଯ୍ୟସ୍ତ କରିବାରେ, ପ୍ରକୃତି ଓ ପ୍ରାଣୀ ଜଗତକୁ ଜଘନ୍ୟ ଯନ୍ତ୍ରଣାଯୁକ୍ତ କରିବାରେ ମଣିଷର ଭୂମିକା ଅତି ନିନ୍ଦନୀୟ। ମଣିଷ ଯେମିତି ଅମାନିଆ ପ୍ରାଣୀଙ୍କୁ ତୁଣ୍ଡରେ ବାନ୍ଧି ଆୟତ୍ତ କରିବାକୁ ପ୍ରୟାସ କରେ, ଠିକ୍ ସେମିତି ଭଗବାନ ମଧ୍ୟ ଆମକୁ ଜବତ୍ କରିବାକୁ ମୁହଁରେ ତୁଣ୍ଡି ଓ ବନ୍ଦୀ ଜୀବନର ବ୍ୟବସ୍ଥା କରିଛନ୍ତି। ସୁଧୁରିଯିବା ହିଁ ଭବିଷ୍ୟତ ପାଇଁ ଖୁବ୍ ମଙ୍ଗଳପ୍ରଦ। ବିଜ୍ଞାନ ବଳରେ ବଳିଆନ ହୋଇ ମଣିଷ ଭାବୁଥାଏ, ବଞ୍ଚିବା ଓ ବଢ଼ିବାର କାମ କରିଚାଲିଛି। କିନ୍ତୁ ସେ ଜାଣିପାରୁ ନ ଥାଏ ଯେ ତଥାକଥିତ ବଞ୍ଚିବା ଓ ବଢ଼ିବାର ଉପାୟ ଭିତରେ ମରିବାର ବାଟକୁ ବାଛିନେଉଛି ବୋଲି। ସତରେ କି ହୀନସ୍ତା ଭୋଗୁଛି ଏ ମଣିଷ ଆଜି? ବିଶ୍ୱରେ ପ୍ରାୟ ଏଭଳି କୌଣସି ଦେଶ ନାହିଁ କି ଏପରି କେହି ମଣିଷ ନାହାନ୍ତି, ଯିଏ କି କଲବଲ ନ ହେଉଛି, ଏଥିରେ। ଦିନେ ବା ଦୁଇଦିନ ନୁହଁ, ନିଜକୁ ବନ୍ଦୀ କରି ରଖୁଛି ମାସ ମାସ ଧରି।

କେହି ଜଣେ ପ୍ରାଜ୍ଞ ମଣିଷ କହିଥିଲେ, ''ମଣିଷ ଢେର ଉନ୍ନତି କରିଚାଲିଛି, କିନ୍ତୁ ବଞ୍ଚିବାର ବାଟକୁ ଛାଡ଼ି। ଅସୀମ ଉଚ୍ଚ ଆକାଶରେ ପକ୍ଷୀ ପରି ଉଡ଼ିପାରୁଛି, ମାଛ ପରି ଅତଳ ଜଳରେ ସନ୍ତରଣ କରିପାରୁଛି। କିନ୍ତୁ ଧରାପୃଷ୍ଠରେ ମଣିଷ ପରି କେମିତି ବଞ୍ଚିବାକୁ ହୁଏ, ତାହା ସେ ଜାଣିପାରୁନି।'' ମଣିଷ ନିଜର ସ୍ୱାର୍ଥ ପାଇଁ ସମଗ୍ର ସୃଷ୍ଟିସତ୍ତାକୁ ବିପର୍ଯ୍ୟସ୍ତ କରିଚାଲିଛି। ଭଗବାନଙ୍କ ସୁନ୍ଦର ଏ ସୃଷ୍ଟି, ଯେଉଁ ପଞ୍ଚ ମହାଭୂତକୁ ନେଇ ଗଠିତ, ତାହା ଆଜି ଭୀଷଣ କ୍ଷତାକ୍ତ। ପଞ୍ଚଭୂତରେ ଗଢ଼ା, ପ୍ରକୃତିରୁ ପାଳିତ-ପୋଷିତ ମଣିଷ ଯେବେ ପ୍ରକୃତି ଛଡ଼ା ହୋଇଯାଏ, ସେତେବେଳେ ବିପର୍ଯ୍ୟୟ ଘନେଇ ଆସେ ଜୀବନରେ। ଗତ ପାଞ୍ଚ ବର୍ଷ ତଳେ ଗୋ-ଋଷି ଦତ୍ତଶରଣାନନ୍ଦ ମହାରାଜ ଏକ ସନ୍ଦର୍ଭରେ ଆଶଙ୍କା ବ୍ୟକ୍ତ କରିଥିଲେ ''ତୀବ୍ର ଗତିରେ ଏଠି ଯେମିତି ବିନାଶ ଲୀଳା ଚାଲିଛି, ପ୍ରକୃତିମାତା ଅସମୟରେ ସୃଷ୍ଟିକୁ ଅସ୍ତବ୍ୟସ୍ତ କରିଦେବେ।'' ପେଟ, ପଇସା, ପ୍ରଜନନ ଜୀବନର ଆବଶ୍ୟକତା ନିଶ୍ଚିତ, କିନ୍ତୁ ଜୀବନର ଲକ୍ଷ୍ୟ ନୁହଁ କି ଆଦର୍ଶ ନୁହଁ। ପେଟ, ପଇସା, ପ୍ରଜନନ ପାଖରେ ଅଟକି ଯିବାଟା ପଶୁ ପ୍ରବୃତ୍ତି। ମାତ୍ର ଉତ୍କର୍ଷର ଉପଲବ୍ଧି କରିବା, ଅମୃତ ଅନ୍ୱେଷୀ ହେବା, ମଣିଷର ପ୍ରକୃତି। ତଥାକଥିତ ସୁଖର ମାୟା ଜାଲରେ ପଡ଼ି ବିଳାସଯୁକ୍ତ ବଞ୍ଚିବାକୁ ଜୀବନ କୁହାଯାଏନି। ଆହୁରି ବି ଜୀବନର ସୁନ୍ଦରତା କେବଳ ବଞ୍ଚିବାରେ ନିହିତ ନୁହେଁ। କରୋନା କବଳିତ ଆଜିର ଦିନ ପରି ଧୂଳି-ଧୂଆଁ ହୀନ ନିର୍ମଳ ଆକାଶର ଜ୍ୟୋତ୍ସ୍ନାର ସୌନ୍ଦର୍ଯ୍ୟଠାରୁ ବି ବଳି ଜୀବନର ସୌନ୍ଦର୍ଯ୍ୟ। ବିଭୂଷିତ ହୋଇ ବଞ୍ଚିବାରେ ହିଁ ନିହିତ ଜୀବନର ସୌନ୍ଦର୍ଯ୍ୟ। ସମଗ୍ର ଦୁନିଆ ଆଜି ଯେତେବେଳେ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷରତ, ଅର୍ଥର କ୍ରୀତଦାସ ସାଜିଥିବା ଆମେରିକା ଓ ୟୁରୋପ ଜଗତ ସେତେବେଳେ ତାଲାବନ୍ଦରୁ ମୁକୁଳିବାକୁ ଭାରି ବ୍ୟଗ୍ର। ମହାସଂକଟକୁ ଟାଳିବାକୁ ଖୁବ୍ ଧୈର୍ଯ୍ୟର ସହିତ ଯୁଝିଲେ ଯାଇ ଜିତାପଟ ସମ୍ଭବ। ଏ ସମୟରେ ଭାରତ ହେଉଛି ଦୁନିଆ ପାଇଁ ଦିଗ୍‌ଦର୍ଶକ। ବିଧାତା ମଧ୍ୟ ବିଶ୍ୱ ସମୁଦାୟକୁ ଇଙ୍ଗିତ କରୁଛନ୍ତି, ଭାରତ ତଥା ଭାରତୀୟତାକୁ ଆଦର କରିବାକୁ କାରଣ ଭାରତ କେବଳ ଏକ ଭୂମି ମାତ୍ର ନୁହଁ, ଏହା ଏକ ଚେତନଶୀଳ ସତ୍ତା। ଦୀର୍ଘ ନିରାମୟ ଜୀବନ ଓ ଶାନ୍ତି ସହାବସ୍ଥାନର ଶାଶ୍ୱତ ସୂତ୍ର ଭାରତ ଭୂମିରେ ହିଁ ନିହିତ ଅଛି। ଏଠାରେ ଜଡ଼କୁ ଜୀବନ୍ୟାସ ଦିଆଯାଇଥାଏ। ପଥର ଓ ମୂର୍ତ୍ତି ପରି ନିର୍ଜୀବ ବସ୍ତୁ ଭିତରେ ପ୍ରାଣ ସଂଚାର ପୂର୍ବକ ଆରାଧନା କରାଯାଇଥାଏ। ମାତ୍ର ଜୀବକୁ ନିର୍ଜୀବରେ ପରିଣତ କରିବା ବା ପ୍ରାଣସତ୍ତାର ବିଲୁପ୍ତି କରିବା, ଭାରତୀୟ ଚେତନାର ବିପରୀତ ବା ବିକୃତିର ବିଲକ୍ଷଣ। ଏଣୁ ଏଠାରେ ଧ୍ୱଂସ ରଚନା, ହିଂସାତ୍ମକ କ୍ରିୟାକଳାପ ଚେତନା ବିରୋଧୀ ଓ ସଂସ୍କୃତିର ପରିପନ୍ଥୀ। ସେଇଥିପାଇଁ ଦୂବଠୁ ଦାରୁ, ପଥଠୁ ରଥ ପର୍ଯ୍ୟନ୍ତ ସବୁଠି ଈଶ୍ୱରଙ୍କ ସତ୍ତା ଅନୁଭୂତ ହୁଏ। ପୁନଶ୍ଚ ଭଗବାନ ଏମିତି ଏକ ମହାମାରୀ ଛାଡ଼ିଲେ ଯେ ଯାହାର ନିଦାନ ଭାରତ ପାଖରେ ଭରପୂର ଅଛି। କରମର୍ଦ୍ଦନ, ଆଲିଙ୍ଗନ ଆଦି ସାବ୍ୟସ୍ତ ହୋଇସାରିଛି ବୁମେରାଂ ଭଳି। ନମସ୍କାର ହିଁ ପାଇଛି ବିଶ୍ୱସ୍ୱୀକୃତି, ସୌଜନ୍ୟତାର। କେବଳ ଯୋଗ ବା ନମସ୍କାର ମୁଦ୍ରା ନୁହଁ, ଆମର ପ୍ରତିଟି ଚଳଣି ଓ ପରମ୍ପରାରେ ବିଜ୍ଞାନ ନିହିତ। ମୂଲ୍ୟବୋଧ ଜଡ଼ିତ। ଭାରତୀୟମାନଙ୍କୁ ଭଗବାନ ବି ଏହି ସନ୍ଧିକ୍ଷଣରେ ଚେତାଇ ଦେଉଛନ୍ତି, ଉତ୍କର୍ଷଭରା ଏପରି ସଂସ୍କୃତି ପ୍ରତି ବୀତସ୍ପୃହ ଭାବ ରଖିଲେ, ସଂସ୍କୃତି ବିଚ୍ୟୁତ ମଣିଷର ଅଧପତନ ଅବଶ୍ୟମ୍ଭାବୀ। ଅତଏବ ସମାଜ ସରୋବରର ପଙ୍କ ଅର୍ଥାତ୍ ଭୂତାଣୁ ଜନିତ ଏ ପୀଡ଼ନ ଭିତରୁ ବିକଶିତ ହେଉ ଚେତନାର କମଳ। ଭାରତୀୟ ଚେତନାର ଦୀପ୍ତିରେ ଆଲୋକିତ ହେଉ ଆଗାମୀ ଦୁନିଆ। ଆସନ୍ତୁ ପ୍ରସ୍ତୁତ ରହିବା, ଏକ ନୂଆ ସକାଳର ସ୍ୱାଗତ ଅପେକ୍ଷାରେ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ-୯୪୩୭୪୩୭୬୦୩
unbiswal05@gmail.com

## ଏଇ ଭାରତରେ

କୋଭିଡ୍ -୧୯ ସଂକ୍ରମଣରେ ପ୍ରବାସୀ ଶ୍ରମିକମାନେ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ମୁଖ୍ୟତଃ ସୁରଟରେ ବିଭିନ୍ନ ରାଜ୍ୟର ହଜାର ହଜାର ଶ୍ରମିକ ଭୋକ ଉପାସରେ ରହିବା ସବୁଠୁ ଦୁଖଦାୟକ ଘଟଣା। ସେମାନଙ୍କ ମଧ୍ୟରୁ ଅନେକେ ଏବେ ନିଜ ରାଜ୍ୟକୁ ଫେରିବାରେ ଲାଗିଛନ୍ତି। ତେବେ ଏହି ପରିସ୍ଥିତିରେ ସେମାନଙ୍କ ପେଟ ଭରିବା ଲାଗି ସୁରଟର ଛାୟାଁଦୋ ଏନ୍‌ଜିଓ 'ରୋଟି ସେବା' ଅଭିଯାନ ଚଳାଇଛି। ଏହି ଅଭିଯାନରେ ସୁରଟର ୨୬,୦୦୦ ପରିବାର ସାମିଲ ହୋଇଛନ୍ତି। ଦୈନିକ ପ୍ରତି ପରିବାର ୫ଟି ଲେଖାଏ ରୋଟି କରି ଯୋଗାଉଛନ୍ତି। ପ୍ରତିଦିନ ପାଖାପାଖି ୧ ଲକ୍ଷ ରୋଟି ଲୋକଙ୍କୁ ବଣ୍ଟାଯାଉଛି। ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଲୋକମାନଙ୍କୁ ଏହି ରୋଟି ସେବା ଅଭିଯାନରେ ସାମିଲ ହେବା ଲାଗି ଏନଜିଓ ପକ୍ଷରୁ ନିବେଦନ କରାଯିବା ପରେ ସେମାନେ ସହଯୋଗର ହାତ ବଢ଼ାଇଛନ୍ତି। ଏନ୍‌ଜିଓର ସଦସ୍ୟମାନେ ସମସ୍ତଙ୍କ ଘରକୁ ଯାଇ ରୋଟି ସଂଗ୍ରହ କରି ଆଣୁଛନ୍ତି। ସେମାନେ ପ୍ରତ୍ୟେକଙ୍କ ପାଇଁ ୪ଟି ରୋଟି ସହ ତରକାରି ବି ଦେଉଛନ୍ତି।

## ସାପ୍ତାହିକ ପଞ୍ଜିକା

**ମେ' ୧୦:** ଭାରତ-ଚାଇନା ସୀମାରେ ସିକିମ୍ ସେକ୍ଟର ଅନ୍ତର୍ଗତ ନାଥୁଲା ଗିରିପଥରେ ଉଭୟ ସେନା ମଧ୍ୟରେ ସଂଘର୍ଷ ଘଟି ଅନେକ ଯବାନ ଆହତ ହୋଇଛନ୍ତି।

**ମେ' ୧୧:** ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦୦ ଟପିଲା। ଗଞ୍ଜାମ ଜିଲାରେ ସର୍ବାଧିକ ୩୭.୨%।

**ମେ' ୧୪ :** ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ପରଲୋକ।

**ମେ' ୧୫:** ସୁରଟରେ ଓଡ଼ିଆ ଯୁବକଙ୍କୁ ଗୁଜରାଟ ପୋଲିସ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୮ ମେ ୧୯୯୫**

- ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଇମ୍ରାନ ଖାଁ ପ୍ୟାରିସ୍‌ଠାରେ ବ୍ରିଟିଶ୍ ଶିଳ୍ପପତିଙ୍କ ୨୧ ବର୍ଷୀୟା ଝିଅ ଜେମିମା ଗୋଲ୍ଡ ସ୍ମିଥ୍‌ଙ୍କୁ ବିବାହ କରିଛନ୍ତି।
- କେନ୍‌ସ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ପାଇଁ ଓଡ଼ିଆ ଫିଲ୍ମ 'ଇନ୍ଦ୍ରଧନୁର ଛାଇ' ଏକମାତ୍ର ଭାରତୀୟ ଫିଲ୍ମ ଭାବେ ମନୋନୀତ ହୋଇଛି।

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି!
(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 8 | | | | | | 1 | | 6 | | | 5 | 4 |
| | 0 | | | | A | | 8 | | | 9 | 3 | | | 7 |
| 1 | | C | | | B | D | | | | | A | | | 2 |
| E | | D | | 6 | | | C | 5 | | | | | | |
| 6 | | | | 1 | 3 | | | | | 4 | | | | |
| | | | | | | | | 0 | B | C | 1 | | | 9 |
| A | 2 | | | | 0 | | | | | D | 7 | | | 1 |
| | | B | | E | | 5 | 1 | D | | 8 | | | 7 | |
| 0 | | | | | | | | | 3 | | | 2 | | |
| D | C | | 3 | | | | | E | | 0 | | 6 | | |
| | | E | | | | | | | C | | 9 | 7 | | 5 |
| | | | | | | 2 | | | | | E | 0 | 3 | 6 |
| | 9 | | | | 1 | 6 | A | | | 2 | | D | | |
| 7 | 4 | 3 | | | | | | 9 | | 5 | | | B | E |
| | A | | | | | | | | | | D | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 3 | 6 | 5 | 4 | 8 | 0 | 9 | E | 1 | A | D | B | 2 |
| A | 6 | 2 | 7 | E | C | D | 4 | 1 | 0 | B | 5 | 3 | 9 | 8 |
| 4 | 0 | 5 | D | A | 8 | 3 | B | 2 | 9 | C | 7 | 6 | E | 1 |
| E | 9 | 8 | 1 | 0 | B | 5 | A | 6 | 3 | 2 | D | 4 | 7 | C |
| B | 1 | D | 3 | 2 | 9 | E | C | 7 | 8 | 6 | 4 | 0 | A | 5 |
| 1 | 4 | A | 5 | 3 | E | C | D | 0 | B | 8 | 2 | 9 | 6 | 7 |
| 5 | D | 6 | A | 8 | 2 | B | 9 | 3 | C | 7 | 1 | E | 4 | 0 |
| 0 | E | C | B | 9 | D | 7 | 1 | 8 | 6 | 4 | 3 | 5 | 2 | A |
| 8 | 2 | B | C | 7 | 6 | A | E | 4 | 5 | 0 | 9 | 1 | 3 | D |
| 9 | 3 | 7 | 4 | 1 | 0 | 6 | 2 | 5 | A | D | E | C | 8 | B |
| C | 5 | E | 0 | 4 | 7 | 2 | 3 | B | 1 | 9 | 8 | A | D | 6 |
| 3 | B | 0 | E | D | 5 | 9 | 8 | C | 7 | A | 6 | 2 | 1 | 4 |
| 2 | 7 | 4 | 8 | 6 | 3 | 1 | 5 | A | D | E | C | B | 0 | 9 |
| 6 | A | 9 | 2 | C | 1 | 0 | 7 | D | 4 | 3 | B | 8 | 5 | E |
| D | 8 | 1 | 9 | B | A | 4 | 6 | E | 2 | 5 | 0 | 7 | C | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆ ବଳଦ ମୋତେ ବିନ୍ଧ୍

ମହାଶୟ,

ବର୍ତ୍ତମାନ କରୋନା ଦାଉରୁ ରକ୍ଷା ପାଇବାକୁ ହେଲେ ସାମାଜିକ ଦୂରତା ହିଁ ପ୍ରମୁଖ ଅସ୍ତ୍ର। ଏଥିପାଇଁ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ବିଭିନ୍ନ ଜୋନ୍‌ରେ କଟକଣା ସାମାନ୍ୟ କୋହଳ ସତ୍ତ୍ୱେ ସାମାଜିକ ଦୂରତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବଜାର, ପରିବା ଦୋକାନ, ରାଶନ ଦୋକାନ ପ୍ରଭୃତି ସ୍ଥାନରେ ଜନଗହଳି ଦେଖିଲେ ଲାଗୁଛି ଭାରତ ତଥା ଓଡ଼ିଶାରେ ଜନସାଧାରଣ ସାମାଜିକ ଦୂରତା ପ୍ରତି କେତେ ସଚେତନ ? ଏମିତି କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକରେ ମଧ୍ୟ ଠିକ୍ ଏହି ଅବସ୍ଥା। ସେଠାକାର ଟିକ୍‌ଟକ୍ ତଥା ଅନ୍ୟାନ୍ୟ ବିଶୃଙ୍ଖଳତା ଏହାର ପ୍ରମାଣ। ଖୁବ୍ କମ୍ ଲୋକ ଏ ଦିଗ ପ୍ରତି ସଚେତନ। ଏହି ପରିପ୍ରେକ୍ଷୀରେ 'ଆ ବଳଦ ମୋତେ ବିନ୍ଧ୍' ଉକ୍ତିଟି ଯଥାର୍ଥ ଅର୍ଥାତ୍ ଜାଣିଶୁଣି ବିପଦବରଣ କରିବା, ଯାହା ଅତି ନିନ୍ଦନୀୟ।

ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ୱାରାଣ୍ଟାଇନ୍‌ରେ କୁମ୍ଭାରପଡ଼ା ଥାନାର ୩୦ କର୍ମଚାରୀ

■ କରୋନା ଆକ୍ରାନ୍ତ ଗିରଫ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ
■ ବିଶୋଧନ ହେଲା ଥାନା, ଆଜି ସମସ୍ତଙ୍କ ସ୍ୱାବ୍ ନମୁନା ସଂଗ୍ରହ

ପୁରୀ ଅଫିସ, ୧୭।୫

କ୍ୱାରାଣ୍ଟାଇନରେ ରହିଲେ କୁମ୍ଭାରପଡ଼ା ଥାନାର ସମସ୍ତ କର୍ମଚାରୀ। ଜଣେ କରୋନା ଆକ୍ରାନ୍ତ ଗିରଫ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ଏହି ଥାନାର ଆଇଆଇସିଙ୍କ ସମେତ ପ୍ରାୟ ୩୦ କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବାକୁ ପଡ଼ିଛି। ପ୍ରଶାସନ ପକ୍ଷରୁ ରବିବାର ସନ୍ଧ୍ୟାରେ ଥାନାକୁ ବିଶୋଧନ କରାଯାଇଥିବାବେଳେ ସୋମବାର ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ନମୁନା ସଂଗ୍ରହ ହେବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏକ ଚୋରି କେସ୍‌ରେ କୁମ୍ଭାରପଡ଼ା ପୋଲିସ ୩/୪ ଦିନ ତଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କର କୋଭିଡ୍ ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରବିବାର ସମ୍ପୃକ୍ତ ଅଭିଯୁକ୍ତଙ୍କ ରିପୋର୍ଟ ପଜିଟିଭ ବାହାରିଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ମିଳିବା ପରେ ଥାନା କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଥିଲା। ଅନ୍ୟପକ୍ଷରେ ରବିବାର ଅପରାହ୍ନ ସୁଦ୍ଧା ପୁରୀ ଜିଲାରୁ ବାହାରିଥିବା ୭ ପଜିଟିଭଙ୍କ ମଧ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମ ନ ଥିବା କୁହାଯାଉଛି। ତେବେ ରାତିରେ ଆଉ ୪ଜଣଙ୍କ କରୋନା ପଜିଟିଭ ମିଳିଛି। କିନ୍ତୁ ପୋଲିସ ଏବଂ ଜିଲା ପ୍ରଶାସନର ତତ୍ପରତା ଏବଂ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା କର୍ମଚାରୀମାନେ କ୍ୱାରାଣ୍ଟାଇନରେ ଯିବା ଏହାର ସତ୍ୟତାକୁ ସ୍ପଷ୍ଟ କରିଛି। ସନ୍ଧ୍ୟାରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଥାନାକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରିଥିବାବେଳେ ଥାନା ଖାଲି ରହିଛି। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସବୁ ପୋଲିସଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇ ନାହିଁ। ସମ୍ପୃକ୍ତ ଅଭିଯୁକ୍ତଙ୍କ ରିପୋର୍ଟ ପଜିଟିଭ ବାହାରିବା ପରେ ତାଙ୍କ କଣ୍ଟାକ୍ଟରେ ଆସିଥିବା ଲୋକମାନଙ୍କୁ ଟ୍ରେସିଂ କରାଯାଉଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ପୋଲିସ କର୍ମଚାରୀମାନଙ୍କୁ ଅସ୍ଥାୟୀ ଭାବେ ଗୋଟିଏ ଜାଗାରେ ରଖାଯାଇଛି। ସେମାନଙ୍କର ସ୍ୱାବ ସଂଗ୍ରହ କରାଯିବ।



କୁମ୍ଭାରପଡ଼ା ଥାନାକୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବିଶୋଧନ କରୁଛନ୍ତି।

# ଶିକ୍ଷା ଜଗତର ଆଲୋକବର୍ତ୍ତିକା-ପ୍ରଫେସର ବ୍ରଜବନ୍ଧୁ

ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଓଡ଼ିଶାର ଶିକ୍ଷା ଜଗତରେ ଏକ ସୁପରିଚିତ ନାମ। ଉଚ୍ଚକୋଟୀର ଶିକ୍ଷାବିତ୍ ଓ ଶିକ୍ଷା ପ୍ରଶାସକ ଭାବେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାରମୂଳକ କାର୍ଯ୍ୟକରି ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇ ଶିକ୍ଷାଜଗତର ଆଲୋକବର୍ତ୍ତିକା ଭାବେ ଆବିର୍ଭାବ ହୋଇଥିଲେ। ଛାତ୍ରୀଛାତ୍ରମାନଙ୍କ ଉପରେ ଶିକ୍ଷା ଯେଭଳି ବୋଝ ନ ହୁଏ, ତାହାକୁ କିଭଳି ବିଜ୍ଞାନସମ୍ମତ ଓ ଲୋକାଭିମୁଖୀ କରାଯାଇପାରିବ ସେଥିପାଇଁ ପ୍ରଫେସର ମିଶ୍ର ସର୍ବଦା ବିଶ୍ୱବିଦ୍ୟାଳୟର ମୂଳଦୁଆକୁ ସୁଦୃଢ଼ କରିବାକୁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଭାବେ ବୋର୍ଡ ପରୀକ୍ଷା ଢାଞ୍ଚା ଏବଂ ପ୍ରଥମେ କେନ୍ଦ୍ରୀୟ ମୂଲ୍ୟାଙ୍କନ ଆରମ୍ଭ କରି ଶୀଘ୍ର ପରୀକ୍ଷା ଫଳ ବାହାର କରିବା ପାଇଁ ଯତ୍ନବାନ ଥିଲେ। ସିକିମ୍ ଭଳି ଏକ ନୂତନ ରାଜ୍ୟର ଶିକ୍ଷା ସଚିବ ତଥା ନିର୍ଦ୍ଦେଶକ ପଦବୀରେ ରହି ସେ ରାଜ୍ୟର ନୂତନ ଭାବେ ଆଧୁନିକ ଶିକ୍ଷାପ୍ରଣାଳୀ ଆରମ୍ଭ କରିଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଗଣିତ ପୁସ୍ତକ ରଚନା କରିଥିଲେ, ଯାହାକୁ ରାଜ୍ୟ ସରକାର ସ୍କୁଲ ଏବଂ କଲେଜ ପାଠ୍ୟକ୍ରମରେ ସାମିଲ କରିଥିଲେ। ତାହା ଛାତ୍ରୀଛାତ୍ରଙ୍କ ଦ୍ୱାରା ବହୁଳ ଆଦୃତ ହୋଇଥିଲା। ଗଣିତ ଭଳି ଏକ ଜଟିଳ ବିଷୟକୁ ସେ ଅତି ସରଳ ଭାବେ ବୁଝାଉଥିଲେ।

୧୮ ମେ' ୧୯୨୦ରେ ସେ ତାଳଚେରଠାରେ ଜନ୍ମଗ୍ରହଣ କରି ୧୯୩୬ ମସିହାରେ ସ୍ଥାନୀୟ ଯୁବରାଜ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ। ତତ୍କାଳୀନ ବ୍ରିଟିଶ ଶାସନ ସମୟରେ ଜଣେ ମେଧାବୀ ଛାତ୍ର ଭାବେ ସେ ବହୁ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଥିଲେ। ପାଟନା ବିଶ୍ୱବିଦ୍ୟାଳୟରୁ ଆଇ.ଏସ୍.ସି. ଓ ୧୯୪୦ରେ ବି.ଏସ୍.ସି. (ଗଣିତ) ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିବର୍ଷ ରେଭେନ୍‌ଶା କଲେଜର ସବୁ ବିଷୟ ମଧ୍ୟରେ କେବଳ ସେ ଏକମାତ୍ର ଛାତ୍ର ଭାବେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୪୨ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ଗଣିତ)ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ପ୍ରାପ୍ତ କରିଥିଲେ। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏଏମ୍ ଡିଗ୍ରୀ ହାସଲ କରିଥିଲେ।

୧୯୪୨ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ଫେରି କଟକର ପ୍ରସିଦ୍ଧ ରେଭେନ୍‌ଶା କଲିଜିଏଟ୍‌ର ପ୍ରଧାନଶିକ୍ଷକ ଭାବରେ କିଛିକାଳ କାର୍ଯ୍ୟ କରିଥିଲେ। ଓଡ଼ିଶା ଟେକ୍ସଟବୁକ୍ ପବ୍ଲିକେଶନ୍‌ର ଅଧ୍ୟକ୍ଷ ଭାବେ ସେ ସବୁ ବିଜ୍ଞାନ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଇ ପାଠ୍ୟପୁସ୍ତକ ମୁଦ୍ରଣ କରାଉଥିଲେ। ଭାରତ ସରକାରଙ୍କ ଅଧୀନ ଦିଲ୍ଲୀଠାରେ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନାଲ ଆଡ୍‌ମିନିଷ୍ଟ୍ରେଶନ୍‌ର ପରାମର୍ଶଦାତା ଏବଂ ସିକିମ୍ ଶିକ୍ଷା ବିଭାଗର ସଚିବ ତଥା ଅଧ୍ୟକ୍ଷ ଭାବରେ ଗ୍ୟାଙ୍ଗ୍‌ଟକଠାରେ ଅବସ୍ଥାପିତ ହୋଇଥିଲେ।

ବ୍ରଜବନ୍ଧୁ ରେଭେନ୍‌ଶା କଲେଜର ଅଧ୍ୟାପକ ଓ ପ୍ରାଧ୍ୟାପକ ଥିବାବେଳେ ଶିକ୍ଷାଦାନ କରି ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅଧ୍ୟକ୍ଷ ତଥା ଜିଲା ସ୍କୁଲ ସମୂହର ଶିକ୍ଷା ନିରୀକ୍ଷକ, ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଦୁଇଥର ଅଧ୍ୟକ୍ଷ ଏବଂ ଖଲ୍ଲିକୋଟ କଲେଜର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରି ଜଣେ ଉତ୍ତମ ଶିକ୍ଷା ପ୍ରଶାସକ ଭାବେ ଦକ୍ଷତା ପ୍ରତିପାଦନ କରିଥିଲେ। ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର ପାଇଁ ଅଧିକ ଜମି ଅଧିଗ୍ରହଣ କରିବା ସହ ନୂତନ କୋଠା ନିର୍ମାଣ କରାଇ ଭିତ୍ତିଭୂମି ସୁଦୃଢ଼ କରିଥିଲେ। ଫଳରେ ଏହା ଏବେ ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇପାରିଛି। ୧୯୬୭ରେ ନବଗଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ରେଜିଷ୍ଟ୍ରାର ଏବଂ ପରେ ଓୟୁଏଟିର ରେଜିଷ୍ଟ୍ରାର ଭାବରେ କାର୍ଯ୍ୟ କରିଥିଲେ। ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସରକାର ହାତକୁ ନେବା ପରେ ତାଙ୍କୁ ଆଡ୍‌ମିନିଷ୍ଟ୍ରେଟର ଭାବେ ନିଯୁକ୍ତ କରିଥିଲେ। ଶିକ୍ଷା ସିଲେକ୍‌ସନ୍ ବୋର୍ଡର ଅଧ୍ୟକ୍ଷ, ଓଡ଼ିଶା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ୍‌ର ଅଧ୍ୟକ୍ଷ ଓ ସ୍କୁଲ ସମୂହର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ।

ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ଭାବରେ ଦେଶ ବିଦେଶର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଥିଲେ। ୧୯୯୯ ଡିସେମ୍ବର ୧୪ରେ ଭୁବନେଶ୍ୱରଠାରେ ତାଙ୍କର ବିୟୋଗ ଘଟିଥିଲା। ଅନେକ ଗରିବ ଛାତ୍ରଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରି ନିଜ ମହାନୁଭବତାର ପରିଚୟ ଦେଇଛନ୍ତି, ଯାହାକି ତାଙ୍କୁ ଏବେ ବି ସମସ୍ତଙ୍କ ମଧ୍ୟରେ ମହାନ୍ ଓ ଅମର କରି ରଖିଛି।


ଶତବାର୍ଷିକୀ ଉପଲକ୍ଷେ
(୧୮ ମେ' ୧୯୨୦ - ୧୪ ଡିସେମ୍ବର ୧୯୯୯)

# ବିଶେଷ ଟ୍ରେନ୍ ବ୍ୟବସ୍ଥା କରିବାକୁ କେନ୍ଦ୍ରକୁ ଚିଠି ଲେଖନ୍ତୁ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

କରୋନା ଯୋଗୁ ଦେଶବ୍ୟାପୀ ପ୍ରାୟ ୨ମାସ ହେବ ଲକ୍‌ଡାଉନ ଜାରି ରହିଛି। ଫଳରେ ଗରିବ, ଖଟିଖିଆ ଏବଂ ଦିନ ମଜୁରିଆମାନଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିବାବେଳେ ବାହାର ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ସରକାର ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏଭଳି ସମୟରେ ବାହାର ରାଜ୍ୟରେ ଅଟକି ରହିଥିବା ଓଡ଼ିଆ ଶ୍ରମିକ, ଛାତ୍ରୀଛାତ୍ର ତଥା ଅନ୍ୟ ଓଡ଼ିଆଙ୍କୁ ଫେରାଇ ଆଣିବା ପାଇଁ ଅଧିକ ଟ୍ରେନ୍ ଚଳାଚଳ କରାଯାଉ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ବିରୋଧୀ ଦଳ ନେତା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କରୋନା ଲକ୍‌ଡାଉନ ଯୋଗୁ ବାହାର ରାଜ୍ୟରେ ପାଠ ପଢ଼ିବାକୁ, କାମ କରିବା ପାଇଁ ଯାଇଥିବା ଓଡ଼ିଶାର ବହୁ ଭଉଣୀଭାଇ ଅଟକି ରହିଛନ୍ତି। ସେମାନେ ଓଡ଼ିଶା ଫେରିବାକୁ ବ୍ୟଗ୍ର ଅଛନ୍ତି। ରାଜ୍ୟ ସରକାର ଏବଂ ବିଭିନ୍ନ ବ୍ୟବସ୍ଥା ଦ୍ୱାରା ସେମାନେ ଓଡ଼ିଶା ଫେରିବାକୁ ଆକୁଳ ନିବେଦନ କରୁଛନ୍ତି। ଦିନରେ ସଡ଼କ ପଥରେ ରାଜ୍ୟକୁ ଫେରିବା ବିପଦସଙ୍କୁଳ। ଏପରି ପରିସ୍ଥିତିରେ ସୁଦୂର ରାଜ୍ୟଗୁଡ଼ିକରେ ଫସି ରହିଥିବା ଓଡ଼ିଆଙ୍କୁ ରେଳ ବ୍ୟବସ୍ଥା ଦ୍ୱାରା ଫେରାଇ ଆଣିବା ଏକ ମାତ୍ର ବିକଳ୍ପ। ରେଳ ମନ୍ତ୍ରଣାଳୟ ଅନ୍ୟ ରାଜ୍ୟରେ ଥିବା ଲୋକମାନଙ୍କୁ ନିଜ ଅଞ୍ଚଳକୁ ଫେରାଇ ଆଣିବା ପାଇଁ ବିଶେଷ ବ୍ୟବସ୍ଥା କରିଛି। କେନ୍ଦ୍ର ସରକାର ବିଶେଷ ବ୍ୟବସ୍ଥା କରି ଓଡ଼ିଶା ଭଳି ରାଜ୍ୟକୁ ଅଧିକ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଦିନକରେ ୫୦୮୩ କରୋନା ନମୁନା ପରୀକ୍ଷା

■ ବ୍ରହ୍ମପୁରସ୍ଥିତ ଆଇଜରକୁ ମିଳିଲା ଅନୁମତି
■ ଆଇସିଏଫ୍‌ଏମ୍‌ଡିରେ ଆରମ୍ଭ ହେଲା ପରୀକ୍ଷଣ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ରାଜ୍ୟରେ ଦିନକୁ ୫ହଜାର କୋଭିଡ୍-୧୯ ପରୀକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ଅନ୍ୟ ବିଭାଗର ମିଳିତ ପ୍ରୟାସ ପରେ ଏବେ ଟାର୍ଗେଟ ହାସଲ ହୋଇଛି। ୧୬ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୫୦୮୩ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ଭୁବନେଶ୍ୱର ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି)ରେ ୧୫୯୦ ନମୁନା ପରୀକ୍ଷଣ ହୋଇଥିବାବେଳେ ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍)ରେ ୧୪୨୫, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସ୍‌ସିବି)ରେ ୧୩୦୯, ଭୁବନେଶ୍ୱର ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ୍)ରେ ୩୦୧, ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ (ଏମ୍‌କେସିଜି)ରେ ୧୨୨, ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ (ଭିମ୍‌ସାର)ରେ ୫୬, ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ୍‌ସ (ଆଇଜିଏଚ୍)ରେ ୨୦୦ ଓ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ୮୦ ନମୁନା ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍-୧୯ ପରୀକ୍ଷଣ ସଂଖ୍ୟା ୯୧,୨୨୩ରେ ପହଞ୍ଚିଛି।

ସେପଟେ ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଜର)ରେ ନମୁନା ପରୀକ୍ଷଣ ନିମନ୍ତେ ଭୁବନେଶ୍ୱର ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଆବଶ୍ୟକ ଅନୁମୋଦନ ମିଳିଛି। ଅନ୍ୟପଟେ ରବିବାର ଖୋର୍ଦ୍ଧା ଅରଗୁଲସ୍ଥିତ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ (ଆଇସିଏଫ୍‌ଏମ୍‌ଡି)ଠାରେ କରୋନା ନମୁନା ପରୀକ୍ଷଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୯ଟି ନମୁନା ପରୀକ୍ଷଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ସୂଚନା ଦେଇଛି।

# ଜିଓରେ ନିବେଶ କରିବ ଜେନେରାଲ ଆଣ୍ଟଲାଣ୍ଟିକ୍

**ନୂଆଦିଲ୍ଲୀ, ୧୭।୫:** ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ ୟୁନିଟ୍ ଜିଓ ପ୍ଲାଟଫର୍ମରେ ଜେନେରାଲ ଆଣ୍ଟଲାଣ୍ଟିକ୍ ୧.୩୪% ଅଂଶଧନ ହାସଲ କରିଛି। ଏଥିଲାଗି ଉକ୍ତ ଗ୍ଲୋବାଲ ଇକ୍ୟୁଟି ଫାର୍ମ ଜିଓରେ ୬୫୯୮.୩୮ କୋଟି ଟଙ୍କା ନିବେଶ କରିବ ବୋଲି ଜଣାପଡିଛି। ଗତ ୪ ସପ୍ତାହ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ଏହା ହେଉଛି ୪ର୍ଥ ବଡ ଧରଣର ନିବେଶ। ଏହା ପୂର୍ବରୁ ଫେସ୍‌ବୁକ୍, ସିଲ୍‌ଭର ପାର୍ଟନର, ଭିଷ୍ଟା ଇକ୍ୟୁଟି ପାର୍ଟନର ପ୍ରମୁଖ ଜିଓରେ ନିବେଶ କରିଛନ୍ତି। ଏହି ଡିଲ୍ ଦ୍ୱାରା ଜିଓ ସହ ଅନ୍ୟ ଏକ ଷ୍ଟ୍ରାଟେଜିକ ପାର୍ଟନର ମଧ୍ୟ ଯୋଡି ହୋଇଛି। ଏହି ସମୟ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୬୭,୧୯୪.୭୫କୋଟି ଟଙ୍କାର ନିବେଶ ହାସଲ କରିବାକୁ ସକ୍ଷମ ହୋଇଛି। ଯାହାଫଳରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଋଣ ହ୍ରାସ କରିବା ଦିଗରେ ଏହା ସହାୟତା କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ପ୍ରବାସୀ ଜାଣିପାରିବେ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ ସେଣ୍ଟର ସମ୍ପର୍କିତ ତଥ୍ୟ

**ଭୁବନେଶ୍ୱର, ୧୭।୫(ବ୍ୟୁରୋ):** କରୋନାର ସଠିକ୍ ତଥ୍ୟ ଓ ପରିଚାଳନା ପାଇଁ ଓଡିଶା ସ୍ପେଶ ଆପ୍ଲିକେସନସ୍ ସେଣ୍ଟର ତରଫରୁ ଏକ ଭୌଗୋଳିକ ତଥ୍ୟ ବ୍ୟବସ୍ଥା ଜିଆଇଏସ୍ ପ୍ରସ୍ତୁତ କରିଛି। ଏହାଦ୍ୱାରା ବିଦେଶୀ ପ୍ରବାସୀ ଭଉଣୀ, ଭାଇମାନେ ରାଜ୍ୟର ପ୍ରତ୍ୟେକ ଜିଲାର ବ୍ଲକ, ଗ୍ରାମ ପଞ୍ଚାୟତ ତଥା ଗ୍ରାମରେ କରୋନା ପାଇଁ ନିଆଯାଇଥିବା ପଦକ୍ଷେପ ପଦକ୍ଷେପ ସମ୍ପର୍କରେ ଜାଣିପାରିବେ। ଏଥିସହିତ ସଙ୍ଗରୋଧ ସ୍ଥାନର ସଠିକ ନିରୂପଣ, ସେଠାରେ ଥିବା ସୁବିଧା ଓ ଶଯ୍ୟା ସଂଖ୍ୟା ଓ ସେହି କେନ୍ଦ୍ର ଦାୟିତ୍ୱରେ ଥିବା ନୋଡାଲ ଅଫିସର ଓ ତାଙ୍କ ମୋବାଇଲ ନମ୍ବର ତଥ୍ୟ ମିଳିପାରିବ। ଏଥିସହ ସଙ୍ଗରୋଧ କେନ୍ଦ୍ରର ଫଟୋ ମଧ୍ୟ ହେବ। ଏହି ସୂଚନା ଓଆରଏସଏସି ପକ୍ଷରୁ ଦିଆଯାଇଥିବା ମୁଖ୍ୟ ଶାସନ ସଚିବଙ୍କ ଲୋକସମ୍ପର୍କ ଅଧିକାରୀ କହିଛନ୍ତି।



# ଭଡ଼ାଘରେ ଚାଲିଥିଲା ନକଲି ଜର୍ଦ୍ଦା କାରଖାନା

୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜର୍ଦ୍ଦା ଜବତ, ୩ ଅଟକ

ଭଦ୍ରକ ଅଫିସ, ୧୭।୫

ଲକ୍‌ଡାଉନ୍ ସମୟରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ନକଲି ଜର୍ଦ୍ଦା ବ୍ୟବସାୟୀମାନେ ନିଜର କାୟାବିସ୍ତାର କରିବାରେ ଲାଗିଛନ୍ତି। ଭଡ଼ାଘରେ ସେମାନେ କାରଖାନା ଖୋଲି କାରବାର ଚଳାଇଛନ୍ତି। ରବିବାର ଭଦ୍ରକ ଟାଉନ ପୋଲିସ ଏପରି ଏକ ନକଲି ଜର୍ଦ୍ଦା କାରଖାନାର ପର୍ଦ୍ଦାଫାଶ କରିଛି। ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ସହ ଯନ୍ତ୍ରାଂଶ ଜବତ କରାଯାଇଛି। ଏହାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଣେ ଯୁବକ ଓ ଅନ୍ୟ ୨ ସହଯୋଗୀଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

କଣ୍ଟାବଣିଆର ବଖରାବାଡି ଗାଁର ଦୁଇଟି ଭଡ଼ାଘରେ ଏହି ନକଲି କାରଖାନା ଚାଲିଥିଲା। ଖବରପାଇ ରବିବାର ମଧ୍ୟାହ୍ନରେ ଟାଉନ ପୋଲିସ ଚଢ଼ାଉ କରିଥିଲା। ଘର ଭିତରୁ ବିଭିନ୍ନ ନାମୀଦାମୀ କମ୍ପାନୀର ନକଲି ଜର୍ଦ୍ଦା, ପ୍ୟାକିଂ ମେଶିନ, ଏସେନ୍ସ, ଲେବୁଲ, ଡବା ସମେତ ଲକ୍ଷାଧିକ ଟଙ୍କାର କଞ୍ଚାମାଲ ଜବତ କରାଯାଇଛି। ଜବତ ଜର୍ଦ୍ଦାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଟାଉନ ଥାନାଧିକାରୀ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି। ପୁରୁଣାବଜାର ଅଞ୍ଚଳର ବହୁ ନକଲି ଜର୍ଦ୍ଦା ବ୍ୟବସାୟୀ ଏହି ଘଟଣା ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅଟକ ଯୁବକମାନଙ୍କୁ ଜେରା କରାଯିବା ପରେ ଏହି ନକଲି କାରବାର ପଛରେ କେଉଁମାନେ ସମ୍ପୃକ୍ତ ତାହା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।


ଜବତ ନକଲି ଜର୍ଦ୍ଦା ସାମଗ୍ରୀ।

# ସଙ୍ଗରୋଧ କେନ୍ଦ୍ରରୁ ସ୍ୱଚ୍ଛ ବାର୍ତ୍ତା

ଝାଡୁ ମାରିଲେ, ଗଛରେ ପାଣି ଦେଲେ

ଅନୁଗୋଳ ଅଫିସ, ୧୭।୫

ଅନୁଗୋଳ ପୌର ପ୍ରଶାସନ ପକ୍ଷରୁ କରାଯାଇଥିବା ଦୁଇଟି କ୍ୱାରାଣ୍ଟାଇନ୍ ସେଣ୍ଟରରେ କିଛି ଦିନ ହେଲା ଅଶାନ୍ତିକର ବାତାବରଣ ସୃଷ୍ଟି ହୋଇଥିଲା। ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀ ଶ୍ରମିକମାନେ ଗତ ୧୪ ତାରିଖରେ ଭାତ ବଦଳରେ ରୁଟି ଦେବାକୁ ଅଡ଼ି ବସିଥିଲେ। ସେହିପରି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ବିହାରୀ ଶ୍ରମିକମାନେ ଘରକୁ ନ ଛାଡ଼ିଲେ ଆତ୍ମହତ୍ୟା କରିବାକୁ ୧୫ ତାରିଖରେ ଧମକ ଦେଇଥିଲେ। ହେଲେ ରବିବାର ଟାଉନ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଆସିଛି ସ୍ୱଚ୍ଛତାର ବାର୍ତ୍ତା। ଏଠାରେ ସଙ୍ଗରୋଧରେ ଥିବା ଶ୍ରମିକମାନେ ନିଜ ପରିବେଶ ପରିଷ୍କାର କରି ବେଶ୍ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଅନୁଗୋଳ ଟାଉନ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ଏବେ ୧୦ ଜଣ ଶ୍ରମିକଙ୍କୁ ରଖାଯାଇଛି। ସମସ୍ତେ ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବାରୁ କେହି କାହାର ପରିଚିତ ମଧ୍ୟ ନୁହନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ ଏକ ଆତ୍ମୀୟତା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଉଛି। ସମସ୍ତେ ସଚେତନ ରହିବା ସହ କୋଭିଡ-୧୯ ବିରୋଧୀ ଯୁଦ୍ଧରେ ସହଯୋଗ ଦେବାକୁ ନିଷ୍ପତ୍ତି କରିଛନ୍ତି। ସେଥିପାଇଁ ସେମାନେ କ୍ୱାରାଣ୍ଟାଇନ୍ କେନ୍ଦ୍ର ପରିସରକୁ ସଫାସୁତରା ରଖିବାକୁ ଆଗ୍ରହ ଦେଖାଇଛନ୍ତି। ରବିବାର ସେମାନେ ହାତରେ ଝାଡୁ ଧରି ସଫେଇ କରିବା ସହ ଚଟାଣ ଧୋଇବା, ଗଛରେ ପାଣି ଦେବା ଭଳି କାର୍ଯ୍ୟ କରି ଏକ ସୁସ୍ଥ ପରିବେଶ ଫେରାଇ ଆଣିଛନ୍ତି। ସେହିପରି ସେମାନେ ବ୍ୟବହାର କରୁଥିବା ପାଇଖାନା ଓ ଗାଧୁଆ ଘରକୁ ମଧ୍ୟ ପରିଷ୍କାର କରିଛନ୍ତି। ଏ ନେଇ ଶ୍ରମିକମାନେ କହିଛନ୍ତି, ଏଠାରେ ରହୁଥିବାରୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ନିଷ୍ପତ୍ତି ନେଇଛୁ। ସମୟ ଅତିବାହିତ କରିବାର ଏହା ମଧ୍ୟ ଏକ ମାଧ୍ୟମ। ପ୍ରବାସୀ ଶ୍ରମିକମାନଙ୍କ ଏପରି ସୁସ୍ଥ ଚିନ୍ତାଧାରାକୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ମଧ୍ୟ ପ୍ରଶଂସା କରିଛନ୍ତି। ଏପରି ମାନସିକତା ସମସ୍ତଙ୍କ ନିକଟରେ ରହିବା ଆବଶ୍ୟକ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।


ସଙ୍ଗରୋଧ କେନ୍ଦ୍ର ସଫେଇ କରୁଛନ୍ତି ଶ୍ରମିକମାନେ।


## ତହସିଲ କାର୍ଯ୍ୟାଳୟ, ବେଲପଡା, ଜିଲ୍ଲା ବଲାଙ୍ଗୀର

ବିଜ୍ଞାପନ ସଂଖ୍ୟା ୮୭୦/ତା୧୬।୦୫।୨୦୨୦

### ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬ ଅନୁଯାୟୀ)

ତହସିଲ ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସୈରାତ ଉତ୍ସଗୁଡିକର ବର୍ଷ ୨୦୨୦-୨୧ ଠାରୁ ଅନ୍ୟୁନ ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି, ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବେଲପଡା ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (Form-M) ପୂରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା ତା୨୦।୦୫।୨୦୨୦ରିଖଠାରୁ ତା୦୫।୦୬।୨୦୨୦ରିଖ ସମୟ ୧.୩୦ ଘଟିକା ସୁଦ୍ଧା ଜଉମୁଦ ଲଫାପା (Sealed Cover) ରେ ସୈରାତ ଉତ୍ସର ନାମ ଲଫାପା ଉପରେ ଉଲ୍ଲେଖିତକରି ପକାଇପାରିବେ । (ଛୁଟି ଦିନ ବ୍ୟତୀତ) ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ ୦୬।୦୬।୨୦୨୦ ପୂର୍ବାହ୍ନ ଘ୦୯.୦୦ ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା Website -http://balangir.nic.in ରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଶେଷ ନ ହୋଇ ପାରେ ତାହେଲେ ପରବର୍ତ୍ତୀ ତା୧୨।୦୬।୨୦୨୦ ଓ ତା ୧୯।୦୬।୨୦୨୦ ରିଖରେ ପର୍ଯ୍ୟାୟକ୍ରମେ ଆବେଦନ ଫର୍ମ ପୂରଣ କରିପାରିବେ ଓ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

ଦାଖଲ କରିବାକୁ ଥିବା ଦଲିଲ୍ କାଗଜାତ୍

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ ।
୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ । ("0853-Non-ferrous mining & Metllurgical 102-mineral Concession fees, rents & royalties-0217-receipts under Odisha Minor Minerals concession fees (new)-02021-collection of fees, rents & royalties (new)")
୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ବେଲପଡାଙ୍କ ନାମରେ (Payable at Belpara) ପ୍ରଦାନ କରିବେ । [EMD i.e. 5% of {Minimum Guaranteed Quantity x (Royalty+Additional Charges)}]
୪. କୌଣସି ମାଇନିଙ୍ଗ୍ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।
୫. ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ {Minimum Guaranteed Quantity x (Royalty+Additional Charges)} ଠାରୁ ଅଧିକ ହୋଇଥିବ ।
୬. Income Tax Clearance କିମ୍ବା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ । (ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ website: www.balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ ।)

ସୈରାତ ଉତ୍ସଗୁଡିକର ତାଲିକା

| କ୍ର.ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା ଏକର | ରକବା ହେକ୍ଟର | ସର୍ବନିମ୍ନ ରୟାଲଟି ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦର | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ପଥରଖାଦାନ-୧ | ମଣ୍ଡଳ | ୨୨୯ | ୩୪ | ୧୧.୧୨ | ୪.୫୦ | ୧୩୦.୦୦ | ୭.୦୦ | ୧୮୫୦ | ୨୧୩୭୨.୦୦ |
| ୨ | ପଥରଖାଦାନ-୨ | ମଣ୍ଡଳ | ୨୨୯ | ୨୧୯, ୨୨୮, ୩୪୮ | ୪.୨୯ | ୧.୭୩୬ | ୧୩୦.୦୦ | ୭.୦୦ | ୨୨୫୦ | ୧୫୩୭୨.୦୦ |
| ୩ | ପଥରଖାଦାନ | ଡକରା | ୧୨୬ | ୧୭୪,୧୮୩ | ୨.୬୮ | ୧.୦୮ | ୧୩୦.୦୦ | ୭.୦୦ | ୧୫୦୦ | ୧୦୨୭୫.୦୦ |
| ୪ | ପଥରଖାଦାନ | ଆଡମୁଣ୍ଡା | ୫୮ | ୬୬ | ୪.୯୦ | ୧.୯୮୨ | ୧୩୦.୦୦ | ୭.୦୦ | ୨୯୭୦ | ୨୦୩୪୫.୦୦ |
| ୫ | ପଥରଖାଦାନ | ଡରା | ୧୧୯ | ୯୭୯ | ୬.୨୦ | ୨.୫୦ | ୧୩୦.୦୦ | ୭.୦୦ | ୨୦୮୦ | ୧୪୨୪୮.୦୦ |
| ୬ | ପଥରଖାଦାନ | ମାଲିଝର | ୭୬ | ୬୩୩ | ୬.୬୦ | ୨.୬୬ | ୧୩୦.୦୦ | ୭.୦୦ | ୧୭୫୦ | ୧୧୯୮୮.୦୦ |
| ୭ | ପଥରଖାଦାନ | ଦୁଙ୍ଗୁରିପାଲି-୧ | ୧୦୪ | ୨୫୬, ୧୫୩, ୧୫୪, ୨୯୮, ୩୧୮, ୩୭୮, ୩୮୪, ୩୮୫, ୨୫୬/୧୩୯, ୨୫୬/୧୨୪୦, ୨୫୬/୧୨୮୧, ୨୫୬/୧୨୫୨, ୩୩୮, ୩୫୬, ୩୮୨, ୩୩୨,୩୩୭ | ୭.୫୭ | ୩.୦୨୩ | ୧୩୦.୦୦ | ୭.୦୦ | ୧୭୦୨ | ୧୧୬୫୯.୦୦ |
| ୮ | ପଥରଖାଦାନ | ବାହାବଳ | ୧୨୦ | ୨୫୪, ୭୮୪ | ୨.୬୯ | ୧.୦୮ | ୧୩୦.୦୦ | ୭.୦୦ | ୧୭୦୨ | ୧୨୬୭୩.୦୦ |
| ୯ | ବାଲିଖାଦାନ | ମଣ୍ଡଳ | ୨୨୯ | ୧୬୦୨, ୧୬୦୨/୧୬୨୩ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୩୫୦୦ | ୬୪୭୫.୦୦ |
| ୧୦ | ବାଲିଖାଦାନ | ଧୂମାଉଟା | ୨୯୫ | ୨୫୨୦ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦.୦୦ |
| ୧୧ | ବାଲିଖାଦାନ | ନୁନହାଡ | ୨୦୪ | ୮୧୪ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦.୦୦ |

ସ୍ୱା/- ତହସିଲଦାର, ବେଲପଡା

## ସଂକ୍ଷେପରେ

### କଟକ ଛାଡ଼ିଲେ ୧୫୧ ପ୍ରବାସୀ

**କଟକ ଅଫିସ,୧୭।୫:** ୧୫୧ ଜଣ ପ୍ରବାସୀ ରବିବାର କଟକ ଛାଡ଼ିଛନ୍ତି। ୩ଟି ବସ୍ ଯୋଗେ ସେମାନଙ୍କୁ ନିଜ ନିଜ ରାଜ୍ୟକୁ ପଠାଯାଇଛି ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ସେହି ପ୍ରବାସୀମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୩୫, ବିହାରର ୨୨, ଝାଡ଼ଖଣ୍ଡର ୩, ଜମ୍ମୁ-କଶ୍ମୀରର ୨, ପଶ୍ଚିମବଙ୍ଗର ୮୯ ଜଣ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ୮ଟି ବସ୍‌ରେ ୩୪୯ ଜଣ ପ୍ରବାସୀ କଟକ ଛାଡ଼ିଥିଲେ।

### ଡାଲି ବଣ୍ଟନରେ ଅନିୟମିତତା

**ଖୋର୍ଦ୍ଧା ଅଫିସ,୧୭।୫:** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଗେଡିଆପଲି ପଞ୍ଚାୟତରେ ଡାଲି ବଣ୍ଟନରେ ଅନିୟମିତତା ହେଉଥିବା କେତେଜଣ ରାଶନ କାର୍ଡ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏପରିକି ଡାଲି ନିମ୍ନମାନର ଦିଆଯାଉଛି। ଅନ୍ୟପଟେ ଏହି ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ଶୁଭଶ୍ରୀ ତ୍ରିପାଠୀ କହିଛନ୍ତି। ସୂଚନାଥାଉ କି, କରୋନା ଲାଗି ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଫଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଏହି ସମୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ହିତାଧିକାରୀଙ୍କୁ ୩ମାସର ଚାଉଳ ଓ ଡାଲି ଯୋଗାଇ ଦିଆଯାଉଛି। କିନ୍ତୁ ଗେଡ଼ିଆପଲି ପଞ୍ଚାୟତରେ ହିତାଧିକାରୀଙ୍କ ଲାଗି ଉଦ୍ଦିଷ୍ଟ ଧାର୍ଯ୍ୟ ଡାଲିରୁ ପ୍ରାୟ ୨ଶହ ଗ୍ରାମ କମ୍ ଦିଆଯିବା ସହ ନିମ୍ନମାନର ହୋଇଥିବା କେତେଜଣ ହିତାଧିକାରୀ କହିଛନ୍ତି। ଏହାର ପ୍ରତିବାଦ କଲେ, ସେମାନଙ୍କୁ ହଇରାଣ କରାଯାଉଛି। ଏହାର ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ପେଟ୍ରୋଲ, ଡିଜେଲ ଉପରୁ ଟିକସ ବୃଦ୍ଧି ପ୍ରତ୍ୟାହାର ଦାବି

**ଭୁବନେଶ୍ୱର,୧୭।୫ (ବ୍ୟୁରୋ):** ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଉଥିଲେ ମଧ ଭାରତର ସାଧାରଣ ଜନତା ଏହାର ସୁଫଳ ପାଇପାରୁନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜସ୍ୱ ବଢ଼ାଇବା ଆଳରେ ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ବୃଦ୍ଧି କରି ଜନତାଙ୍କୁ ଶୋଷଣ କରି ଚାଲିଛନ୍ତି ବୋଲି ସମାଜବାଦୀ ପାର୍ଟି ଓଡିଶା ରାଜ୍ୟ କମିଟି ଅଭିଯୋଗ କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ଗତ ସପ୍ତାହରେ କେନ୍ଦ୍ର ସରକାର ସେସ ଓ ଅତିରିକ୍ତ ଉତ୍ପାଦନ ଶୁଳ୍କ ବାବଦକୁ ପେଟ୍ରୋଲ ଉପରେ ଲିଟର ପିଛା ୧୦ଟଙ୍କା ଓ ଡିଜେଲରେ ୧୩ ଟଙ୍କା ବୃଦ୍ଧି କରିଥିଲେ। ଏବେ ଓଡିଶା ସରକାର ଭାଟ ବୃଦ୍ଧି କରିଥିବାରୁ ପେଟ୍ରୋଲ ଲିଟର ପିଛା ୩ ଟଙ୍କା ୧୧ ପଇସା ଓ ଡିଜେଲ ଲିଟର ପିଛା ୧ ଟଙ୍କା ୩ ପଇସା ବଢ଼ିଛି। ଏହି ଟିକସ ଜନିତ ମୂଲ୍ୟ ବୃଦ୍ଧିର ପ୍ରଭାବ ମାଲ ପରିବହନ ଓ ଗାଡ଼ି ଭଡା ଉପରେ ମଧ ପଡ଼ିବାକୁ ଯାଉଛି। ଫଳରେ ଡାଲି, ତେଲ, ଚିନି ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପାଇବ। କରୋନା ମହାମାରୀ ସହ ଓଡ଼ିଶାବାସୀ ଲଢୁଥିବାବେଳେ ଆଗକୁ ବାତ୍ୟାକୁ ମଧ ସାମ୍ନା କରିବେ। ଏପରିସ୍ଥଳେ ତୈଳ ଦର ବୃଦ୍ଧି ଦୁର୍ଭାଗ୍ୟ ଓ ଜନବିରୋଧୀ। ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଟିକସ ବୃଦ୍ଧିକୁ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି।

### ଛାତରୁ ଖସିପଡ଼ି ଯୁବକ ମୃତ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର,୧୭।୫(ଡି.ଏନ୍.ଏ):** ନୟାଗଡର ଏକ ଚାଉଳ ଗୋଦାମର ୩୦ ଫୁଟ ଆଜବେଷ୍ଟସ ଛାତରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଶିଷ ଶତପଥୀ(୨୩)। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଅନ୍ୟପଟେ ଆଶିଷ ଛାତ ଉପରେ ଟିକ୍‌ଟକ୍ କରୁଥିବା ବେଳେ ଅସାବଧାନତା କାରଣରୁ ତଳକୁ ଖସିପଡ଼ିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଆଶିଷଙ୍କ ଘର ଯାଜପୁର ହୋଇଥିବା ବେଳେ ସେ ପରିବାର ସହ କପିଳେଶ୍ୱରରେ ରହୁଛନ୍ତି। ସେ ଆଜବେଷ୍ଟସ କାମ କରନ୍ତି। ନୟାଗଡରେ ଏକ ଚାଉଳ ଗୋଦାମର ୩୦ ଫୁଟ ଉପରେ ଥିବା ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ବାତ୍ୟାକୁ ଦୃଷ୍ଟିରେ ରଖି ମାଲିକ ସଜାଡିବା ପାଇଁ ଆଶିଷଙ୍କୁ ଡାକିଥିଲେ। ହେଲେ କାମ କରିବା ସମୟରେ ଆଶିଷ ତଳକୁ ଖସି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯିବାରୁ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୋତିଆବିନ୍ଦୁ ରୋଗୀଙ୍କ ସଙ୍କଟ ବଢ଼ିଲା

କଟକ ଅଫିସ,୧୭।୫

**ଲକ୍‌ଡାଉନ୍ ପାଇଁ ପଛେଇଯାଇଛି ଅନ୍ଧତ୍ୱ ଦୂରୀକରଣ ଯୋଜନା**

- ଏସ୍‌ସିବିରେ ମାସକୁ ୧୦୦୦ରୁ ଅଧିକ ରୋଗୀଙ୍କ ହେଉଥିଲା ମୋତିଆବିନ୍ଦୁ ଅସ୍ତ୍ରୋପଚାର
- ସେହି ସଂଖ୍ୟା ଏବେ ଦ୍ରୁତଗତିରେ ଖସୁଛି

କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ଜାରି ହୋଇଥିବା ଲକ୍‌ଡାଉନ ଯୋଗୁ ଏବେ ସରକାରଙ୍କ ଅନ୍ଧତ୍ୱ ଦୂରୀକରଣ ଯୋଜନା ଅନେକ ଯୋଜନ ପଛକୁ ଚାଲିଯାଇଛି। ପ୍ରତି ମାସରେ ଯେଉଁ ସଂଖ୍ୟାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହେଉଥିଲା, ଲକ୍‌ଡାଉନ ଯୋଗୁ ସେହି ସଂଖ୍ୟା ଏବେ ଦ୍ରୁତଗତିରେ ଖସୁଥିବା ଦେଖିବାକୁ ମିଳୁଛି। ସବୁଠି ଅନ୍ଧତ୍ୱ ବଢ଼ିବାରେ ଲାଗିଛି।

ତଥ୍ୟ ଅନୁଯାୟୀ, ୫୦ ପ୍ରତିଶତ ଲୋକଙ୍କଠାରେ ମୋତିଆବିନ୍ଦୁର ଅଳ୍ପ ବହୁତ ଲକ୍ଷଣ ଥାଏ । ସେମାନଙ୍କ ମଧ୍ୟରୁ କେତେକ ଚଷମା କିମ୍ବା ଅନ୍ୟ ଚିକିତ୍ସା ପଦ୍ଧତି ଆପଣାଉଥିବା ବେଳେ ଅବଶିଷ୍ଟ ରୋଗୀଙ୍କ ପାଇଁ ମୋତିଆ ବିନ୍ଦୁ ହିଁ ଏକ ମାତ୍ର ବିକଳ୍ପ। ଏହି ଶ୍ରେଣୀଭୁକ୍ତ ରୋଗୀଙ୍କ ପରଳକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅସ୍ତ୍ରୋପଚାର ଦ୍ୱାରା ବାହାର କରା ନ ଗଲେ ତାହା ପରେ ଫାଟିଯିବା କାରଣରୁ ଅନ୍ଧତ୍ୱର ଶିକାର ହେବାକୁ ପଡ଼ିଥାଏ। ଏବେ ଏଭଳି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦୈନିକ ଏ ବାବଦରେ ଏସ୍‌ସିବିର ଚକ୍ଷୁ ବିଭାଗ ଓ ଅନ୍ୟ ଚକ୍ଷୁ ଚିକିତ୍ସାଳୟକୁ ଶତାଧିକ ଲୋକ ଆସି ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ କେବଳ ଦୁର୍ଘଟଣା ଓ ସଙ୍କଟାପନ୍ନ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଉଥିବାରୁ ମୋତିଆବିନ୍ଦୁ ରୋଗୀଙ୍କ କଥା ଗୌଣ ହୋଇଯାଇଛି।

ଏସ୍‌ସିବି ଚକ୍ଷୁ ବିଭାଗ ମୁଖ୍ୟ ଡା. ପ୍ରଶାନ୍ତ କୁମାର ନନ୍ଦଙ୍କ କହିବା ଅନୁଯାୟୀ, ଏସ୍‌ସିବିରେ ମାସକୁ ୧୦୦୦ରୁ ଅଧିକ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଉଥିଲା । କିନ୍ତୁ କରୋନା ଆରମ୍ଭ ହେବା ପରଠାରୁ ଏହି ସଂଖ୍ୟା ଏବେ ବହୁ ତଳକୁ ଖସି ଆସିଛି । ଏହା ସମାଜରେ ଅନ୍ଧତ୍ୱ ବଢ଼ିବାର ଆଶଙ୍କାକୁ ବହୁଗୁଣିତ କରିବ। ସଦ୍ୟତମ ଗବେଷଣା ଦର୍ଶାଉଛି ଯେ ଆଖି ମାଧ୍ୟମରେ କରୋନା ସଂକ୍ରମଣ ଆଶଙ୍କା ୨ରୁ୪ ପ୍ରତିଶତ ରହିଥାଏ । ଏହି କାରଣ ଯୋଗୁ ଚକ୍ଷୁ ବିଭାଗରେ ଉପରୋକ୍ତ ଚିକିତ୍ସା ମଧ ଏକ ପ୍ରକାର ପ୍ରଭାବିତ ହୋଇଛି । ସେହିପରି ମୋତିଆବିନ୍ଦୁ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଆଲୋକ କୁମାର ସାହୁ କହିଛନ୍ତି, ଲକ୍‌ଡାଉନ ଅବଧି ବାରମ୍ବାର ବଢ଼ିବାରେ ଲାଗିଛି । ଏଣେ ଦୈନିକ ଅନେକ ରୋଗୀ ବାରମ୍ବାର ଆମ ପାଖକୁ ଆସି ଅସ୍ତ୍ରୋପଚାର ପାଇଁ ଅନୁରୋଧ କରୁଛନ୍ତି। ଏହି ସ୍ଥିତି ସତର୍କ କରାଇଦେଉଛି ଯେ, ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଆହୁରି ବିଳମ୍ବ କରାଯିବା ଦ୍ୱାରା ଭୟଙ୍କର ପରିସ୍ଥିତି ଉପୁଜିବ।



ସମ୍ଭାବ୍ୟ ବାତ୍ୟା ଅମ୍ଫାନ୍‌କୁ ନେଇ ରବିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ମାର୍କେଟ ବିଲ୍ଡିଂରେ ଚାଲିଲା ବେପାର

ଭୁବନେଶ୍ୱର,୧୭।୫(ବ୍ୟୁରୋ)


ମାର୍କେଟ ବିଲ୍ଡିଂରେ ବିନା ଅନୁମତିରେ ଖୋଲାଯାଇଥିବା ଦୋକାନରେ ଗ୍ରାହକଙ୍କ ଭିଡ଼।

**ବିନା ଅନୁମତିରେ ଖୋଲାଯାଇଛି: ବିଏମ୍‌ସି**

କରୋନା ଲାଗି ସରକାର ଭୁବନେଶ୍ୱରର ସମସ୍ତ ମାର୍କେଟ୍ କମ୍ପ୍ଲେକ୍ସ, ମଲ୍, ମଲ୍ଟିପ୍ଲେକ୍ସ ବନ୍ଦ କରିଛନ୍ତି। କେବଳ ସାମାନ୍ୟ କେତୋଟି ହାଟ ବଜାର ଓ ଭେଣ୍ଡିଂ ଜୋନ୍ ସକାଳ ୬ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ଯାଏ ଖୋଲା ରହିବ ଓ ସର୍ବ ନିମ୍ନ କର୍ମଚାରୀଙ୍କୁ ନେଇ ବ୍ୟବସାୟ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ଦ୍ଦେଶନାମା ଜାରି କରିଛି। ହେଲେ ଏହି ନିର୍ଦ୍ଦେଶନାମାକୁ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଥିବା ବ୍ୟବସାୟୀମାନେ ଖୋଲାଖୋଲି ଉଲ୍ଲଂଘନ କରିଥିବା ରବିବାର ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ସ୍ୱାଭାବିକ୍ ଭାବେ ଦୋକାନ ବଜାର ଖୋଲି ବେପାର କରିଥିବାର ନଜରକୁ ଆସିଛି। ଏପରିକି ଦୋକାନୀ ଏବଂ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହି ନ ଥିବାବେଳେ ୬ରୁ ୮ ଗ୍ରାହକ ଏକାଠି ହୋଇ ସାମଗ୍ରୀ କିଣୁଥିବାର ଦେଖିବାକୁ ମିଳିଥିଲା। ଏ ନେଇ ମାର୍କେଟ ଦାୟିତ୍ୱରେ ଥିବା ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କୁହନ୍ତି, ବିଏମ୍‌ସିର ବିନା ଅନୁମତିରେ ମାର୍କେଟ୍ ବିଲ୍ଡିଂ ବ୍ୟବସାୟୀମାନେ ଦୋକାନ ଖୋଲିଛନ୍ତି। ଏବେ ସେମାନଙ୍କ ଉପରେ ବିଏମ୍‌ସି ମୋଟା ଅଙ୍କର ଜରିମାନା ଆଦାୟ କରିବ। ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ଦୋକାନୀମାନଙ୍କ ଟ୍ରେଡ୍ ଲାଇସେନ୍ସ ଯାଞ୍ଚ କରାଯାଇ ରଦ୍ଦ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ବାପୁଜୀ ନଗରରେ ବ୍ୟବସାୟୀମାନେ ବିଏମ୍‌ସିଠାରୁ ବିନା ଅନୁମତିରେ ଦୋକାନ ଖୋଲିଥିବାରୁ ବିଏମ୍‌ସି ବାପୁଜୀ ନଗର ସିଲ୍ କରିଥିଲା।

## ସରିଲା ଶ୍ରୀଲିଙ୍ଗରାଜଙ୍କ ଭିତର ଚନ୍ଦନଯାତ୍ରା

**ପୁରୁଣା ଭୁବନେଶ୍ୱର,୧୭।୫(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜଙ୍କ ଭିତର ଚନ୍ଦନ ଯାତ୍ରା ରବିବାର ଶେଷ ହୋଇଛି। ପ୍ରାତଃରୁ ଶ୍ରୀଜୀଉଙ୍କ ମଙ୍ଗଳଆଳତି, ଅବକାଶ, ରୋଷହୋମ, ଛାମୁ ପରିଷ୍କାର ପରେ ମହାସ୍ନାନ ସହ ବେଶ କରାଯାଇଥିଲା। ଏହା ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀଙ୍କ ଖଇଦହି ବଲ୍ଲଭ, ସକାଳ ଧୂପ, ଠାକୁରାଣୀଙ୍କ ସକାଳଧୂପ, ଭୋଗମଣ୍ଡପ ସରିବା ପରେ ଶ୍ରୀଜୀଉଙ୍କୁ ପଙ୍ଖା ଲାଗି କରାଯାଇଥିଲା। ଏହି ପଙ୍ଖାଲାଗି ସେଦିନର ପାଳିଆ ପୂଜା ପଣ୍ଡା, ପାଳିଆ ବଡୁ ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା ପରେ ପୂଜାପଣ୍ଡା ସେବାୟତ ଠାକୁରଙ୍କ ଚନ୍ଦନବେଢା ସମ୍ପନ୍ନ କରିଥିଲେ। ପରେ ଉକ୍ତ ଚନ୍ଦନକୁ ସଂସ୍କାର କରି ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ପାଳିଆ ବଡୁ ସେବାୟତ ବେଶ କରିବା ପରେ ଯାତ୍ରା ପୂଜା କରାଯାଇ ଅନ୍ୟାନ୍ୟ ନୀତି ହୋଇଥିଲା ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

# ବିଦ୍ୟୁତ୍, ପାଣି, ଜିରୋ କାଜୁଆଲଟିକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୭।୫**

- ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନର ପ୍ରସ୍ତୁତି
- ଚିଲିକା ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ରବିବାର ଜିଲାପାଳ ଶିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍, ପାନୀୟଜଳ, ଜିରୋ କାଜୁଆଲିଟିକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏନଡିଆରଏଫ ୧ ଏବଂ ଓଡ୍ରାଫ ୨ୟୁନିଟ୍ ପ୍ରସ୍ତୁତ ରହିଛନ୍ତି। ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ପ୍ରାୟ ୨୦ହଜାର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ନେଇ ଯୋଜନା ରହିଛି। ଏନେଇ ସମସ୍ତ ବିଡିଓ, ତହସିଲଦାରଙ୍କ ସହ ଜିଲାପାଳ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ବାତ୍ୟାରେ କ୍ଷତିଗ୍ରସ୍ତ ହେବାକୁ ଥିବା ରବି ଫସଲ ଏବଂ ପନିପରିବା ଫସଲ ତୁରନ୍ତ ଆକଳନ କରାଯାଇ ସେମାନଙ୍କୁ କ୍ଷତିଭରଣା ଲାଗି କୁହାଯାଇଛି। ଜିଲା କୃଷିଅଧିକାରୀ ଏବଂ ଉଦ୍ୟାନ ବିଭାଗ ଏଥିଲାଗି ଜିଲାର ସ୍ଥିତି ଅନୁଧ୍ୟାନ ଲାଗି ଜିଲାପାଳ କହିଛନ୍ତି। ବାତ୍ୟା ମୁକାବିଲା ଲାଗି ଜିଲାରେ ବିଭିନ୍ନ ବିଭାଗକୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟି ନିଜ ରୂପରେଖ ପ୍ରସ୍ତୁତ କରିବେ। ଜିଲା ସ୍ତରରେ ଏକ ମନିଟରିଂ କମିଟି ଗଠନ କରାଯାଇଛି। ସମସ୍ତ ବିଭାଗୀୟ ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଏହା ସହ କାର୍ଯ୍ୟାଳୟ ନ ଛାଡିବାକୁ ତାଗିଦ କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଏଡିଏମ ମନୋଜ ପାଢୀ, ଏଡିଏମ(ରାଜସ୍ୱ) ଅନୁଜ କୁମାର ଦାସ ପଟ୍ଟନାୟକ, ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ ମହାନ୍ତି, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଏଡିଏମଓ(ଜନସ୍ୱାସ୍ଥ୍ୟ) ଭି.ଆର.ପତିଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଟକ ସହରକୁ ଫେରିଲା କରୋନା

କଟକ ଅଫିସ,୧୭।୫

- ପୁଟପର୍ତ୍ତିରୁ ଫେରିଥିଲେ ଆକ୍ରାନ୍ତ
- ଭୟ ନ କରିବାକୁ କମିଶନରଙ୍କ ଆହ୍ୱାନ

ପ୍ରାୟ ଦେଢ଼ ମାସ ପରେ କଟକ ସହରକୁ ଫେରିଛି କରୋନା। ସହରର ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯୁବକଙ୍କ ବୟସ ୨୩ ବର୍ଷ। ସେ ଆନ୍ଧ୍ରପ୍ରଦେଶର ପୁଟପର୍ତ୍ତିରୁ ଫେରିବା ପରେ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। କଟକକୁ ପୁଣି ଥରେ କରୋନା ଭୂତାଣୁ ଲେଉଟିବା ପରେ ଆତଙ୍କିତ ହୋଇପଡ଼ିଛନ୍ତି ସହରବାସୀ। କିନ୍ତୁ ଭୟଭୀତ ନ ହେବା ପାଇଁ କମିଶନର ଅନନ୍ୟା ଦାସ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନା ଅନୁଯାୟୀ, କିଛି ଦିନ ତଳେ ଆକ୍ରାନ୍ତ ଯୁବକ ଜଣକ ପୁଟପର୍ତ୍ତିରୁ କଟକ ଫେରିଥିଲେ। ତାଙ୍କୁ ପ୍ରଥମେ ଚାଉଳିଆଗଞ୍ଜ ଓ ପରେ ବୋଷ ଛାତ୍ରାବାସସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୃକ୍ତ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ର୍‍ୟାପିଡ୍ ରେସପନ୍ସ ଟିମ୍ ଦ୍ୱାରା ତାଙ୍କ ଗସ୍ତ ବିବରଣୀ ଯାଞ୍ଚ ହୋଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ମଧ ତଥ୍ୟ ସଂଗ୍ରହ କରାଯାଉଛି। ଶେଷଥର ପାଇଁ ଏପ୍ରିଲ୍ ୩ରେ କଟକ ସହରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଦିଲ୍ଲୀର ନିଜାମୁଦ୍ଦିନରୁ ଫେରିଥିବା ଉକ୍ତ ବ୍ୟକ୍ତି ଚିକିତ୍ସା ପରେ ଏପ୍ରିଲ୍ ୧୦ରେ ସୁସ୍ଥ ହୋଇଥିଲେ।

## କଟକ ଜିଲା: ୨୨ ପଜିଟିଭରୁ ସୁସ୍ଥ ହେଲେଣି ୨

ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲାରେ ରବିବାର ସୁଦ୍ଧା ୪ ହଜାର ୭୧୬ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୨ ଜଣଙ୍କ ରିପୋର୍ଟ ପଜିଟିଭ ବାହାରିଛି। କିନ୍ତୁ ଦୁଇଜଣ ସୁସ୍ଥ ହୋଇଛନ୍ତି। ଏପ୍ରିଲ୍ ୩ରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହା ପରେ ମେ' ୫ରେ ଜଣେ, ୧୧ ଏବଂ ୧୪ ତାରିଖରେ ଜଣେ ଲେଖାଏଁ, ୧୫ ତାରିଖରେ ୬ ଜଣ ଏବଂ ୧୬ ତାରିଖରେ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୨.୭ ପ୍ରତିଶତ ଆକ୍ରାନ୍ତ କଟକ ଜିଲାର ବୋଲି ବିଭାଗ ସୂଚନା ଦେଇଛି।

# ପୁରୀ: ଆଉ ୪ କରୋନା ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୧୭।୫**

ପୁରୀ ଜିଲାରୁ ରବିବାର ରାତିରେ ୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ମୁତାବକ ନୂଆ ୪ ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ସହରରୁ ୨ଜଣ ଥିବାବେଳେ ପିପିଲି ଓ କୋଣାର୍କ ଏନ୍‌ଏସିରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିବା ବେଳେ ଜଣେ ଅଭିଯୁକ୍ତ ଅଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧୫ ତାରିଖରେ ଜେଲକୁ ପଠାଯାଇଥିଲା। ଏହି ଆକ୍ରାନ୍ତଙ୍କ ସଂସ୍ପର୍ଶରେ କୁମ୍ଭାରପଡ଼ା ଥାନାର ଯେଉଁ କର୍ମଚାରୀମାନେ ଆସିଛନ୍ତି ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଯେଉଁମାନେ ତାଙ୍କ କଣ୍ଟାକ୍ଟରେ ଥିବେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବ। ନରେନ୍ଦ୍ର ପୁଷ୍କରିଣୀ ଅଞ୍ଚଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ହୋଇଥିବାରୁ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ କରାଯିବ। ସମସ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯିବ ବୋଲି ଜିଲାପାଳ କହିଛନ୍ତି। ଶନିବାର ରାତିରେ ଜିଲାରେ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯ ଛୁଇଁଛି।

**ନରେନ୍ଦ୍ର ପୁଷ୍କରିଣୀ ଅଞ୍ଚଳ ହେବ କଣ୍ଟେନମେଣ୍ଟ ଜୋନ୍**

# ବାଲିପୁଟ ପଞ୍ଚାୟତ ୩୬ ଘଣ୍ଟା ଶଟ୍‌ଡାଉନ

**ପୁରୀ ଅଫିସ,୧୭।୫**

**ଜିଲାପାଳ କ୍ଷମତା ପ୍ରୟୋଗ କଲେ ସରପଞ୍ଚ**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଜିଲାପାଳ କ୍ଷମତାକୁ ପୁରୀ ଜିଲାର ପ୍ରଥମ ସରପଞ୍ଚ ଭାବେ ସଦର ବ୍ଲକ ବାଲିପୁଟର ମଧୁଛନ୍ଦା ଫାରାକ୍ ପ୍ରୟୋଗ କରିଛନ୍ତି। ବାଲିପୁଟ ପଞ୍ଚାୟତକୁ କରୋନାମୁକ୍ତ ରଖିବା ଲାଗି ସେ ରବିବାର ପଞ୍ଚାୟତକୁ ଶଟ୍‌ଡାଉନ୍ କରିଥିବା ବେଳେ ୬ଟି ୱାର୍ଡ(ବାଲିପୁଟ, ବେତାଳ, ପୋଡ଼ପଡ଼ା, କଣ୍ଟାପଡ଼ା, ବିଲିବେହେରା ସାହି, ପୋଡାପଲ୍ଲୀ)କୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ସୋମବାର ସକାଳ ୬ଟାରୁ ଏହା ୩୬ ଘଣ୍ଟା ଅର୍ଥାତ୍ ୧୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲାଗୁ ହେବ ବୋଲି ସରପଞ୍ଚ ଫାରାକ୍ କହିଛନ୍ତି।

ଫାରାକ୍‌ଙ୍କ ସୂଚନା ମୁତାବକ, ବାଲିପୁଟ ପଞ୍ଚାୟତ, ସତ୍ୟବାଦୀ ବ୍ଲକର ମହୁରା ପଞ୍ଚାୟତ ଏବଂ ଗୋପ ବ୍ଲକର ଡଭାର ପଞ୍ଚାୟତ ସୀମାନ୍ତରେ ଅବସ୍ଥିତ। ମହୁରା ଓ ଡଭାର ପଞ୍ଚାୟତରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ବାଲିପୁଟ ପଞ୍ଚାୟତର ପିଏନ୍‌ବି ବ୍ୟାଙ୍କ, ପୁରୀ ସଦର ବ୍ଲକର ଶାସ୍ତ୍ରୀ ସ୍ମୃତି ମହାବିଦ୍ୟାଳୟ ଏବଂ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଥିବାରୁ କରୋନା ଭାଇରସ୍ ସଂକ୍ରମଣ ପ୍ରଭାବକୁ ଏଡାଇବା ପାଇଁ ବାଲିପୁଟ ପଞ୍ଚାୟତକୁ ୩୬ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ସରପଞ୍ଚ ସାମାଜିକ ଦୂରତ୍ୱ ରକ୍ଷା କରି ଗ୍ରାମସଭା ଆୟୋଜନ କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ନିଷ୍ପତ୍ତିର ଆବଶ୍ୟକ ପରିବର୍ତ୍ତନ କରାଯାଇପାରେ ବୋଲି ସରପଞ୍ଚ ଜଣାଇଛନ୍ତି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଏବଂ ଔଷଧ ଦୋକାନ ଖୋଲା ରହିବ। ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି ସରପଞ୍ଚ ଫାରାକ କହିଛନ୍ତି।

# ୯୦ ହଜାର ଲୋକଙ୍କୁ ସ୍ଥାନାନ୍ତର ଯୋଜନା

**ପୁରୀ ଅଫିସ,୧୭।୫**

**ଆସୁଛି ଅମ୍ଫାନ, ସଜାଗ ପୁରୀ ପ୍ରଶାସନ**

- ଜିଲାରେ ୮୮୫ ଆଶ୍ରୟସ୍ଥଳୀ ଚିହ୍ନଟ
- ପହଞ୍ଚିଲେ ୨୧ ଜଣିଆ ଏନ୍‌ଡିଆରଏଫ୍ ଟିମ୍
- ସବୁ କର୍ମଚାରୀଙ୍କ ଛୁଟି ବାତିଲ


ମତ୍ସ୍ୟଜୀବୀମାନେ ପୁରୀ ବେଳାଭୂମିରୁ ନିଜ ଡଙ୍ଗାଗୁଡ଼ିକୁ ନେଇ ଆସୁଛନ୍ତି।

ସମ୍ଭାବ୍ୟ ବାତ୍ୟା ଅମ୍ଫନକୁ ନେଇ ଉପକୂଳବର୍ତ୍ତୀ ପୁରୀ ଜିଲାବାସୀ ଭୟଭୀତ ହୋଇପଡ଼ିଛନ୍ତି। ବର୍ଷକ ତଳେ ଅର୍ଥାତ୍ ୨୦୧୯ ମେ ୩ ତାରିଖରେ ବାତ୍ୟା ଫନୀ ପୁରୀ ଜିଲାରେ ତାଣ୍ଡବ ରଚିଥିଲା। ଏ ପର୍ଯ୍ୟନ୍ତ ସେହି ଦୁଃଖ ଦୂର ହୋଇ ନ ଥିବାବେଳେ ଅଚାନକ କରୋନା ମାଡ଼ି ଆସି ସମସ୍ତଙ୍କ ଜୀବନ ଜୀବିକାକୁ ବିପନ୍ନ କରିଦେଇଛି। ଏଭଳି ସମୟରେ ସମ୍ଭାବ୍ୟ ବାତ୍ୟା ପୁଣି ଜିଲାବାସୀଙ୍କ ମଧ୍ୟରେ ଚିନ୍ତା ଛାଇଦେଇଛି। ଅମ୍ଫନ ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ଥିବାବେଳେ ରବିବାର ପୁରୀରେ ପହଞ୍ଚିଛନ୍ତି ୨୧ଜଣିଆ ଏନ୍‌ଡିଆରଏଫ୍ ଟିମ୍।

ଅମ୍ଫନକୁ ଦୃଷ୍ଟିରେ ରଖି ସବୁ ବ୍ଲକରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଜିଲାର ୬ଟି ଉପକୂଳବର୍ତ୍ତୀ ବ୍ଲକ ବିଶେଷକରି ଅସ୍ତରଙ୍ଗ, କାକଟପୁର, ଗୋପ ସମେତ କୋଣାର୍କ ଏନ୍‌ଏସିରେ ବାତ୍ୟା ପ୍ରକୋପ ଅଧିକ ଅନୁଭୂତ ହେବା ଆଶଙ୍କା ଥିବାରୁ ପ୍ରଶାସନ ସଜାଗ ରହିଛି। ଜିଲାରେ ୮୮୫ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ପ୍ରାୟ ୯୦ ହଜାର ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଲାଗି ପ୍ରସ୍ତୁତି ସରିଛି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ଅଗ୍ନିଶମ ବିଭାଗର ୧୪ଟି ଦଳ ସମେତ ପାଖାପାଖି ୬୦ଟି ଟିମ୍ ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟରେ ନିୟୋଜିତ ହେବେ। ଏଥିସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପୋଲିସ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ଘଣ୍ଟା ପ୍ରତି ୪୦ କିମି ବେଗରୁ ଅଧିକ ପବନ ହେଲେ ବିଦ୍ୟୁତ୍ ଯୋଗାଯୋଗ ବନ୍ଦ କରାଯିବ। ଡାକ୍ତରଖାନା ଓ ଜଳଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ ଲାଗି ୩୦ଟି ଜେନେରେଟର ସେଟ୍ ବନ୍ଦୋବସ୍ତ କରାଯାଇଛି। ଜିଲାରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ୍ ରହିଛି। ଜିଲାର ପ୍ରାୟ ୧୫୦୦ ହେକ୍ଟର ଚାଷଜମିରେ ଫସଲ ଅମଳ ହେବାକୁ ବାକି ଥିବାରୁ ଫସଲ ହାନିର ଏତେଟା ଆଶଙ୍କା ନାହିଁ। ସୋମବାର ସୁଦ୍ଧା ଫସଲ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୃଷି ଅଧିକାରୀ ଏବଂ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। ସ୍ଥାନାନ୍ତର ହେବାକୁ ଥିବା ଲୋକେ ୧୯ ତାରିଖ ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପାଇଁ ଚିହ୍ନଟ ଆଶ୍ରୟସ୍ଥଳୀକୁ ଯିବା ଲାଗି କୁହାଯାଇଛି। ବାତ୍ୟା ପ୍ରକୋପ କମିବା ଓ ରାସ୍ତାଘାଟ ସଫା ହେବା ପରେ ଘରକୁ ଫେରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ କୁହାଯାଇଛି। ଜିଲାରେ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବ୍ଲକସ୍ତରରେ କାର୍ଯ୍ୟରତ ଟିମ୍ ଏବଂ ପ୍ରଶାସନକୁ ସହଯୋଗ କରିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଗୁଜରାଟରୁ ୩ ଟ୍ରେନ୍‌ରେ ଆସିଲେ ପ୍ରବାସୀ

**ଛତ୍ରପୁର,୧୭ା୫(ଡି.ଏନ.ଏ.):** ଗୁଜରାଟରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ୩ଟି ଟ୍ରେନ ରବିବାର ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ପୂର୍ବାହ୍ନରେ ପହଞ୍ଚିଥିବା ଅହମ୍ମଦାବାଦ-ବାଲେଶ୍ୱର ଶ୍ରମିକ ସ୍ପେଶାଲ ଟ୍ରେନରୁ ଆରପିଏଫ୍ ଏସକର୍ଟରେ ଓଡିଶାର ୯ ଜିଲାର ୪୪୨ ପ୍ରବାସୀ ଶ୍ରମିକ ଓହ୍ଲାଇଥିଲେ। ସେଥିମଧରେ ଗଞ୍ଜାମ ଜିଲାର ୩୫୬, ଗଜପତିର ୨, କଳାହାଣ୍ଡିର ୧୯, କନ୍ଧମାଳର ୫, କୋରାପୁଟର ୫, ନୂଆପଡାର ୭, ରାୟଗଡାର ୬, ସୁବର୍ଣ୍ଣପୁରର ୩୭ ଓ ସୁନ୍ଦରଗଡ ଜିଲାର ୫ ଜଣ ଥିଲେ। ସେହିପରି ଦ୍ୱିତୀୟ ଟ୍ରେନ୍‌ଟି ସୁରଟରୁ ୧୬୯୯ ପ୍ରବାସୀ ଓଡିଆଙ୍କୁ ନେଇ ଆସିଥିବା ବେଳେ ଏହା ଜଗନ୍ନାଥପୁର ଷ୍ଟେଶନରେ ଅପରାହ୍ନ ୫ଟା ୩୦ରେ ପହଞ୍ଚିଥିଲା। ଏଥିରେ ଗଞ୍ଜାମ ଜିଲାର ୧୬୩୪ ଜଣ, ଭଦ୍ରକର ଜଣେ, କଟକର ୨, ଦେବଗଡର ୬, ଜଗତସିଂହପୁରର ୩, ଖୋର୍ଦ୍ଧାର ୨, କେନ୍ଦୁଝରର ୩, କଳାହାଣ୍ଡିର ୧୧, ମାଲକାନଗିରିର ୬, ନୂଆପଡାର ୨, ପୁରୀର ୨୧, ରାୟଗଡ଼ାର ୬, ସୁନ୍ଦରଗଡର ୨ଜଣ ଆସିଥିଲେ। ସେହିପରି ତୃତୀୟ ଟ୍ରେନଟି ରାତି ୮ଟା ୧୩ ମିନିଟରେ ପହଞ୍ଚିଥିଲା। ସୁରଟରୁ ଆସିଥିବା ଏହି ଟ୍ରେନରେ ମୋଟ ୧୭୦୦ ପ୍ରବାସୀ ଓଡ଼ିଆ ଆସିଛନ୍ତି। ଜଗନ୍ନାଥପୁର ଷ୍ଟେଶନରେ ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ ପରେ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି। ଅନ୍ୟପକ୍ଷରେ କେରଳରୁ ଆଉ ଗୋଟିଏ ଟ୍ରେନ ବିଳମ୍ବିତ ରାତିରେ ଆସି ପହଞ୍ଚିବ ବୋଲି ସୂଚନା ମିଳିଛି।

### ପୁଣି ଫେରିଲେ ୬୮୪ ପ୍ରବାସୀ

**ଜଗତ୍‌ସିଂହପୁର ଅଫିସ,୧୭ା୫:** ଜଗତ୍‌ସିଂହପୁର ଜିଲାକୁ ପ୍ରତ୍ୟହ ବହୁ ସଂଖ୍ୟକ ପ୍ରବାସୀ ଫେରୁଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁଯାୟୀ, ୧୬ ତାରିଖ ରାତି ସୁଦ୍ଧା ଜିଲାକୁ ପୁଣି ୬୮୪ ଜଣ ପ୍ରବାସୀ ଫେରିଛନ୍ତି। ସେମାନେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପହଞ୍ଚିଲା ପରେ ନିଜନିଜ ବ୍ଲକ ଓ ପୌରାଞ୍ଚଳକୁ ପଠାଇ ଦିଆଯାଇଛି। ଏହି ପ୍ରବାସୀମାନଙ୍କ ମଧରେ ନାଉଗାଁ ବ୍ଲକର ୫୬ ଜଣ, ଜଗତ୍‌ସିଂହପୁର ବ୍ଲକ ୧୧୬, ଜଗତ୍‌ସିଂହପୁର ପୌରାଞ୍ଚଳ ୧୬, ବାଲିକୁଦା ବ୍ଲକ ୧୬୭, କୁଜଙ୍ଗ ବ୍ଲକ ୩୧, ଏରସମା ବ୍ଲକ ୭୯, ତିର୍ତ୍ତୋଲ ବ୍ଲକ ୧୩୫, ରଘୁନାଥପୁର ବ୍ଲକ ୩୬, ବିରିଡ଼ି ବ୍ଲକ ୪୭ ଏବଂ ପାରାଦୀପ ପୌରାଞ୍ଚଳର ଜଣେ ଅନ୍ୟତମ। ସେହିପରି ଗତ ୧୩ ଓ ୧୪ ତାରିଖରେ ସଂଗୃହୀତ ସ୍ୱାବ୍ ରିପୋର୍ଟ ମଧ୍ୟରୁ ୨୫୬ଟି ନେଗେଟିଭ୍ ଥିବାବେଳେ ୧୦ଟିର ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସଙ୍ଗରୋଧରେ ଥିବା ନେଗେଟିଭ୍ ବ୍ୟକ୍ତିଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ଯିବାକୁ ଅନୁମତି ମିଳିଛି। ଏନେଇ ସମସ୍ତ ବିଡିଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପରାମର୍ଶ ଦେଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ପଡ଼ୋଶୀଙ୍କ ବିବାଦ ସମାଧାନ କାଳ ହେଲା

## ଅଫିସ୍‌ରୁ ଫେରିବାବେଳେ ସରପଞ୍ଚଙ୍କୁ ଗୋଡ଼ାଇ ହାଣିଲେ ଅଭିଯୁକ୍ତ, ଦଶପଲ୍ଲାରୁ ଗିରଫ

**ନୟାଗଡ ଅଫିସ/ ଖଣ୍ଡପଡ଼ା,୧୭ା୫(ଡି.ଏନ୍.ଏ.)**

ପଡ଼ୋଶୀ ଘରର ବିବାଦ ସମାଧାନ ପାଇଁ ଉଦ୍ୟମ କରିଥିଲେ ସରପଞ୍ଚ, ଯାହା ତାଙ୍କ ପାଇଁ କାଳ ହୋଇଛି। ସମାଧାନରେ ଅସନ୍ତୁଷ୍ଟ ଥିବା ବ୍ୟକ୍ତି ଶନିବାର ବିଳମ୍ବିତ ରାତିରେ ସରପଞ୍ଚଙ୍କୁ ଗାଁରେ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରିଛନ୍ତି। ଘଟଣା ଘଟିଛି ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କୋସକା ଫାଣ୍ଡି ଅନ୍ତର୍ଗତ ଢୋଲମରା ଗାଁରେ। ମୃତକ ହେଲେ ରୟତ ଢୋଲମରା ସରପଞ୍ଚ ସୁଶାନ୍ତ ବେହେରା। ସୁଶାନ୍ତଙ୍କ ପଡ଼ୋଶୀ ତଥା ଅଭିଯୁକ୍ତ କୁଳମଣି ସ୍ୱାଇଁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ରବିବାର ଗଣିଆ ଥାନା ପୋଲିସ ତାଙ୍କୁ ଦଶପଲ୍ଲାରୁ ଗିରଫ କରି ଖଣ୍ଡପଡ଼ା ପୋଲିସକୁ ହସ୍ତାନ୍ତର କରିଥିଲା। ପଚରାଉଚୁରା ପରେ ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଖଣ୍ଡପଡ଼ା ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁସାରେ, କୁଳମଣି ଭୁବନେଶ୍ୱରରେ କାମ କରୁଥିବାବେଳେ ନନ୍ଦିନୀ ନାମ୍ନୀ ଜଣେ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ପରେ ତାଙ୍କୁ ନେଇ ଗାଁକୁ ଫେରିଆସିଥିଲେ। ଉଭୟେ ସ୍ୱାମୀ ଓ ସ୍ତ୍ରୀ ଭଳି ରହୁଥିଲେ। କିନ୍ତୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା। ୨ ମାସ ତଳେ ନନ୍ଦିନୀଙ୍କୁ କୁଳମଣି ମାଡ଼ ମାରିବା ଅଭିଯୋଗ ଥାନାରେ ପହଞ୍ଚିଥିଲା। ସରପଞ୍ଚ ଭାବେ ସୁଶାନ୍ତ ଉଭୟଙ୍କ ବିବାଦର ସମାଧାନ କରିଥିଲେ। ହେଲେ ନନ୍ଦିନୀଙ୍କୁ ସୁଶାନ୍ତ ସମର୍ଥନ କରୁଥିବା ନେଇ କୁଳମଣି ରାଗ ରଖିଥିଲେ। ଶନିବାର ସନ୍ଧ୍ୟାରେ ସୁଶାନ୍ତଙ୍କ ସହ କୁଳମଣି ଗଣ୍ଡଗୋଳ କରିଥିଲେ। ପରେ ସୁଶାନ୍ତ ପଞ୍ଚାୟତ ଅଫିସକୁ ପଳାଇଥିଲେ। ଲକ୍‌ଡାଉନ୍ କଟକଣା ଯୋଗୁ ରାସ୍ତା ଓ ଗାଁ ଶୁନଶାନ ଥିଲା। ଏହି ସୁଯୋଗକୁ ହାତଛଡ଼ା ନ କରି ସୁଶାନ୍ତଙ୍କୁ ହତ୍ୟା କରିବାକୁ ଯୋଜନା କରି କୁଳମଣି ଜଗି ରହିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସୁଶାନ୍ତ ଘରକୁ ଫେରୁଥିବାବେଳେ କୁଳମଣି ତାଙ୍କୁ ଅଟକାଇ କଟୁରିରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଏଥିରେ ସୁଶାନ୍ତଙ୍କ ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶାନ୍ତ ତଳେ ପଡି ଚିତ୍କାର କରିଥିଲେ। ଗାଁ ଲୋକ ପହଞ୍ଚିବାରୁ କୁଳମଣି ସେଠାରୁ ଦୌଡ଼ି ପଳାଇଥିଲେ। ଲୋକେ ସୁଶାନ୍ତଙ୍କୁ ପ୍ରଥମେ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ସ୍ତ୍ରୀ ଟିଙ୍କିନା ବେହେରାଙ୍କ ଅଭିଯୋଗ କ୍ରମେ ଖଣ୍ଡପଡ଼ା ଥାନା ପୋଲିସ ୧୩୩/୨୦ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରିଛି। ଏହାସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ଗାଁ ଶ୍ମଶାନରେ ସରପଞ୍ଚଙ୍କ ମୃତଦେହକୁ ଶୋକାକୁଳ ପରିବେଶରେ ଦାହ କରାଯାଇଛି। ପୂର୍ବତନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଏଥିରେ ଯୋଗଦେଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଗୁଣ୍ଠବନ୍ଧ ଗାଁ ସିଲ୍, କଣ୍ଟେନମେଣ୍ଟ ଜୋନ୍ ଘୋଷଣା




ସିଲ୍ ହୋଇଥିବା ଗୁଣ୍ଠବନ୍ଧ ଗାଁ।

**କୁକୁଡ଼ାଖଣ୍ଡି(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ, ୧୭ା୫**

- ଜଣଙ୍କୁ ନିଆଗଲା କୋଭିଡ୍ ହସ୍ପିଟାଲ
- ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାବ୍ ନମୁନା ସଂଗ୍ରହ ହେବ

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବ୍ରହ୍ମପୁର ଆମ୍ବ ମାର୍କେଟରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉ ନ ଥିବା ଦର୍ଶାଇ ମହାନଗର ନିଗମ ପକ୍ଷରୁ ତାହା ସିଲ୍ କରାଯାଇଥିଲା। ଉକ୍ତ ମାର୍କେଟର ବ୍ୟବସାୟୀ ତଥା କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁର ପଞ୍ଚାୟତ ଗୁଣ୍ଠବନ୍ଧ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ରବିବାର ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ତାଙ୍କ ପରିବାରର ଅନ୍ୟ ୨ ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଛି। ସଂକ୍ରମଣ ଆଶଙ୍କା ଥିବାରୁ ଗୁଣ୍ଠବନ୍ଧ ଗାଁକୁ ସିଲ୍ କରାଯାଇଥିବା ବେଳେ କୁକୁଡ଼ାଖଣ୍ଡି ବିଡିଓ ଏହାକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ରବିବାର ସକାଳେ ବିଡିଓ ଗଦାଧର ପାତ୍ର, ତହସିଲଦାର ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ସଦର ଥାନା ପୋଲିସ ଉପସ୍ଥିତିରେ ଗୁଣ୍ଠବନ୍ଧ ଗାଁ ଚାରିପଟ ରାସ୍ତା ସିଲ୍ କରାଯାଇଛି। ଗ୍ରାମବାସୀ ଗାଁ ବାହାରକୁ ଯାଇପାରିବେ ନାହିଁ କି କେହି ଗ୍ରାମରେ ପ୍ରବେଶ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ୨ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଗାଁରେ ନିୟୋଜିତ କରାଯାଇଛି। ଗାଁର ସମସ୍ତ ଦୋକାନ, ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ। ଅତ୍ୟାବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୁବିଧା ବ୍ଲକ ତରଫରୁ ଯୋଗାଇ ଦିଆଯିବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଗାଁର ପ୍ରତ୍ୟେକ ପରିବାର ନିଜ ନିଜ ଘରେ ସଙ୍ଗରୋଧରେ ରହିବେ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାବ୍ ନମୁନା ସଂଗ୍ରହ ପାଇଁ ସୋମବାର ଗ୍ରାମକୁ ଏକ ଡାକ୍ତରୀ ଦଳ ଆସିବେ ବୋଲି ବିଡିଓ ପାତ୍ର ସୂଚନା ଦେଇଛନ୍ତି।

# ଅନ୍‌ଲାଇନ୍ ପାଠପଢ଼ାକୁ ନେଟ୍‌ୱର୍କ ଅଫ୍‌ଲାଇନ

**ଅନୁଗୋଳ ଅଫିସ, ୧୭ା୫**

- ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲାର ଅଭିଭାବକ
- ବହୁ ଗାଁରେ ପହଞ୍ଚିନି ମୋବାଇଲ ସେବା
- ପଛେଇଥିବା ସିଲାବସ୍ ସରିବ କେମିତି

ସ୍ମାର୍ଟଫୋନ ଥିଲେ ବି ଆସୁନି ନେଟ୍‌ୱର୍କ। ଗାଁ ଡେଇଁ ପାଞ୍ଚ କୋଶ ଗଲେ ହୋଇପାରୁଛି ଯୋଗାଯୋଗ। ଦୈନିକ ଏପରି ଅସୁବିଧା ଭିତରେ କିପରି ସରକାରଙ୍କ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍‌ଲାଇନରେ ପଢ଼ିପାରିବେ ପିଲା। ପଛେଇଥିବା ସିଲାବସ୍ ସରିବ କେମିତି। ଭିତ୍ତିଭୂମି ନ ପରଖି ସରକାର କିପରି ଏଭଳି ଯୋଜନା କରୁଛନ୍ତି ବୋଲି ଅନୁଗୋଳ ଜିଲାର ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, କରୋନା ବିପତ୍ତି ସମୟରେ ଘରେ ପିଲାଙ୍କୁ ପାଠ ପଢ଼ାଇବାକୁ ଏମିତି ଯୋଜନା କରିଛି ରାଜ୍ୟ ଗଣଶିକ୍ଷା ବିଭାଗ। ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ କେତେକ ଜିଲାରେ ଏଭଳି ଅନ୍‌ଲାଇନ୍ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଗଲାଣି। ହେଲେ ଘୋର ଭିତ୍ତିଭୂମି ଅଭାବ ଥିବା ଅନୁଗୋଳ ଜିଲାରେ ଏହି ଯୋଜନା ସଫଳ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଅନୁଗୋଳ ବ୍ଲକ କୋଠଭୂଇଁ ପଞ୍ଚାୟତର ଦଣ୍ଡାବାହାଳ ଗାଁକୁ ଏ ପର୍ଯ୍ୟନ୍ତ ମୋବାଇଲ୍ ସେବା ପହଞ୍ଚିପାରି ନାହିଁ। କାହା ସହ କଥା ହେବାକୁ ହେଲେ ଗାଁ ଠାରୁ ୫ କିଲୋମିଟର ଦୂରକୁ ଯିବାକୁ ପଡୁଛି। କେବଳ ଏହି ଗୋଟିଏ ଉଦାହରଣ ନୁହେଁ, ମାଣିକଯୋଡ଼ି, ଟିକରପଡ଼ା, ପୁରୁଣାକୋଟ, ଜଗନ୍ନାଥପୁର ଓ ବଳଙ୍ଗ ପଞ୍ଚାୟତର ଅନେକ ଗାଁରେ ମୋବାଇଲ୍ ନେଟ୍‌ୱର୍କ ଆଜି ବି ସାତସପନ। ସେହିପରି ପାଲଲହଡ଼ା, ଆଠମଲ୍ଲିକ ବ୍ଲକର ବହୁ ଗାଁରେ ମଧ ଏପରି ଅସୁବିଧା ରହିଛି। ତେଣୁ ମୋବାଇଲ ସେବା ଠାରୁ ଦୂରରେ ଥିବା ଏସବୁ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ଆସିବ କେଉଁଠୁ। ଏହାଛଡ଼ା ସରକାରୀ ସ୍କୁଲରେ ପାଠ ପଢୁଥିବା ଅଧିକାଂଶ ଛାତ୍ରୀଛାତ୍ରଙ୍କ ପରିବାର ନିକଟରେ ସ୍ମାର୍ଟଫୋନ୍ ନାହିଁ। ଏଭଳି କ୍ଷେତ୍ରରେ ମୋବାଇଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ପାଠପଢ଼ା ଯୋଜନା ଅସମ୍ଭବ ଭଳି ମନେ ହେଉଛି। ଜଣେ ଅଭିଭାବକ ବରଦା ପ୍ରସନ୍ନ ଦାସ କହିଛନ୍ତି, ଏହା ଧର୍ମକୁ ଆଖି ଠାର ଭଳି। ଏହାଦ୍ୱାରା ସରକାରୀ ସ୍କୁଲ ନୁହେଁ କେବଳ ଇଂଲିଶ ମିଡିୟମରେ ପଢୁଥିବା ମମି, ଡାଡିଙ୍କ ପିଲାମାନେ ଉପକୃତ ହୋଇପାରିବେ। ଜିଲା ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସାରା ରାଜ୍ୟରେ ଏପରି ସମସ୍ୟା ରହିଛି। ହ୍ୱାଟ୍ସଆପ୍‌ରେ ପଢ଼ାଇବା ସମ୍ଭବ ହୋଇପାରୁ ନ ଥିବାରୁ ଟେଲିଭିଜନ ମାଧ୍ୟମରେ ପିଲାଙ୍କୁ ପଢ଼ାଯାଉଛି। ଏହା କିଛି ମାତ୍ରାରେ ପିଲାଙ୍କ ପାଇଁ କାମରେ ଆସିବ। ତେବେ ଜିଲାରେ ଅନ୍‌ଲାଇନ୍‌ରେ ପାଠପଢ଼ା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନି। କେବଳ ଅନ୍‌ଲାଇନ୍ ଶିକ୍ଷାଦାନ ନେଇ ରାଜ୍ୟ ଶିକ୍ଷା ବିଭାଗ ପାଖରୁ ଯାହା ମେସେଜ୍ ଆସିଛି ବୋଲି ଅଧିକାରୀ ଜଣଙ୍କ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌ର ବଦଳିଲା ଗତିପଥ

**ଭୁବନେଶ୍ୱର,୧୭ା୫(ବ୍ୟୁରୋ)**

ବାତ୍ୟା ଅମ୍ଫନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ଦିଲ୍ଲୀ-ଭୁବନେଶ୍ୱର ଚଳପ୍ରଚଳ କରୁଥିବା ୦୨୮୨୩/୦୨୮୨୪ ଏସି ସ୍ପେଶାଲ ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି। ୪ ଦିନ ପାଇଁ ଏହା ତା'ର ନିୟମିତ ଗତିପଥରେ ଯିବା ବଦଳରେ ଭୁବନେଶ୍ୱରରୁ ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ହୋଇ ଟାଟାରେ ପହଞ୍ଚିବ। ସମ୍ବଲପୁର ରୁଟ୍‌ରେ ଯିବା କାରଣରୁ ତାହା ଭଦ୍ରକ, ବାଲେଶ୍ୱର ଓ ହିଜ୍‌ଲି(ଖଡ଼ଗପୁର) ଯିବାକୁ ପଡ଼ିବ ନାହିଁ। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲା ବାତ୍ୟା ଅମ୍ଫନ ଦ୍ୱାରା ପ୍ରଭାବିତ ହେବାକୁ ଥିବାବେଳେ ଟ୍ରେନ୍‌ର ଗତିପଥ ବଦଳାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ରବିବାର ସନ୍ଧ୍ୟାରେ ପ୍ରକାଶ କରାଯାଇଛି। ଏହି ନିଷ୍ପତ୍ତି ଉଭୟ ଯାତ୍ରୀ ଏବଂ ଟ୍ରେନର ସୁରକ୍ଷା ପାଇଁ ନିଆଯାଇଥିବାବେଳେ ବାଲେଶ୍ୱର/ହିଜ୍‌ଲିରୁ ଆସୁଥିବା ଯାତ୍ରୀମାନେ ଏହି ଟ୍ରେନର ୪ ଦିନ ପାଇଁ ସେବା ପାଇବେ ନାହିଁ। ଏହି ନିୟମ ସୋମବାରଠାରୁ ଲାଗୁ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

# ସାଇକେଲରେ ଗୋଆରୁ ଫେରିଲେ ପ୍ରଶାନ୍ତ

**କେନ୍ଦ୍ରାପଡା ଅଫିସ, ୧୭ା୫:** କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଏଣ୍ଡର ଗ୍ରାମର ପ୍ରଶାନ୍ତ ନାୟକ(୨୩) ଗୋଆରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ୧୮୦୦ କିଲୋମିଟର ଗୋଆରୁ ନିଜ ଗ୍ରାମକୁ ସାଇକେଲ୍‌ରେ ଫେରିବା ପରେ ତାଙ୍କୁ ସ୍ଥାନୀୟ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ପ୍ରଶାନ୍ତ ଗୋଆରେ ଥିବା ବେଳେ ତାଲା ବନ୍ଦ ଘୋଷଣା କରାଯାଇଥିଲା। ସଞ୍ଚିତ ଅର୍ଥ ଶେଷ ହୋଇଯାଉଥିବାରୁ ସେ ଘରକୁ ଫେରିବାକୁ ମନସ୍ଥ କରିଥିଲେ। କିଛି ଅର୍ଥ ସହ ନିଜ ବାଇକରେ ଏପ୍ରିଲ ୨୪ରୁ ଗୋଆରୁ ଘରକୁ ବାହାରିଥିଲେ। ମେ ୫ରେ ତେଲେଙ୍ଗାନାର ଖମ୍ମାମ୍‌ରେ ପହଞ୍ଚିବା ପରେ ଏକ ପୋଲ ଉପରେ ବିଶ୍ରାମ ନେଉଥିଲେ। ଏହି ସମୟରେ



କୌଣସି ବ୍ୟକ୍ତି ତାଙ୍କ ବାଇକ୍ ଚୋରି କରି ନେଇଥିଲେ। ତେବେ ୨ ଘଣ୍ଟା ପରେ ପୋଲଠାରୁ କିଛି ଦୂରରେ ଏକ ସାଇକେଲ ଥିବା ଦେଖି ସେଥିରେ ସେ ଘରକୁ ଫେରିଥିଲେ। ସମ୍ଭବତଃ ବାଇକ ଚୋର ସାଇକେଲ ଛାଡି ପଳାଇଥିବା ସେ କହିଛନ୍ତି। ସରପଞ୍ଚ ସନ୍ଧ୍ୟାରାଣୀ ବେହେରା କହିଛନ୍ତି, ପ୍ରଶାନ୍ତ ନିଜ ଗ୍ରାମରେ ସୁରକ୍ଷିତ ଭାବେ ପହଞ୍ଚିବା ଆମ ପାଇଁ ବଡ କଥା।

# ଯାଜପୁରରୁ ୯ କରୋନା ଆକ୍ରାନ୍ତ ଚିହ୍ନଟ

**ଯାଜପୁର ଅଫିସ୍/ ଚଣ୍ଡିଖୋଲ/ ରତ୍ନଗିରି/ କୋରେଇ (ଡି.ଏନ୍.ଏ./ସ୍ୱ.ପ୍ର.),୧୭ା୫**

- ବଡ଼ଚଣାରୁ ୪, ଦଶରଥପୁରରୁ ୩, କୋରେଇ ଓ ବରୀରୁ ଜଣେ ଲେଖାଏଁ ଚିହ୍ନଟ
- ସଂକ୍ରମିତଙ୍କ ସଂଖ୍ୟା ୧୩୦ ଛୁଇଁଲା

ଯାଜପୁର ଜିଲାରେ ରବିବାର ୯ ଜଣ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ସଂକ୍ରମିତ ସଂଖ୍ୟା ୧୩୦ରେ ପହଞ୍ଚିଛି। ଜିଲାର ଦଶରଥପୁର ବ୍ଲକର ଦଶରଥପୁର ଗ୍ରାମର ଜଣେ ପୁରୁଷ ୨୨ବର୍ଷ(ତେଲେଙ୍ଗନା ଫେରନ୍ତା) ଏବଂ ନନ୍ଦିପୁର ପଞ୍ଚାୟତର ବାବଲପୁର ଗ୍ରାମର ୨ ଜଣ ପୁରୁଷ ୩୫ ଓ ୬୫ ବର୍ଷ (ଆନ୍ଧ୍ରପ୍ରଦେଶ ଫେରନ୍ତା), ବଡଚଣା ବ୍ଲକର ସାମିଆ ପଞ୍ଚାୟତର ୨ଜଣ ପୁରୁଷ ୨୩ ଓ ୧୯ ବର୍ଷ ଏବଂ ସାଳପଡା ପଞ୍ଚାୟତର ୨ ଜଣ ପୁରଷ ୨୪ ଓ ୩୩ବର୍ଷ (ସୁରଟ ଫେରନ୍ତା), କୋରେଇ ବ୍ଲକ କନ୍ତର ପଞ୍ଚାୟତ ଗଜେନ୍ଦ୍ରପୁର ଗ୍ରାମର ଜଣେ ୫୬ବର୍ଷୀୟ ବ୍ୟକ୍ତି (କୋଲକୋତା ଫେରନ୍ତା) ଓ ବରୀ ବ୍ଲକ ଅଲିପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରୁ ଜଣେ ପୁରୁଷ ୪୧ବର୍ଷ ବୋଲି ସୂଚନା ମିଳିଛି। ଗଜେନ୍ଦ୍ରପୁର ସଂକ୍ରମିତ ବ୍ୟକ୍ତି ଅଶୋକ ଦାସ ବିଦ୍ୟାପୀଠ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ବେଳେ ଅନ୍ୟମାନେ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ। ସେହିପରି ବରୀ ବ୍ଲକର ସଂକ୍ରମିତ ବ୍ୟକ୍ତି ଗତ ୧୩ ତାରିଖରେ କୋଲକାତାରୁ ଫେରି ସଙ୍ଗରୋଧ ଗୃହରେ ରହିଥିଲେ।

# ଫେରନ୍ତା ପ୍ରବାସୀଙ୍କୁ ନେଇ ବସ୍ତିରେ ଉତ୍ତେଜନା

**ଭୁବନେଶ୍ୱର,୧୭ା୫ (ବ୍ୟୁରୋ):** ଇନ୍‌ଫୋସିଟି ଥାନା ବଙ୍ଗାଳିବସ୍ତିରେ ବାଲେଶ୍ୱର ଫେରନ୍ତା ପ୍ରବାସୀଙ୍କୁ ରବିବାର ବସ୍ତି ଲୋକେ ପୂରାଇ ନ ଦେବାରୁ ଉତ୍ତେଜନା ଦେଖାଯାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରବାସୀଙ୍କ ସ୍କ୍ରିନିଂ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାସହ ପ୍ରବାସୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପୋଲିସ କହିଛି। ବଙ୍ଗାଳି ବସ୍ତିର ଏକାଧିକ ଲୋକେ ଜଣେ ଠିକାଦାର ଅଧୀନରେ କାମ କରନ୍ତି। ଲକ୍‌ଡାଉନ୍ ପରେ ଠିକାଦାର ସେମାନଙ୍କୁ ବାଲେଶ୍ୱର ଜିଲାକୁ କାମ କରିବାକୁ ନେଇଥିଲେ। ସେଠାରେ ଏହି ଶ୍ରମିକମାନେ କିଛିଦିନ କାମ କରିବା ପରେ ନୟାଗଡ଼ ଯାଇଥିଲେ। ପରେ ସେମାନେ ରବିବାର ଭୁବନେଶ୍ୱର ବଙ୍ଗାଳୀବସ୍ତିରେ ଥିବା ଘରକୁ ଫେରିଥିଲେ। ହେଲେ ବସ୍ତିର ଏକାଧିକ ଲୋକେ ସେମାନଙ୍କୁ ଯିବାକୁ ଦେଇନଥିଲେ। ଫଳରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# 'ଅମ୍ଫନ୍' ପାଇଁ ଜଳଭଣ୍ଡାରରୁ ପାଣି ଛଡ଼ାଗଲା

**ଭଞ୍ଜନଗର,୧୭ା୫(ଡି.ଏନ୍.ଏ.)**

ଓଡ଼ିଶାର କେତେକ ଜିଲାରେ ସାମୁଦ୍ରିକ ଝଡ଼ ଅମ୍ଫନ୍ ପ୍ରଭାବ ପଡିବାକୁ ଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଉକ୍ତ ଜିଲାରେ ଥିବା ଜଳଭଣ୍ଡାରର ଜଳସ୍ତର କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲା ଭଞ୍ଜନଗର, ସୋରଡ଼ା, ଡହ, ବାଘୁଆ, ଧନେଇ, ଘୋଡ଼ାହାଡ଼, ବାଘଲଟି ଜଳଭଣ୍ଡାରର ଜଳସ୍ତର କମାଯାଉଛି। ଜଳଭଣ୍ଡାରଗୁଡ଼ିକରେ ମାତ୍ର ୬୦ ପ୍ରତିଶତ ପାଣି ରଖି ବଳକା ନଦୀ ଓ କେନାଲ ଦେଇ ଶୁକ୍ରବାର ଠାରୁ ଛାଡ଼ି ଦିଆଯାଉଛି। ଅମ୍ଫନ୍ ପ୍ରଭାବରେ ସୋମବାର ସନ୍ଧ୍ୟାରେ ଗଞ୍ଜାମ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବାଲିବସ୍ତା ମହଜୁଦ ରଖାଯିବା ସହ କର୍ମଚାରୀଙ୍କୁ ମଧ୍ୟ ସତର୍କ କରି ଦିଆଯାଇଛି। ରାଜସ୍ୱ, ପଞ୍ଚାୟତିରାଜ ବିଭାଗ ମଧ ସମ୍ଭାବ୍ୟ ଅମ୍ଫନ୍ ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେଇଛି।



ଡହ ଜଳଭଣ୍ଡାରରୁ ପାଣି ଛଡ଼ାଯାଉଛି।

# ବଲାଙ୍ଗୀରରେ ପୁଣି ୨ ପଜିଟିଭ ଚିହ୍ନଟ

**ବଲାଙ୍ଗୀର ଅଫିସ, ୧୭ା୫**

- ଜିଲାର ପଜିଟିଭ ସଂଖ୍ୟା ୬କୁ ବୃଦ୍ଧି
- ଲିଖିରିଆ, ତୁଷରା ଅଞ୍ଚଳରୁ କଣ୍ଟେନମେଣ୍ଟ ହଟିଲା

ବଲାଙ୍ଗୀର ଜିଲାରେ ପୁଣି ୨ ଜଣ ପ୍ରବାସୀ ଶ୍ରମିକଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଜିଲାପାଳ ଅରିନ୍ଦମ ଡାକୁଆ ଏ ନେଇ ରବିବାର ରାତିରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଉଭୟ ସଂକ୍ରମିତ ପ୍ରବାସୀ ସୁରଟ ଫେରନ୍ତା। ସେମାନେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବନ୍ଧପଡା ପଞ୍ଚାୟତର ବାସିନ୍ଦା। ଉଭୟେ ସୁରଟ୍‌ରୁ ଫେରିବା ଦିନରୁ ବନ୍ଧପଡା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ରବିବାର ସେ ଦୁହିଁଙ୍କୁ ଭୁବନେଶ୍ୱର କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁଇ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାରେ କରୋନା ପଜିଟିଭ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

ଶନିବାର ବଲାଙ୍ଗୀର ସହର ସୁଦପଡା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଦୁଇ ସୁରଟ୍ ଫେରନ୍ତା ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ରବିବାର ବନ୍ଧପଡା କ୍ୱାରାଣ୍ଟାଇନ ସେଣ୍ଟରର ଏହି ୨ଜଣ ସୁରଟ ଫେରନ୍ତା ପ୍ରବାସୀ କରୋନା ସଂକ୍ରମିତ ବୋଲି ଜଣାପଡିଛି। ଗତ ୧ ତାରିଖ ଗୁଡଭେଲା ବ୍ଲକ ରୁଷୁଡା ପଞ୍ଚାୟତର ଲିଖିରିଆ ଗାଁର ତାମିଲନାଡ୍ରୁ ଫେରନ୍ତା ୨ ପ୍ରବାସୀ ଶ୍ରମିକ ଜିଲାର ପ୍ରଥମ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ଲିଖିରିଆ ଗାଁର ଏହି ଦୁଇ ସଂକ୍ରମିତ ପ୍ରବାସୀ ଭୁବନେଶ୍ୱର କିମ୍ସ କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଜିଲାପାଳ ଡାକୁଆ ଆହୁରି ସୂଚନା ଦେଇଛନ୍ତି ଯେ, ଲିଖିରିଆ ଓ ଆଖପାଖ ଅଞ୍ଚଳରେ ଗତ ୧ ତାରିଖରୁ ଲଗାଯାଇଥିବା କଣ୍ଟେନମେଣ୍ଟକୁ ରବିବାର ମଧ୍ୟରାତ୍ରରୁ ଉଠାଇ ଦିଆଯାଉଛି। ଦୀର୍ଘ ୧୭ ଦିନ ଧରି ଲିଖିରିଆ ଗାଁ ସହ ତୁଷରା ସହରାଞ୍ଚଳ, ଗୁଡଭେଲା ବ୍ଲକ୍ ଓ ଦେଓଗାଁ ବ୍ଲକର ୨୨ଟି ଗାଁକୁ ନେଇ କଣ୍ଟେନମେଣ୍ଟ ଜୋନ୍ ଓ ବଫର ଜୋନ୍ ଘୋଷଣା କରାଯାଇ ଅଞ୍ଚଳକୁ ଶଟ୍‌ଡାଉନ୍ କରାଯାଇଥିଲା। ଦୁଇ ସଂକ୍ରମିତ ଯୁବକଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ଏହି ଅଞ୍ଚଳର ବିଭିନ୍ନ ଗାଁରୁ ଶତାଧିକ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେ ସମସ୍ତ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବାରୁ ଏହି ଅଞ୍ଚଳରରେ ଜାରି କରାଯାଇଥିବା କଣ୍ଟେନମେଣ୍ଟ ଜୋନ୍ ଓ ବଫର ଜୋନ୍‌କୁ ହଟାଇ ଦିଆଯାଇଛି। ରବିବାର ମଧ୍ୟରାତ୍ର ପରଠାରୁ ଏହି ଅଞ୍ଚଳର ଜନସାଧାରଣ, ବ୍ୟବସାୟୀ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ମାନି ଚଳିବେ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି।

# ୨୦ ବର୍ଷ ପରେ ଫେରିଲା ନିଖୋଜ ପୁଅ

**ଢେଙ୍କାନାଳ ଅଫିସ, ୧୭ା୫**

ଲକ୍‌ଡାଉନ୍ ପାଇଁ ୨୦ବର୍ଷ ପରେ ଘରକୁ ଫେରି ଆସିଛି ନିଖୋଜ ପୁଅ। କରୋନା କଷଣ ଭିତରେ ଏପରି ଏକ ଖୁସିର ଚିତ୍ର ଆସିଛି ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ଗ୍ରାମରୁ। ହଜିଲା ପୁଅ ଅରକ୍ଷିତଙ୍କୁ ପାଇବା ପରେ ବୃଦ୍ଧ ବାପା କାନ୍ଦୁରୁ ବେହେରାଙ୍କ ଘରେ ଏବେ ଜୁଆର ଭାଙ୍ଗୁଛି ଖୁସିର ଲହରି। ଆଉ ଏଥିଲାଗି ଲକ୍‌ଡାଉନ୍‌କୁ ଶ୍ରେୟ ଦେଇଛନ୍ତି ଘର ଲୋକେ।

ଗ୍ରାମର ୯ନଂ. ୱାର୍ଡ ମୁଣ୍ଡିଆ ସାହିର କାନ୍ଦୁରୁ ଏବଂ ମା' ସୁଲତାଙ୍କ ଦୁଇପୁଅ। ବଡ଼ପୁଅଙ୍କ ମୃତ୍ୟୁ ହୋଇଯାଇଛି। ସାନପୁଅ ଅରକ୍ଷିତ ୭ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ହଠାତ୍ ଘର



ଅରକ୍ଷିତ ବେହେରା।

ଛାଡ଼ି କୁଆଡ଼େ ପଳାଇଥିଲେ। ବଡ଼ପୁଅର ମୃତ୍ୟୁରେ ଦୋହଲି ଯାଇଥିବା ମା'ବାପା ସାନପୁଅ ନିଖୋଜ ହୋଇଯିବା ପରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ମନର ଦୁଃଖକୁ ମନରେ ମାରି ଦୁହେଁ ଏକ ଅଭିଶପ୍ତ ଜୀବନ ଜିଇ ଚାଲିଥିଲେ। ହେଲେ ରବିବାର ସେମାନଙ୍କ ଜୀବନରେ ଯୋଡ଼ି ହୋଇଛି ନୂଆ କାହାଣୀ। ରବିବାର ସକାଳେ

**ଲକ୍‌ଡାଉନ୍‌କୁ ଶ୍ରେୟ ଦେଲେ ମା'ବାପା**

ଅରକ୍ଷିତ କଟକରୁ ଚାଲିଚାଲି ଆସି ଗାଁରେ ପହଞ୍ଚିଥିଲେ। ହେଲେ ବଦଳିଯାଇଥିବା ଚେହେରା ଯୋଗୁ ତାଙ୍କୁ କେହି ଚିହ୍ନି ପାରି ନ ଥିଲେ। ପରିଚୟ ଦେବାପରେ ଜଣେ ଗ୍ରାମବାସୀ ତାଙ୍କୁ ଘରେ ପହଞ୍ଚାଇ ଦେଇଥିଲେ। ୨୦ବର୍ଷ ପରେ ମା'ବାପା ଏବଂ ପୁଅଙ୍କ ମହାମିଳନ ହୋଇଥିଲା। ସମସ୍ତେ ପରସ୍ପରକୁ ଧରି ଢେର ସମୟ ଯାଏ କାନ୍ଦିଥିଲେ। ନିଜ ଭୁଲ ପାଇଁ ଅନୁତପ୍ତ ଅରକ୍ଷିତ ଭବିଷ୍ୟତରେ ମା'ବାପାଙ୍କୁ ଛାଡ଼ି କୁଆଡ଼େ ଯିବେନାହିଁ ବୋଲି କହିଛନ୍ତି।

୨୦ବର୍ଷର ଅନୁଭୂତି ବଖାଣି ଅରକ୍ଷିତ କୁହନ୍ତି, ଘରୁ ବାହାରିଯିବା ପରେ ସେ ବିଭିନ୍ନ ସ୍ଥାନରେ କାମ କରିଥିଲେ। ଶେଷରେ କଶ୍ମୀର ପଳାଇଯାଇ ସେଠାକାର ଏକ ଫଳ ପ୍ରୋସେସିଂ ପ୍ଲାଣ୍ଟରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ହୋଇଯିବା ପରେ ତାଙ୍କର ଘରକଥା ମନେପଡ଼ିଲା। ସେ ଏକ ଟ୍ରକ୍‌ରେ କଷ୍ଟେମଷ୍ଟେ କଟକ ଯାଏ ପହଞ୍ଚିଥିଲେ। ସେଠାରୁ ଚାଲିଚାଲି ଗାଁକୁ ଆସିଥିଲେ। ଏ ନେଇ ତାଳବରକୋଟ ସରପଞ୍ଚ ହେମନ୍ତ ଜେନା କୁହନ୍ତି, ଅରକ୍ଷିତ ଫେରି ଆସିଥିବାରୁ ଖୁସି ଲାଗୁଛି। ନିୟମ ଅନୁଯାୟୀ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।



ଦୀର୍ଘଦିନର ଲକ୍‌ଡାଉନ ପରେ ମଦ ଦୋକାନ ଖୋଲିଥିବାରୁ ଲାଗୁଛି ଲମ୍ବା ଲାଇନ୍। ତାମିଲନାଡୁ ତ୍ରିଚିଲାପଲୀ ଜିଲାରେ ଲୋକେ ମଦ କିଣିବା ଲାଗି ଦୋକାନ ଆଗରେ ଲମ୍ବାଧାଡ଼ି ଦେବା ସକାଳୁ ଆରମ୍ଭ କରିଦେଉଛନ୍ତି। ସାମାଜିକ ଦୂରତା ବଜାୟ ରଖିବା ପାଇଁ ଧାଡ଼ିରେ ନିୟମିତ ବ୍ୟବଧାନରେ ବୃତ୍ତ ଅଙ୍କନ କରାଯାଇଛି। ପ୍ରବଳ ଖରା ହେଉଥିବାରୁ କେହି କେହି ଠିଆହୋଇଥିବା ନିଜ ବୃତ୍ତରେ ଚପଲ ଅବା ଛତା ରଖୁଥିବା ଦେଖିବାକୁ ମିଳୁଛି। କିଛି ଲୋକ ଟେକାପଥର ଅବା ହେଲମେଟ୍ ମଧ୍ୟ ରଖୁଛନ୍ତି।

# କ୍ୟାରିୟର ଆରମ୍ଭରୁ ଫ୍ଲପ୍ ହୋଇଥିଲେ ନୁସ୍‌ରତ



ନୁସରତ ଭରୁଚା

**ମୁମ୍ବାଇ:** ବଲିଉଡ୍‌ରେ କ୍ୟାରିୟର କରିବାରେ ଅନେକଙ୍କର ଥାଏ ଏକ ଭିନ୍ନ ଇଚ୍ଛା। ନୁସ୍‌ରତ ଭରୁଚା ଦିନେ ଛୋଟ ପରଦାରୁ କ୍ୟାରିୟର ଆରମ୍ଭ କରିଥିବା ବେଳେ ଖୁବ୍ କମ୍ ଦିନ ମଧ୍ୟରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ପ୍ରଥମରୁ ତାଙ୍କ ଫିଲ୍ମ ଦର୍ଶକଙ୍କୁ ଏତେଟା ମନୋରଞ୍ଜନ ଦେଇ ପାରି ନ ଥିଲା। ପ୍ରଥମେ ଏକ ଟେଲିଭିଜନ ସିରିଏଲ 'କିଟି ପାର୍ଟି'ରେ ନଜର ଆସିଥିଲେ ନୁସରତ। ଏଥିରେ ବର୍ଷେ ଅଭିନୟ କରି ସେ ବଲିଉଡ୍ ମୁହାଁ ହୋଇଥିଲେ। ୨୦୦୬ରେ ତାଙ୍କୁ ମିଳିଲା ବଲିଉଡ୍ ଅଫର୍। ଫିଲ୍ମ 'ଜୟ ସନ୍ତୋଷୀ ମା'ରେ ଅଭିନୟ କଲେ ନୁସରତ। ଏହାପରେ ୨୦୦୯ରେ 'କଲ କିସିନେ ଦେଖା ହୈ'ରେ ଅଭିନୟର ସୁଯୋଗ ମିଳିଥିଲା ନୁସରତଙ୍କୁ। ହେଲେ ଏସବୁ ଫିଲ୍ମ ଦର୍ଶକଙ୍କୁ ସେତେଟା ଆକୃଷ୍ଟ କରି ନ ଥିଲା। କିନ୍ତୁ ୨୦୧୧ରେ ଆସିଥିବା ଫିଲ୍ମ 'ପ୍ୟାର କା ପଞ୍ଚନାମା'ରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନୁସରତଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହାପରେ ନୁସରତ ଆଉ ପଛକୁ ନ ଫେରି ୨୦୧୫ରେ 'ପ୍ୟାର କା ପଞ୍ଚନାମା ୨'ରେ ଅଭିନୟ କଲେ ଯାହା ବକ୍ସ ଅଫିସରେ ହିଟ୍ ହୋଇଥିଲା। ହେଲେ ନୁସରତଙ୍କ ପରିଚୟକୁ ବଦଳାଇ ଦେଲା ୨୦୧୮ରେ ପରଦାକୁ ଆସିଥିବା ବଲିଉଡ୍ ମୁଭି 'ସୋନୁ କି ଟିଟୁ କି ସ୍ୱିଟି'। ଏହି ଫିଲ୍ମ ହିଟ୍ ହେବା ପରେ ନୁସରତଙ୍କର ଭିନ୍ନ ପରିଚୟ ସୃଷ୍ଟି ହେଲା। ଏହି ଫିଲ୍ମ ଶହେ କୋଟି କ୍ଲବରେ ମଧ୍ୟ ସାମିଲ ହୋଇଥିଲା।

# ଗାଁରିବା ଯାଏ ସାଥୀ

**ଶିବପୁରୀ:** ମୁଣ୍ଡ ଉପରେ ଡହଡହ ଖରା। ପେଟରେ ଭୋକର ଜ୍ୱାଳା। ଆଖିରେ ମରି ମରି ଯାଉଛି ଆଶା। କେବେ ସରିବ ଅସରନ୍ତି ରାସ୍ତା। କେବେ ଅପସରି ଯିବ ଯନ୍ତ୍ରଣାର ଦିନ। ଏମିତି ଅନେକ ପ୍ରଶ୍ନର ବୋଝକୁ ଧରି ପାଦ ଚାଲୁଛି ଯେ ଚାଲୁଛି। କେଉଁଠି ବାପା କାନ୍ଧରେ ଛୁଆ ବସିଛି ତ ଆଉ କେଉଁଠି ଟ୍ରଲିବ୍ୟାଗ୍ ଉପରେ ଛୁଆକୁ ଶୁଆଇଦେଇ ଟାଣିନେଉଛି ମା'। କରୋନା ଲକ୍‌ଡାଉନ୍ ସମୟରେ ଦାଦନର ଏପରି ବିକଳ ଦୃଶ୍ୟ ଦେଶର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି। ଏସବୁକୁ ଦେଖିଲେ ଏମିତି ଲାଗୁଛି, ଯେମିତି ଜୀବନ ବଞ୍ଚାଇବାକୁ ଚାଲିଛି ପ୍ରତିଯୋଗିତା। ହେଲେ ଏମିତି ସଙ୍କଟ ସମୟରେ ମଧ୍ୟ ବଦଳିନି ବନ୍ଧୁତ୍ୱର ପରିଭାଷା, ଯାହାର ଏକ ନିଚ୍ଛକ ଚିତ୍ର ଆସିଛି ମଧ୍ୟପ୍ରଦେଶ ରାଜ୍ୟର ଶିବପୁରୀରୁ। କରୋନା ସନ୍ଦେହରେ ସହଯାତ୍ରୀମାନେ ପର କରିଦେଇଥିବା ସାଙ୍ଗକୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରିଛନ୍ତି ଆଉ ଜଣେ ସାଙ୍ଗ। ହେଲେ ବିଧିର ବିଧାନ ଆଗରେ ତାଙ୍କୁ ହାର୍ ମାନିବାକୁ ପଡ଼ିଛି। ବନ୍ଧୁଙ୍କ କୋଳରେ ସବୁଦିନ ଲାଗି ଶୋଇଯାଇଛନ୍ତି ରୋଗଣା ବନ୍ଧୁ। ଅମ୍ରିତଙ୍କ ଶେଷ ସମୟରେ ବନ୍ଧୁର କର୍ତ୍ତବ୍ୟ କରି ନୂଆ ସମୀକରଣ ସୃଷ୍ଟି କରିଛନ୍ତି ୟାକୁବ୍ ମହମ୍ମଦ।

୨୪ ବର୍ଷୀୟ ଅମ୍ରିତଙ୍କ ଘର ଉତ୍ତରପ୍ରଦେଶର ବସ୍ତି ଜିଲାରେ। ସେ ଏକ ଟ୍ରକ୍‌ରେ ସୁରଟରୁ ଘରକୁ ଫେରୁଥିଲେ। ମଧ୍ୟପ୍ରଦେଶର ଶିବପୁରୀ-ଝାନ୍‌ସୀ ନିକଟରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ଏହାପରେ ଟ୍ରକ୍‌ରେ ବସିଥିବା ଅନ୍ୟଯାତ୍ରୀମାନେ ତାଙ୍କୁ କରୋନା ହୋଇଥିବା ସନ୍ଦେହ କରିଥିଲେ। ଭୟଭୀତ ଯାତ୍ରୀମାନେ ଅମ୍ରିତଙ୍କୁ ସେଠାରେ ଓହ୍ଲାଇ ଦେଇ ପଳାଇଗଲେ। ହେଲେ ଗାଡ଼ି ଛାଡ଼ିବା ଆଗରୁ ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ପଡ଼ିଥିବା ଅମ୍ରିତଙ୍କ କାନ୍ଧ ଉପରେ ଥିଲା ବନ୍ଧୁ ୟାକୁବ୍‌ଙ୍କ ହାତ। ଯେକୌଣସି ପରିସ୍ଥିତିରେ ଅମ୍ରିତ୍‌ଙ୍କ ସାଥ୍ ଦେବାକୁ ସେ ନେଇସାରିଥିଲେ ନିଷ୍ପତ୍ତି। ଅମ୍ରିତଙ୍କୁ ନିଜ କୋଳରେ ଶୁଆଇଦେଇ ଈଶ୍ୱରଙ୍କୁ ଡାକିଲେ ୟାକୁବ୍। ସହାୟତା ଆଶାରେ ସନ୍ଧ୍ୟାଯାଏ ସେଠାରେ ବସି ରହିଲେ। ହେଲେ କେହି ସହଯୋଗ କଲେନି। ପରେ କୌଣସିମତେ ଅମ୍ରିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ସେତେବେଳକୁ ୟାକୁବ୍‌ଙ୍କୁ ଛାଡ଼ି ଆରପାରିକୁ ଚାଲିଯାଇଥିଲେ ଅମ୍ରିତ। ଚିକିତ୍ସାରେ ବିଳମ୍ବ



ଯୋଗୁ ଅମ୍ରିତଙ୍କ ମୃତ୍ୟୁ ଘଟିଥିବା ୟାକୁବ୍ କ୍ଷୋଭର ସହ କହିଛନ୍ତି।

ନିଜ ବନ୍ଧୁତ୍ୱ ବିଷୟରେ ୟାକୁବ୍ କହିଛନ୍ତି, ଦୁହେଁ ସୁରଟ୍‌ର ଏକ କପଡ଼ା କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ ଦୀର୍ଘ ୨ମାସ ଫସି ରହିବା ପରେ ଦୁଇଜଣ ୪ ହଜାର ଟଙ୍କା ଲେଖାଏ ଭଡ଼ା ଦେଇ ଏକ ଟ୍ରକ୍‌ରେ କାନପୁର ଯାଉଥିଲେ। ସେଠାରୁ ଦୁହେଁ ଘରକୁ ଯାଇଥାନ୍ତେ। ଏହି ସମୟରେ ଅମ୍ରିତଙ୍କୁ ଭୀଷଣ ଜ୍ୱର ଆସିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ଟ୍ରକ୍‌ରେ ଥିବା ୬୦ ଜଣ ଲୋକ ତାଙ୍କୁ ସାଙ୍ଗରେ ନେବାକୁ ବିରୋଧ କଲେ। ଫଳରେ ଡ୍ରାଇଭର ବାଧ ହୋଇ ତାଙ୍କୁ ରାସ୍ତାରେ ଓହ୍ଲାଇ ଦେଇଥିଲେ। ଅମ୍ରିତଙ୍କୁ ସହାୟତା କରିବାକୁ ସେ ମଧ୍ୟ ଓହ୍ଲାଇ ପଡ଼ିଥିଲେ। ହେଲେ ସବୁ ଉଦ୍ୟମ ସତ୍ତ୍ୱେ ସାଙ୍ଗଙ୍କୁ ବଞ୍ଚାଇ ପାରିଲେନି ବୋଲି ଦୁଃଖର ସହ କହିଛନ୍ତି ୟାକୁବ୍। ଅନ୍ୟପଟେ କରୋନା ସନ୍ଦିଗ୍ଧ ଅମ୍ରିତଙ୍କ ସହ ସଂସ୍ପର୍ଶରେ ଆସିଥିବାରୁ ୟାକୁବ୍‌ଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ପ୍ରଶାସନ ରିପୋର୍ଟକୁ ଅପେକ୍ଷା କରିଥିବାବେଳେ ମୃତଦେହକୁ ଜଗି ରହିଛନ୍ତି ୟାକୁବ୍।

**କରୋନା ସନ୍ଦେହରେ ପର କରିଦେଲେ ସହଯାତ୍ରୀ**

**ବନ୍ଧୁତ୍ୱର ନୂଆ ପରିଭାଷା ସୃଷ୍ଟି କଲେ ୟାକୁବ୍ ମହମ୍ମଦ**

# ବାଇକ୍ ପାଲଟିଲା କାର୍

**ନୂଆଦିଲ୍ଲୀ:** ଦକ୍ଷ ଲୋକଙ୍କ ପରିଚୟ କେବେ ଲୁଚି ରହିପାରେନା। କେବେ ନା କେବେ ସେମାନେ ସମସ୍ତଙ୍କ ସାମ୍ନାକୁ ଆସନ୍ତି। କେହି କେହି ସୁଯୋଗ ପାଇ ଖୁବ୍‌ଶୀଘ୍ର ଶୀର୍ଷରେ ପହଞ୍ଚିପାରନ୍ତି ତ ଆଉ କେହି ସୁଯୋଗ ଅଭାବରୁ ବହୁ ବିଳମ୍ବରେ ନିଜ ଦକ୍ଷତାର ଆତ୍ମପ୍ରକାଶ କରିଥାନ୍ତି। ଏଭଳି ଦକ୍ଷ ବ୍ୟକ୍ତିଙ୍କୁ ଏବେ ଲୋକଲୋଚନକୁ ଆଣିବାର ପ୍ରୟାସ ଆରମ୍ଭ କରିଛନ୍ତି ବିଜ୍‌ନେସ୍ ଟାଇକୁନ୍ ଆନନ୍ଦ ମହିନ୍ଦ୍ରା ଓ ହର୍ଷ ଗୋଏଙ୍କାଙ୍କ ଭଳି ବ୍ୟକ୍ତିମାନେ।

ନିକଟରେ ମାରିକୋ ଚେୟାରମ୍ୟାନ୍ ହର୍ଷ ମାରିୱାଲା ତାଙ୍କ ଟୁଇଟର ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ଏକ ବାଇକ୍‌କୁ କାର୍‌ର ରୂପ ଦିଆଯାଇଛି। ବାଇକ୍‌କୁ କାର୍ ଭଳି ରୂପ ଦେଇ ସେଥିରେ ୪ଜଣ ବସିବାର ବ୍ୟବସ୍ଥା କରାଯାଇଛି। ଏଭଳି ଏକ କାର୍ ତିଆରି କରିଥିବା ବ୍ୟକ୍ତିଜଣକ ନିଜ ବାଇକ୍ ଭଳି ଏହାକୁ ଚଲାଉଛନ୍ତି।

ଗାଡ଼ିଟି ଏତେ ସୁନ୍ଦରଭାବେ ଡିଜାଇନ୍ ହୋଇଛି ଯେ, ରାସ୍ତାରେ ଯିବାବେଳେ ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରୁଛି। ତେବେ ଏଭଳି ଗାଡ଼ି ତିଆରି କରି ଚଲାଇବା ହୁଏତ ନିରାପଦ ନୁହେଁ କିନ୍ତୁ ବାଇକ୍‌କୁ ଯେଉଁଭଳି ଢଙ୍ଗରେ ବ୍ୟକ୍ତିଜଣକ କାର୍ ରୂପ ଦେଇଛନ୍ତି ତାହା ନିଶ୍ଚିତଭାବେ ପ୍ରଶଂସନୀୟ। ଏହି ଭିଡିଓକୁ ଶେୟାର କରି ମାରିୱାଲା କହିଛନ୍ତି ସାଧାରଣ ଲୋକଙ୍କ ମଧ୍ୟରେ ବି ଅସାଧାରଣ ପ୍ରତିଭାଧାରୀ ବ୍ୟକ୍ତି ରହିଛନ୍ତି। ବାଇକ୍‌ରୁ କାର୍ କରିଥିବା ବ୍ୟକ୍ତିଜଣକ ଟେକ୍ନୋଲୋଜିର ଆଧୁନିକ ପ୍ରୟୋଗ କ୍ଷେତ୍ରରେ କାମ କରିବା ଉଚିତ। ତାଙ୍କର ଏହି ଭିଜୁଆଲ ପୋଷ୍ଟ ହେବାର କିଛି ଘଣ୍ଟା ପରେ ହିଁ ହଜାର ହଜାର ଲୋକଙ୍କ ଦୃଷ୍ଟିଆକର୍ଷଣ କରିପାରିଥିଲା।



# ସଂଗ୍ରହାଳୟର ସୁରକ୍ଷା ଲୋଡ଼ା




**ସା**ରା ବିଶ୍ୱରେ ମେ' ୧୮ରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ କରାଯାଉଛି। ଅନ୍ତର୍ରାଷ୍ଟ୍ରୀୟ ସଂଗ୍ରହାଳୟ ପରିଷଦ(ଆଇସିଓଏମ୍) ସଂଯୋଜନାରେ ପାଳିତ ଏହି ଦିବସ ପ୍ରତିବର୍ଷ ଏକ ସ୍ଲୋଗାନ ନେଇ ଲକ୍ଷ୍ୟ ପୂରଣ କରିବା ଦିଗରେ ଅଗ୍ରସର ହେଉଛି। ଆଇସିଓଏମ୍ ବିପର୍ଯ୍ୟୟ ସମୟରେ ସଂଗ୍ରହାଳୟକୁ ସୁରକ୍ଷା ଓ ସହାୟତା ଯୋଗାଇଦେବାରେ ପ୍ରମୁଖ ଭୂମିକା ନିଭାଏ। ୧୯୭୭ରେ ଆଇସିଓଏମ୍ ଦ୍ୱାରା ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପ୍ରଥମେ ଆରମ୍ଭ କରାଯାଇଥିଲା। ଲୋକମାନଙ୍କୁ ସଂଗ୍ରହାଳୟ ପ୍ରତି ଆକର୍ଷିତ କରିବା ଓ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ଏହି ଦିବସର ଉଦ୍ଦେଶ୍ୟ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ର, ଗବେଷକ ତଥା ସାଧାରଣ ଲୋକଙ୍କୁ ସଂଗ୍ରହାଳୟରେ ଉପଲବ୍ଧ ସମୃଦ୍ଧ ସାଂସ୍କୃତିକ ଭଣ୍ଡାର ସମ୍ବନ୍ଧରେ ଅବଗତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୨୦୦୯ରେ ଏହି ଦିବସରେ ବିଶ୍ୱର ୯୦ରୁ ଊର୍ଦ୍ଧ୍ୱ ଦେଶର ୨୦,୦୦୦ ମ୍ୟୁଜିୟମ ଅଂଶଗ୍ରହଣ କରିଥିଲେ। ୨୦୧୦ରେ ୯୮ ଓ ୨୦୧୧ରେ ୧୦୦ଟି ଦେଶ ଏଥିରେ ଭାଗ ନେଇଥିଲେ। ୨୦୧୨ରେ ୧୨୯ଟି ଦେଶରୁ ୩୦, ୦୦୦ ମ୍ୟୁଜିୟମ ଏହି ଦିବସ ଅବସରରେ ଭାଗ ନେବା ଥିଲା ଏକ ଉଲ୍ଲେଖନୀୟ ଘଟଣା। ଉକ୍ତ ଦିବସ ଅବସରରେ ଏବେ ବିଶ୍ୱର ୩୮ଟି ଭାଷାରେ ପୋଷ୍ଟର ଅନୁବାଦ କରାଯାଇ ଲୋକମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରାଯାଉଛି। ଏହ ଅବସରରେ ସଂଗ୍ରହାଳୟ କର୍ମଚାରୀମାନେ ଲୋକମାନଙ୍କୁ ସାକ୍ଷାତ କରି ଏବକାର ସମୟରେ ସଂଗ୍ରହାଳୟ ଯେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ଅବଗତ କରିଥାନ୍ତି। ସମାଜରେ ବିନା ଲାଭରେ ଏକ ସ୍ଥାୟୀ ସଂସ୍ଥା ଭାବେ ମ୍ୟୁଜିୟମ ସମାଜର ସେବା ତଥା ବିକାଶରେ ପ୍ରମୁଖ ଭୂମିକା ନେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିକ୍ଷା, ଗବେଷଣା, ଇତିହାସ ଆଦି କ୍ଷେତ୍ରରେ ସଂଗ୍ରହାଳୟ ଯେଉଁ ଭୂମିକା ନିର୍ବାହ କରିଆସୁଛି ତାହା ବଜାୟ ରଖିବାକୁ ହେଲେ ସଂଗ୍ରହାଳୟର ସୁରକ୍ଷା ଲୋଡ଼ା। ଏହି ଦିବସରେ ବିଶ୍ୱର ଅନେକ ଦେଶର ସଂଗ୍ରହାଳୟରେ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଏ। ଭାରତରେ ବି ଏଭଳି ବ୍ୟବସ୍ଥା କରାଯାଇଥାଏ।

# ଶାଶୁ-ବୋହୂଙ୍କ ଯୁଗଳବନ୍ଦୀ



**ନୂଆଦିଲ୍ଲୀ:** ଶାଶୁ ବୋହୂଙ୍କ ମଧ୍ୟରେ ମନୋମାଳିନ୍ୟ ଖବର ପ୍ରାୟ ସମସ୍ତେ ଶୁଣିଥିବେ। କିନ୍ତୁ ସୋସିଆଲ୍ ମିଡିଆରେ ଏବେ ଏମିତି ଏକ ଶାଶୁ ବୋହୂଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା ହେଉଛି, ଯେଉଁମାନେ ପରସ୍ପରକୁ ସହଯୋଗ କରିବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। ବୋହୂ ଗୀତ ଗାଉଥିବା ବେଳେ ଶାଶୁ ତା'ପାଖରେ ବସି ତବଲା ବଜାଉଛନ୍ତି।

ସୋସିଆଲ୍ ମିଡିଆରେ ଏହି ଶାଶୁ ବୋହୂ ଯୁଗଳବନ୍ଦୀଙ୍କ ସଙ୍ଗୀତକୁ ନେଇ ଢେର୍ ଚର୍ଚ୍ଚା। ବୋହୂ ନିଜେ ହାରମୋନିୟମ୍ ବଜାଇ ରବୀନ୍ଦ୍ର ସଙ୍ଗୀତର ପ୍ରସିଦ୍ଧ ଗୀତ 'ଶ୍ରବୋନର ଧରାର୍ ମୋଟୋ' ଗାଉଥିବା ସମୟରେ ସେହିଠାରେ ତାଙ୍କ ଶାଶୁ ବସି ତବଲା ବଜାଉଛନ୍ତି। ସଙ୍ଗୀତ ସହିତ ତାଳ ଦେଇ ଶାଶୁ ଏଭଳି ସୁନ୍ଦର ଭାବରେ ତବଲା ବଜାଉଛନ୍ତି ଯେ, ଦେଖିବା ଲୋକେ ଚକିତ ହୋଇଯିବେ। ଗୀତ ମାଧ୍ୟମରେ ଶାଶୁ ବୋହୂ ଏକାଠି ବସି ସେମାନଙ୍କ ପୁରୁଣା ଦିନକୁ ମନେପକାଉଛନ୍ତି। ଏହି ଭିଡିଓଟି ଖୋଲା ଜନାନଲା ନାମକ ବଙ୍ଗଳା ଫେସବୁକ୍‌ରେ ଶେୟାର କରାଯାଇଛି। ଭିଡିଓଟିକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି ଓ ସୁନ୍ଦର କମେଣ୍ଟମାନ ବି ଦେଇଛନ୍ତି। କେତେକେ କହିଛନ୍ତି, ଆଧୁନିକ ଯୁଗରେ ଏଭଳି ଶାଶୁ ବୋହୂଙ୍କ ଯୋଡ଼ିକୁ କାହାର ନଜର ନ ଲାଗୁ। ସେହିପରି ଅନ୍ୟ କେତେକେ କହିଛନ୍ତି, ଏମାନଙ୍କ ଭଳି ଅନ୍ୟ ସବୁ ପରିବାରରେ ଶାଶୁ ବୋହୂ ଏକାଠି ଚଳିବା ଶିଖିବା ଉଚିତ। ଟାଗୋରଙ୍କ ପ୍ରଶଂସକମାନଙ୍କୁ ବି ଏହି ଭିଡିଓ ବହୁତ ପସନ୍ଦ ଆସିଛି। ସେଥିପାଇଁ ଭିଜୁଆଲ୍‌ଟି ଶେୟାର କରିବାର ମାତ୍ର କେଇଘଣ୍ଟା ପରେ ୫ ହଜାରରୁ ଅଧିକ ଲୋକ ଦେଖିଥିଲେ ଓ ୪ ହଜାର ଲୋକ ଏହାକୁ ଶେୟାର କରିଥିଲେ।

## ଟିଚର୍ ଟିଚର୍

**ନୂଆଦିଲ୍ଲୀ:** ଏମିତି କ୍ଲାସ୍‌ରୁମ୍ ଦେଖିଛନ୍ତି, ଯେଉଁଠି ଛାତ୍ରୀଛାତ୍ର ହେଉଛନ୍ତି କଣ୍ଢେଇ ଆଉ ଅଧ୍ୟାପନା କିଏ କରୁଛନ୍ତି ଜାଣନ୍ତି, ପ୍ରାଇମେରି ସ୍କୁଲରେ ପଢୁଥିବା ଜଣେ ବାଳିକା। କଥାଟା ଶୁଣିବାକୁ ଅବଶ୍ୟ ଟିକିଏ ଭିନ୍ନ ଲାଗୁଥିବ କିନ୍ତୁ ନିଜ ଘରକୁ ଏଭଳି କ୍ଲାସରୁମ୍‌ର ରୂପ ଦେଇଛନ୍ତି କଶ୍ମୀରର ଜଣେ କୁନି ଝିଅ। କୁନି ଝିଅଟି ଅନେକ ଦିନ ଧରି ସ୍କୁଲ ଯାଇ ନ ଥିବାରୁ ଘରେ ଏମିତି ଏକ ପରିବେଶ ନିଜେ ସୃଷ୍ଟି କରିଛନ୍ତି। ପ୍ରଥମେ ସ୍କୁଲ ଟିଚରଙ୍କ ଭଳି ସେ ନିଜେ ଚେୟାର ଟେବୁଲ ପକାଇ କାଗଜ ଓ କଲମ ଧରି ବସିଛନ୍ତି। ତାଙ୍କ ଆଗରେ ଛାତ୍ରୀଛାତ୍ରଙ୍କ ସ୍ଥାନରେ ସେ ଘରେ ଥିବା ବିଭିନ୍ନ ପ୍ରକାରର ଟେଡି ଖେଳନାକୁ ଧାଡ଼ି କରି ବସାଇଛନ୍ତି। ଲକ୍‌ଡାଉନ୍ ସମୟରେ ସ୍କୁଲ ବନ୍ଦ ଯୋଗୁ ସେ ଘରେ ବସି ଏକା ଏକା ଟିଚର୍ ଟିଚର୍ ଖେଳ ଆରମ୍ଭ କରିଛନ୍ତି। ତାଙ୍କର ଏହି ଖେଳର ଭିଜୁଆଲ୍ ଏବେ ସୋସିଆଲ୍ ମିଡିଆରେ ଲୋକଙ୍କୁ ଆକୃଷ୍ଟ କରିପାରିଛି। କୁନି ଝିଅଟିର ଏଭଳି ଖେଳ ଏବେ ପ୍ରାୟ ସମସ୍ତଙ୍କ ପିଲାଦିନକୁ ମନେପକାଇ ଦେଉଛି। ଏଭଳି ଫଟୋ ଦେଖିବା ପରେ ସମସ୍ତେ ଅତ୍ୟନ୍ତ ଖୁସି ହୋଇ ଝିଅଟିକୁ ସ୍ନେହପୂର୍ଣ୍ଣ ବିଭିନ୍ନ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

# ମାଉଥ୍ ୱାଶ୍‌ରେ ମରିଯିବ କରୋନା ଭୂତାଣୁ




**ମେ**ଡିକାଲ ବିଶେଷଜ୍ଞଙ୍କ ଏକ ଦଳ ନିକଟରେ ଦାବି କରିଛନ୍ତି କି ମାଉଥ ୱାଶରେ କରୋନା ଭୂତାଣୁକୁ ମାରିବାର କ୍ଷମତା ରହିଛି। ଏହା ଶରୀର ଭିତରକୁ ସଂକ୍ରମଣ କରିବା ପୂର୍ବରୁ ଗଳାରେ ଥିବା ଅବସ୍ଥାରେ ମାଉଥ୍ ୱାଶ ଦ୍ୱାରା ମରିଯାଇଥାଏ। କିନ୍ତୁ ଏହାପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲୁଏଚ୍‌ଓ) ମାଉଥ୍ ୱାଶକୁ ନେଇ ଭିନ୍ନ କଥା କହିଥିଲା। ଡବ୍ଲୁଏଚ୍‌ଓ କହିଥିଲା ମାଉଥ୍ ୱାଶ କରୋନା ଭୂତାଣୁକୁ ମାରିବାର କୌଣସି ପ୍ରମାଣ ନାହିଁ। ହେଲେ ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍‌ର ଫଙ୍କଶନ ମାଗାଜିନରେ ଛପା ଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ମାଉଥ୍ ୱାଶରେ କରୋନା ଭୂତାଣୁକୁ ମାରିବାର କ୍ଷମତା ରହିଛି। ତେଣୁ ଏହାର କ୍ଲିନିକାଲ ଟେଷ୍ଟ କରିବା ଜରୁରୀ। ବ୍ରିଟେନର କାର୍ଡିଫ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିବା କୁହାଯାଉଛି। ଏହାକୁ କେବଳ ବ୍ରିଟେନ ନୁହେଁ ବରଂ କଲରାଡୋ, ଅଟାୱା, ବାର୍ସିଲୋନା ସମେତ ଆଉ କିଛି ୟୁନିଭର୍ସିଟିର ସମର୍ଥନ ରହିଥିବା ଜଣାପଡ଼ିଛି। ତେବେ ଗବେଷକମାନେ ଏହା ସ୍ପଷ୍ଟ କରି ନାହାନ୍ତି କି ବଜାରରେ ମିଳୁଥିବା ମାଉଥ୍ ୱାଶ କରୋନା ଭୂତାଣୁକୁ ମାରିବ କି ଏଥିପାଇଁ କିଛି ସ୍ୱତନ୍ତ୍ର ମାଉଥ୍ ୱାଶ ରହିଛି। ହେଲେ ଏହାକୁ ନେଇ ଗବେଷଣା କରାଗଲେ ଲାଭ ମିଳିପାରେ ବୋଲି ସେମାନେ କହିଛନ୍ତି। ସେମାନଙ୍କ ମତରେ କରୋନା ଭାଇରସ ହେଉଛି 'Enveloped Viruses' ଶ୍ରେଣୀର। ଏହାର ଅର୍ଥ ହେଉଛି ଏହା ଏକ ଫ୍ୟାଟି ଲେୟାର ଦ୍ୱାରା ଆବରଣ ହୋଇରହିଛି। ଏହି ଲେୟାର କିଛି ସ୍ୱତନ୍ତ୍ର ଧରଣର କେମିକାଲ ଦ୍ୱାରା ନଷ୍ଟ ହୋଇଯାଇଥାଏ। ତେଣୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି କି ମାଉଥ୍ ୱାଶ କରୋନା ଭାଇରସର ବାହାର ଆବରଣକୁ ନଷ୍ଟ କରିଦେଇପାରେ। ଟେଷ୍ଟ ଟ୍ୟୁବରେ ଯେଉଁ ପରୀକ୍ଷା କରାଯାଇଥିଲା ସେଥିରୁ ଜଣାପଡ଼ିଛି କି କେତେକ ମାଉଥ୍ ୱାଶରେ ଏମିତି କିଛି ପଦାର୍ଥ ରହିଛି ଯାହା ଏନଭଲପଡ ଭାଇରସର ବାହାର ଆବରଣକୁ ନଷ୍ଟ କରିଦେଉଛି। ଗବେଷଣାରେ କୁହାଯାଇଛି କି ଦାନ୍ତକୁ ସଫା କରିବାକୁ ବ୍ୟବହାର କରାଯାଉଥିବା ମାଉଥ୍ ୱାଶରେ ଏମିତି କିଛି କେମିକାଲ ରହିଛି ଯାହା ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରିପାରେ।

# ଟମାଟୋରୁ ପ୍ରସ୍ତୁତ ହେଉଛି ଡ୍ରାଏ ଫ୍ଲେକ୍ସ

**ବେଙ୍ଗାଲୁରୁ:** କର୍ଣ୍ଣାଟକର କୋଲାର ଜିଲା ଟମାଟୋ ଚାଷ ପାଇଁ ପ୍ରସିଦ୍ଧ। ବିଭିନ୍ନ ଖାଦ୍ୟରେ ସ୍ୱାଦ ଆଣିବା ଭଳି ଜିଲା ପାଇଁ ସମୃଦ୍ଧି ଆଣିଛି ଏହି ଫଳ। ପ୍ରତିବର୍ଷ ଜିଲାରେ ୯ହଜାର ଏକର ଜମିରେ ପ୍ରାୟ ୪ଲକ୍ଷ ଟନ୍ ଟମାଟୋ ଚାଷ କରାଯାଇଥାଏ। ଏଥିରୁ ସେମାନେ ବେଶ୍ ଲାଭବାନ୍ ହେବା ସହ ଅନ୍ୟ ରାଜ୍ୟ ଏବଂ ବିଦେଶକୁ ରପ୍ତାନି ମଧ୍ୟ କରିଥାନ୍ତି। ଚଳିତବର୍ଷ ମଧ୍ୟ ମାର୍ଚ୍ଚ ୨୩ ସୁଦ୍ଧା ଭଲ ବ୍ୟବସାୟ ହୋଇଥିଲା। ପ୍ରତିଦିନ ପ୍ରାୟ ୨୬୧୯ କୁଇଣ୍ଟାଲ ଟମାଟୋ ବଜାରକୁ ଆସୁଥିଲା ଏବଂ କୁଇଣ୍ଟାଲ ପିଛା ୧୧୩୩ ଟଙ୍କା ଦରରେ ବିକ୍ରି ହେଉଥିଲା। ଏବେ କରୋନା ପ୍ରଭାବରେ ଦର ହଠାତ୍ କୁଇଣ୍ଟାଲ ପିଛା ୧୩୩କୁ ଖସିଥିଲା। ଲକ୍‌ଡାଉନ୍‌ରେ ଯାନବାହନ ଚଳାଚଳ ବନ୍ଦ ଏବଂ ବଜାର ସମସ୍ୟା ଯୋଗୁ ଚାଷୀ ଚିନ୍ତାରେ ପଡ଼ିଥିଲେ।



ସରକାରଙ୍କ ପକ୍ଷରୁ ଫୁଡ୍ ପ୍ରୋସେସିଂ ୟୁନିଟ କରାଯାଇଛି। ତେବେ କେବଳ କୋଲାର ଜିଲାରୁ ପ୍ରତିଦିନ ପ୍ରାୟ ୧୫୦୦ ଟନ୍ ଟମାଟୋ ଉତ୍ପାଦନ ହେଉଥିବାବେଳେ ଏହି ୟୁନିଟ୍‌ରେ କେବଳ ୨୫୦ ଟନ୍ ଟମାଟୋ ପ୍ରୋସେସିଂ ହୋଇପାରୁଛି। ଏଠାରୁ ଚେନ୍ନାଇ ଏବଂ କେରଳକୁ ଅଧିକ ସଂଖ୍ୟାରେ ଟମାଟୋ ପଠାଯାଉଥିଲେ ମଧ୍ୟ ଏବେ ବଜାର ମାନ୍ଦାବସ୍ଥା ଦେଇ ଗତି କରୁଛି। ତେଣୁ ଟମାଟୋ ବଳକା ରହୁଛି। ଏଭଳି ପରିସ୍ଥିତିରେ ଚାଷୀଙ୍କୁ ଏତେ ପରିମାଣରେ ଆଦାୟ ଟମାଟୋକୁ ନଷ୍ଟ ନ କରି ତାହାର ଉପଯୁକ୍ତ ଲାଭ ପାଇବା ପାଇଁ ଉତ୍ତମ ଉପାୟ ଚିନ୍ତା କରାଯାଇଛି। ୪୯ ଟମାଟୋ ଚାଷୀଙ୍କୁ ସହାୟତାର ହାତ ବଢ଼ାଇଛି ଗ୍ରାମ୍ୟ ବିକାଶ ସଂଗଠନ। ଆଦାୟ ଟମାଟୋକୁ ଶୁଖାଇ ଡ୍ରାଏ ଫ୍ଲେକ୍ସ ଏବଂ ଆଚାର ଆଦି ଲାଭଦାୟକ ଜିନିଷ ପ୍ରସ୍ତୁତି ପାଇଁ ସେମାନଙ୍କୁ ପ୍ରେରିତ କରିଛି। ଏ ନେଇ ବିଭିନ୍ନ ଗ୍ରାମାଞ୍ଚଳରେ ୪୯ମହିଳାଙ୍କୁ ତାଲିମ ଦିଆଯାଇଛି; ଯଦ୍ୱାରା ସେମାନେ ଅନ୍ତତଃ କିଛି ଫସଲର ମୂଲ୍ୟ ପାଇବାରେ ସଫଳ ହୋଇପାରିବେ। ଏବେ ଉପଯୁକ୍ତ ସମୟ ହୋଇଥିବାରୁ ଗ୍ରାମ୍ୟ ବିକାଶ ସଂଗଠନ ପକ୍ଷରୁ ଚାଷୀଙ୍କଠାରୁ ଟମାଟୋ ନେଇ ତାଲିମପ୍ରାପ୍ତ ମହିଳାଙ୍କ ଦ୍ୱାରା ଟମାଟୋକୁ ଖରାରେ ଶୁଖାଇ କାଚପାତ୍ରରେ ସୁରକ୍ଷିତଭାବେ ରଖାଯାଉଛି। ସେଥିରୁ ଡ୍ରାଏ ଫ୍ଲେକ୍ସ ଏବଂ ଆଚାର ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ଚାଷୀମାନେ ପ୍ରତିବର୍ଷ ବଳକା ଟମାଟୋରୁ ଲାଭ ପାଇପାରିବେ ବୋଲି ଗ୍ରାମ୍ୟ ବିକାଶ ସଂଗଠନ ପକ୍ଷରୁ କୁହାଯାଇଛି।

# ପୀଡ଼ିତାଙ୍କ ପାଇଁ ଆଗକୁ ଆସିଲେ କ୍ୟାଟ୍ରିନା



**ମୁମ୍ବାଇ:** ବର୍ତ୍ତମାନ ଦେଶରେ ଲକ୍‌ଡାଉନ୍ ଚାଲିଥିବାରୁ ସମସ୍ତ ଫିଲ୍ମ ଶୁଟିଂ ବନ୍ଦ ରହିଛି। ବଲିଉଡ ତାରକାମାନେ ଏହି ସମୟରେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହୁଛନ୍ତି। ଅଭିନେତ୍ରୀ କ୍ୟାଟ୍ରିନା କୈଫ ମଧ୍ୟ ଲଗାତର ଇନ୍‌ଷ୍ଟାଗ୍ରାମରେ କିଛି ନା କିଛି ପୋଷ୍ଟ କରୁଛନ୍ତି। କିଛିଦିନ ପୂର୍ବରୁ ସେ ଏକ ଗିଟାର ବଜାଉଥିବା ଭିଡିଓ ଶେୟାର କରିଥିଲେ। ଏହା ବ୍ୟତୀତ ତାଙ୍କ ଫିଟ୍‌ନେସ୍ ଟିପ୍ସ ମଧ୍ୟ ବେଶ୍ ପସନ୍ଦ କରାଯାଉଛି। ତେବେ ବର୍ତ୍ତମାନ କ୍ୟାଟ୍ରିନା ଘରୋଇ ହିଂସାରେ ପୀଡ଼ିତ ମହିଳାଙ୍କ ପାଇଁ ଏକ ପୋଷ୍ଟ କରିଛନ୍ତି। କ୍ୟାଟ୍ରିନା ଘରୋଇ ହିଂସା ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବା ଏକ ସଂଗଠନ 'ସ୍ନେହା'କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂଗଠନ ଦୀର୍ଘ ୨୦ବର୍ଷ ହେଲା ମୁମ୍ବାଇରେ କାମ କରୁଛି। ଦେଶରେ ଲକ୍‌ଡାଉନ୍ ଚାଲିଥିବାରୁ ସବୁ କାମ ବନ୍ଦ ରହିଛି। ତେଣୁ ବର୍ତ୍ତମାନ ସମସ୍ତେ ଘରେ ହିଁ ରହୁଛନ୍ତି। ଫଳରେ ଗତ କିଛିଦିନ ଭିତରେ ଘରୋଇ ହିଂସା ମାମଲା ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଲକ୍‌ଡାଉନ୍ ଯୋଗୁ ଏହି ସଂସ୍ଥାକୁ ଅର୍ଥାଭାବର ସମ୍ମୁଖୀନ ହେବାକୁ ପଡ଼ିଛି। ତେଣୁ ସେ ଏହି ସଂସ୍ଥାକୁ ସାହାଯ୍ୟ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଆଗକୁ କ୍ୟାଟ୍ରିନା ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ନଜର ଆସିବେ। ଅକ୍ଷୟ କୁମାରଙ୍କ ଅପୋଜିଟ୍‌ରେ କ୍ୟାଟ୍ରିନାଙ୍କୁ ଦେଖିବାକୁ ମିଳିବ। କ୍ୟାଟ୍ରିନା ପ୍ରଥମଥର ପାଇଁ ନିର୍ମାତା ରୋହିତ ସେଟ୍ଟୀଙ୍କ ସହ କାମ କରିଛନ୍ତି। ଫିଲ୍ମଟି ମାର୍ଚ୍ଚରେ ରିଲିଜ ହେବାର ଥିଲା କିନ୍ତୁ 'କରୋନା' ପାଇଁ ଏହାକୁ ସ୍ଥଗିତ ରଖାଯାଇଛି।

# ଦାନ୍ତ ବିନ୍ଧା

**ଦାନ୍ତ ବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ ଉପଶମ ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହା ଦାନ୍ତ ବିନ୍ଧା ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**



–ସମାନ ପରିମାଣର ଗୋଲମରିଚ ଏବଂ ଲୁଣ ସହ ସାମାନ୍ୟ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଯେଉଁ ଦାନ୍ତ ବିନ୍ଧୁଛି ସେହି ସ୍ଥାନରେ ଏହି ପେଷ୍ଟକୁ ଲଗାଇ କିଛି ସମୟ ଛାଡି ଦିଅନ୍ତୁ। ଏହାଦ୍ୱାରା ଦାନ୍ତ ବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ।

–ଦାନ୍ତ ବିନ୍ଧାରୁ ଉପଶମ ପାଇବା ଲାଗି ରସୁଣ ପେଷ୍ଟ ବ୍ୟବହାର କରିପାରନ୍ତି। ରସୁଣ ପେଷ୍ଟରେ ସାମାନ୍ୟ ଲୁଣ ମିଶାଇ ବିନ୍ଧୁଥିବା ଦାନ୍ତରେ ଲଗାନ୍ତୁ। ଏହାଦ୍ୱାରା ଦାନ୍ତ ବିନ୍ଧାରୁ କେତେକାଂଶରେ ଆରାମ ମିଳିଥାଏ।

–ଲବଙ୍ଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହା ଜୀବାଣୁକୁ ନଷ୍ଟ କରିବା ସହ ପୀଡାକୁ ଉପଶମ ଦେଇଥାଏ। ଅଳ୍ପ ଲବଙ୍ଗକୁ ଗ୍ରାଇଣ୍ଡିଂ କରି ସେଥିରେ ଅଳ୍ପ ଅଲିଭ ଅଏଲ ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ବିନ୍ଧୁଥିବା ଦାନ୍ତ ଜାଗାରେ ଲଗାଇଲେ ସେଥିରୁ ଉପଶମ ମିଳିଥାଏ।

–ବିନ୍ଧୁଥିବା ଦାନ୍ତମୂଳରେ ଛୋଟ କଟା ପିଆଜ ରଖିଲେ କେତେକାଂଶରେ ଉପଶମ ମିଳିଥାଏ।

–ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ କୁଳୁକୁଞ୍ଚା କରନ୍ତୁ। ଏହାଦ୍ୱାରା ଦାନ୍ତ ବିନ୍ଧାରୁ ଉପଶମ ମିଳିଥାଏ।

## ସ୍ୱାସ୍ଥ୍ୟ ସୂଚନା



► ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ କିଛି ଚଲାବୁଲା କରନ୍ତୁ।

► ଯଦି କମ୍ପ୍ୟୁଟରରେ କାମ କରୁଛନ୍ତି ତେବେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ। କାମ ଭିତରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଫ୍ରେସ୍ ଲାଗିବା ସହ ଆଖି ସୁରକ୍ଷିତ ରହିଥାଏ।

► ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖି ପରୀକ୍ଷା କରାଇ ନେବା ସହ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

► ରାତ୍ର ଭୋଜନରେ ଯେତେ ହାଲକା ଖାଦ୍ୟ ଖାଇବେ ତାହା ସେତେ ଭଲ। କାରଣ ରାତିରେ ଏପରି ଖାଦ୍ୟ ଖାଆନ୍ତୁ ଯେମିତି ତାହା ସହଜରେ ହଜମ ହୋଇପାରୁଥିବ।

► ପ୍ରୋସେସଡ ଜଙ୍କ ଖାଦ୍ୟ ଯେତେ କମ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।

► ମାଛରେ ପ୍ରୋଟିନ୍ ଭରି ରହିଛି। ଏଥିରେ ଓମେଗା–୩ ଫ୍ୟାଟି ଏସିଡ୍ ଥିବାରୁ ତାହା ହୃଦ୍‌ରୋଗୀଙ୍କ ପାଇଁ ଉପକାରୀ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି।

► ଖାଇବା ପୂର୍ବରୁ ଅଳ୍ପ ପାଣି ପିଅନ୍ତୁ। ଏହାର ପରିମାଣ ଯେମିତି ଅଧିକ ନ ହୁଏ ସେଥିପ୍ରତି ନଜର ଦେବା ନିହାତି ଦରକାର।

# କରୋନା ଭୂତାଣୁ ଓ ନାନୋକଣିକା



ସୁପ୍ରଭାତ ସେନାପତି

ଆଜିକାଲି କରୋନା ଭୂତାଣୁ ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। କାହିଁକି ନା, ଏଇ ଭୂତାଣୁ ସାରା ବିଶ୍ୱକୁ ଭୟଭୀତ କରି ରଖିଛି। ସାରା ପୃଥିବୀରେ ଲୋକମାନଙ୍କର ଜୀବନଶୈଳୀକୁ ପ୍ରଭାବିତ କରିଛି। ଏଇ ଭୂତାଣୁ ଏକ ବିଂଶ ଶତାବ୍ଦୀର ମହାଜ୍ଞାନୀ ବୈଜ୍ଞାନିକମାନଙ୍କର ମଧ୍ୟ ନିଦ ହଜେଇ ଦେଇଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଯେଉଁ କରୋନା ଭୂତାଣୁ କଥା କୁହାଯାଉଛି, ତାହା ଧୂମକେତୁ କିମ୍ବା କୌଣସି ଉଲ୍‌କା ପଥର ପରି ବିଶାଳ ନୁହେଁ। ବରଂ ତାହାର ଆକାର ଅତି ଛୋଟ। ସେଗୁଡିକ ପ୍ରାୟତଃ ଗୋଲ, ଯାହାର ହାରାହାରି ମୋଟେଇ ମାତ୍ର ୧୨୫ ନାନୋମିଟର। ପୁଣି ବସ୍ତୁତ୍ୱ ହାରାହାରି ୦.୯ ଅଟୋଗ୍ରାମ୍। ଏକ ଅଟୋଗ୍ରାମ୍ ହେଉଛି ୧ ଗ୍ରାମ୍ ବସ୍ତୁତ୍ୱର ୧,୦୦୦,୦୦୦,୦୦୦,୦୦୦,୦୦୦,୦୦୦ ଭାଗରୁ ୧ ଭାଗ।

ନାନୋମିଟର କହିଲେ, ମିଟର ଓ ସେଣ୍ଟିମିଟର କଥା ମନେପଡେ। ଜଣେ ଲୋକର କହୁଣିଠାରୁ ମଝିଆଙ୍ଗୁଠିର ଅଗ୍ରଭାଗ ପର୍ଯ୍ୟନ୍ତ ଲମ୍ବକୁ ଆମେ କହୁ 'ଏକ ହାତ' ଲମ୍ବ। ଜଣେ ବୟସ୍କ ଲୋକର ପ୍ରାୟ ଦୁଇ ହାତ ଲମ୍ବର ଗୋଟିଏ ବାଡି ନେଲେ ତାହା ପାଖାପାଖି ଏକ ମିଟର ହେବ। ଆମେ ରାସ୍ତାରେ ଗଲାବେଳେ ଲେଖାଥାଏ 'କିଲୋମିଟର'। 'କିଲୋ' ଶବ୍ଦର ଅର୍ଥ ୧୦୦୦। ଏହାର ଅର୍ଥ, ଏକ କିଲୋମିଟର ହେଉଛି ୧୦୦୦ ମିଟର ସହିତ ସମାନ। ତେଣୁ ସିଧା ରାସ୍ତା ଉପରେ ୧୦୦୦ ଗୋଟି ଏକ ମିଟର ବାଡିକୁ ପଛକୁ ପଛ ଲଗେଇ ରଖିଲେ, ସମସ୍ତ ବାଡିକୁ ରଖିବା ସକାଶେ ଏକ କିଲୋମିଟର ରାସ୍ତା ଦରକାର ହେବ। ତେଣୁ ଏକ ମିଟର ଲମ୍ବର ୧୦୦ ଭାଗରୁ ୧ ଭାଗ ହେଉଛି ୧ ସେଣ୍ଟିମିଟର।

କରୋନା ଭୂତାଣୁର ଆକାରକୁ ନାନୋମିଟର ସ୍କେଲରେ ମାପ କରାଯାଏ। ଆଜିକାଲି ନାନୋମିଟର ଓ ନାନୋଟେକ୍ନୋଲୋଜି ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ବୈଜ୍ଞାନିକ ଉଦ୍ଭାବନକୁ ଆହୁରି ଅବିଶ୍ୱସନୀୟ ଓ ଚମକପ୍ରଦ କରିବା ଦିଗରେ ନାନୋ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। 'ନାନୋ' ଶବ୍ଦର ଅର୍ଥ ୧୦୦୦୦୦୦୦ ଭାଗରୁ ଏକ ଭାଗ। ତେଣୁ 'ନାନୋମିଟର' ଶବ୍ଦର ଅର୍ଥ ୧ ମିଟର ଲମ୍ବର ୧୦୦ କୋଟି ଭାଗରୁ ଏକ ଭାଗ। ଏକ ନାନୋମିଟର ହେଉଛି ଆମ ମୁଣ୍ଡ ବାଳ ମୋଟେଇର ୮୦,୦୦୦ ଭାଗରୁ ମାତ୍ର ଏକ ଭାଗ। ପଦାର୍ଥର କଣିକାଗୁଡିକର ଆକାର ୧ ନାନୋମିଟରରୁ ୧୦୦ ନାନୋମିଟର ଭିତରେ ରହିଲେ, ସେଗୁଡିକୁ ଆମେ ନାନୋକଣିକା ବୋଲି କହିପାରିବା। କରୋନା ଭୂତାଣୁଗୁଡିକ ନାନୋକଣିକା ସହିତ ତୁଳନୀୟ। ଯେହେତୁ କରୋନା ଭୂତାଣୁର ମୋଟେଇ ୧୨୫ ନାନୋମିଟର, ତେଣୁ ତାହା ଆମ ମୁଣ୍ଡ ବାଳ ମୋଟେଇର ୬୦୦ ଭାଗରୁ ମାତ୍ର ଏକ ଭାଗ ହେବ। ଏତେ କ୍ଷୁଦ୍ର ଭୂତାଣୁକୁ ଖାଲି ଆଖିରେ ଦେଖିବା ନିଶ୍ଚିତ ଭାବରେ ଅସମ୍ଭବ।



"କରୋନା ଭୂତାଣୁର ଆକାରକୁ ନାନୋମିଟର ସ୍କେଲରେ ମାପ କରାଯାଏ। ଆଜିକାଲି ନାନୋମିଟର ଓ ନାନୋଟେକ୍ନୋଲୋଜି ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ବୈଜ୍ଞାନିକ ଉଦ୍ଭାବନକୁ ଆହୁରି ଅବିଶ୍ୱସନୀୟ ଓ ଚମକପ୍ରଦ କରିବା ଦିଗରେ ନାନୋକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। 'ନାନୋ' ଶବ୍ଦର ଅର୍ଥ ୧୦୦୦୦୦୦୦୦ ଭାଗରୁ ଏକ ଭାଗ। ତେଣୁ 'ନାନୋମିଟର' ଶବ୍ଦର ଅର୍ଥ ୧ ମିଟର ଲମ୍ବର ୧୦୦ କୋଟି ଭାଗରୁ ଏକ ଭାଗ। ଏକ ନାନୋମିଟର ହେଉଛି ଆମ ମୁଣ୍ଡ ବାଳ ମୋଟେଇର ୮୦,୦୦୦ ଭାଗରୁ ମାତ୍ର ଏକ ଭାଗ।"

ଏହି କ୍ଷୁଦ୍ର ଭୂତାଣୁକୁ ଇଲେକ୍‌ଟ୍ରନ୍ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଦେଖିହେବ। ଏହାର ଶରୀର ଉପରେ ଛୋଟ ଛୋଟ କୀଳା (ଶଙ୍କୁ) ରହିଥାଏ। ସାଧାରଣ ଥଣ୍ଡା, ତଣ୍ଟିବଥା, ଛିଙ୍କ ଓ କାଶ କରୁଥିବା ଭୂତାଣୁଗୁଡିକ ଭିତରେ ରାଇନୋଭୂତାଣୁର ଅଧିକ ଭୂମିକା ରହିଛି। ଏଗୁଡିକ କରୋନା ଭୂତାଣୁ ତୁଳନାରେ ଛୋଟ। ରାଇନୋଭୂତାଣୁର ହାରାହାରି ମୋଟେଇ ୩୦ ନାନୋମିଟର। ତେଣୁ କରୋନା ଭୂତାଣୁର ମୋଟେଇ ସାଧାରଣ ଥଣ୍ଡାକାଶ କରୁଥିବା ଭୂତାଣୁଠାରୁ ୪ ଗୁଣ ଅଧିକ। କରୋନା ଭୂତାଣୁକୁ ମାରିବା ପାଇଁ ଏଯାଏ ଔଷଧ ବାହାରି ନାହିଁ। ଏବେ ବି ସକ୍ରିୟ ଗବେଷଣା ଚାଲିଛି। କେତେକ ଦେଶରେ ମ୍ୟାଲେରିଆ ପାଇଁ ବ୍ୟବହୃତ 'ହାଇଡ୍ରୋକ୍ସିକ୍ଲୋରକୁଇନ୍' ଓ ଇବୋଲା ପାଇଁ ବ୍ୟବହୃତ 'ରେମଡେସିଭିର' ବ୍ୟବହାର କରାଯାଉଛି। ଭାରତରେ ଅଶ୍ୱଗନ୍ଧା ଓ ପିପ୍ପଳୀ ଆଦିରୁ ପ୍ରସ୍ତୁତ ଆୟୁର୍ବେଦିକ ଔଷଧ ଉପରେ ପରୀକ୍ଷଣ ଚାଲିଛି।

*–ଏମ୍.ଫିଲ୍. (ପଦାର୍ଥ ବିଜ୍ଞାନ), ମାର୍ଫତ୍: ପ୍ରଭାକର ସେନାପତି, ସଛିଆ, ଭଦ୍ରକ*

# କାର୍ଯ୍ୟଦକ୍ଷତା ବଢ଼ାଏ ସୁସ୍ଥ ଜୀବନଶୈଳୀ



ସୁସ୍ଥ ଜୀବନଶୈଳୀକୁ ଆଗେଇବା ଏତେ ସହଜ ନୁହେଁ। କାରଣ ଏଥିପାଇଁ ଆମକୁ ଅନେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡିଥାଏ। ଆଜିକାଲିର ବ୍ୟସ୍ତମୟ ଜୀବନରେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ସବୁଠାରୁ ବଡ କଥା। ହେଲେ କେତେକେ ଏଥିପ୍ରତି ନଜର ଦେଇ ନ ଥାନ୍ତି। ଫଳରେ ସେମାନେ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ସୁସ୍ଥ ଜୀବନଶୈଳୀ ଆମର କାର୍ଯ୍ୟଦକ୍ଷତା ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଜଣାପଡିଛି। ଯେଉଁମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯେତେ ସଚେତନ ସେହି ଅନୁସାରେ ସେମାନଙ୍କର କାର୍ଯ୍ୟଦକ୍ଷତା ଆହୁରି ସକ୍ରିୟ ରହିଥାଏ। କେବଳ ସେତିକି ନୁହେଁ, କାମ କରିବା ସମୟରେ ସେମାନେ କମ୍ ପରିମାଣରେ ଚାପର ସମ୍ମୁଖୀନ ହୋଇଥାଆନ୍ତି। କାରଣ ଜୀବନଶୈଳୀ ସୁସ୍ଥ ରହିଲେ ତାହା ଆମ ମାନସିକତାକୁ ସକାରାତ୍ମକ ରଖିଥାଏ, ଫଳରେ ଆମେ ତୁଲାଉଥିବା କାମ ପ୍ରତି ଅଧିକ ଯତ୍ନବାନ ହୋଇଥାଉ।

# ଗ୍ୟାଷ୍ଟ୍ରିକ ସମସ୍ୟା

➤ ଗ୍ୟାଷ୍ଟ୍ରିକ ସମସ୍ୟା ଥିଲେ ଅଧିକ ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହା ଗ୍ୟାଷ୍ଟ୍ରିକ ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ।

➤ ଅଧିକ ଚର୍ବିଜାତୀୟ ଏବଂ ଫ୍ରାଏ ହୋଇଥିବା ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ ଆଚାର ଏବଂ ଅଧିକ ଲୁଣିଆ ଖାଦ୍ୟ ଖାଆନ୍ତୁ ନାହିଁ।

➤ ଭିନେଗାର ଏବଂ ଭିନେଗାରରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ନାହିଁ।

➤ ସୋରିଷ ମସଲାରେ ପ୍ରସ୍ତୁତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ ଏପରି ସମସ୍ୟା ଥିଲେ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ।

➤ ଅଧିକ କୋଲେଷ୍ଟରଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ।

➤ ଦୁଗ୍ଧଜାତୀୟ ଖାଦ୍ୟ–ମିଲ୍‌କ ସେକ୍, କ୍ଷୀର ସର, ଛେନା, ଆଇସକ୍ରିମ ଠାରୁ ନିଜକୁ ଦୂରେଇ ରଖନ୍ତୁ।

➤ କଦାପି ପେଟପୁରା ଖାଦ୍ୟ ଖାଆନ୍ତୁ ନାହିଁ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇ ପାରୁଥିବ।

➤ ଖାଦ୍ୟ ହଜମ କରିବାରେ ପାଣିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପ୍ରତିଦିନ ଅତିକମ୍‌ରେ ୨–୩ ଲିଟର ପାଣି ପିଅନ୍ତୁ।



# ସୋନିକ ଟ୍ରାକ୍ଟର ବିମ୍

ଧ୍ୱନି ଏବଂ ତରଙ୍ଗ ମାଧ୍ୟମରେ ଛୋଟ ଛୋଟ ବସ୍ତୁକୁ ଉଠାଯାଇପାରିବ। ଏପରି ଏକ ପ୍ରୟାସ କରି ନିକଟରେ ସଫଳ ହୋଇଛନ୍ତି ଇଂଲଣ୍ଡସ୍ଥିତ ସସେକ୍ସ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଏପରି ଏକ ବିମ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ଆଧାର କରି ଏପରି କାମ ସହଜରେ ସମ୍ପାଦନ କରାଯାଇପାରିବ। ଉକ୍ତ ନୂଆ ବିମ୍‌କୁ ସେମାନେ 'ସୋନିକ୍ ଟ୍ରାକ୍ଟର ବିମ୍'ନାମରେ ନାମିତ କରିଛନ୍ତି। କୌଣସି ବସ୍ତୁକୁ ଉଠାଇବା କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁଞ୍ଚାଇବା ପାଇଁ ଏହି ଟ୍ରାକ୍ଟରରେ ୬୪ଟି କ୍ଷୁଦ୍ର ମାଇକ୍ରୋଫୋନ୍ ସଂଯୋଗ କରାଯାଇଛି। ଉକ୍ତ ଶକ୍ତିସମ୍ପନ୍ନ ଟ୍ରାକ୍ଟରଟି କିପରି କାମ କରୁଛି ତାହା ମଧ୍ୟ ପରୀକ୍ଷା କରି ସେମାନେ ସଫଳ ହୋଇଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ସେମାନେ ଚେଷ୍ଟା ଜାରି ରଖିଛନ୍ତି।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଖାଦ୍ୟ

ଡା. ନିତ୍ୟାନନ୍ଦ ସ୍ୱାଇଁ

(ଶେଷ ଭାଗ)

**ଭିଟାମିନ୍ 'ଇ' :** ଭିଟାମିନ୍–'ଇ'ର ରହିଛି ଅତି ଫଳପ୍ରଦ ଆଣ୍ଟିଅକ୍ସିଡାଣ୍ଟ ବା ପ୍ରତିଜାରକ ପ୍ରଭାବ। ତେଣୁ ଏହା ଅତ୍ୟନ୍ତ କ୍ଷତିକାରୀ ମୁକ୍ତମୂଳକ ବା ଫ୍ରିରେଡିକାଲଗୁଡ଼ିକ ଅକାମୀ କରିଦିଏ। ଏହି ଭିଟାମିନ୍‌ଟି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଓ ଏହାର ଅଭାବରେ ରୋଗ ପ୍ରତିରୋଧକ ଶକ୍ତି ବ୍ୟାହତ ହୋଇପଡେ। ତେଣୁ ଭିଟାମିନ୍ 'ଇ'ରେ ଥିବା ଖାଦ୍ୟ ବେଶି ପରିମାଣରେ ଖାଇଲେ ରୋଗ ପ୍ରତିରୋଧକ ପ୍ରକ୍ରିୟାକୁ ପ୍ରୋତ୍ସାହନ ମିଳିଯାଏ। ଭିଟାମିନ୍ 'ଇ' ପ୍ରଧାନ ଖାଦ୍ୟଗୁଡିକ ହେଲା–ସୋୟାବିନ୍ ତେଲ, ପେଶୀ ତେଲ, ସୂର୍ଯ୍ୟମୁଖୀ ତେଲ, ବାଦାମ ତେଲ, ମକା ତେଲ, କୁଣ୍ଡା ତେଲ, ମାଛ, ମାଂସ ଓ ଅଣ୍ଡା ଇତ୍ୟାଦି।

**ଭିଟାମିନ୍ 'ସି' :** ଆଣ୍ଟିଅକ୍ସିଡାଣ୍ଟ ଭାବରେ ଭିଟାମିନ୍ 'ସି' ମଧ୍ୟ ଅତି ଫଳପ୍ରଦ। ଶୀରରର ଯେଉଁସବୁ କୋଷିକାଗୁଡିକ ଜୀବାଣୁ–ଭୂତାଣୁ ଆଦି ଅଣୁଜୀବଗୁଡିକୁ ଗିଳି ପକାଇ ରୋଗ ପ୍ରତିରୋଧକ ସହାୟକ ହୋଇଥାଆନ୍ତି, ତା'ସହ ସେଗୁଡିକୁ ସକ୍ରିୟ ତଥା କାର୍ଯ୍ୟକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଭିଟାମିନ୍ 'ସି'। ତେଣୁ ବିଭିନ୍ନ ସଂକ୍ରମଣ ଏବଂ ପ୍ରଦାହରେ ଡାକ୍ତରମାନେ ଭିଟାମିନ୍ 'ସି' ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଏହି ଭିଟାମିନ୍‌ର ଅଭାବ ହେଲେ ରୋଗ ସଂକ୍ରମଣ ସହଜ ହୋଇଥାଏ। ଭିଟାମିନ୍ 'ସି'ର ପ୍ରଧାନ ଖାଦ୍ୟଗୁଡିକ ହେଲା– ଅଁଳା, ଲେମ୍ବୁ, ଚଭା, ବାତାପି, କମଳା, ଆପଲ, ପିଜୁଳି, କଦଳୀ, ଟମାଟୋ, କଞ୍ଚାଲଙ୍କା, ଆଳୁ, ବନ୍ଧାକୋବି।

**ଭିଟାମିନ୍ 'ଡି' :** ଆମ ଚର୍ମରେ ସୂର୍ଯ୍ୟକିରଣ ପଡ଼ିଲେ ଚର୍ମରେ ଭିଟାମିନ୍ 'ଡି' ତିଆରି ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ଉପରେ ଏହାର ରହିଛି ଅନୁକୂଳ ପ୍ରଭାବ। ଭିଟାମିନ୍ 'ଡି'ର ଖାଦ୍ୟ ଉତ୍ସ ହେଲା– କ୍ଷୀର, ମାଛ ତେଲ, କଲିଜା ଏବଂ ଅଣ୍ଡା।

**ଆଇରନ୍ :** ଆମ ଦେଶରେ ପ୍ରାୟ ଅଧାଅଧି ଲୋକଙ୍କଠାରେ ଆଇରନ୍ (ଲୌହ)ର ଅଭାବ ପରିଲକ୍ଷିତ ହୋଇଥାଏ। ଏହାର ଅଭାବରେ ରୋଗ ପ୍ରତିରୋଧକ ତନ୍ତ୍ରର କ୍ରିୟା ବ୍ୟାହତ ହୋଇପଡୁଥିବାରୁ ଲୌହର ଅଭାବ ଭୋଗୁଥିବା ବ୍ୟକ୍ତିମାନେ ଅଣୁଜୀବ ସଂକ୍ରମଣ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ଲୌହଥିବା ଖାଦ୍ୟ ଅଧିକ ପରିମାଣରେ ଖାଇ ଏହାର ଅଭାବ ପୂରଣ କରିଦେଲେ ସଂକ୍ରମଣ ହାର ହ୍ରାସ ପାଇଥାଏ। ଅଧିକ ଲୌହ ମିଳୁଥିବା ଖାଦ୍ୟଦ୍ରବ୍ୟଗୁଡିକ ହେଲା–ଚାଉଳ, ଗହମ, ଚୁଡା, ମୁଢ଼ି, ମୁଗ, ବୁଟ, ସବୁପ୍ରକାର ଶାଗ, ମେଥି, ପାଳଙ୍ଗ, ସୋୟାବିନ୍, ମାଛ, ମାଂସ, କଲିଜା, କଙ୍କଡା ଓ ଚିଙ୍ଗୁଡି ଆଦି।



**ଜିଙ୍କ୍ :** ସକ୍ରିୟ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଜିଙ୍କ୍ ବା ଦସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି କି ଜିଙ୍କ୍‌ର ସାମାନ୍ୟ ଅଭାବରେ ମଧ୍ୟ ରୋଗ ପ୍ରତିରୋଧକ ତନ୍ତ୍ର କାର୍ଯ୍ୟ ଗୁରୁତର ଭାବରେ ବ୍ୟାହତ ହୋଇପଡେ। ରୋଗ ପ୍ରତିରୋଧକ ତନ୍ତ୍ରର କୋଷିକାଗୁଡିକ ନିଜର କାର୍ଯ୍ୟ ପାଇଁ ଯେଉଁ ସବୁ ଏନ୍‌ଜାଇମର ସାହାଯ୍ୟ ନେଇଥାଆନ୍ତି ସେହି ସବୁ ଏନ୍‌ଜାଇମ୍ କାର୍ଯ୍ୟ ନିମନ୍ତେ ଜିଙ୍କ୍ ଅପରିହାର୍ଯ୍ୟ। ସେଥିପାଇଁ ସଂକ୍ରାମକ ରୋଗାକ୍ରାନ୍ତ ବ୍ୟକ୍ତିମାନେ ନିର୍ଦ୍ଦିଷ୍ଟ ଚିକିତ୍ସା ସହ ଜିଙ୍କ୍ ରହିଥିବା ଔଷଧ ଖାଇଲେ ଶୀଘ୍ର ଉପଶମ ଲାଭ କରିଥାଆନ୍ତି। ଅଧିକ ଜିଙ୍କ୍ ମିଳୁଥିବା ଖାଦ୍ୟଗୁଡିକ ହେଲା–ସାମୁଦ୍ରିକ ମାଛ, ମାଂସ, ଅଣ୍ଡା, କ୍ଷୀର, ଶିମ୍ବଜାତୀୟ ପରିବା, ବିନ୍‌ସ, ଚାଉଳ, ଗହମ, କାବୁଲି ବୁଟ, କାଜୁ ଇତ୍ୟାଦି।

**ସେଲିନିୟମ :** ସେଲିନିୟମ ହେଉଛି ଏକ ଅତି ସକ୍ରିୟ ଆଣ୍ଟି ଅକ୍ସିଡାଣ୍ଟ। ଏହା ମୁକ୍ତମୂଳକ ବା ଫ୍ରିରେଡିକାଲଗୁଡିକୁ ଅକାମୀ କରିଦେଇ ରୋଗ କବଳରୁ ସୁରକ୍ଷିତ ରଖିଥାଏ। ବେଶି ସେଲିନିୟମ ରହିଥିବା ଖାଦ୍ୟଗୁଡିକ ହେଲା–ସାମୁଦ୍ରିକ ମାଛ, ଯକୃତ ବା କଲିଜା, ମାଂସ, ଚାଉଳ, ଗହମ, ଡାଲି, ପନିପରିବା ଓ ଫଳ ଇତ୍ୟାଦି।

**ଭିଟାମିନ୍ ବି–୬ :** ଭିଟାମିନ୍ ବି–୬ ହେଉଛି ଭିଟାମିନ୍ ବି–କମ୍ପ୍ଲେକ୍ସ ପରିବାରଭୁକ୍ତ ଏକ ଭିଟାମିନ୍। ଆମିନୋ ଏସିଡ୍‌ଗୁଡିକର ସଂଶ୍ଳେଷଣରେ ଭିଟାମିନ୍ ବି–୬ର ବଡ ଭୂମିକା ରହିଛି। ରୋଗ ପ୍ରତିରୋଧକ ଶକ୍ତି ସହ ଘନିଷ୍ଠ ଭାବରେ ଜଡିତ ଆଣ୍ଟିବଡି, ସାଇଟୋକାଇନସ ଏବଂ ଅନ୍ୟାନ୍ୟ ପ୍ରୋଟିନମାନ ଆମିନୋ ଏସିଡ୍‌ଗୁଡିକୁ ନେଇ ଗଠିତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତିକୁ କାର୍ଯ୍ୟକ୍ଷମ କରିବାରେ ଭିଟାମିନ୍ ବି–୬'ର ରହିଛି ପରୋକ୍ଷ ଭୂମିକା। ଏହାର ଅଭାବରେ ଆଣ୍ଟିବଡି ତିଆରି କରୁଥିବା ଲିମ୍ଫୋସାଇଟ୍‌ର ବୃଦ୍ଧି ଓ ବିକାଶ ବ୍ୟାହତ ହୋଇ ବାଧାପ୍ରାପ୍ତ ହୁଏ ଆଣ୍ଟିବଡି ସଂଶ୍ଳେଷଣ। ପ୍ରତିକୂଳ ପ୍ରଭାବ ପଡେ ପ୍ରତିରକ୍ଷା ତନ୍ତ୍ର ସହ ଜଡିତ କ୍ରିୟା। ଭିଟାମିନ୍ ବି–୬ ଥିବା ପ୍ରଧାନ ଖାଦ୍ୟଗୁଡିକ ହେଲା– ଶାଗ, ବନ୍ଧାକୋବି, ଚାଉଳ, ଗହମ, ଡାଲି, ଗାଜର, କଦଳୀ, କ୍ଷୀର, ମାଛ, ମାଂସ, ଅଣ୍ଡା ଓ କଲିଜା ଇତ୍ୟାଦି।

**ପଲିଅନ ସାଚୁରେଟେଡ୍ ଫ୍ୟାଟି ଏସିଡ୍ :** ପଲିଅନ ସାଚୁରେଟେଡ୍ ଫ୍ୟାଟି ଏସିଡ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଆନ୍ତି। ପଲିଅନ ସାଚୁରେଟେଡ୍ ଫ୍ୟାଟି ଏସିଡ୍ ବେଶି ପରିମାଣରେ ମିଳୁଥିବା ଖାଦ୍ୟଦ୍ରବ୍ୟଗୁଡିକ ହେଲା–ସାମୁଦ୍ରିକ ମାଛ, ଅଣ୍ଡା, ସୋୟାବିନ ତେଲ, ସୋରିଷ ତେଲ, ବାଦାମ ତେଲ, ରାଶି ତେଲ, ସାଫ୍ଲାୱାର ତେଲ, କୁଣ୍ଡା ତେଲ, ଅଖରୋଟ୍, ପାଳଙ୍ଗ ଇତ୍ୟାଦି।

ଏହାବ୍ୟତୀତ ପୁଷ୍ଟିସାରରୁ ମିଳୁଥିବା ଆର୍ଜିନିନ୍, ମାଛ, ମାଂସ, ଅଣ୍ଡା, କ୍ଷୀର, ଛେନା, ବିନ୍‌ସ, ବିଟ୍, ବନ୍ଧାକୋବି, ପାଳଙ୍ଗ, ଗାଜର, ଗହମ ଓ ଅମୃତଭଣ୍ଡା ଇତ୍ୟାଦିରୁ ମିଳୁଥିବା ଗ୍ଲୁଟାମିନ୍, ଶାଗ, ପାଳଙ୍ଗ, ଚାଉଳ, ଗହମ, ଅଣ୍ଡା, ମାଛ, ମାଂସ ଓ କଲିଜାରୁ ମିଳୁଥିବା ଫଲିକ ଏସିଡ୍ ରୋଗ ପ୍ରତିରୋଧକ ଶକ୍ତିର ଉନ୍ନତି ସାଧନ କରିଥାଏ।

*–'ଅଭୀପିସା', ସେକ୍ଟର–୬, ପ୍ଲଟ ନଂ.–୧୧୩୧, ସିଡିଏ, କଟକ, ମୋ : ୮୩୨୮୯୭୫୧୧୮*

**କରୋନା ମୁକାବିଲା: ସାମିଲ ନ ହୁଅନ୍ତୁ ବୟସ୍କ କର୍ମଚାରୀ**

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଥିରେ ସର୍ବାଧିକ ବୟସ୍କ ବ୍ୟକ୍ତି ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ କରୋନା ସଂକ୍ରମଣ ହେବାର ସମ୍ଭାବନା ଅଧିକ। ବିଭିନ୍ନ ସର୍ଭେରୁ ଏହା ପ୍ରମାଣିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୫୦ ବର୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ ନ କରିବାକୁ ଶନିବାର ଆସ୍ଥା ଫାଉଣ୍ଡେଶନର ମୁଖ୍ୟ ଡ. ଷ୍ଟାଲିନ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଅମ୍ଫନ୍ ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍‌ର ପ୍ରସ୍ତୁତି



ନରାଜ, ୧୭।୫ (ଡି.ଏନ୍.ଏ.) ଓଡିଶା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଅମ୍ଫନ୍‌କୁ ମୁକାବିଲା କରିବା ପାଇଁ ଏନ୍‌ଡିଆର୍‌ଏଫ ଟିମ୍ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନେଇ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ୧୦ ଟିମ୍ କରାଯାଇ ବିଭିନ୍ନ ଜିଲାକୁ ପଠାଯାଇଛି। ସିନିୟର କମାଣ୍ଡାଣ୍ଟ ଜାକବ କିସ୍ପୋଟା ଏସବୁ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଏସବୁ ଟିମ୍ ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକକୁ ୨ଟି ଲେଖାଏ ଟିମ୍ ଯାଇଥିବା ବେଳେ ଜଗତ୍‌ସିଂହପୁର, ପୁରୀ, ଯାଜପୁର ଓ ମୟୂରଭଞ୍ଜ ଜିଲାକୁ ଗୋଟିଏ ଲେଖାଏ ଟିମ୍ ଯାଇଛନ୍ତି।

### ବାଙ୍କୀରେ ଜଣେ କରୋନା ଆକ୍ରାନ୍ତ

ବାଙ୍କୀ,୧୭।୫(ସ୍ୱ.ପ୍ର.)- ବାଙ୍କୀ ବ୍ଲକ କେନ୍ଦୁପଲ୍ଲୀସ୍ଥିତ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ ରବିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଗତ ୧୩ ତାରିଖରେ କୋଲକାତାରୁ ଫେରିଥିଲେ। କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିବା ପରେ ତାଙ୍କ ସହ ସଙ୍ଗରୋଧ କେନ୍ଦ୍ରରେ ଥିବା ୭ ଜଣଙ୍କ ସ୍ୱାବ୍ ପରୀକ୍ଷା କରିବା ପାଇଁ ସ୍ଥିର କରାଯାଇଛି। ଏଥିସହ ଆକ୍ରାନ୍ତ ବ୍ୟକ୍ତିଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡି-୧୯ହସ୍ପିଟାଲକୁ ପଠାଯାଇଛି ବୋଲି ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁ କହିଛନ୍ତି। ଗତ ୧୫ ତାରିଖରେ ସମ୍ପୃକ୍ତ ଆକ୍ରାନ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ କେନ୍ଦୁପଲୀର ସମସ୍ତ ଅଞ୍ଚଳ ବିଶୁଦ୍ଧୀକରଣ କରାଯାଇଛି ବୋଲି ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା କହିଛନ୍ତି।

### ଅମ୍ଫନ ମୁକାବିଲା ପାଇଁ ସ୍ଥିତି ପରଖିଲେ ସ୍ୱତନ୍ତ୍ର ଅଧିକାରୀ

କୋଣାର୍କ,୧୭।୫(ଡି. ଏନ.ଏ)- କୋଣାର୍କ ଏନ୍‌ଏସି ପାଇଁ ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀ ମୟୂର ସୂର୍ଯ୍ୟବଂଶ ରବିବାର କୋଣାର୍କ ଗସ୍ତ କରି ଅମ୍ଫନର ମୁକାବିଲା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିରାପଦ ଆଶ୍ରୟସ୍ଥଳ ଯଥା ବେରୁହଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଣାର୍କ ଆଶ୍ରମ ସ୍କୁଲ ଓ ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳ ମାନ ଅଧିକାରୀ ପରିଦର୍ଶନ କରିଥିଲେ। ଏଥିପାଇଁ ଶୁଖିଲା ଖାଦ୍ୟ, ପାନୀୟଜଳ ଯୋଗାଣ ସହ ଗର୍ଭବତୀ ମହିଳା,ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ଶିଶୁମାନଙ୍କ ନିମନ୍ତେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସଙ୍କୁ ପ୍ରସ୍ତୁତି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୋଣାର୍କ ଏନଏସି ନୋଡାଲ ଅଫିସର ଭାଗୀରଥି ବରାଳ ଓ ପଞ୍ଚାନନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### କୁକୁର ସହ ଯୌନକ୍ରିୟା ଥାନାରେ ବୃଦ୍ଧ ଅଟକ

ଭୁବନେଶ୍ୱର,୧୭।୫ (ବ୍ୟୁରୋ) - ସମାଜ ଯେତିକି ଶିକ୍ଷିତ ଓ ସଚେତନ ହେଉଛି, କିଛି ମଣିଷ ପଶୁଠୁ ବି ବଳିଯାଉଛନ୍ତି। ଏଭଳି ଏକ ଅସ୍ୱାଭାବିକ ତଥା କୁତ୍ସିତ ଘଟଣା ଇନ୍‌ଫୋସିଟି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏକ କୁକୁର ସହ ଯୌନ କ୍ରିୟା କରିଛନ୍ତି ଜଣେ ୬୫ ବର୍ଷୀୟ ବ୍ୟକ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେସ୍ ନଂ-୭୦/୧୯ ଦଫା ୩୭୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୃଦ୍ଧଙ୍କ ଅଟକ ରଖି ପଚରାଉଚରା କରୁଛି। ଏହାସହ ପୋଲିସ ଉକ୍ତ କୁକୁରର କିଛି ନମୁନା ପରୀକ୍ଷା ପାଇଁ ପଠାଇଛି। ସୂଚନା ଅନୁଯାୟୀ,ଉକ୍ତ ବୃଦ୍ଧ ଜଣକ ଏକ ଆପାର୍ଟମେଣ୍ଟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ଡ୍ୟୁଟି ସମୟରେ କେହି ନ ଥିବାର ସୁଯୋଗ ନେଇ ଏକ କୁକୁରକୁ ଧରି ତା'ସହ ଜବରଦସ୍ତ ଯୌନକ୍ରିୟା କରିଥିଲେ। କୁକୁରଟିର ରଡି ଶୁଣି ସ୍ଥାନୀୟ ଜଣେ ଯୁବକ ସେଠାରେ ପହଞ୍ଚି ଘଟଣା ଦେଖି ପାଟି କରିଥିଲେ। ପରେ ବୃଦ୍ଧ ଜଣକ କୁକୁରକୁ ଛାଡି ପଳାଇଥିଲେ। ପରେ ଯୁବକ ଜଣକ ଏ ସମ୍ପର୍କରେ ଆନିମଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ରକୁ ଖବର ଦେଇଥିଲେ। ସଂସ୍ଥାର ସଦସ୍ୟ ପହଞ୍ଚି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ବୃଦ୍ଧଙ୍କୁ ଥାନାକୁ ଉଠାଇ ଆଣିଥିଲା। ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ କରାଯାଇ କୁକୁରର ଡାକ୍ତରୀ ମାଇନା କରାଯାଇଛି। ରିପୋର୍ଟ ଆସିବା ପରେ ବୃଦ୍ଧଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

# ପୁରୀ: ୭ ବ୍ଲକରେ ୨୯ ଆକ୍ରାନ୍ତ

- କରୋନା ଗ୍ରାଫ୍ ଉପରମୁହାଁ
- ନୂଆ ୭ ଆକ୍ରାନ୍ତଙ୍କ ମଧ୍ୟରୁ ୬ ପଶ୍ଚିମବଙ୍ଗ ଓ ସୁରଟ ଫେରନ୍ତା

ପୁରୀ ଅଫିସ,୧୭।୫:

ରାଜ୍ୟରେ ହୁ ହୁ ହୋଇ ମାଡ଼ିଚାଲିଛି ମହାମାରୀ କରୋନା। ଏହି ପ୍ରାଣଘାତୀ ଭୂତାଣୁକୁ ନେଇ ଏବେ ସମସ୍ତେ ଚିନ୍ତିତ ଥିବାବେଳେ ପୁରୀ ଜିଲାର କରୋନା ଗ୍ରାଫ୍ ଉପରମୁହାଁ ହୋଇ ଗତିକରୁଛି। ଶନିବାର ରାତିରେ ଜିଲାରୁ ୭ ଓ ରବିବାର ୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ନେଇ ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯ ଛୁଇଁଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବାବେଳେ ଏବେ ୨୮ ଜଣ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ୭ ଆକ୍ରାନ୍ତଙ୍କ ମଧ୍ୟରେ ୩ଜଣ ଲେଖାଏ ପଶ୍ଚିମବଙ୍ଗ ଓ ସୁରଟ ଫେରନ୍ତା ହୋଇଥିବାବେଳେ ଜଣେ ସ୍ଥାନୀୟ ବ୍ୟକ୍ତି ଅଛନ୍ତି। ଗତ ୭ ଦିନରେ ଜିଲାରୁ ୨୯ ଆକ୍ରାନ୍ତ ଚିହ୍ନଟ ହେବା ଜିଲାବାସୀଙ୍କ ଚିନ୍ତା ବଢାଇଛି।

ନୂଆ ଆକ୍ରାନ୍ତଙ୍କ ସମ୍ପର୍କରେ ରବିବାର ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ଶନିବାର ରାତିରେ ଜିଲାରୁ ୭ଜଣଙ୍କ କରୋନା ପଜିଟିଭ ବାହାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକର ୪ଜଣ, କଣାସ, ସତ୍ୟବାଦୀ ଏବଂ ଅସ୍ତରଙ୍ଗରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ କୋଲକାତା ଓ ୩ଜଣ ସୁରଟ ଫେରନ୍ତା ହୋଇଥିବାବେଳେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧ ଭାବେ ରହୁଥିଲେ। ସତ୍ୟବାଦୀ ବ୍ଲକ ମହୁରା ପଞ୍ଚାୟତ ଡାଙ୍ଗୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ପଜିଟିଭ ବାହାରିଥିବାରୁ ସେହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ (ଆବଦ୍ଧ ଅଞ୍ଚଳ) ଘୋଷଣା କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଏମ୍‌ସରେ ଆଡମିଟ୍ ହୋଇଥିଲେ, ପରେ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୬ଜଣଙ୍କୁ ମଧ୍ୟ କୋଭିଡ୍ ହସ୍ପିଟାଲ ପଠାଯାଇଛି ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ଅଛି। କରୋନା ମୁକାବିଲା ପାଇଁ ଆମେ ସାମାଜିକ ଦୂରତ୍ୱ ପାଳନ ସହ ମାସ୍କ ପିନ୍ଧିବା ଉଚିତ। ନଚେତ ଯେଉଁଳି ଭାବେ ପଜିଟିଭ ସଂଖ୍ୟା ବଢୁଛି ସମସ୍ତେ ଅସୁବିଧାରେ ପଡ଼ିବା ବୋଲି ଜିଲାପାଳ କହିଛନ୍ତି।

ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ ତାରିଖରେ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହୀର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନରୁ ଫେରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଏବେ ଘରେ ଅଛନ୍ତି। ଏହାପରେ ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ କେସ୍ ବାହାରି ନ ଥିବାରୁ ପୁରୀ ଗ୍ରୀନ୍ ଜୋନରେ ରହିଥିଲା। ମାତ୍ର ଗତ ୧୦ ତାରିଖ ପରଠୁ ଜିଲାର କରୋନାଗ୍ରାଫ୍ ଉପରମୁହାଁ ହୋଇଛି। ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି। ୧୦ ତାରିଖରେ ପୁରୀ ସହର ରେଣୁକା ଗଳିରୁ ୨ଜଣ ଚିହ୍ନଟ ହୋଇଥିଲେ। ଏମାନେ ଥିଲେ ପଶ୍ଚିମବଙ୍ଗ ଫେରନ୍ତା। ୧୨ ତାରିଖରେ ଗୋପ ବ୍ଲକ ଅଞ୍ଚଳର ସୁରଟ ଫେରନ୍ତା ଜଣେ ୩୫ ବର୍ଷୀୟ ଯୁବକଙ୍କ ରିପୋର୍ଟ ପଜିଟିଭ ବାହାରିଥିଲା। ୧୫ ତାରିଖରେ କଣାସ ବ୍ଲକରୁ ୧୦ଜଣ ସୁରଟ ଫେରନ୍ତା, ୧୬ ତାରିଖରେ ଅସ୍ତରଙ୍ଗ ଏବଂ କାକଟପୁର ବ୍ଲକର ୨ଜଣ ଲେଖାଏ ପଶ୍ଚିମବଙ୍ଗ ଫେରନ୍ତା ଚିହ୍ନଟ ହୋଇଥିଲେ। ଫଳରେ ସଂଖ୍ୟା ୧୮ ଛୁଇଁଥିଲା। ଜିଲାର ୧୧ ବ୍ଲକ ମଧ୍ୟରୁ ଏବେ ୪ଟି (ପୁରୀ ସଦର, କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ନିମାପଡ଼ା)କୁ ବାଦ୍ ଦେଲେ ୭ଟି ବ୍ଲକରେ କରୋନା ପହଞ୍ଚିସାରିଲାଣି।

**ରଥ ଖଳାରୁ...**



ପୁରୀ ରଥଖଳାରେ ରବିବାର ତୁମ୍ବ ଏବଂ ଅର ସଂଯୋଗ ପଇକୁ ସଂଯୋଗ ଲାଗି ସୂତା ବାଡିଆ ଯାଉଛି ।

# ବର୍ଷାଜଳ ନିଷ୍କାସନ ନେଇ ବିଏମ୍‌ସିର ଚିନ୍ତା ବଢ଼ିଲା

- ୪ ଦିନ ବର୍ଷିବ, ୩ ଦିନ ସାମାନ୍ୟ ବର୍ଷା
- ସମ୍ବେଦନଶୀଳ ଅଞ୍ଚଳ ପାଇଁ ବ୍ୟବସ୍ଥା ଶୂନ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟା ଅମ୍ଫନ ପ୍ରଭାବରେ ଆସନ୍ତା ସପ୍ତାହ ସାରା ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଆସନ୍ତା ସପ୍ତାହ ସାରା ବର୍ଷା ଲାଗି ରହିବ। ଏପଟେ ରାଜଧାନୀରେ ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟ ସରି ନ ଥିବାବେଳେ ବିଭିନ୍ନ ଡ୍ରେନରୁ ପଙ୍କ ମଧ୍ୟ ଉଦ୍ଧାର ହୋଇପାରି ନାହିଁ। ଫଳରେ ବାତ୍ୟା ଯୋଗୁ ବର୍ଷା ହେବାକୁ ଥିବାବେଳେ ଏହି ଜଳ ନିଷ୍କାସନ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚିନ୍ତା ଦ୍ୱିଗୁଣିତ କରିଛି। ୧୮ ତାରିଖରେ ବର୍ଷା ହେବାକୁ ଥିବାବେଳେ ୧୯, ୨୦ ଓ ୨୧ ତାରିଖରେ ଅମ୍ଫନ ପ୍ରଭାବରେ ଲଗାଣ ବର୍ଷା ହେବ। ସେହିପରି ୨୨, ୨୩ ଓ ୨୪ରେ ସାମାନ୍ୟ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ମୌସୁମୀ ମୁକାବିଲା ପାଇଁ ବିଏମ୍‌ସି ସଜବାଜ ହେଉଥିବାବେଳେ ଅମ୍ଫନ ବିଏମ୍‌ସି ଡ୍ରେନେଜ୍ ବିଭାଗ ଅଧିକାରୀଙ୍କ ନିଦ ହଜାଇ ଦେଇଛି। ଡ୍ରେନ୍ ପୁନରୁଦ୍ଧାର ଓ ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ବରିଷ୍ଠ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ବେଳେ କମ୍ ଲୋକ ବଳରେ ସମ୍ପୂର୍ଣ୍ଣ ସହରର ଡ୍ରେନେଜ୍ ସଫେଇ କିପରି କରାଯିବ ସେନେଇ ଡ୍ରେନେଜ୍ ବିଭାଗ ଅଧିକାରୀମାନେ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ସେହିପରି ବିଏମ୍‌ସି ଦ୍ୱାରା ଚିହ୍ନଟ ୩୭ଟି ସମ୍ବେଦନଶୀଳ ଅଞ୍ଚଳ, ଯାହାକି ବର୍ଷା ହେଲେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୁଏ ସେଠାରେ ମଧ୍ୟ ବିଏମ୍‌ସି ପକ୍ଷରୁ ଏଯାବତ୍ କୌଣସି ଠୋସ୍ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଏପରିକି ସମ୍ବେଦନଶୀଳ ଅଞ୍ଚଳରେ ପାଣି ନିଷ୍କାସନ କରିବା ପାଇଁ ପମ୍ପ ମଧ୍ୟ ଲଗାଯାଇ ନାହିଁ। ଏ ନେଇ ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କୁହନ୍ତି, ବିଏମ୍‌ସି ପକ୍ଷରୁ ଅମ୍ଫନକୁ ମୁକାବିଲା କରିବା ପାଇଁ ଆଲୋଚନା ହୋଇଛି। ଆବଶ୍ୟକ ପଡ଼ିଲେ ଭୁବନେଶ୍ୱରରେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ। ବିଏମ୍‌ସି ଫନୀ ପରି ବାତ୍ୟାର ମୁକାବିଲା କରିଛି। ଅମ୍ଫନର ମଧ୍ୟ ସଫଳ ମୁକାବିଲା କରିବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧.୫୫ ଲକ୍ଷ ଟଙ୍କା ଦେଲେ ଛାତ୍ରୀ

**କବିତାରୁ ସଂଗୃହୀତ ହୋଇଥିଲା**

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କରୋନା ପାଇଁ ଦୁର୍ଦ୍ଦିନରେ ଜୀବନ ବିତାଉଥିବା ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି ଓୟୁଏଟି ଅଧୀନ କୃଷି ମହାବିଦ୍ୟାଳୟ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟା ସ୍ୱାଗତିକା ସ୍ୱାଇଁ। ସେ ଇଚ୍ଛୁକ ବ୍ୟକ୍ତିଙ୍କ ପାଇଁ କବିତା ଲେଖି ସେମାନଙ୍କଠାରୁ ମୋଟ ୧ଲକ୍ଷ ୫୫ହଜାର ୮୧୧ ଟଙ୍କା ସଂଗ୍ରହ କରିଥିଲେ। ଏହାକୁ ସେ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ସହପାଠୀ, ଶିକ୍ଷକ, ବନ୍ଧୁ ଓ ପରିବାରବର୍ଗ ସହଯୋଗର ହାତ ବଢାଇଛନ୍ତି ବୋଲି ସେ କହିଛନ୍ତି।

# 'ଅମ୍ଫନ୍' ପ୍ରସ୍ତୁତିର ସମୀକ୍ଷା କଲେ ଗଣଶିକ୍ଷା ମନ୍ତ୍ରୀ

ନିମାପଡ଼ା/ଗୋପ,୧୭।୫(ଡି.ଏନ.ଏ):

ସମ୍ଭାବ୍ୟ ବାତ୍ୟା ଅମ୍ଫନର ପରିସ୍ଥିତି ମୁକାବିଲା ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ରବିବାର ନିମାପଡ଼ା ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାରୀ କର୍ମଚାରୀମାନେ ସଜାଗ ରହି କାର୍ଯ୍ୟ କରିବାକୁ ମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ୩୨ଟି ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟୁତ୍, ପାନୀୟ ଜଳ ବନ୍ଦୋବସ୍ତ କରିବା, ୧୭୩ଟି ପକ୍କାଗୃହଗୁଡ଼ିକରେ ଲୋକଙ୍କୁ ରଖାଯିବା ସହ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ଏବଂ ୯୧୫ ଗରିବ ପରିବାରଙ୍କୁ ସ୍ଥାନାନ୍ତର କରିବା ଆଦି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ, ଯୋଗାଣ ନିରୀକ୍ଷକ ଶିବାଶିଷ ଜେନାଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀ ଦାଶ ଗୋପ ବ୍ଲକରେ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ବାତ୍ୟା ମୁକାବିଲା ନିମନ୍ତେ ବୈଠକ କରିଥିଲେ। ଲୋକଙ୍କ ସୁରକ୍ଷା, ସମସ୍ତ ପ୍ରକାରର ସହାୟତା ସୁବିଧା ନେଇ ଉପସ୍ଥିତ ବିଭାଗ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ବୈଠକରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ବିଡିଓ ଦୀପ୍ତିରାଣୀ ଦାସ, ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର, ଅଗ୍ନିଶମ ବିଭାଗ, ପୂର୍ତ୍ତ ବିଭାଗ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପରେ ମନ୍ତ୍ରୀ ଦାଶ ଗୋପ ଅଗ୍ନିଶ୍ରମ ବିଭାଗରେ ପହଞ୍ଚି ଏହି ବିଭାଗ କିପରି ଓ କେତେ ସଜାଗ ଅଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ ।



ଗୋପ ବ୍ଲକ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି ।

### ଚିଲିକାରେ ୨ କରୋନା ଆକ୍ରାନ୍ତ ଚିହ୍ନଟ

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୭।୫(ଡି.ଏନ୍.ଏ):

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଞ୍ଚଳରେ ରବିବାର ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଚିଲିକା ବ୍ଲକ ସଙ୍ଗେଶ୍ୱର ପଞ୍ଚାୟତର ଜଣେ ଶ୍ରମିକ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ସୁରଟରେ ଚିକିତ୍ସିତ ହେଉଥିଲେ। ଲକ୍‌ଡାଉନ୍ ଯୋଗୁ ସେଠାରେ ଚିକିତ୍ସା ନ ମିଳିବାରୁ ଏକ ଆମ୍ବୁଲାନ୍ସରେ ଆସି ସେ ଗତ ୧୪ ତାରିଖରେ ଗ୍ରାମରେ ପହଞ୍ଚିଥିଲେ। ଉକ୍ତ ଆମ୍ବୁଲାନ୍ସରେ ତାଙ୍କ ଭାଇଙ୍କ ସମେତ ଆଙ୍କୁଲା ଓ କୁଲେଇ ପଞ୍ଚାୟତର ୨ଜଣ ପ୍ରବାସୀ ଶ୍ରମିକ ଆସିଥିଲେ। ପରେ ସିଙ୍ଗେଶ୍ୱର ସରପଞ୍ଚ ସୁଧାକର ପ୍ରଧାନଙ୍କ ସହଯୋଗରେ ଏକ କାରରେ ସମ୍ପୃକ୍ତ ଜଣ୍ଡିସ୍ ରୋଗୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା । ରବିବାର ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ସମ୍ପୃକ୍ତ ଆକ୍ରାନ୍ତଙ୍କ ସ୍ତ୍ରୀ ଓ ତାଙ୍କ ଭାଇଙ୍କୁ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଆମ୍ବୁଲାନ୍ସରେ ଆସିଥିବା ଅନ୍ୟ ୨ ପ୍ରବାସୀ ଶ୍ରମିକଙ୍କୁ ନିଜ ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି। ସେହିପରି ହାଟବରଡ଼ିହ ପଞ୍ଚାୟତର ଜଣେ ଶ୍ରମିକ ଗତ ୯ ତାରିଖରେ ସୁରଟରୁ ଗ୍ରାମରେ ପହଞ୍ଚି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିଥିଲେ। ତାଙ୍କର ମଧ୍ୟ ରିପୋର୍ଟ ପଜିଟିଭ ଆସିଛି।

### ୪୪ ଶ୍ରମିକଙ୍କୁ ବସ୍‌ରେ ପଠାଇଲା ପୋଲିସ

ଖୋର୍ଦ୍ଧା ଅଫିସ,୧୭।୫: ଚାଲିଚାଲି ଯାଉଥିବା ୪୪ ପ୍ରବାସୀ ଶ୍ରମିକଙ୍କୁ ରବିବାର ବାଲୁଗାଁ ପୋଲିସ ଉଦ୍ଧାର କରି ସ୍ୱତନ୍ତ୍ର ବସ୍‌ରେ ନିଜ ଅଞ୍ଚଳକୁ ପଠାଇଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ଉକ୍ତ ଶ୍ରମିକମାନେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଯାଉଥିଲେ। ବାଲୁଗାଁ ନାଭାଲ ଅଞ୍ଚଳରେ ଏହି ପ୍ରବାସୀମାନେ ଚାଲିଚାଲି ଯାଉଥିବା ଖବରପାଇ ପୋଲିସ ସେମାନଙ୍କୁ ଆଣି ଖାଦ୍ୟ ଦେବା ସହ ନାମ ପଞ୍ଜୀକରଣ କରି ବସ୍‌ରେ ନିଜ ଅଞ୍ଚଳକୁ ପଠାଇଥିଲେ।

# ରାତିରେ ଚାଉଳ ଗାଡ଼ିକୁ ଅଟକାଇଲେ ଲୋକେ



ଅଟକ ରହିଥିବା ଚାଉଳ ଗାଡି ।

**ଅଧିକାରୀ ନ ଆସିବାରୁ ଛୁ ମାରିଲା**

ମାହାଙ୍ଗା,୧୭।୫(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ତ୍ରିବେଣୀଶ୍ୱର ବଜାର ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଚାଉଳ ବୋଝେଇ ମିନିଟ୍ରକ୍ ଛିଡ଼ା ହୋଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ଉକ୍ତ ଗାଡିକୁ ଅଟକାଇବା ସହ ପ୍ରଶାସନକୁ ଖବର ଦେଇଥିଲେ । କିନ୍ତୁ ପ୍ରଶାସନିକ ଅଧିକାରୀମାନେ ସେଠାକୁ ଯାଇ ନ ଥିଲେ । ଏବେ ଲକ୍‌ଡାଉନ୍ ଚାଲୁଥିବାରୁ ଲୋକମାନେ ସେଠାରୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଉକ୍ତ ଚାଉଳ ଗାଡ଼ି ସେଠାରୁ ଚମ୍ପଟ ମାରିଥିଲା। ତେବେ ଏହା ସରକାରୀ ଚାଉଳ ନା ବ୍ୟବସାୟୀଙ୍କ ଚାଉଳ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜାରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ପ୍ରକୃତ ଘଟଣା ଉନ୍ମୋଚନ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏନେଇ ମାହାଙ୍ଗା ବ୍ଲକ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା । ଏ ସମ୍ପର୍କରେ ବିଡିଓ ନିହାର ରଞ୍ଜନ ମଲିକ କହିଛନ୍ତି, ଏ ଦାୟିତ୍ୱ ଆମର ନୁହଁ ବରଂ ଯୋଗାଣ ଅଧିକାରୀଙ୍କ କାମ। ଏ ବିପକ୍ଷରେ କୌଣସି ତଥ୍ୟ ଆମ ପାଖରେ ନାହିଁ।

# ସଙ୍ଗରୋଧ କେନ୍ଦ୍ରରୁ ୧୦ ଆକ୍ରାନ୍ତ

ଟିଗିରିଆ,୧୭।୫(ଡି.ଏନ୍.ଏ.)

କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ ରବିବାର ଏକକାଳୀନ ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୨୪ ବର୍ଷୀୟ ଗର୍ଭବତୀ ମହିଳା ଏବଂ ଜଣେ ୪ବର୍ଷର ଶିଶୁକନ୍ୟା ରହିଛନ୍ତି। ଉଭୟ ଆକ୍ରାନ୍ତଙ୍କ ସମେତ ମହିଳାଙ୍କ ସ୍ୱାମୀ ଓ ଶିଶୁକନ୍ୟାଙ୍କ ପିତାଙ୍କୁ ଭୁବନେଶ୍ୱରସ୍ଥିତ କିମ୍‌ସ କୋଭିଡ଼ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅବଶିଷ୍ଟ ୬ କରୋନା ଆକ୍ରାନ୍ତଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ଼ ହସ୍ପିଟାଲକୁ ପଠାଯାଇଥିବା ଟିଗିରିଆ ବିଡିଓ ଦୀପ୍ତିମୟୀ ବେହେରା କହିଛନ୍ତି। କରୋନା ଆକ୍ରାନ୍ତ ଶିଶୁକନ୍ୟା ଓ ତାଙ୍କ ପିତା ସୁରଟରୁ ଫେରିଥିବା ବେଳେ ଅନ୍ୟଆକ୍ରାନ୍ତମାନେ ଅହମ୍ମଦାବାଦରୁ ଫେରି ଏହି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ଗଦାଧରପୁର ପଞ୍ଚାୟତର ୫ଜଣ ଥିବାବେଳେ ପଡ଼ୋଶୀ ହରିସରଣପୁରର ୪ଜଣ ଏବଂ ମାନପୁରରୁ ଜଣେ ରହିଥିବା ଜଣାପଡିଛି। କରୋନା ଆକ୍ରାନ୍ତ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେନେଇ ପ୍ରଶାସନ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଛି। ଏହାପରେ ଦମକଳ ବାହିନୀ ଦ୍ୱାରା ସଙ୍ଗରୋଧ କେନ୍ଦ୍ରକୁ ୨ ଥର ସାନିଟାଇଜ କରାଯାଇଛି। ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ସଂଯୁକ୍ତ ରାସ୍ତାକୁ ବାରିକେଡ଼ କରି ସର୍ବସାଧାରଣ ଚଳାଚଳକୁ ବନ୍ଦ କରିଦିଆଯାଇଛି। ପୂର୍ବରୁ ଟିଗିରିଆରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇ କଟକସ୍ଥିତ ଅଶ୍ୱିନୀ କୋଭିଡ଼ ହସ୍ପିଟାଲାରୁ ଫେରିଛନ୍ତି।

# ସହର ସୁରକ୍ଷିତ ରଖିବାକୁ ୭ ଶପଥ

**କରୋନା ମୁକାବିଲାରେ ସାମିଲ ହେଲେ ଶାନ୍ତି, ପୂଜା କମିଟି**

କଟକ ଅଫିସ,୧୭।୫

ଆମ ଅଞ୍ଚଳକୁ ବାହାର ରାଜ୍ୟ/ଦେଶରୁ ଫେରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବୁ। ସେମାନେ ଯେଭଳି ପ୍ରଶାସନ ନିକଟରେ ପଞ୍ଜୀକୃତ ହେବେ, ତାହା ସୁନିଶ୍ଚିତ କରିବୁ। ପ୍ରତ୍ୟେକ ଘର ସାମ୍ନାରେ ଏଭଳି ଲେଖା ଥିବା କ୍ୱାରାଣ୍ଟାଇନ ଷ୍ଟିକର କଟକ ମହାନଗର ନିଗମ (ସିଏମ୍‌ସି) ଦ୍ୱାରା ଲାଗିବା ସୁନିଶ୍ଚିତ କରିବୁ। ଏହିଭଳି ମୋଟ ୭ଟି ଶପଥ ନେଇଛନ୍ତି କଟକର ବିଭିନ୍ନ ପୂଜା କମିଟି। ପ୍ରଥମଥର ପାଇଁ ପୂଜା କମିଟିଗୁଡ଼ିକ କରୋନା ମୁକାବିଲାରେ ସିଧାସଳଖ ସମ୍ପୃକ୍ତ ହୋଇଛନ୍ତି। କଟକ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନସ୍ଥ ୧୮୦ରୁ ଉର୍ଦ୍ଧ୍ୱ ପୂଜା କମିଟି ଏହି ଦାୟିତ୍ୱ ନେବେ।

କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନାଧିକାରୀଙ୍କ ଉପସ୍ଥିତିରେ ପୂଜା କମିଟିଗୁଡ଼ିକ ବିଭିନ୍ନ ଶପଥ ନେଇଛନ୍ତି। ରବିବାର ଚାଉଳିଆଗଞ୍ଜ, ଛତ୍ରବଜାର, ବିଡ଼ାନାସୀ, ନୂଆବଜାର, ବିଦ୍ୟାଧରପୁର ପୂଜା କମିଟିରେ ଶପଥ ପାଠ ହୋଇଛି। ଥାନା ଆଇଆଇସି ତାପସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଚାଉଳିଆଗଞ୍ଜ ପୂଜା କମିଟିର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ନିରଞ୍ଜନ ସାହୁ (ଶିବ) ଶପଥ ଗ୍ରହଣ କରାଇଥିଲେ। ସଭାପତି ଦେବେନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ ଉପସ୍ଥିତ ଥିଲେ। ସେହିପରି ଛତ୍ରବଜାର ପୂଜା କମିଟି କାର୍ଯ୍ୟକ୍ରମରେ ବାଦାମବାଡ଼ି ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ, ପୁରୀଘାଟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଶପଥ ପାଠ କରାଇଥିଲେ। ପୂଜାକମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସଦସ୍ୟ ବିଷ୍ଣୁଚରଣ ରାଉତ, ଗୋପୀନାଥ ସ୍ୱାଇଁ, ତଡ଼ିତ ରାଉତ ଉପସ୍ଥିତ ଥିଲେ।

# ଗ୍ରୀନ୍ ଜୋନ୍‌ରେ ବଢୁଛି କରୋନା ଆଶଙ୍କା

- ସରକାରୀ ଅନୁଷ୍ଠାନରେ ରହୁନି ସାମାଜିକ ଦୂରତ୍ୱ
- ପ୍ରଶାସନିକ ଚଢ଼ାଉ ନ ଥିବାରୁ ହୁଗୁଳିଯାଉଛି ନିୟମ

କଟକ ଅଫିସ,୧୭।୫

ଗ୍ରୀନ୍ ଜୋନ୍‌ରେ ଲକଡାଉନ କଟକଣା କୋହଳ ହେବା ପରେ କରୋନା ସଂକ୍ରମଣରେ ଆଶଙ୍କା ବଢ଼ିବାରେ ଲାଗିଛି। ଏହି ଜୋନ୍‌ରେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ଜୋନ୍‌ରେ ଉପରୋକ୍ତ ନିର୍ଦ୍ଦେଶ ସବୁ ବାରମ୍ବାର ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି।

କଟକରେ ଲକ୍‌ଡାଉନ କଟକଣା କୋହଳ ହେବା ପରେ ଦୋକାନ ବଜାର ପୁନର୍ବାର ଖୋଲିଛି। ଏହି ପରିପ୍ରେକ୍ଷୀରେ କିଛି କଟକଣା ମଧ୍ୟ ଜାରି ହୋଇଛି। କଟକ ମହାନଗର ନିଗମ (ସିଏମ୍‌ସି) ବ୍ୟବସାୟ କ୍ଷେତ୍ରରେ ଲୋକଙ୍କୁ ସାମାଜିକ ଦୂରତ୍ୱ ରଖିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛି। କେହି ଦୋକାନୀ ନିୟମ ଭାଙ୍ଗିଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ସିଏମ୍‌ସି ଏନେଇ ଜରିମାନା ଆଦାୟ କରିବା ସହ ବହୁ ଦୋକାନ ସିଲ୍ କରିଛି। କିନ୍ତୁ ଏହି ଗାଇଡ୍‌ଲାଇନକୁ ଖୋଦ୍ ଅନେକ ସରକାରୀ ଅନୁଷ୍ଠାନ ମାନୁନାହାନ୍ତି। କଟକ ଜିଲାପାଳ କାର୍ଯ୍ୟାଳୟ, ସିଏମ୍‌ସିର ବିକାଶ ଭବନ ଓ ସହରରେ ଥିବା ବିଭିନ୍ନ ବ୍ୟାଙ୍କରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉନାହିଁ। ସିଏମ୍‌ସିର ଏନଫୋର୍ସମେଣ୍ଟ ଟିମ ଗତ ୧୦ ଦିନ ମଧ୍ୟରେ ୬ରୁ ଉର୍ଦ୍ଧ୍ୱ ଦୋକାନରେ ଚଢାଉ କରି ଜରିମାନା ଆଦାୟ କରିଛି। ସେହିପରି ମାସ୍କ ବ୍ୟବହାର କରୁ ନ ଥିବା ଲୋକଙ୍କଠାରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶୁକ୍ରବାର ଚୌଧୁରୀ ବଜାର, ଦୋଳମୁଣ୍ଡାଇ ଓ ନନ୍ଦୀସାହିର ୩ଟି ଦୋକାନ ଉପରେ ଚଢ଼ାଉ କରାଯାଇ ତାକୁ ସିଲ୍ କରାଯାଇଛି। ପୋଲିସ ମଧ୍ୟ ପ୍ରତିଦିନ ନିୟମ ଭାଙ୍ଗୁଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରୁଛି। ମାତ୍ର ଏବେ ସୁଦ୍ଧା କୌଣସି ସରକାରୀ ଅନୁଷ୍ଠାନରେ ଚଢ଼ାଉ ହେଉନାହିଁ। ସେଠାରେ ପ୍ରତିଦିନ ଲୋକଙ୍କ ଭିଡ଼ ହେବା ସହ ଏହା ଗ୍ରୀନ୍ ଜୋନ୍ ଥିବା କଟକରେ କରୋନା ସଂକ୍ରମଣର ଆଶଙ୍କାକୁ ବଢ଼ାଇଦେଉଛି।

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରେ ଗଣ୍ଡଗୋଳ ୩ ଯୁବକଙ୍କ ମୁଣ୍ଡ ଫାଟିଲା

**ନାଉଗାଁ,୧୭।୫(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଧୀନ ଜାମୁଗାଁ ପଞ୍ଚାୟତ କଣିପଡ଼ା ପଲିଟେକ୍‌ନିକର ନୋଡାଲ ସଙ୍ଗରୋଧ କେନ୍ଦ୍ରରେ ରବିବାର ଅନ୍ତେବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୩ ଯୁବକଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଏହି ସଙ୍ଗରୋଧ କେନ୍ଦ୍ରରେ ବିଭିନ୍ନ ରାଜ୍ୟରୁ ଫେରିଥିବା ୧୧୮ଜଣ ପ୍ରବାସୀ ରହୁଛନ୍ତି। ମଧ୍ୟାହ୍ନଭୋଜନ ଖାଇସାରିବା ପରେ ହାତଧୁଆ ଓ ବାସନ ଧୁଆକୁ ନେଇ କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମାର୍‌ପିଟ ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ୩ ଯୁବକଙ୍କ ମୁଣ୍ଡ ଫାଟିଥିଲା। ଖବର ପାଇ ନାଉଗାଁ ଥାନାଧିକାରୀ ଗୋବର୍ଦ୍ଧନ ସାହୁ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁନନ୍ଦନ ମହାନ୍ତି ପହଞ୍ଚି ପ୍ରବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଆହତ ଯୁବକଙ୍କ ଚିକିତ୍ସା କରାଯାଇଥିଲା।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ବାଲିକୁଦା,୧୭।୫(ସ୍ୱ.ପ୍ର.):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧୂଳ ସ୍ୱାଇଁଙ୍କ ରବିବାର ୯୫ ବର୍ଷ ବୟସରେ ତାଙ୍କ ବାଲିକୁଦା ବାଲିସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ସ୍ୱାଇଁ ବ୍ରିଟିଶଙ୍କ ହାତରୁ ନିଜ ଦେଶକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ। ତାଙ୍କୁ କାରାବରଣ ଭୋଗିବାକୁ ପଡ଼ିଥିଲା। ଗତ କିଛି ମାସ ହେବ ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏଆଇସିସି ମାନବାଧିକାର ଓଡ଼ିଶା ସଂଯୋଜକ ସୁଶାନ୍ତ କାନୁନଗୋ, ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ସରପଞ୍ଚ ଅନସୂୟା ସାହୁ, ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡା, ଯୁବ ସଂଗଠକ ରାଜକିଶୋର ସାହୁ, ନାରୀନେତ୍ରୀ ଶୁଚିସ୍ମିତା ମହାନ୍ତି, ମହାଶକ୍ତି ଚାରିଟେବୁଲ ଟ୍ରଷ୍ଟ ସଭାପତି ପିଣ୍ଟୁ ମୁଦୁଲି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱାଇଁଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସ୍ଥାନାନ୍ତର ହେବ ଅସ୍ଥାୟୀ ପରିବା ମାର୍କେଟ

**ନୟାଗଡ ଅଫିସ,୧୭।୫:** କରୋନା କଟକଣାକୁ ନେଇ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ଚାଲୁ ରହିଥିବା ଅସ୍ଥାୟୀ ପରିବା ମାର୍କେଟ ନୟାଗଡ ପିଟିଏସ ପଡିଆକୁ ସ୍ଥାନାନ୍ତର ହେବ। ପିଟିଏସ ପଡିଆରେ ଚଳିତ ମାସ ୧୯ ତାରିଖରୁ ଏହି ଅସ୍ଥାୟୀ ପନିପରିବା ମାର୍କେଟ ଖୋଲିବ। ୨୦ ତାରିଖରେ ବ୍ରଜେନ୍ଦ୍ର ହାଇସ୍କୁଲରେ ମାଟ୍ରିକ ଖାତାଦେଖା ଆରମ୍ଭ ହେବାକୁ ଯାଉଥିବାରୁ ନୟାଗଡ ପୌର ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି। ଯଦିଓ ସହରଠାରୁ ପିଟିଏସ ପଡିଆ ଦୂରରେ ରହିଛି ତେବେ ସାମାଜିକ ଦୂରତ୍ୱକୁ ଆଖି ଆଗରେ ରଖି ପ୍ରଶାସନ ସଂପୃକ୍ତ ସ୍ଥାନ ଚୟନ କରିଛି। ଏନେଇ ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଉପରୋକ୍ତ ସୂଚନା ଦେଇଛନ୍ତି।

### ବାତ୍ୟା ପାଇଁ ପ୍ରଶାସନିକ ତତ୍ପରତା

କେନ୍ଦ୍ରାପଡା ଅଫିସ, ୧୭।୫- ସମ୍ଭାବ୍ୟ ବାତ୍ୟା ଅମ୍ଫନ୍‌ର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମୁଦ୍ରିକ ଝଡ଼ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଜିଲାର ପ୍ରତ୍ୟେକ ବ୍ଲକରେ ବିଡିଓ ଓ ତହସିଲଦାରଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଆବଶ୍ୟକସ୍ଥଳେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ବର୍ମା କହିଛନ୍ତି, କେନ୍ଦ୍ରାପଡା ଜିଲା ପାଇଁ ସମ୍ଭାବ୍ୟ ବାତ୍ୟା ବିଶେଷ କ୍ଷତି କରିବ ନାହିଁ ବୋଲି ଆକଳନ କରାଯାଇଛି । ଆବଶ୍ୟକସ୍ଥଳେ ସମୁଦ୍ର ତଟବର୍ତ୍ତୀ ଗ୍ରାମର ଅଧିବାସୀଙ୍କୁ ସ୍ଥାନାନ୍ତର କରାଯିବ। ପ୍ରତି ବ୍ଲକ ଗୋଦାମ ଗୃହରେ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ୍ ରଖାଯାଉଛି। ସେହିପରି ପାନୀୟ ଜଳ, ପଶୁଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ଗମନାଗମନ ଆଦି ପଥ ପରିଷ୍କାର କରିବାକୁ ଗୁରୁତ୍ୱ ଦିଆଯାଇଛି। କୃଷି ବିଭାଗ ଓ ସମବାୟ ସମିତିଗୁଡ଼ିକୁ ଫସଲ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# କରୋନା ସହାୟତାରୁ ରାଶନ ଦୁର୍ନୀତି ପର୍ଦ୍ଦାଫାଶ

■ ଶୁଣିଲାନି ବ୍ଲକ ପ୍ରଶାସନ, ହିତାଧିକାରୀ ଅସନ୍ତୁଷ୍ଟ
■ ହାଇକୋର୍ଟରେ ମାମଲା ରୁଜୁ କରିବାକୁ ଆଗଭର

**ଯାଜପୁର ଅଫିସ,୧୭।୫**

ରାଶନ ଦୁର୍ନୀତିକୁ ପର୍ଦ୍ଦାଫାଶ କରିଛି କରୋନା ସହାୟତା। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ମୃତ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାଁରେ ରାଶନ ସାମଗ୍ରୀ ହଡ଼ପ ଘଟଣା ଜଣାପଡ଼ିବା ପରେ ଏବେ ହରିଦାସପୁର, ମଙ୍ଗଳପୁର, ଉତ୍ତରପ୍ରତାପ ଗ୍ରାମର ଏକାଧିକ ପରିବାର ନାଁରେ ରାଶନ ସାମଗ୍ରୀ ହଡ଼ପ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଦୁର୍ନୀତିଖୋର ଡିଲର ଓ ସେମାନଙ୍କ ସହଯୋଗୀ ସାଜିଥିବା କର୍ମଚାରୀଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ କରିବାକୁ ହିତାଧିକାରୀ ଆଗଭର ହୋଇଛନ୍ତି।

ଓଡ଼ିଶାରେ ୨୦୧୫ ଅକ୍ଟୋବରରେ ଆରମ୍ଭ ହୋଇଥିଲା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ହିତାଧିକାରୀ ଚୟନ ବ୍ୟବସ୍ଥା। ହେଲେ ତାଲିକାକୁ ନେଇ ପ୍ରତିବାଦ ହେଲା। କାରଣ ରାଶନକାର୍ଡ ପାଇବାକୁ ଯୋଗ୍ୟ ହଜାର ହଜାର ଗରିବ ପରିବାର ବାଦ୍ ପଡିଥିବାବେଳେ ବହୁ ଥିଲାବାଲା ଲୋକ ସ୍ଥାନ ପାଇଥିଲେ। ପରବର୍ତ୍ତୀ ସମୟରେ ସରକାର ତ୍ରୁଟି ସ୍ୱୀକାର କରିବା ପରେ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ସହ ଭରଣା ଦେବାକୁ ପଡିଥିଲା। ସମ୍ପ୍ରତି ସେହି ତ୍ରୁଟିବିଚ୍ୟୁତି ଧର୍ମଶାଳା ବ୍ଲକରେ ଏକ ନୂଆ ରୂପରେ ମୁଣ୍ଡଟେକିଛି। ବହୁ ହିତାଧିକାରୀଙ୍କ ନାଁରେ କାର୍ଡ ତିଆରି ହୋଇଛି ସତ, ହେଲେ ସେମାନେ ବର୍ଷବର୍ଷ ଧରି ରାଶନ ସାମଗ୍ରୀ ପାଇନାହାନ୍ତି। ଜିଲାର ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ମୃତ ପାର୍ବତୀ ସାହାଣୀଙ୍କ ନାଁରେ ଟିପଚିହ୍ନ ଦେଇ ରାଶନ ସାମଗ୍ରୀ ହଡପ ହୋଇଥିବା ତାଙ୍କ ପୁଅ ଧ୍ରୁବ ସାହାଣୀ ଅଭିଯୋଗ ଆଣିଥିଲେ। ଏହାପରେ ହରିଦାସପୁର ପଞ୍ଚାୟତର ବନିତା ସାମଲ ଓ ତାଙ୍କ ସ୍ୱାମୀ ଶ୍ରୀଧର ସାମଲଙ୍କ ୪ଜଣ ପରିବାରଙ୍କ ନାଁରେ ଦୀର୍ଘ ୪ ବର୍ଷ ହେଲା ରାଶନ ସାମଗ୍ରୀ ହଡ଼ପ ହୋଇ ଆସୁଥିବା ଅଭିଯୋଗ ହୋଇଛି। ୧୩।୫।୨୦୧୫ରେ ବନିତା ରାଶନ କାର୍ଡ ପାଇଁ ଆବେଦନ କରିଥିଲେ। କିନ୍ତୁ ଏବେ ଲକ୍‌ଡାଉନ ପାଇଁ ପରିବାରର ସମସ୍ତେ ଘରେ ଥିବାବେଳେ ହିତାଧିକାରୀ ଜାଣିଲେ ଯେ, ତାଙ୍କ ପରିବାର ୪ଜଣ ସଦସ୍ୟଙ୍କ ନାଁରେ ରାଶନ କାର୍ଡ ଅଛି। ଏହାର ଇଣ୍ଟରନେଟ ନକଲ ବାହାର କରିବାରୁ ରାଶନ କାର୍ଡ ସଂଖ୍ୟା ୧୩୦୬୧୨୧୦୭୧୧ ବୋଲି ଜଣାପଡ଼ିଥିଲା। ଏହାପରେ ହିତାଧିକାରୀ ସାମଲ ଗତ ୧ ତାରିଖରେ ବିଡିଓଙ୍କୁ ଦେଖାକରି ଅଭିଯୋଗ କରିଥିଲେ। କିନ୍ତୁ ଦେଖାଗଲା ଯେ, ସେହିଦିନ ରାତିରେ ବନିତା ସାମଲଙ୍କ ବ୍ୟତୀତ ଅନ୍ୟ ୩ ଜଣଙ୍କ ନାଁ କଟା ହୋଇଯାଇଛି। ଏହାପରେ ହିତାଧିକାରୀଙ୍କ ସ୍ୱାମୀ ଶ୍ରୀଧର କରୋନା ସହାୟତା ୧୦୦୦ ଟଙ୍କା ବଣ୍ଟନ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ପାଖକୁ ଯାଇଥିଲେ। ତାଙ୍କ ନାମରେ ଟଙ୍କା ଆସି ନାହିଁ ବୋଲି ଶିକ୍ଷକ ଜଣକ କହି ଫେରାଇ ଦେଇଥିଲେ। ଏ ସମ୍ପର୍କରେ ସେ ଗତ ୪ ତାରିଖରେ ବିଡିଓଙ୍କୁ ଦରଖାସ୍ତ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ରାଶନ କାର୍ଡ ଦୁର୍ନୀତିକୁ ନେଇ ହାଇକୋର୍ଟରେ ମାମଲା କରିଥିବା ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ଶ୍ରୀଧର ସମସ୍ତ କାଗଜପତ୍ର ପ୍ରଦାନ କରିଛନ୍ତି। ଏହାସହ ମଙ୍ଗଳପୁର ପଞ୍ଚାୟତର ହିତାଧିକାରୀ ସୁଚିତ୍ରା ପରିଡାଙ୍କ ପରିବାରର ୪ଜଣଙ୍କ ନାଁରେ ରାଶନ କାର୍ଡ (ସଂଖ୍ୟା ୧୩୦୬୧୦୧୦୦୪୦) ଥିବାବେଳେ ଡିଲର ୪ ବର୍ଷ ହେଲା ରାଶନ ସାମଗ୍ରୀ ଦେଇନାହାନ୍ତି। କରୋନା ସହାୟତା ବାବଦକୁ ସେ ୧୦୦୦ ଟଙ୍କା ପାଇବା ପରେ ରାଶନ ଦୁର୍ନୀତି ସମ୍ପର୍କରେ ସେ ଜାଣି ପାରିଥିଲେ। ଏହାପରେ ସମସ୍ତ ତଥ୍ୟ ପ୍ରଦାନ କରି କୋର୍ଟରେ ନ୍ୟାୟ ପାଇବା ପାଇଁ ସାମାଜିକ କର୍ମୀ ବେହୁରାଙ୍କୁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଉତ୍ତରପ୍ରତାପ ଗ୍ରାମରେ ଡିଲରଙ୍କ ମନମୁଖି ବଣ୍ଟନକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ଜ୍ୟୋସ୍ନା ମହାନ୍ତି, ଲିସା ମଳିକ, ପ୍ରତିମା ମହାନ୍ତିଙ୍କ ଭଳି ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ପହଞ୍ଚି ସେମାନଙ୍କ ରାଶନ ସାମଗ୍ରୀକୁ ଡିଲର ଓ ବ୍ଲକ ଅଧିକାରୀ କାଟି ଦେଉଥିବା ଏବଂ ଓଜନରେ କମ୍ ଦେଉଥିବା ଅଭିଯୋଗ କରିଥିଲେ।

# ପ୍ରଶାସନ ନିଷ୍ପତ୍ତିକୁ ଲୋକଙ୍କ ବିରୋଧ

**ରତ୍ନଗିରି, ୧୭।୫ (ଡି.ଏନ୍.ଏ.)**



ପ୍ରଶାସନିକ ନିଷ୍ପତ୍ତିକୁ ଲୋକେ ବିରୋଧ କରୁଛନ୍ତି।

■ ଆଉ ୧୪ ଦିନ ବଢ଼ିଲା କଣ୍ଟେନମେଣ୍ଟ ଜୋନ୍ ଅବଧି
■ କଳାମାଟିଆ, ଉଦୟନାଥପୁର ଓ ବାଇଁଶିରିଆ ପଞ୍ଚାୟତରେ ମେ ୩୦ ଯାଏ କଟକଣା
■ କଣ୍ଟେନମେଣ୍ଟ ଜୋନ୍‌ରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁ ନ ଥିବା ଅଭିଯୋଗ

ବରୀ ବ୍ଲକ ଅଧୀନ କଳାମାଟିଆ, ଉଦୟନାଥପୁର ଓ ବାଇଁଶିରିଆ ପଞ୍ଚାୟତରେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ କଣ୍ଟେନମେଣ୍ଟ ଜୋନ୍ ଅବଧି ଆଉ ୧୪ ଦିନ ବଢ଼ାଇ ଦିଆଯାଇଛି। ଜିଲା ପ୍ରଶାସନର ଏହି ନିର୍ଦ୍ଦେଶକୁ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ନାୟକଙ୍କ ସମେତ ଅଞ୍ଚଳବାସୀ ଦୃଢ଼ ବିରୋଧ କରିଛନ୍ତି। ରବିବାର ବାଇଁଶିରିଆ ଗ୍ରାମବାସୀ ଏ ନେଇ ସନ୍ଥନ ମହାବିଦ୍ୟାଳୟ ନିକଟରେ ବିରୋଧ କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆ ନ ଯିବା, ଆବଶ୍ୟକ ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏହାସହ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କୁ ପାସ୍ ମିଳିବା ନେଇ ସେମାନେ ଅଭିଯୋଗ ଆଣିଥିଲେ। ଅନ୍ୟପଟେ ଉକ୍ତ ଅଞ୍ଚଳର ୨ କରୋନା ପଜିଟିଭ୍ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ସଙ୍ଗରୋଧରେ ରହୁଥିବା ପ୍ରବାସୀମାନେ ୧୪ ଦିନ ଶେଷ କରି ଘରକୁ ଆସିସାରିଛନ୍ତି। ତେଣୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବାର ଆବଶ୍ୟକତା ନ ଥିବା ବେଳେ ରାଜନୈତିକ ବ୍ୟକ୍ତିଙ୍କ ଚାପରେ ଏଠାରେ କଟକଣା ଲଗାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରେ ଉକ୍ତ କଣ୍ଟେନମେଣ୍ଟ ଜୋନ୍ ଅଧୀନ ସନ୍ଥନମଠ ନିକଟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସଙ୍ଗରୋଧ ଗୃହରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ଶନିବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଣୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଉକ୍ତ ଅଞ୍ଚଳରେ କଣ୍ଟେନମେଣ୍ଟ ଜୋନ୍ ଅବଧି ବଢ଼ାଇ ଦିଆଯାଇଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରୁ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗତ ୨ ତାରିଖରୁ ୩ ପଞ୍ଚାୟତକୁ ୧୪ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ୧୬ ତାରିଖ ରାତି ୮ଟାରେ ଅବଧି ଶେଷ ହେଉଥିବାରୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କଟକଣା ବଢ଼ାଇ ଦିଆଯାଇଛି।

# ପାହାଡ଼ରେ ୩ ନାବାଳକ ବାଟବଣା

■ ସହାୟକ ହେଲା ମୋବାଇଲ

**ନୟାଗଡ଼ ଅଫିସ,୧୭।୫**

ବାଟ ଭୁଲିଯିବା ପରେ ତିନିଜଣ ନାବାଳକଙ୍କ ପାହାଡ଼ ବୁଲିବାର ମଜା ଫିକା ପଡ଼ିଯାଇଛି। ଚାର୍ଜ ନ ଥିବାରୁ ବ୍ୟାଟେରୀ ଶେଷ ହୋଇ ଆସୁଥିଲେ ମଧ୍ୟ ମୋବାଇଲ ଫୋନ କାମରେ ଲାଗିଥିଲା। ଆଉ ୩ଜଣ ନାବଳକଙ୍କୁ ପାହାଡରୁ ଉଦ୍ଧାର କରିବାରେ ସହାୟକ ହୋଇଥିଲା। ସୂଚନା ଅନୁସାରେ ନୟାଗଡ଼ ସହର ମାର୍ଥା କଲୋନୀର ସୋହମ ପ୍ରସାଦ ସାହୁ ଓରଫ ଜଗା(୧୨), କାହ୍ନା(୧୨) ପାହାହ ଚଢ଼ି ମଞ୍ଜା ଉଡ଼ାଇବା ପାଇଁ ମନସ୍ଥ କରିଥିଲେ। ଏଥିପାଇଁ ଶଶାଙ୍କ ସାହୁ ଓରଫ ଲିପୁ(୧୭)ଙ୍କ ସହଯୋଗ ଲୋଡିଥିଲେ। ହେଲେ ଲିପୁ ପାହାଡ଼ ଚଢ଼ିବା ଠିକ୍ ନୁହେଁ ବୋଲି କହିବା ସହ ମନା କରିଥିଲେ। ତେଣୁ ଶନିବାର ସରସ୍ୱତୀ ବିଦ୍ୟା ମନ୍ଦିର ନିକଟସ୍ଥ ପାହାଡ ଚଢ଼ିବାକୁ ଯାଇ ଫେରି ଆସିଥିଲେ। ହେଲେ ରବିବାର ଅପରାହ୍ନରେ ସାହାସ କରି କାହ୍ନା ଓ ଜଗା ନିଜ ଘର ପାଖ ମହାନଦୀ ବନ୍ୟପ୍ରାଣୀ ବିଭାଗ ଡିଏଫଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ପାହାଡରେ ଚଢ଼ିଥିଲେ। କାହ୍ନା ଓ ଜଗା ପାହାଡ ଚଢ଼ିବା ଦେଖି ଲିପୁ ମନା କରିଥିଲେ। ହେଲେ ସେମାନେ ନ ମାନିବାରୁ ଲିପୁ ତାଙ୍କ ସହ ଯାଇଥିଲେ ଏବଂ କିଛି ବାଟ ଯାଇ ଓହ୍ଲାଇ ଆସିବାକୁ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ହେଲେ କିଛି ବାଟ ଯାଉ ଯାଉ ପାହାଡରେ ୩ ନାବଳକ ବାଟ ଭୁଲି ଯାଇଥିଲେ। ଆଉ ପାହାଡ ଉପରକୁ ଯାଇ ପାରିଲେ ନାହିଁ। ତଳକୁ ବି ଆସି ପାରିଲେ ନାହିଁ। ଭାଗ୍ୟ ବଶତଃ ଲିପୁଙ୍କ ପାଖରେ ଥିଲା ଏକ ମୋବାଇଲ ଫୋନ। ଯେଉଁଥିଲେ ଲିପୁ ପାହାଡରେ ଥିବା ପରିବାରକୁ ଜଣାଇଥିଲେ। ପାହାଡରେ ୩ଜଣ ବାଟ ଭୁଲି ଯାଇଥିବା ଦର୍ଶାଇ ଉଦ୍ଧାର କରିବାକୁ କହିଥିଲେ। ଏପରି କି ମୋବାଇଲ ଫୋନ ବ୍ୟାଟେରୀ ଶେଷ ହୋଇ ଯାଉଥିବା କହିଥିଲେ। ଶେଷରେ ନାବଳକଙ୍କ ପରିବାର ଲୋକ ନୟାଗଡ ଟାଉନ ଥାନାର ଆଶ୍ରୟ ନେଇଥିଲେ। ପୋଲିସ ନୟାଗଡ ଦମକଳ ବାହିନୀ ସହାୟତାରେ ରାତି ପ୍ରାୟ ୧୦ଟାରେ ଉକ୍ତ ୩ ନାବାଳକଙ୍କୁ ଉଦ୍ଧାର କରିଥିଲା।

# ପ୍ରବାସୀଙ୍କ ଓହ୍ଲାଇବା ଚିନ୍ତା: ଅନ୍ୟ ବ୍ୟବସ୍ଥା କରିବାକୁ ଦାବି



ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଏରିଆ।

■ ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନରେ ଓହ୍ଲାଉଛନ୍ତି ୧୦ ଜିଲାର ପ୍ରବାସୀ
■ ୧୪୪ ଧାରା ଜାରି ଯୋଗୁ ଅସୁବିଧା ଭୋଗୁଛନ୍ତି ସହରବାସୀ

**ଯାଜପୁର ଅଫିସ୍,୧୭।୫**

ରାଜ୍ୟର ବିଭିନ୍ନ ଜିଲାର ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଟ୍ରେନ ଯୋଗେ ଫେରାଇ ଆଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ରାଜ୍ୟର ୧୦ରୁ ଉର୍ଦ୍ଧ୍ୱ ଜିଲାର ପ୍ରବାସୀ ଓଡ଼ିଆଙ୍କୁ ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନରେ ଟେଣ୍ଡ ଲଗାଇ ଓହ୍ଲାଇବାର ବ୍ୟବସ୍ଥା କରାଯାଇଛି। ଏହି ଷ୍ଟେଶନରୁ ପ୍ରବାସୀ ଶ୍ରମିକମାନଙ୍କୁ ବସ୍ ଯୋଗେ ଅନ୍ୟ ଜିଲାକୁ ନିଆଯାଉଛି। ଏଥିଯୋଗୁ ପରିବହନ ବାବଦକୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେବା ସହ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ଆଖପାଖରେ ବସବାସ କରୁଥିବା ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଅଭିଯୋଗ କରିବା ସହ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ବ୍ୟାସନଗର ପୌରାଞ୍ଚଳର ୭ଟି କ୍ୱାରାଣ୍ଟାଇନ କେନ୍ଦ୍ରରେ ପ୍ରବାସୀଙ୍କୁ ରଖାଯାଇଛି। ଜିଲା ପ୍ରଶାସନ କେଉଁ ଉଦ୍ଦେଶ୍ୟରେ କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ରାୟଗଡା, ବାଲେଶ୍ୱରର, କେନ୍ଦୁଝର, କେନ୍ଦ୍ରାପଡ଼ା, ଭଦ୍ରକ ପ୍ରଭୃତି ଜିଲାର ପ୍ରବାସୀମାନଙ୍କୁ ଏହି ଷ୍ଟେଶନରେ ଓହ୍ଲାଇବାର ବ୍ୟବସ୍ଥା କରିଛନ୍ତି, ତାହା ବୁଝା ପଡୁନାହିଁ। ଉକ୍ତ ଷ୍ଟେଶନରେ ହଜାର ହଜାର ସଂଖ୍ୟାରେ ପ୍ରବାସୀ ଓହ୍ଲାଇଥିବାରୁ ଷ୍ଟେଶନ ଆଖପାଖ ଅଞ୍ଚଳକୁ ସଟ୍‌ଡାଉନ କରାଯିବା ସହ ଓ ୧୪୪ ଧାରା ଲାଗୁ କରାଯାଉଛି। ଏଥିଯୋଗୁ ସହରବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଶ୍ରମିକ ନେତା ମହାନ୍ତି ଜିଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ପ୍ରବାସୀଙ୍କୁ ସେମାନଙ୍କ ଅଞ୍ଚଳର ନିକଟସ୍ଥ ରେଳ ଷ୍ଟେଶନରେ ଓହ୍ଲାଇବାର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।

### ଆଶା, ସଫେଇ କର୍ମଚାରୀଙ୍କୁ ସାମାଜିକ ବାସନ୍ଦ

**କେନ୍ଦ୍ରାପଡା ଅଫିସ, ୧୭।୫**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଳପଡା ଗ୍ରାମର ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟ କରିଥିବା ଆଶାକର୍ମୀ ଓ ସଫେଇ କର୍ମଚାରୀଙ୍କୁ ସାମାଜିକ ବାସନ୍ଦ କରାଯାଇଛି। କରୋନା ସଂକ୍ରମଣ ଭୟରେ ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କୁ ବାସନ୍ଦ କରାଯାଇଛି ବୋଲି ୮ ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ଜେନା ରବିବାର ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟ କରୁଥିବା ୨ ଜଣ ବ୍ୟକ୍ତିଙ୍କୁ ଗ୍ରାମ ଭିତରକୁ ଛଡ଼ାଯାଉ ନାହିଁ। ଏନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ କହିଛନ୍ତି, କରୋନା ସମ୍ପର୍କରେ ସଚେତନତା ଅଭାବରୁ ଗ୍ରାମରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଉତ୍ତେଜନାକୁ ପ୍ରଶମିତ କରିବା ନିମନ୍ତେ ପ୍ରଶାସନିକସ୍ତରରେ ଉଦ୍ୟମ କରାଯିବ।

### ନାବାଳିକା ଅପହରଣ ଘଟଣାରେ ଜଣେ ଗିରଫ

**ବାଲିକୁଦା, ୧୭।୫ (ସ୍ୱ.ପ୍ର.):** ନାବାଳିକା ଅପହରଣ ଘଟଣାରେ ବାଲିକୁଦା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅଧୀନ ଅରିଲୋ ଅରିଲୋ ଗାଁର ଆଶୀର୍ବାଦ ନାୟକ(୨୫)। ଆଶୀର୍ବାଦ ଥାନା ଅଞ୍ଚଳର ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ମାର୍ଚ୍ଚ ୩୦ ତାରିଖ ରାତିରେ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଥିଲା। ମାତ୍ର ସେବେଠାରୁ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ଲକ୍‌ଡାଉନ ଯୋଗୁ ସେ ଘରକୁ ଆସିଥିବା ଜାଣି ଥାନା ଚିରଞ୍ଜୀବ ବେହେରା ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି।

# କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଆସୁଛି ପ୍ରବାସୀଙ୍କ ଘର ଖାଦ୍ୟ

**ବିଡିଓଙ୍କୁ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ**

**ନୟାଗଡ ଅଫିସ,୧୭।୫**

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ଆଇଟିଆଇ କେନ୍ଦ୍ରରେ ଖୋଲିଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ପ୍ରବାସୀ ଶ୍ରମିକଙ୍କ ପାଇଁ ଆସୁଛି ଘର ଖାଦ୍ୟ ଓ ଗୁଟଖା ଉକପକରଣ। ଏନେଇ ନେଇ ନୟାଗଡ ବିଡିଓଙ୍କୁ ଅଭିଯୋଗ ହୋଇଛି। ହେଲେ କିଛି ସୁଫଳ ମିଳି ନାହିଁ। ବିଡିଓ କେବଳ ତାଗିଦ୍‌ରେ କାମ ଶେଷ କରି ଦେଇଛନ୍ତି। ମାତ୍ର ଘର ଖାଦ୍ୟ ଓ ଗୁଟ୍‌ଖା ଉକପକରଣ ଯୋଗାଣକୁ ରୋକା ଯାଇପାରୁନି। ସୂଚନାଯୋଗ୍ୟ, ଏଠାରେ ନୟାଗଡ ବ୍ଲକ କେଶରପୁର ଗାଁର କିଛି ପ୍ରବାସୀ ଶ୍ରମିକ ରହୁଛନ୍ତି। ଯେଉଁମାନଙ୍କୁ କ୍ୱାରାଣ୍ଟାଇନ କେନ୍ଦ୍ର ଖାଦ୍ୟ ରୁଚୁ ନାହିଁ। ଏଥିପାଇଁ ପ୍ରତିଦିନ ସେମାନଙ୍କ ଘରୁ ଖାଦ୍ୟ ଓ ଗୁଟ୍‌ଖା ଉକପକରଣ ଆସୁଛି। ପ୍ରବାସୀ ଶ୍ରମିକଙ୍କୁ ଆତ୍ମୀୟ ଲୋକ ଖାଦ୍ୟ ଦେବା ସହ ସେମାନଙ୍କ ସହ ଆଲୋଚନା କରି ଘରକୁ ଫେରୁଛନ୍ତି। ଯାହାକି କରୋନା ବ୍ୟାପିବାର ଭୟ ସୃଷ୍ଟି କରିଛି। ଏନେଇ ନୟାଗଡ ବିଡିଓ ମନୋଜ ପାତ୍ର କହିଛନ୍ତି, ଆମେ ତୁରନ୍ତ ଏହାକୁ ବନ୍ଦ କରିବାକୁ ପ୍ରଚେଷ୍ଟା କରୁଛୁ। କୋରୋନାର ଜିଲା ନୋଡାଲ ଅଫିସର କୁହନ୍ତି ଏହାର ତଦନ୍ତ କରି ତ୍ୱରିତ ପଦକ୍ଷେପ ନେବୁ।

# କେନ୍ଦ୍ରାପଡ଼ାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭ ଛୁଇଁଲା

**ମହାକାଳପଡ଼ାରେ ଜଣେ କରୋନା ଆକ୍ରାନ୍ତ**

**କେନ୍ଦ୍ରାପଡା ଅଫିସ/ମହାକାଳପଡା (ଡି.ଏନ୍.ଏ.), ୧୭।୫**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରୁ ରବିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କୁ କଟକସ୍ଥିତ କୋଭିଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ଶନିବାର ବ୍ଲକରୁ ୩ ଓ ଗୁରୁବାର ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିବା ବେଳେ ଜିଲାରେ ଏହି ସଂଖ୍ୟା ୨୭ରେ ପହଞ୍ଚିଛି। ସଙ୍ଗରୋଧ କେନ୍ଦ୍ରରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ତାଙ୍କ ସହ ରହୁଥିବା ଅବଶିଷ୍ଟ ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି । ସେ କହିଛନ୍ତି, ମେ ୯ ତାରିଖରେ ଆକ୍ରାନ୍ତ ବ୍ୟକ୍ତି ସୁରଟରୁ ଜିଲାକୁ ଆସିବା ପରେ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ଫଳରେ ଗୋଷ୍ଠୀ ସଂକ୍ରମଣର ଭୟ ନାହିଁ । ଏଥିସହ ନିକଟ ସମ୍ପର୍କୀୟ ଓ ସ୍ଥାନୀୟ ଅଧିବାସୀଙ୍କୁ ଜିଲାସ୍ଥିତ ସଙ୍ଗରୋଧ କେନ୍ଦ୍ର ନିକଟକୁ ବାରଣ କରାଯାଇଛି ବୋଲି ଜିଲାପାଳ ବର୍ମା କହିଛନ୍ତି । ଏହି ଜିଲାର ଆଳି ଓ ରାଜନଗରରୁ ୨ଜଣ ଲେଖାଏ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଉଭୟ ବ୍ଲକରୁ ଜଣେ ଲେଖାଏ ସୁସ୍ଥ ହୋଇଛନ୍ତି । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୫, କେନ୍ଦ୍ରାପଡାର ୪, ମହାକାଳପଡା ବ୍ଲକର ୧୨ ଜଣଙ୍କ ସମେତ ରାଜକନିକା ଓ ମାର୍ଶାଘାଇରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ କଟକସ୍ଥିତ କୋଭିଡ୍-୧୯ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ ମେ ୪ରୁ ଶନିବାର ସନ୍ଧ୍ୟା ସୁଦ୍ଧା ୮୭୪୩ ଜଣ ପ୍ରବାସୀ ବିଭିନ୍ନ ରାଜ୍ୟରୁ ଜିଲାକୁ ଫେରିଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ବିରୋଧ

**ଥାନାରେ ଅଭିଯୋଗ କଲେ ତଳଗଡ଼ ସରପଞ୍ଚ**

**କୋରେଇ, ୧୭।୫ (ସ୍ୱ.ପ୍ର.)**

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ତଳଗଡ଼ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା କାର୍ଯ୍ୟକୁ ବିରୋଧ କରିବା ସହ କାର୍ଯ୍ୟ ବନ୍ଦ ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, କନିଷ୍ଠ ଯନ୍ତ୍ରୀ ମିନା କୁମାରୀ ମହାପାତ୍ର ଓ ଜିଆରଏସ୍ ଅନାମ ମହାରଣା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ମଙ୍ଗରାଜପୁର ଦେଉଳଗଡ଼ିଆରେ ଜିଆରଏସ୍ ମହାରଣା ଓ ଯନ୍ତ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏମଜିଏନଆରଜିଏସ କାର୍ଯ୍ୟ ଗତ ୮ତାରିଖଠାରୁ ଆରମ୍ଭ ହୋଇଛି। ଗତ ୧୪ ତାରିଖରେ ତଳଗଡ଼ ଗ୍ରାମର ସରୋଜ କୁମାର ସ୍ୱାଇଁ (ପିଙ୍କୁଆ) କାର୍ଯ୍ୟସ୍ଥଳକୁ ଆସି ଜିଆରଏସ୍‌ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ। ଏହାପରେ ସରୋଜ ଗତ ୧୬ ତାରିଖ ଅପରାହ୍ନରେ ସନ୍ତୋଷ ସ୍ୱାଇଁ, ଭଗବାନ ନାୟକ, ରାଜେନ୍ଦ୍ର ନାୟକ, ଗଜେନ୍ଦ୍ର ନାୟକ, ମକରଧ୍ୱଜ ବିଶ୍ୱାଳ, ଗୋବର୍ଦ୍ଧନ ନାୟକଙ୍କ ସହ କାର୍ଯ୍ୟସ୍ଥଳରେ ପହଞ୍ଚି ଗାଳିଗୁଲଜ କରି କରିବା ସହ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଖବରପାଇ ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ, ଜିଆରଏସ୍ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବିରୋଧ କରିଥିଲେ। ଏହାପରେ ସେମାନେ ସରପଞ୍ଚଙ୍କ ସମେତ ଅନ୍ୟମାନଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗ ଅନୁସାରେ ତଦନ୍ତ ଚାଲିଛି। ଏହାପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଭାଟପଡ଼ା ପଞ୍ଚାୟତର ୨ ୱାର୍ଡ଼, ତିହିଡ଼ି ବଜାର ଶଟ୍‌ଡାଉନ

ତିହିଡ଼ି,୧୭।୫(ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ୨ ୱାର୍ଡ଼ ଓ ତିହିଡ଼ି ବଜାରକୁ ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାଠାରୁ ୧୯ତାରିଖ ମଧ୍ୟାହ୍ନ ୧୨ଟା ଯାଏ ପଞ୍ଚାୟତର ୨୦ ଓ ୨୧ ନଂ. ୱାର୍ଡ଼କୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାଛଡ଼ା ତିହିଡ଼ି ବଜାରକୁ ରବିବାର ମଧ୍ୟାହ୍ନ ୧୨ଟାଠାରୁ ସନ୍ଧ୍ୟା ୭ଟା ଯାଏ ଶଟ୍‌ଡାଉନ ଘୋଷଣା କରାଯାଇଛି। ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନା ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଛନ୍ତି। କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବାହାର ରାଜ୍ୟରୁ ପ୍ରବାସୀମାନେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏ ପ୍ରକାର ପଦକ୍ଷେପ ନିଆଯାଇଥିବା ଦର୍ଶାଯାଇଛି।

### ବାତ୍ୟା ପାଇଁ ଖୋଲିଲା କଣ୍ଟ୍ରୋଲ ରୁମ୍

ବାରିପଦା ଅଫିସ,୧୭।୫- ସମ୍ଭାବ୍ୟ ବାତ୍ୟା ଅମ୍ଫନ ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରବିବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ବ୍ଲକର ବିଡ଼ିଓମାନେ ସଜାଗ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିଭଳି ସମସ୍ତ ଲାଇନ୍ ବିଭାଗ ସଜାଗ ରହିବା ପାଇଁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୪ଟି ଓଡ୍ରାଫ୍ ଓ ଗୋଟିଏ ଏନ୍‌ଡ଼ିଆରଏଫ୍ ଟିମ୍ ସଜାଗ ରହିଛନ୍ତି। ସେହିଭଳି ବିଡିଓମାନଙ୍କୁ ବିଦ୍ୟାଳୟ ଓ କଲେଜ ଗୃହରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ସ୍ଥିତି ପରଖିବା ପାଇଁ ଜିଲାପାଳ କହିଛନ୍ତି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, ୧୭।୫(ସ୍ୱ.ପ୍ର.)-କେନ୍ଦୁଝର ସଦର ଥାନା ନେଲୁଙ୍ଗ ତାଟୋସାହିର ବୁଦ୍ଧିଆ ନାଏକ(୫୫) ନାମକ ବ୍ୟକ୍ତି ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ବୁଦ୍ଧିଆ ଜଡ଼ିଖୁଣ୍ଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁଇଟି ଭାଲୁ ବୁଦା ମୂଳରୁ ଚାଲି ଆସି ଆକ୍ରମଣ କରିଥିଲେ। ବୁଦ୍ଧିଆ ସାଥିରେ ନେଇଥିବା ଟାଙ୍ଗିଆରେ ସେମାନଙ୍କୁ ପାଲଟା ଆକ୍ରମଣ କରିବା ସହ ଚିତ୍କାର କରିବାରୁ ଭାଲୁ ଦୁଇଟି ସେଠାରୁ ପଳାଇଥିଲେ। ପରେ ଏକ ଭାଲୁ ବୁଦ୍ଧିଆଙ୍କ ପଛପଟୁ ଆସି ତାଙ୍କ ପିଠି ଓ ମୁଣ୍ଡକୁ କାମୁଡ଼ି ପକାଇଥିଲା। ଜଙ୍ଗଲରେ ଥିବା ଅନ୍ୟ ଲୋକମାନେ ପାଟି କରିବାରୁ ଭାଲୁଟି ସେଠାରୁ ଚାଲିଯାଇଥିଲା। ତେବେ ବାରମ୍ବାର ଲୋକେ ଭାଲୁ ଆକ୍ରମଣର ଶିକାର ହେଉଥିଲେ ମଧ୍ୟ ବନବିଭାଗ କର୍ମଚାରୀ ସହାୟତା କରୁ ନ ଥିବା ଅଭିଯୋଗ ହୋଇଛି।

### ତାଲା ଭାଙ୍ଗି ୫୦ ହଜାର ଟଙ୍କାର ପୋଷାକ ଚୋରି

କେନ୍ଦୁଝର/ରାଇସୁଆଁ, ୧୭।୫ (ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ସଦର ଥାନା ଅଞ୍ଚଳରେ ଚୋର ମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ମହାଦେଇଯୋଡ଼ା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ କେହି ଦୁର୍ବୃତ୍ତ କବାଟ ତାଲା ଭାଙ୍ଗି ଚୋରି କରିବା ଉଦ୍ୟମ ବିଫଳ ହେବା ପରେ ମହାଦେଇଯୋଡ଼ା ଛକ ନିକଟରେ ଥିବା ଅରୁଣ କୁମାର ଦାସ ନାମକ ଜଣେ କ୍ଷୁଦ୍ର ଲୁଗା ବ୍ୟବସାୟୀଙ୍କ ଦୋକାନରୁ ତାଲା ଭାଙ୍ଗି ଅନେକ ଦାମୀ ଲୁଗା, ଜିନ୍ସ ପ୍ୟାଣ୍ଟ, ଚପଲ ୫୦ହଜାର ଟଙ୍କାର ଚୋରି କରି ନେଇଛନ୍ତି। ସକାଳେ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ଖୋଲିବାକୁ ଆସିଲାବେଳେ ଦୋକାନ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଜିନିଷ ଚୋରି କରି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ଏବିଷୟରେ ସଦର ଥାନା ଅଧିକାରୀ ଜୟ ନାରାୟଣ ଖଣ୍ଡେଇଙ୍କୁ ଖବର ଦେବାରୁ କେନ୍ଦୁଝର ଡିଏସପି ଇନ୍ଦୁରେଖା ଓ ପୋଲିସ ଟିମ ସହ ପୋଲିସ ସାଇଣ୍ଟିଫିକ ଓ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲେ।

# ଉତ୍ତର ଓଡ଼ିଶାରେ ଅଣାୟତ୍ତ ହେଉଛି ସ୍ଥିତି



■ ବାଲେଶ୍ୱର ୧୭, ଭଦ୍ରକ ୨୮, କେନ୍ଦୁଝର ୪
■ ସଂକ୍ରମିତଙ୍କ ମଧ୍ୟରେ ଅଛନ୍ତି ସରପଞ୍ଚ

ବାଲେଶ୍ୱରଅଫିସ/ସିମୁଳିଆ/ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ/ କେନ୍ଦୁଝର/ବଡ଼ବିଲ, ୧୭।୫(ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍ତରଓଡ଼ିଶାରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୋଟିଏ ଦିନରେ ୪୯ ପିଜିଟିଭ୍ ବାହାରିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ବିଶେଷ କରି କ୍ୱାରାଣ୍ଟାଇନ କେନ୍ଦ୍ରକୁ ଯାଇ ବୁଝାଶୁଝା କରୁଥିବା ଜଣେ ସରପଞ୍ଚ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସ୍ଥିତି ଏକପ୍ରକାର ଅଣାୟତ୍ତ ଆଡକୁ ଗତି କରୁଛି। ରବିବାର ବାଲେଶ୍ୱର ଜିଲାରେ ୧୭, ଭଦ୍ରକରେ ୨୮ ଓ କେନ୍ଦୁଝରରେ ୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ବାଲେଶ୍ୱରରେ ୧୧୯, ଭଦ୍ରକରେ ୭୪ ଓ କେନ୍ଦୁଝର ୮ରେ ପହଞ୍ଚିଛି।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଏକ ପଞ୍ଚାୟତର ସରପଞ୍ଚ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଉକ୍ତ ପଞ୍ଚାୟତର ଅନ୍ୟ ୨ଜଣ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡିଛି। ସେହିପରି ଭୋଗରାଇ ବ୍ଲକର ୯, ଜଳେଶ୍ୱର ୨, ବାଲିଆପାଳ ୧, ନୀଳଗିରି ୧ ଏବଂ ବାଲେଶ୍ୱର ସହରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ସୁରଟ, ୩ଜଣ ପଶ୍ଚିମବଙ୍ଗ, ୧୦ଜଣ ହାଇଦ୍ରାବାଦ ଓ ଜଣେ ମହାରାଷ୍ଟ୍ର ଫେରନ୍ତା। ସରପଞ୍ଚଙ୍କୁ ଛାଡ଼ିଦେଲେ ସମସ୍ତେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଏମାନଙ୍କୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁରୁଡ଼ାସ୍ଥିତ କୋଭିଡ଼-୧୯ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଭଦ୍ରକ ଜିଲାରେ ଗୋଟିଏ ଦିନରେ ୨୮ କରୋନା ରୋଗୀ ଚିହ୍ନଟ ହେବା ପରେ ପ୍ରଶାସନର ନିଦ ହଜିଯାଇଛି। ସମସ୍ତ ସଂକ୍ରମିତ ସଙ୍ଗରୋଧ ଗୃହରେ ଥିବା ପ୍ରଶାସନ ଟୁଇଟ ମାଧ୍ୟମରେ ସୂଚନା ଦେଇଛି। ଏମାନଙ୍କ ମଧ୍ୟରୁ ଗୁଜରାଟରୁ ୧୭, କୋଲକତା ୮, ତେଲଙ୍ଗାନା ୧ ଓ ୨ଜଣ ମହାରାଷ୍ଟ୍ର ଫେରନ୍ତା ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯଦିଓ ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଚାନ୍ଦବାଲି ବ୍ଲକରୁ ଚିହ୍ନଟ ହୋଇଥିବା କୁହାଯାଇ ନାହିଁ କିନ୍ତୁ ଏହି ୨୮ ଜଣଙ୍କ ମଧ୍ୟରୁ ଚାନ୍ଦବାଲି ବ୍ଲକରେ ପ୍ରଥମ କରି କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଚର୍ଚ୍ଚା ହେଉଛି।

ସେହିପରି କେନ୍ଦୁଝର ଜିଲାରେ ୪ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ସଂଖ୍ୟା ୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆଉ ୬ ଜଣ ଚିକିତ୍ସାଧୀନ ଥିବା ଜଣାପଡିଛି। ହାଟଡିହୀ ବ୍ଲକ ଇଙ୍ଗୋଳ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଏହାର ୧୦୦ ମିଟର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ତାଙ୍କ ବୟସ ୩୫ବର୍ଷ। ସେ ୧୨ ତାରିଖରେ ଆନ୍ଧ୍ରପ୍ରଦେଶରୁ ଫେରି କ୍ୱାରାଣ୍ଟାଇନରେ ଥିଲେ। ସେହିପରି ଉକ୍ତ ବ୍ଲକର ଢେଙ୍କା ଗ୍ରାମରେ ଆଉ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତାଙ୍କ ବୟସ ୪୭ ବର୍ଷ ହେବ। ସେ ମେ’ ୨ ତାରିଖରେ ସୁରଟରୁ ଆସିଥିଲେ। ଘସିପୁରା ବ୍ଲକ ସାଇଁକୁଲସ୍ଥିତ ପତିତପାବନ ମହାବିଦ୍ୟାଳୟ ପରିସରରେ ଥିବା କୋଭିଡ କେୟାର ସେଣ୍ଟରରେ ପ୍ରଥମ କରୋନା ପଜିଟିଭ ବାହାରିବା ପରେ ଉକ୍ତ ପରିସରକୁ ମଧ୍ୟ ୭୨ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଛି। ସେ ଚେନ୍ନାଇରୁ ୧୧ ତାରିଖରେ ଫେରି କ୍ୱାରାଣ୍ଟାଇନରେ ଥିଲେ। ବଡବିଲସ୍ଥିତ ମାଟକାମବେଡା ଉଚ୍ଚବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତାଙ୍କ ବୟସ ୨୬ବର୍ଷ। ସେ ୯ ତାରିଖରେ କୋଲକାତାରୁ ଫେରି କ୍ୱାରାଣ୍ଟାଇନରେ ଥିଲେ। ତାଙ୍କ ସ୍ୱାବ ଯାଞ୍ଚ ପାଇଁ ୧୪ ତାରିଖରେ ପଠାଯାଇଥିଲା।



ଚାଷୀମାନେ କ୍ଷତି ସହୁଥିବା ନେଇ ଅଭିଯୋଗ କରୁଛନ୍ତି ।

## କ୍ଷତି ସହୁଛନ୍ତି ଦୁଗ୍ଧଚାଷୀ

ବାହାନଗା, ୧୭।୫(ଡି.ଏନ.ଏ.)

ଲକ୍‌ଡାଉନ ଯୋଗୁ ପୂର୍ବଭଳି ଦୁଗ୍ଧ ବିକ୍ରି ହେଉ ନ ଥିବାରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଦୁଗ୍ଧ ଚାଷୀମାନେ କ୍ଷତି ସହୁଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରୁ ନ ଥିବା, ହାତ ସାନିଟାଇଜେଶନ କରୁ ନ ଥିବା ଓ ମାସ୍କ ପିନ୍ଧୁ ନ ଥିବା ଭଳି ମିଥ୍ୟା ଆରୋପ ଲଗାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବାଲେଶ୍ୱର ଭଦ୍ରକ ଜିଲା ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ଅଧୀନ ବାହାନଗା ବ୍ଲକରେ ଥିବା ଗୋପାଳପୁର ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତି ଲିଃ ବ୍ଲକର ୧୩ ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତି ମାଧ୍ୟମରେ ଲକଡାଉନ୍ ପୂର୍ବରୁ ଚାଷୀଙ୍କଠାରୁ ୨ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଥିଲା। ଏବେ ୧୩ଟି ସମିତିରୁ ୧ ହଜାର ଲିଟର ଦୁଗ୍ଧ କମାଇ ଚାଷୀଙ୍କଠାରୁ କିଣାଯାଉଛି। ଫଳରେ ଚାଷୀମାନେ ନାହିଁ ନ ଥିବା କ୍ଷତି ସହୁଛନ୍ତି । ଏନେଇ ୧୩ ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତିର ଚାଷୀମାନେ ଏକାଠି ହୋଇ ସେମାନଙ୍କ ସମସ୍ୟା ଗୋପାଳପୁର ସମିତି କାର୍ଯ୍ୟାଳୟରେ ଜଣାଇଛନ୍ତି। ଗୋପାଳପୁର ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ପକ୍ଷରୁ ୫ ହଜାର ଲିଟର ଦୁଗ୍ଧ ଶୀତଳୀକରଣ ପାଇଁ ମେଶିନ ସ୍ଥାପନ କରାଯାଇଥିବାରୁ ବଳକା ୧ ହଜାର ଲିଟର କ୍ଷୀର କିଣିବା ପାଇଁ ଚାଷୀ ସୃଷ୍ଟି ମହାକୁଡ, ନରହରି ତ୍ରିପାଠୀ, ରବୀନ୍ଦ୍ର ମହାନ୍ତି, କଳ୍ପନା ବେହେରା, ଲକ୍ଷ୍ମଣ କୁମାର ପରିଡା, ସୁନୀଲ ମହାପାତ୍ର, ମହେଶ୍ୱର ମହାପାତ୍ର, ଗଙ୍ଗାଧର ବେହେରା ପ୍ରମୁଖ ଦାବିକରିଛନ୍ତି।

## ଜେଟିରେ ଲାଗିଲା ମାଛଧରା ଡଙ୍ଗା, ଟ୍ରଲର



ଭଦ୍ରକ ଅଫିସ୍, ୧୭।୫

ସମ୍ଭାବ୍ୟ ବାତ୍ୟା ଅମ୍ଫନ ପାଇଁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ସମସ୍ତ ଟ୍ରଲର ଓ ଦେଶୀ ଡଙ୍ଗାଗୁଡ଼ିକ କୂଳ ତଥା ବିଭିନ୍ନ ଜେଟିରେ ସୁରକ୍ଷିତ ଭାବେ ରଖିଛନ୍ତି। ମାଛ ଧରାଳିମାନେ ସମୁଦ୍ରକୂଳିଆ ଧାମରା, ଚୂଡ଼ାମଣି, କଷିଆ ଭଳି ସ୍ଥାନଗୁଡ଼ିକରେ ଶହ ଶହ ଡଙ୍ଗା, ଟ୍ରଲରଗୁଡ଼ିକୁ ଲଙ୍ଗର ପକାଇ ରଖାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ କରୋନା ମହାମାରୀ ଚାଲିଥିବା ବେଳେ ଏବେ ବାତ୍ୟା ଖବର ଶୁଣି ସମୁଦ୍ରକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଭଦ୍ରକରେ ଅମ୍ଫନ ମୁକାବିଲା ପାଇଁ ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚିଛନ୍ତି। ମୁଖ୍ୟତଃ ସମୁଦ୍ରକୂଳିଆ ୨ଟି ବ୍ଲକ ବାସୁଦେବପୁର ଓ ଚାନ୍ଦବାଲିର ୭୨ଟି ପଞ୍ଚାୟତ ବାତ୍ୟା ଦ୍ୱାରା ପ୍ରଭାବିତ ହେବା ଆଶଙ୍କା କରିଛି ଜିଲା ପ୍ରଶାସନ। ସମୁଦ୍ର କୂଳଠାରୁ ୩ କି.ମି. ପରଧି ମଧ୍ୟରେ ଥିବା ସମସ୍ତ ଗ୍ରାମବାସୀଙ୍କୁ ରବିବାର ସନ୍ଧ୍ୟା ସୁଦ୍ଧା ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ କୁହାଯାଇଛି।

## ସ୍ଥାନାନ୍ତର ହେଲେ ଉପକୂଳବର୍ତ୍ତୀ ବାସିନ୍ଦା

ବାଲେଶ୍ୱର ଅଫିସ,୧୭।୫

ବାତ୍ୟା ‘ଅମ୍ଫନ୍’ ପ୍ରଭାବରେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ଓ ପବନ ହେବାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ସଜାଗ ରଖାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଓଡ୍ରାଫ, ଏନ୍‌ଡ଼ିଆର୍‌ଏଫ୍, ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବା ସହ ସତର୍କ ଦୃଷ୍ଟି ରଖିଛନ୍ତି। ବାତ୍ୟା ସମୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ପୂର୍ବରୁ ଦୁର୍ବଳ ନଦୀବନ୍ଧ ଚିହ୍ନଟ ଏବଂ ମରାମତି, କେନାଲ ମରାମତି, ଡ୍ରେନେଜ ସଫେଇ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ବେଳେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ବିଡିଓ ଓ ତହସିଲଦାରମାନେ ମିଳିତ ଭାବେ ନିଜର ଦାୟିତ୍ୱ ସମ୍ପାଦନ ପାଇଁ ସଜାଗ ରହିଛନ୍ତି। ଜିଲାରେ ୧୨୮ଟି ବହୁମୁଖୀ ବାତ୍ୟା ଏବଂ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ସେଥିମଧ୍ୟରୁ କିଛି ଆଶ୍ରୟସ୍ଥଳୀ ବର୍ତ୍ତମାନ କ୍ୱାରାଣ୍ଟାଇନ ସେଣ୍ଟର ଭାବେ ବ୍ୟବହୃତ ହେଉଥିବାରୁ ଉକ୍ତ ଅଞ୍ଚଳ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ବାତ୍ୟା ‘ଅମ୍ଫନ’ର ଆଗୁଆ ସତର୍କ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇ ଦିଆଯାଇଛି। ଜିଲାର ବନ୍ୟାପ୍ରବଣ ସ୍ଥାନଗୁଡ଼ିକରେ ଆଗୁଆ ଭାବେ ମୋଟର ବୋଟ, ଦେଶୀ ଡଙ୍ଗା, ଉଦ୍ଧାରକାରୀ ଡଙ୍ଗା ମୁତୟନ, ଜିଲା ଯୋଗାଣ ବିଭାଗକୁ ଶୁଖିଲା ଖାଦ୍ୟସାମଗ୍ରୀ ଗଚ୍ଛିତ ରଖାଯାଇଛି। ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ଆବଶ୍ୟକ ଔଷଧ, ଔଷଧ କିଟ, କର୍ମଚାରୀଙ୍କୁ ସଜାଗ ରଖିବା, ରିଲିଫ ଯୋଗାଣ ସମୟରେ ଆବଶ୍ୟକ ଯାନବାହନ ଯୋଗାଇ ଦେବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ବେଳେ ପୋଲିସ ତରଫରୁ ରିଲିଫ ସାମଗ୍ରୀର ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ, ନେସ୍କୋ ତରଫରୁ ବିଦ୍ୟୁତ ସରବରାହକୁ ବ୍ୟବସ୍ଥିତ କରିବା ଭଳି କାର୍ଯ୍ୟ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି।

### ବାତ୍ୟା ଲାଗି ପ୍ରସ୍ତୁତି

## ମହାରାଷ୍ଟ୍ରରୁ ସାଇକେଲରେ ଆନନ୍ଦପୁର

ଆନନ୍ଦପୁର,୧୭।୫(ସ୍ୱ.ପ୍ର.)

କରୋନା ପାଇଁ ଲକ୍‌ଡାଉନ ଯୋଗୁ ପ୍ରବାସୀ ଓଡ଼ିଆମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରକୁ ଫେରିବା ପାଇଁ କୌଣସି ସୁବିଧା ମିଳୁ ନ ଥିବାରୁ ବାଧ୍ୟ ହୋଇ କେହି ସାଇକେଲ୍‌ରେ ତ ଆଉ କେହି ଚାଲି ଚାଲି ଆସୁଥିବା ଦୃଶ୍ୟ ହୃଦୟ ବିଦାରକ ହୋଇଛି। କେନ୍ଦୁଝର ଜିଲା ଆନନ୍ଦପୁର ବାସିନ୍ଦା ରାମ ଜେନାଙ୍କ ପୁଅ ଅରୁଣ ସୁଦୂର ମହାରାଷ୍ଟ୍ରର ପୁନେରୁ ସାଇକେଲ୍‌ରେ ଆସି ୯ ଦିନ ପରେ ରବିବାର ଗାଁରେ ପହଞ୍ଚିଛନ୍ତି। ପୂର୍ବରୁ ସେ ତାଙ୍କ ନାମ ପଞ୍ଜୀକୃତ କରିଥିବାରୁ ତାଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି।



ଅରୁଣ ଜେନା

ପୁନେର ଏକ ଘରୋଇ କମ୍ପାନୀରେ ସେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ପରେ କମ୍ପାନୀ ନିକଟରୁ ଯାହା କିଛି ଅର୍ଥ ପାଇଥିଲେ ସେଥିରେ ଚଳିବାକୁ ଚେଷ୍ଟା କରିଥିଲେ। ଅର୍ଥ ସରିଯିବା ପରେ କମ୍ପାନୀ ଆଉ ଅଧିକ ଅର୍ଥ ଦେବାକୁ ମନା କରିଥିଲା। ଶେଷରେ ବାଧ୍ୟ ହୋଇ ସେ ନିଜ ଘରକୁ ଫେରିବାକୁ ମନସ୍ଥ କରିଥିଲେ। ମାତ୍ର ପାଖରେ ଅର୍ଥ ନ ଥିବାରୁ ପରିବାର ଲୋକଙ୍କୁ ଅର୍ଥ ପଠାଇବା କହିଥିଲେ। ପରିବାର ଲୋକେ ଅର୍ଥ ପଠାଇବାରୁ ସେହି ଅର୍ଥରେ ସାଇକେଲ ଖଣ୍ଡେ କିଣି ବହୁ କଷ୍ଟରେ ଘରକୁ ଫେରିଥିବା ଅରୁଣ କହିଛନ୍ତି।

### ସୁସ୍ଥ ହୋଇ ଫେରିଲେ ସଂକ୍ରମିତ

ଖଇରା, ୧୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ବାରିଙ୍ଗିଆ ଗ୍ରାମରେ କରୋନାରେ ସଂକ୍ରମିତ ହୋଇ ଅଶ୍ୱିନୀରେ ଚିକିତ୍ସାଧୀନ ଥିବା ଜଣେ କୋଲକାତା ଫେରନ୍ତା ରବିବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଗ୍ରାମବାସୀ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଛନ୍ତି। ସେ ମାର୍ଚ୍ଚ ୨୮ତାରିଖରେ କୋଲକାତାରୁ ଫେରିଥିବା ବେଳେ ୩୦ତାରିଖରେ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ୬ତାରିଖରେ ସ୍ୱାବ ପଜିଟିଭ ଆସିବା ପରେ ତାଙ୍କୁ ଚିକିତ୍ସା ପାଇଁ ପଠାଯିବା ସହ ବାରିଙ୍ଗିଆ, ମହିଁସାମୁଣ୍ଡା, ଚକାପଦା ଗ୍ରାମକୁ ଆବଦ୍ଧାଞ୍ଚଳ ଘୋଷଣା କରାଯାଇ ସମସ୍ତ ୮ଗୋଟି ପ୍ରବେଶ ପଥ ସିଲ କରାଯାଇଛି।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର

ଯୋଡ଼ା, ୧୭।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ କୁରୁଡି-କମଳପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ରବିବାର ପୂର୍ବାହ୍ନରେ ଏହାର ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସମୟରେ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ସମେତ କୁରୁଡି ସରପଞ୍ଚ ସୁଜାତା ହେମ୍ବ୍ରମ ଓ ପିଏସ ମେମ୍ବର ଇନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ସରପଞ୍ଚଙ୍କୁ ଅଟକ ରଖିଲେ ଗ୍ରାମବାସୀ

### ଅଁଳା ପଞ୍ଚାୟତ

■ ପ୍ରବାସୀଙ୍କ ସମ୍ପର୍କୀୟ କ୍ୱାରାଣ୍ଟାଇନରେ ନ ରହିବାରୁ ଉତ୍ତେଜନା

ବେତନଟୀ/ବୈଶିଙ୍ଗା, ୧୭।୫(ଡି.ଏନ୍.ଏ.)

ପ୍ରବାସୀଙ୍କୁ ବାଇକ୍‌ରେ ବସାଇ ଆଣିଥିବା ଜଣେ ଯୁବକ ହୋମ୍ କ୍ୱାରାଣ୍ଟାଇନ୍‌ରେ ନ ରହିବାରୁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଅଁଳା ପଞ୍ଚାୟତରେ ଉତ୍ତେଜନା ଦେଖା ଦେଇଛି। ଏନେଇ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ହେମ୍ବ୍ରମଙ୍କୁ ସେହି ପଞ୍ଚାୟତ ଅନ୍ତର୍ଗତ ରାଇକମା ଗ୍ରାମର କୁମ୍ଭାରସାହିଠାରେ ରବିବାର ଶତାଧିକ ଲୋକ ଦୀର୍ଘ ସମୟ ଅଟକ ରଖିଥିଲେ। ଖବରପାଇ ବୈଶିଙ୍ଗା ଥାନା ଅଧିକାରୀ ଲକ୍ଷ୍ମୀଧର ସ୍ୱାଇଁ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିବା ପରେ ଲୋକେ ସରପଞ୍ଚଙ୍କୁ ଛାଡ଼ିଥିଲେ।

ସୂଚନା ଅନୁଯାୟୀ, ଗୁଜରାଟରୁ ଫେରିଥିବା ଜଣେ ପ୍ରବାସୀଙ୍କୁ ବାଲେଶ୍ୱର ଜିଲା ରେମୁଣାଠାରୁ ତାଙ୍କ ସମ୍ପର୍କୀୟ ବାଇକ୍‌ରେ ବସାଇ ଆଣି ବେତନଟୀ ଆଦର୍ଶବିଦ୍ୟାଳୟ ସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଛାଡ଼ିବାକୁ ଯାଇଥିଲେ। ତେବେ ସମ୍ପୃକ୍ତ ସମ୍ପର୍କୀୟ ଜଣକ ହୋମ୍ କ୍ୱାରାଣ୍ଟାଇନରେ ନ ରହି ଗାଁରେ ବୁଲୁଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ସରପଞ୍ଚଙ୍କୁ ଅଟକ ରଖିଥିଲେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଜଣେ ପ୍ରବାସୀ ଶନିବାର ଆତ୍ମହତ୍ୟା କରିବା ଘଟଣା ଆଲୋଡନ ସୃଷ୍ଟି କରିଥିଲା। ଏସମ୍ପର୍କରେ ସରପଞ୍ଚ ହେମ୍ବ୍ରମଙ୍କୁ ପଚାରିବାରୁ ଲୋକେ ତାଙ୍କୁ ଅଟକ ରଖିବା ଘଟଣାକୁ ସ୍ୱୀକାର କରିଥିବା ବେଳେ ଲୋକଙ୍କ ଅଭିଯୋଗରେ ସମ୍ପୂର୍ଣ୍ଣ ସତ୍ୟତା ନ ଥିବା କହିଛନ୍ତି।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଅବ୍ୟବସ୍ଥା

କପ୍ତିପଦା,୧୭।୫(ଡି.ଏନ୍.ଏ.)

କରେନାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବ୍ଲକ୍ ଓ ପଞ୍ଚାୟତସ୍ତରରେ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଛି। ଏଥିପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଏଠାରେ ପ୍ରବାସୀ ଓଡ଼ିଆଙ୍କୁ ସଙ୍ଗରୋଧରେ ରଖାଯିବା ସହ ସେମାନଙ୍କ ଖାଇବା, ପିଇବା, ଆବଶ୍ୟକ ସାମଗ୍ରୀ, ଔଷଧ ଓ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ମାତ୍ର ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ କ୍ୱାରାଣ୍ଟାଇନ କେନ୍ଦ୍ରରେ ଅବ୍ୟବସ୍ଥା ହେଉଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶନିବାର ସେମାନେ କ୍ୱାରାଣ୍ଟାଇନ୍ କେନ୍ଦ୍ର ଗେଟ ସମ୍ମୁଖକୁ ଆସି ହୋହଲ୍ଲା କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗ ଅନୁଯାୟୀ, ଅନ୍ୟ ରାଜ୍ୟରୁ ଆସି ପହଞ୍ଚିବା ପରେ ରେଜିଷ୍ଟ୍ରେସନ ପାଇଁ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ସେମାନଙ୍କୁ ଶଯ୍ୟା, ଆବଶ୍ୟକ ସାମଗ୍ରୀ ଏବଂ ଔଷଧ ଠିକ୍ ଭାବେ ଯୋଗାଯାଉ ନାହିଁ। ଯାହାକୁ ନେଇ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ୧୨ ତାରିଖରେ ୪୫ ପ୍ରବାସୀ ଗୁଜରାଟରୁ ଫେରିଥିବା ବେଳେ ସେମାନଙ୍କ ପାଇଁ ମାତ୍ର ୨୧ଟି ଶଯ୍ୟାର ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ରାତିରେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଖାଦ୍ୟ ଦିଆଯାଇ ନ ଥିଲା। ରାତି ୨ଟାରେ ଥାନାଧିକାରୀ ସଞ୍ଜୟ କୁମାର ପ୍ରଧାନ ସେମାନଙ୍କ ପାଇଁ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରିଥିବା ସେମାନେ କହିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ନୋଡାଲ୍ ଅଫିସର ଗୌରଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ ଏହି ଅଭିଯୋଗକୁ ସ୍ୱୀକାର କରିଛନ୍ତି। ସମସ୍ୟା ରହୁଛି, ତାହାକୁ ସମାଧାନ କରି କାମ କରାଯାଉଥିବା କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାରେ ଚିହ୍ନଟ ହୋଇଥିବା ୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ ଜଣ କପ୍ତିପଦା ବ୍ଲକ୍ ଅଞ୍ଚଳର। ଏହି ବ୍ଲକକୁ ମୋଟ ୫୫୪୨ଜଣ ପ୍ରବାସୀ ଓଡ଼ିଆ ଫେରିବା ପାଇଁ ପଞ୍ଜୀକରଣ କରିଥିବାବେଳେ ୨୬ଟି ପଞ୍ଚାୟତର ୩୧ଟି ସଙ୍ଗରୋଧ କେନ୍ଦ୍ରରେ ମାତ୍ର ୧୩୫୦ଟି ଏବଂ ବ୍ଲକ୍ ସଙ୍ଗରୋଧ କେନ୍ଦ୍ରରେ ଥିବା ୨୦୦ ଶଯ୍ୟାକୁ ମିଶାଇ ମୋଟ ୧୫୫୦ଟି ଶଯ୍ୟା ପ୍ରସ୍ତୁତ ହୋଇଛି।



ଅନ୍ତେବାସୀମାନେ ଗେଟ ସମ୍ମୁଖରେ ହୋହଲ୍ଲା କରୁଛନ୍ତି ।

### ପ୍ରତିବାଦ କଲେ ଅନ୍ତେବାସୀ

## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

ଦାରିଙ୍ଗବାଡ଼ି,୧୭।୫(ଡି.ଏନ.ଏ.): ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତ ସିକବାଡ଼ି ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ମୀନାକ୍ଷୀ ପ୍ରଧାନ (୨୦)। ମାତ୍ର ଯୌତୁକ ପାଇଁ ଭଉଣୀଙ୍କୁ ହତ୍ୟା କରାଯାଇଥିବା ମୀନାକ୍ଷୀଙ୍କ ଭାଇ ଟେକାଙ୍ଗିଆ ଗ୍ରାମର ଶୁକଦେବ ପ୍ରଧାନ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଛନ୍ତି। ନଂ. ୩୩/୨୦ରେ ହତ୍ୟା ମାମଲା ରୁଜୁକରି ଶନିବାର ମୃତଦେହ ମାଜିଷ୍ଟ୍ରେଟ ନରେନ୍ଦ୍ର ମଲ୍ଲିକଙ୍କ ଉପସ୍ଥିତିରେ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିବା ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

### ବାତ୍ୟା ଆଶଙ୍କା, ସଚେତନ କଲା ପ୍ରଶାସନ

ଦାରିଙ୍ଗବାଡ଼ି,୧୭।୫(ଡି.ଏନ.ଏ.): ବାତ୍ୟା ଅମ୍ଫନ୍‌କୁ ନେଇ ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି। ବହୁ ଲୋକ ଦୁର୍ଗମ ଗ୍ରାମରେ ରହୁଥିବାରୁ ଯଦି ବାତ୍ୟା ହୁଏ କିଭଳି ସୁରକ୍ଷିତ ରହିବା ସହ ଜରୁରୀ ପରିସ୍ଥିତିରେ ନିକଟସ୍ଥ ଆଶ୍ରୟସ୍ଥଳୀକୁ ଯିବେ ସେ ନେଇ ସଚେତନ କରାଯାଇଥିଲା। ବିନା କାରଣରେ ଘରୁ ପଦାକୁ ନ ବାହାରିବାକୁ କୁହାଯାଇଥିଲା। ରବିବାର ଠାରୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ସତର୍କ ସୂଚନା ଦିଆଯାଇଛି। ଦାରିଙ୍ଗବାଡ଼ି ତହସିଲଦାର ନୀତୀଶ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କେଦାରଚନ୍ଦ୍ର ସାହୁ ପ୍ରମୁଖ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରୁଛନ୍ତି। ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିବା ତହସିଲଦାର ତ୍ରିପାଠୀ କହିଛନ୍ତି।

### ମଦଭାଟିରେ ଚଢ଼ାଉ, ୯ ଗିରଫ

ଆସିକା,୧୭।୫ (ଡି.ଏନ୍.ଏ): ଆସିକା ଥାନା ବାଲିସିରା ଗ୍ରାମରେ ଚାଲିଥିବା ଏକ ବେଆଇନ ମଦଭାଟି ଉପରେ ରବିବାର ଭୋର୍‌ରେ ପୋଲିସ ଚଢାଉ କରିଥିଲା । ସେଠାରୁ ୬୦୦ ଲିଟର ରନ୍ଧାମଦ ଜବତ ସହ ୫ ହଜାର ଲିଟର ପୋଚ ନଷ୍ଟ କରାଯାଇଛି । ଏଥିସହ ବିପୁଳ ପରିମାଣର ମଦରନ୍ଧା ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ୯ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଲିସିରାର କିଶୋର ଚନ୍ଦ୍ର ନାଇକ, ସୁନିଲ ନାଇକ, ବାବୁଲା ନାଇକ, କାମଧେନୁ ବାଡତ୍ୟା, ଝାଡବନ୍ଧ ଗ୍ରାମର କାର୍ତ୍ତିକ ସେଠୀ, କେଶରାପଲ୍ଲୀ ଗ୍ରାମର ଅମୂଲ୍ୟ ଭୂୟାଁ, ଝରପାରୀ ଗ୍ରାମର ଏମ. ପ୍ରସାଦ, ଏମ. ଶ୍ରୀନିବାସ ଓ ଆସିକା ଗଣ୍ଡପଲ୍ଲୀର ଦାସୁ କୁମାର ସିଂ । ଏ ନେଇ ନଂ ୨୬୨, ୨୬୩, ୨୬୪, ୨୬୫, ୨୬୬, ୨୬୭, ୨୬୮, ୨୬୯ ଓ ୨୭୦/୨୦ରେ ପୃଥକ ୯ଟି ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ଚଢ଼ାଉରେ ସାମିଲ ଥିଲେ ।

### ପଥଚାରୀ ଶ୍ରମିକଙ୍କୁ ଗାଡ଼ିରେ ପଠାଇଲା ପୋଲିସ

ଛତ୍ରପୁର,୧୭।୫(ଡି.ଏନ୍.ଏ.): ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପ୍ରକାରେ ଗଞ୍ଜାମ ଜିଲାର ବିଭିନ୍ନ ଥାନା ପକ୍ଷରୁ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇ ବସ୍ ଓ ବିଭିନ୍ନ ଗାଡି ଯୋଗେ ସେମାନଙ୍କ ଅଞ୍ଚଳକୁ ପଠାଯାଉଛି। ରବିବାର ଚେନ୍ନାଇ ଓ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରୁ ଚାଲିକି ଆସୁଥିବା ୯ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରି ଖାଦ୍ୟ ଦେବା ସହ ଗାଡରେ ସେମାନଙ୍କ ଜିଲାକୁ ପଠାଇଥିଲା। ସେହିପରି ପରେ ଚେନ୍ନାଇରୁ ୫, ବିଶାଖାପାଟଣାରୁ ଆସିଥିବା ୮ ଜଣଙ୍କୁ ଜାତୀୟ ରାଜପଥରୁ ଉଦ୍ଧାର କରି ସେମାନଙ୍କ ଅଞ୍ଚଳକୁ ପଠାଇବା ବ୍ୟବସ୍ଥା ହୋଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ୍ ଟୁଇଟ କରିଛନ୍ତି।

# ୭୭ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ

**ଗଞ୍ଜାମ ଜିଲା**
■ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

ଛତ୍ରପୁର,୧୭।୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା 'ଅମ୍ଫନ'ର ମୁକାବିଲା ପାଇଁ ଗଞ୍ଜାମ ଜିଲାରେ ପ୍ରସ୍ତୁତି ଚାଲିଛି। ଜିଲାରେ ୧୦୪ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ସେଥିମଧ୍ୟରୁ ୨୭ଟିରେ ବର୍ତ୍ତମାନ ବାହାର ରାଜ୍ୟ ଫେରନ୍ତାମାନେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଅନ୍ୟ ୭୭ ଆଶ୍ରୟସ୍ଥଳୀକୁ ବାତ୍ୟା ପୂର୍ବରୁ ଆବଶ୍ୟକ ହେଲେ ସମୁଦ୍ର, ଚିଲିକା ଓ ନଦୀ ଉପକୂଳ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଓ ପୋଲିସକୁ ସଜାଗ ରଖାଯାଇଛି। ବିଡ଼ିଓ, ତହସିଲଦାର ଏଥିପ୍ରତି ନଜର ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ମାଛ ମାରିବାକୁ ଯିବାକୁ ବାରଣ କରାଯାଇଛି। ବିଶେଷକରି ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ଚିକିଟି ଓ ରଙ୍ଗେଇଲୁଣ୍ଡା ବ୍ଲକ ଏବଂ ଚିଲିକା ଉପକୂଳବର୍ତ୍ତୀ ଖଲ୍ଲିକୋଟ ବ୍ଲକ ପ୍ରତି ସ୍ୱତନ୍ତ୍ର ନଜର ରଖିବାକୁ କୁହାଯାଇଛି। କ୍ୱାରାଣ୍ଟାଇନ ସେଣ୍ଟର ପରିଚାଳନା ସହ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଓ ପରେ କିଭଳି ଉଭୟ କାମ ଠିକ ଭାବେ ତ୍ୱରାନ୍ୱିତ ହେବ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପାନୀୟ ଜଳ, ବିଦ୍ୟୁତ, ଖାଦ୍ୟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଗୋପାଳପୁର ବନ୍ଦରରେ ୨ ନମ୍ବର ବିପଦସଂକେତ ଦିଆଯାଇଥିବା ବେଳେ ସତର୍କ ରହିବାକୁ କୁହାଯାଇଛି। ଶନିବାର ଜିଲାପାଳ ଏ ନେଇ ଏକ ପ୍ରସ୍ତୁତି ବୈଠକ ଭିଡିଓ କନଫରେସିଂ ଜରିଆରେ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ନେବାକୁ ଗଞ୍ଜାମ ଜିଲାପାଳଙ୍କୁ ଭିଡିଓ କନଫରେସିଂ ଜରିଆରେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ଖାଇଲେନି କ୍ୱାରାଣ୍ଟାଇନ୍ ସେଣ୍ଟର ଅନ୍ତେବାସୀ


ଫିଙ୍ଗାଯାଇଥିବା ଖାଦ୍ୟ।

କବିସୂର୍ଯ୍ୟନଗର,୧୭।୫(ଡି.ଏନ୍.ଏ.)

ନିମ୍ନମାନର ଅଭିଯୋଗ ଆଣି ଖାଦ୍ୟ ଖାଇଲେ ନାହିଁ ସଙ୍ଗରୋଧରେ ଥିବା ପ୍ରବାସୀ ଓଡ଼ିଆ। ଏପରି ଘଟଣା ଘଟିଛି କବିସୂର୍ଯ୍ୟନଗର ବାଳିକା ହାଇସ୍କୁଲରେ। ଏଠାରେ ୭୮ ଜଣ ଅନ୍ତେବାସୀ ରହୁଛନ୍ତି। ସରକାରୀ ମେନୁ ପ୍ରକାରେ ଶନିବାର ମଧ୍ୟାହ୍ନ ଭୋଜନରେ ଭାତ, ଡାଲି ସହ ମିକ୍ସ ତରକାରି ଦିଆଯାଇଥିଲା। କିନ୍ତୁ ସମସ୍ତ ଅନ୍ତେବାସୀ ନିମ୍ନମାନର ଅଭିଯୋଗ କରି ଖାଇ ନଥିଲେ। ଫଳରେ ରାତିରେ ଏନ୍‌ଏସି ପକ୍ଷରୁ ଏହାକୁ ଫୋପାଡ଼ି ଦିଆଯାଇଥିଲା। ଏନେଇ ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ କହିଛନ୍ତି ସେ ନିଜେ ଉକ୍ତ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଖାଦ୍ୟ ଠିକ୍ ଥିଲା। ଅନ୍ୟ ୪ଟି କେନ୍ଦ୍ରରେ ଅନ୍ତେବାସୀ ଖାଦ୍ୟ ଖାଇଥିବା ବେଳେ ବାଳିକା ହାଇସ୍କୁଲ କେନ୍ଦ୍ର ଅନ୍ତେବାସୀ କାହିଁକି ଖାଇଲେ ନାହିଁ ତାହା ସେ ଜାଣି ନ ଥିବା କହିଥିଲେ। ରବିବାର ଏକ ହୋଟେଲକୁ ସମ୍ପୃକ୍ତ କେନ୍ଦ୍ରକୁ ଖାଦ୍ୟ ଯୋଗାଣ ପାଇଁ ଅନୁମତି ଦିଆଯାଇଥିବା ନିର୍ବାହୀ ଅଧିକାରୀ କହିଛନ୍ତି।

# ଗଞ୍ଜାମରେ ସୁସ୍ଥ ହେଲେଣି ୪୯ ଆକ୍ରାନ୍ତ


ତାଲିମ ଦିଆଯାଉଛି।

**କ୍ୱାରାଣ୍ଟାଇନ୍ ସେଣ୍ଟରରେ କୋଭିଡ୍ ତାଲିମ କ୍ଲାସ**

ଛତ୍ରପୁର,୧୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀଙ୍କୁ ପ୍ରଶାସନ ପକ୍ଷରୁ କୋଭିଡ୍-୧୯ ସମ୍ବନ୍ଧୀୟ ୧୦ ଦିନିଆ ତାଲିମ ଦିଆଯାଉଛି। କୋଭିଡ୍ ସମ୍ପର୍କରେ ଅନ୍ତେବାସୀମାନେ ସଚେତନ ହେବେ ବୋଲି ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେହିପରି ତାଲିମପ୍ରାପ୍ତ ଅନ୍ତେବାସୀ କ୍ୱାରାଣ୍ଟାଇନ୍ ଅବଧି ସାରିବା ପରେ ସ୍ୱାସ୍ଥ୍ୟକର୍ମୀ ଭାବେ କାମ କରିବେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୪୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି। ଏମାନେ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ହୋମ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। ଦୈନିକ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝାଯାଉଛି ବୋଲି ସୂଚନା ମିଳିଛି। ଜିଲାରେ ପଜିଟିଭ ସଂଖ୍ୟା ବଢୁଥିବା ବେଳେ ପ୍ରାୟ ସମସ୍ତେ ସୁରଟ ଫେରନ୍ତା। ତେଣୁ ଜିଲାରେ ରେଡ ଜୋନ କଟକଣାର ସମସ୍ତ କଟକଣା ବଳବତ୍ତର ରହିଛି। ଜନସାଧାରଣ ମାସ୍କ , ଗ୍ଲୋଭ୍ସ ବ୍ୟବହାର ସହ ହାତ ଧୋଇବା, ଗହଳିକୁ ନ ଯିବା, ସାମାଜିକ ଦୂରତା ରକ୍ଷା କଲେ ସୁରକ୍ଷିତ ରହିପାରିବେ ବୋଲି ଜିଲାପାଳ କହିଛନ୍ତି।

### ପିଜିଟିଭଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର: ଜିଲାପାଳ

ଛତ୍ରପୁର,୧୭।୫(ଡି.ଏନ.ଏ)

ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲ ଭେଣ୍ଟିଲେଟରରେ କୌଣସି ଆକ୍ରାନ୍ତ ନାହାନ୍ତି। ଗଞ୍ଜାମ ଜିଲାର ସମସ୍ତ ପଜିଟିଭ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ତେଣୁ କୌଣସି ଭୟ କରିବାର ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଅପରାହ୍ନରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ବ୍ରହ୍ମପୁର ଆମ୍ବ ମାର୍କେଟର ଜଣଙ୍କଠାରେ କରୋନା ପଜିଟିଭ୍ ମିଳିଛି। ତାଙ୍କ ଟ୍ରାଭେଲ ହିଷ୍ଟ୍ରି ଜିଲା ବାହାରେ ରହିଛି ଏବଂ ଏହା କମ୍ୟୁନିଟି ସଂକ୍ରମଣ ନୁହେଁ। କୌଣସି ମିଥ୍ୟା ଖବର ଉପରେ ବିଶ୍ୱାସ ନ କରିବାକୁ ଜିଲାପାଳ ଟୁଇଟ୍ କରି ଜଣାଇଛନ୍ତି।

## ସଙ୍ଗରୋଧ ଗୃହରେ ଥିବା ଯୁବକଙ୍କ ମୃତ୍ୟୁ

ଧରାକୋଟ,୧୭।୫(ଡି.ଏନ.ଏ.)

ଧରାକୋଟ ବ୍ଲକ ଝରପାରି ପଞ୍ଚାୟତର ଏକ ସଙ୍ଗରୋଧ ଗୃହରେ ଥିବା ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ଶନିବାର ତାଙ୍କ ଦେହ ଅସୁସ୍ଥ ହେବାରୁ ସ୍ଥାନୀୟ ସରପଞ୍ଚ ଦିବାକର ଭୂୟାଁଙ୍କୁ ଅବଗତ କରାଯାଇଥିଲା। ସରପଞ୍ଚ ଧରାକୋଟ ବିଡିଓଙ୍କୁ ଜଣାଇବାପରେ ସ୍ୱାସ୍ଥ୍ୟଟିମ୍ ପହଞ୍ଚି ପରୀକ୍ଷା କରିଥିଲା। ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ରବିବାର ଅପରାହ୍ନ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ।

## ଗୃହ ସଙ୍ଗରୋଧ ନିୟମ ମାନିଲେନି

ବ୍ରହ୍ମପୁର ଅଫିସ, ୧୭।୫

**ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ ପଠାଇଲା ବିଏମ୍‌ସି**

ହୋମ କ୍ୱାରାଣ୍ଟାଇନ୍ ଗାଇଡଲାଇନ ଉଲ୍ଲଂଘନ କରିଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ଇନଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ୨୬ ନଂ ୱାର୍ଡ ଅନ୍ତର୍ଗତ ଗୋଷାଣୀ ନୂଆଗାଁ ଅଞ୍ଚଳର ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ କିଛି ଦିନ ତଳେ ହୋମ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେ ଏହି ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା। ତେଣୁ ବିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଉକ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତର କରିଛି।

# ରାଶନରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

ବାଲିଗୁଡା,୧୭।୫(ଡି.ଏନ୍.ଏ.)

ଲକ୍‌ଡାଉନ୍ ସମୟରେ କେହି ଯେପରି ଭୋକରେ ନ ରହିବେ ସେଥିପାଇଁ ସରକାର ଆଗୁଆ ୩ ମାସର ରାଶନ ହିତାଧିକାରୀଙ୍କୁ ଯୋଗାଇ ଦେଇଛନ୍ତି। ମାତ୍ର ବହୁ ଯୋଗ୍ୟ ହିତାଧିକାରୀ ଏହି ତାଲିକାରୁ ବାଦ୍ ପଡିଥିବାରୁ ଲକ୍‌ଡାଉନ୍ ସମୟରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି ଜଣେ ବ୍ୟକ୍ତି ହେଲେ ବାଲିଗୁଡା ଏନ୍‌ଏସି ୬ ନଂ. ୱାର୍ଡରେ ରହୁଥିବା ଶିବ ପ୍ରସାଦ ପଟ୍ଟନାୟକ। ୨୦ ବର୍ଷରୁ ଉର୍ଦ୍ଧ୍ୱହେବ ନୂଆସାହିରେ ଜଣଙ୍କ ଘରେ ଭଡ଼ାରେ ରହୁଥିବା ଶିବ ବାଲିଗୁଡା ବଜାରରେ ଏକ ଛୋଟ ଘଣ୍ଟା ମରାମତି ଦୋକାନ କରି ଗୁଜୁରାଣ ମେଣ୍ଟାନ୍ତି। ଲକ୍‌ଡାଉନରେ ଦୋକାନ ବନ୍ଦ ହୋଇଯିବା ପରେ ଦୁଇ ସନ୍ତାନ ଓ ସ୍ତ୍ରୀଙ୍କ ପାଇଁ ଦାନା ଯୋଗାଡ କରିବା ମୁସ୍କିଲ ହୋଇପଡିଛି। ବ୍ଲକ ପ୍ରଶାସନ, ଏନ୍‌ଏସି ଅଧିକାରୀ ଓ ଉପଜିଲାପାଳଙ୍କୁ ବହୁବାର ରାଶନ କାର୍ଡ ପାଇଁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କାର୍ଡ ମିଳୁନାହିଁ ବୋଲି କ୍ଷୋଭର ସହ କହିଛନ୍ତି ସେ।

ଏ ନେଇ ଯୋଗାଣ ଅଧିକାରୀ ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କୁ ପଚାରିବାରୁ ଯାଞ୍ଚବେଳେ ତିନିବଖରା ପକ୍କାଘର ଥିବାରୁ ତାଙ୍କୁ କାର୍ଡ ମିଳିନାହିଁ। ସରକାରୀ ଅଧିକାରୀଙ୍କ ଭୁଲ ତଦନ୍ତ ଯୋଗୁ ଜଣେ ପ୍ରକୃତ ହିତାଧିକାରୀ କାର୍ଡରୁ ବଞ୍ଚିତ ହୋଇଛନ୍ତି। ଉପଖଣ୍ଡ ପ୍ରଶାସନ ପୁନଃ ତଦନ୍ତକରି ରାଶନକାର୍ଡ ଯୋଗାଇ ଦେବାକୁ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ ଓ ବରିଷ୍ଠ ପି ନେତା କମଳାକାନ୍ତ ପାଣ୍ଡେ ଦାବି କରିଛନ୍ତି।

# ଜିଲାକୁ ଗଲେ ୧୨୦ ପଥଚାରୀ

ଛତ୍ରପୁର,୧୭।୫(ଡି.ଏନ.ଏ.)

**ସୁଗମ ଯୋଜନା**

ଗଞ୍ଜାମ ଜିଲା ଦେଇ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ୧୨୦ ଶ୍ରମିକଙ୍କୁ ପ୍ରଶାସନ ପକ୍ଷରୁ ରବିବାର ସୁଗମ ଯୋଜନାରେ ଉଦ୍ଧାର କରାଯାଇ ସେମାନଙ୍କ ନିଜ ନିଜ ଜିଲାକୁ ପଠାଯାଇଛି। ଉଦ୍ଧାର ଶ୍ରମିକଙ୍କୁ ରବିନ୍‌ହୁଡ୍ ଆର୍ମି ସହାୟତାରେ ଖାଦ୍ୟ, ପାଣି, ଗାମୁଛା ଓ ଟୋପି ଦିଆଯାଇଥିଲା । ସୁଗମ ଟିମ୍ ପକ୍ଷରୁ ବିଭନ୍ନ ଗାଡିରେ ଶ୍ରମିକମାନଙ୍କୁ ନିଜ ଜିଲାକୁ ପଠାଯାଇଥିବା ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଗଞ୍ଜାମ ସୀମାନ୍ତ ଓ ଜାତୀୟ ରାଜପଥରେ ଅନ୍ୟ ରାଜ୍ୟରୁ ଫେରୁଥିବା ଶ୍ରମିକମାନଙ୍କୁ ବିଭିନ୍ନ ଏନଜିଓ, ସିଭିଲ ସୋସାଇଟି ସହାୟତାରେ ଗାଡି ଯୋଗେ ସେମାନଙ୍କ ନିଜ ଜିଲାକୁ ପଠାଯାଉଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ମିଲ୍ ଯୋଜନାରେ ଲୋକଙ୍କ ମିଳୁଥିବା ଶୁଖିଲା ଖାଦ୍ୟ ପ୍ୟାକେଟ୍‌କୁ ଗରିବ ଓ ଶ୍ରମିକ ମାନଙ୍କୁ ବଣ୍ଟାଯାଉଥିବା କୋଭିଡ୍ ସେଲ୍ ପକ୍ଷରୁ ସୂଚନା ମିଳିଛି ।


ବସ୍ ଯୋଗେ ଶ୍ରମିକଙ୍କୁ ପଠାଯାଉଛି ।

## ଦୃଷ୍ଟିବାଧିତ କଳାକାରଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ବୁଗୁଡ଼ା,୧୭।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମରେ ପ୍ରାୟ ଦେଢ଼ ମାସ ହେଲା ଲକ୍‌ଡାଉନ୍ ଯୋଗୁ ନୟାଗଡ଼ ଅଞ୍ଚଳର ୩ ଦୃଷ୍ଟିବାଧିତ କଳାକାର ଫସି ରହିଥିଲେ। ସେମାନେ ଏକ ଭଜନ କାର୍ଯ୍ୟକ୍ରମରେ ଆସିଥିବା ବେଳେ ବୁଗୁଡା ବ୍ଲକ ବାଲିପଦରରେ ଅଟକି ରହିଯାଇଥିଲେ। ଜଣେ ବ୍ୟକ୍ତି ସେମାନଙ୍କୁ ରହିବାକୁ ଘର ଦେଇଥିଲେ। ସ୍ଥାନୀୟ ସରପଞ୍ଚ କିଛିଦିନ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା କରିଥିଲେ। ଖବରପାଇ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା ବାଲିପଦରରେ ପହଞ୍ଚି ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି।

## ବ୍ଲକ କାର୍ଯ୍ୟାଳୟ ସାନିଟାଇଜ୍ କଲେ ବିଡିଓ


ବ୍ଲକ କାର୍ଯ୍ୟାଳୟକୁ ରବିବାର ସାନିଟାଇଜ୍ କରୁଛନ୍ତି ବିଡିଓ ତନ୍ମୟ ପାତ୍ର।

ବୁଗୁଡା,୧୭।୫(ଡି.ଏଡ୍.ଏ.)

ବୁଗୁଡା ବ୍ଲକ କାର୍ଯ୍ୟାଳୟକୁ ରବିବାର ସାନିଟାଇଜ୍ କରିଛନ୍ତି ବିଡିଓ ତନ୍ମୟ ପାତ୍ର। ଗଞ୍ଜାମରେ କରୋନା କାୟା ବିସ୍ତାର କରିଥିବାବେଳେ କାର୍ଯ୍ୟାଳୟ ବିଭିନ୍ନ ସମୟରେ ବୈଠକ ଏବଂ ଜନସାଧାରଣଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ସେ ନିଜେ ସିଞ୍ଚନ ଯନ୍ତ୍ର ସାହାଯ୍ୟରେ ବିଶୋଧକ ସିଞ୍ଚନ କରିଥିଲେ।

## ଅମ୍ଫନ୍‌କୁ ନେଇ ସଚେତନ କଲା ପ୍ରଶାସନ

ବାଲିଗୁଡା,୧୭।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଅମ୍ଫନ୍‌କୁ ନେଇ ବାଲିଗୁଡା ଉପଖଣ୍ଡ ତଥା ବ୍ଲକ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି। ଯଦି ବାତ୍ୟା ହୁଏ କିଭଳି ଦୁର୍ଗମ, କଚ୍ଚାଘରେ ସୁରକ୍ଷିତ ରହିବା ସହ ଜରୁରୀ ପରିସ୍ଥିତିରେ ଅଞ୍ଚଳରେ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଯିବେ ସେନେଇ ସଚେତନ କରାଯାଇଥିଲା। ବିନା କାରଣରେ ଝଡବର୍ଷା ସମୟରେ ଘରୁ ନ ବାହାରିବାକୁ ଲୋକଙ୍କୁ କୁହାଯାଇଛି। ବାଲିଗୁଡା ବିଡିଓ ନରେଶ ଚନ୍ଦ୍ର ଶବର, ତହସିଲଦାର କ୍ଷିରବ୍ଧି ତନୟା ସାହୁ, ଦାରିଙ୍ଗବାଡି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କେଦାରଚନ୍ଦ୍ର ସାହୁ ଡାକବାଜି ଯନ୍ତ୍ର ଦ୍ୱରା ବିଭିନ୍ନ ଅଞ୍ଚଳ ବୁଲି ସଚେତନ କରିଥିଲେ। ସମ୍ଭାବ୍ୟ ବାତ୍ୟାକୁ ନେଇ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଡିଓ ଶବର କହିଛନ୍ତି।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଯୁବକ

ତୁମୁଡିବନ୍ଧ,୧୭।୫(ଡି.ଏନ୍.ଏ.)

ଅସରାଏ ବର୍ଷାହେଲେ ରାସ୍ତାରେ ଆଣ୍ଠୁଏ ପାଣି, ଗାଁରୁ ବାହାରି ହୁଏନି। ଏନେଇ ତୁମୁଡିବନ୍ଧ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ସୁଫଳ ନ ମିଳିବାରୁ ଶେଷରେ ବାଧ ହୋଇ ରାସ୍ତା ମରାମତି କରିଛି ଗ୍ରାମର ଯୁବକସଂଘ। ତୁମୁଡିବନ୍ଧ ବ୍ଲକ ସଦରମହକୁମା ଠାରୁ କୋଟଗଡ ପିଚୁ ରାସ୍ତାରେ ପ୍ରାୟ ୨ କିମି ଯିବାପରେ ସେଠାରୁ କାଳିସାପଦରକୁ ରହିଛି ମାଟି ରାସ୍ତା। ୪ବର୍ଷ ପୂର୍ବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି ମାଟିରାସ୍ତା କାମ ହୋଇଥିଲା। ମାତ୍ର ମୋରମ ବିଛାଯାଇ ନ ଥିଲା। ଚାଉଳ ନଦୀରୁ ବାଲି ବୋଝେଇ ଟ୍ରକ ଉକ୍ତ ରାସ୍ତାରେ ଯାଉଥିବାରୁ ଦିନ କେଇଟାରେ ଅବସ୍ଥା ଶୋଚନୀୟ ହୋଇପଡିଥିଲା। ଫଳରେ କାଳିସାପଦରର ୧୫୦ ପରିବାର ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ବର୍ଷାହେଲେ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରେ ନାହିଁ। ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡେ। କାଳିସାପଦର ଯୁବକ ସଂଘ ସଦସ୍ୟମାନେ ରବିବାର ସକାଳୁ ରାସ୍ତା ମରାମତି କରିଛନ୍ତି। ଏନେଇ ସଂଘ ସଭାପତି ବିକାଶ ମଲିକ କୁହନ୍ତି, ଲକ୍‌ଡାଉନ ଯୋଗୁ ଆମର ପ୍ରାୟ ୬ଟି ଟ୍ରାକ୍ଟର ଘର ଆଗରେ ରହିଥିଲା। ଗ୍ରାମବାସୀଙ୍କୁ ଅବଗତ କରାଇବା ପରେ ପ୍ରାୟ ୨୦ ଜଣ ଯୁବକ ଏହି ରାସ୍ତା କାର୍ଯ୍ୟ କରିଛୁ। ଏନେଇ ତୁମୁଡିବନ୍ଧ ବିଡିଓ ଅଗସ୍ତି ପ୍ରଧାନଙ୍କୁ ପଚାରିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଉକ୍ତ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।


ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

# ଥାନାରେ ଏତଲା, ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି

ଭଞ୍ଜନଗର,୧୭।୫(ଡି.ଏନ.ଏ.)

**ଗୁଜରାଟ ପୋଲିସ ଓଡ଼ିଆ ଯୁବକଙ୍କୁ ପିଟି ମାରିଦେବା ଘଟଣା**

ଗୁଜରାଟ ପୋଲିସ ଭଞ୍ଜନଗର ଥାନା ଅନ୍ତର୍ଗତ ବାରୁଡ଼ାର ସତ୍ୟବାନ ସ୍ୱାଇଁଙ୍କୁ ପିଟିପିଟି ମାରିଦେବା ଘଟଣାକୁ ୪ଦିନ ବିତିଛି। ସତ୍ୟବାନଙ୍କ ବଡ଼ଭାଇ ସନ୍ତୋଷ ଏ ନେଇ ରବିବାର ଭଞ୍ଜନଗର ଥାନାରେ ଏତଲା ଦେଇଛନ୍ତି। ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗୁଜରାଟ ସରକାରଙ୍କୁ ନିବେଦନ କରିବୁ, ଆବଶ୍ୟକ ପଡ଼ିଲେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ମଧ ଅନୁରୋଧ କରିବୁ ବୋଲି ଭାଜପା ଫୁଲବାଣୀ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ କହିଛନ୍ତି। ପ୍ରତିନିଧିମଣ୍ଡଳୀରେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ବିନାୟକ ତ୍ରିପାଠୀ, ପ୍ରଦୀପ ସାହୁ, ନୀଳମାଧବ ପାତ୍ର, ହର ଗୌଡ଼ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ସୁରଟରେ ରାତିରେ ସତ୍ୟବାନ ବାହାରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଧରି ନିସ୍ଥୁକ ପିଟିବାରୁ ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

## ସମଲେଇ ମନ୍ଦିର ପରିସର ପୂଜା ସାମଗ୍ରୀ ଗୋଦାମରେ ଅଗ୍ନିକାଣ୍ଡ

**ସମ୍ବଲପୁର, ୧୭।୫ (ବ୍ୟୁରୋ):** ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମନ୍ଦିର ପରିସରରେ ଥିବା ଏକ ପୂଜା ସାମଗ୍ରୀ ଗୋଦାମ ଗୃହରେ ରବିବାର ସକାଳ ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟିଛି। ଏହି ଗୋଦାମ ଗୃହ ମନ୍ଦିର ପୂଜକ କୁଦଣ୍ଡ ରାୟଙ୍କର ବୋଲି ଜଣାପଡିଛି। ହେଲେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ପ୍ରକାଶ ଯେ, ଲକ୍ ଡାଉନ ଘୋଷଣା ହେବା ପରେ ମାର୍ଚ୍ଚ ମାସରୁ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଛି। ଭକ୍ତଙ୍କ ସମାଗମ ହେଉ ନ ଥିବାରୁ ଦୀର୍ଘ ଦିନ ହେବ ଏହି ଗୋଦାମ ଗୃହ ବନ୍ଦ ରହିଛି। ରବିବାର ସକାଳେ ଏହି ଗୋଦାମରୁ ଧୂଆଁ ବାହାରୁଥିବା ଦେଖି ମନ୍ଦିର ପରିସରରେ ଥିବା ଫାଣ୍ଡି ପୋଲିସ ସମ୍ବଲପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲା। ୨ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଗୋଦାମ ଗୃହରେ ଥିବା ନଡିଆ, ଘିଅ ଓ ବିଭିନ୍ନ ପୂଜା ସାମଗ୍ରୀ ପୋଡ଼ି ଯାଇଛି। ତେବେ ଘିଅ, କାଠ ଭଳି ଦହନଶୀଳ ସାମଗ୍ରୀ ଥିବାରୁ ନିଆଁର ପ୍ରକୋପ ଅଧିକ ଥିଲା, ଫଳରେ ଗୋଦାମ ଘରେ ଥିବା ଫ୍ରିଜ, ଫ୍ୟାନ୍, ଆଲମିରା ଆଦି ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୂଜକ ରାୟ କହିଛନ୍ତି। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିଲେ ହେଁ କାରଣ ସ୍ପଷ୍ଟ ହୋଇନାହିଁ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

## ୫ ହଜାର ପ୍ୟାକେଟ କପା ମଞ୍ଜି ଜବତ

ଟିଟିଲାଗଡ଼, ୧୭।୫ (ଡି.ଏନ.ଏ)- ଗୁଜୁରାଟ ରାଜ୍ୟ ଅହମ୍ମଦାବାଦରୁ ପାର୍ସଲ ଟ୍ରେନ ଯୋଗେ ବେଆଇନ ଭାବରେ ଚାଲାଣ ୫ହଜାର ପ୍ୟାକେଟ କପା ମଞ୍ଜି ଟିଟିଲାଗଡ ରେଳଷ୍ଟେଶନରୁ ରବିବାର ଜବତ ହୋଇଛି। ଏହାକୁ ନେବା ପାଇଁ ଆସିଥିବା ପାଟଣାଗଡ ଅଞ୍ଚଳର ରମେଶ ଜୈନ ଓଡିଶାରେ କମ୍ପାନୀର ବିକ୍ରି ବଟା ଅନୁମତି ନେଇ କୌଣସି ଲାଇସେନ୍ସ ଦେଖାଇ ପାରି ନ ଥିଲେ। ସ୍ଥାନୀୟ ଆରପିଏଫ, ଜିଆରପି ପକ୍ଷରୁ ଏ ନେଇ ଟିଟିଲାଗଡ କୃଷି ଜିଲା ଅଧିକାରୀ ବାଲକୃଷ୍ଣ ଗୌଡଙ୍କୁ ସୂଚନା ଦିଆଯାଇଥିଲା। ଗୌଡ ଉକ୍ତ କପା ମଞ୍ଜି ନିଜ ହେପାଜତକୁ ନେଇଥିବା କହିଛନ୍ତି।

## ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

କର୍ଲାମୁଣ୍ଡା,୧୭।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅନ୍ତର୍ଗତ ପୌରକେଲା ଗ୍ରାମର ଏକ ପ୍ରେମୀଯୁଗଳ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ନିକଟସ୍ଥ ସିରାବାହାଲ ଗାଁର କୁମୁଡାପଡାସ୍ଥିତ ଫଟାବାହାଲରେ ଏକ ମହୁଲଗଛରେ ଏମାନେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ରିଷିଡା ଫାଣ୍ଡି ଅଧିକାରୀ ଲବରାମ ଛତ୍ରିଆ, ମ.ରାମପୁର ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମାଝି, କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠିଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ମ.ରାମପୁର ପଠା ଯାଇଛି। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୨୨ ଜଣଙ୍କୁ ଘରକୁ ପଠାଇଲା ପୋଲିସ

**ରାଉରକେଲା ଅଫିସ,୧୭।୫:** ମହାରାଷ୍ଟ୍ରରୁ ପଶ୍ଚିମବଙ୍ଗ ପୁରଲିଆକୁ ଫେରୁଥିବା ୨୨ ଜଣ ଶ୍ରମିକଙ୍କୁ ରାଉରକେଲା ପୋଲିସ ଓଡ଼ିଶା ସୀମାରେ ଛାଡିବାର ବ୍ୟବସ୍ଥା କରିଛି। ମହାରାଷ୍ଟ୍ରରୁ ଏମାନେ ଚାଲି ଚାଲି ପଶ୍ଚିମବଙ୍ଗ ଯାଉଥିଲେ। ହେଲେ ରାଉରକେଲା ପୋଲିସ ରାସ୍ତାରେ ଅଟକାଇ ପଚାରାଉଚରା କରିଥିଲା। ପରେ ଏମାନଙ୍କୁ ଏକ ସ୍ୱତନ୍ତ୍ର ଆଶ୍ରୟ ସ୍ଥଳରେ ରଖାଯାଇ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିଲା। ଘଟଣାସ୍ଥଳରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣୀ ପହଞ୍ଚି ଶ୍ରମିକଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ସମସ୍ତଙ୍କ ପଞ୍ଜୀକରଣ କରାଯିବା ପରେ ଏକ ସ୍ୱତନ୍ତ୍ର ଘରୋଇ ବସ୍ ଯୋଗେ ଝାଡ଼ଖଣ୍ଡ ସୀମା ପର୍ଯ୍ୟନ୍ତ ଏମାନଙ୍କୁ ପଠାଇ ଦିଆଯାଇଛି।

# ଗୁଜୁରାଣ ମେଣ୍ଟାଇବା କଷ୍ଟ

**ଲକ୍‌ଡାଉନ୍ ପ୍ରଭାବ**

ସୁନ୍ଦରଗଡ,୧୭।୫ (ଡି.ଏନ୍.ଏ.)

ମହାମାରୀ କରୋନା ଯୋଗୁ ଲକ୍‌ଡାଉନ୍ ଅନେକଙ୍କ ଜୀବନ ଜୀବିକାକୁ ବଦଳେଇ ଦେଇଛି। ଗରିବ, ଖଟିଖିଆ, ଶ୍ରମଜୀବୀ ଓ ଛୋଟ ବ୍ୟବସାୟୀ ଏଥିଯୋଗୁ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନେ ପରିବାର ପ୍ରତିପୋଷଣ ଚିନ୍ତାରେ ନିଜ ଜୀବିକାକୁ ବଦଳେଇ ବଞ୍ଚିବା ପାଇଁ ଲଢେଇ ଜାରି ରଖିଛନ୍ତି। ସାଧାରଣ ଅଟୋ ଚାଳକ, ବସ୍ କର୍ମଚାରୀ, ପୂଜକ, ଖଟିଖିଆ ଲକ୍‌ଡାଉନ୍‌ରେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଲକ୍‌ଡାଉନ୍ କେବେ ହଟିବ ଏବଂ ଜୀବନ ଜୀବିକା ସ୍ୱାଭାବିକ ହେବ ସେହି ଦିନକୁ ଅପେକ୍ଷା କରି ରହିଥିବା କିଛି ବ୍ୟକ୍ତିବିଶେଷଙ୍କ ମତକୁ ନେଇ ଏକ ଉପସ୍ଥାପନା।

**ରିପୋର୍ଟ: ଜୟ ନାରାୟଣ ମେଣ୍ଡୁଲି**



"କରୋନା ଯୋଗୁ ଲକ୍‌ଡାଉନ୍ ଘୋଷଣା ହେବା ପରେ ବସ୍ ଚଳାଚଳ ବନ୍ଦ ରହିଛି। ଫଳରେ ସୁନ୍ଦରଗଡ଼ରେ ଘରୋଇ ବସ୍‌ଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଅବସ୍ଥା ଦୁର୍ବିଷହ ହୋଇପଡିଛି। ସୁନ୍ଦରଗଡ଼ରେ ୧୧ଶହରୁ ଊର୍ଦ୍ଧ୍ୱ ବସ୍ ଡ୍ରାଇଭର, ହେଲ୍‌ପର, କର୍ମଚାରୀ, ଏଜେଣ୍ଟ ଓ ହକର ନିଜର ଜୀବିକା ହରାଇ କିଏ ଠେଲାରେ ପରିବା ବିକୁଛନ୍ତି ତ ଆଉ କିଏ ଅନ୍ୟ ପନ୍ଥା ଆପଣେଇ ପରିବାର ସଦସ୍ୟଙ୍କ ପେଟକୁ ଦାନା ଯୋଗାଡ଼ରେ ଲାଗିଛନ୍ତି।

**- ଅଶୋକ ଦାଶ, ସଭାପତି, ଗାଙ୍ଗପୁର ପ୍ରାଇଭେଟ ବସ୍ ୱାର୍କର୍ସ ଆସୋସିଏଶନ, ସୁନ୍ଦରଗଡ଼**



"ଲକ୍‌ଡାଉନ୍ ଆରମ୍ଭ ହେବା ପରଠାରୁ ମନ୍ଦିରରେ ଭକ୍ତଙ୍କ ଗହଳି ନାହିଁ। ମନ୍ଦିରରେ ପୂଜା ସହିତ ଭକ୍ତଙ୍କ ଦାନ, ଦକ୍ଷିଣା ମିଳୁଥିଲା। ହେଲେ ବର୍ତ୍ତମାନ ଏସବୁ ବନ୍ଦ। ମନ୍ଦିର ପୂଜା ବ୍ୟତୀତ ବିଭିନ୍ନ ସ୍ଥାନରେ ପୂଜାପାଠ, ହୋମଯଜ୍ଞ, ବିବାହ ବ୍ରତାଦି କାର୍ଯ୍ୟ କରି ଯାହା କିଛି ଆୟ ହେଉଥିଲା ସେଥିରେ ପରିବାର ଚଳିଯାଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡିଛି।

**- ଗୋକୁଳାନନ୍ଦ ପତି, ମନ୍ଦିର ପୂଜକ**



"ବିହାର ରାଜ୍ୟରୁ ଜୀବିକା ଅନ୍ୱେଷଣରେ ଆସି ସୁନ୍ଦରଗଡ଼ରେ ଦୀର୍ଘ ୫ ବର୍ଷ ହେବ ଝାଲମୁଢି ବିକ୍ରି କରି ପରିବାର ଚଳାଇ ଆସୁଥିଲି। ହେଲେ ଲକ୍‌ଡାଉନ୍ ଯୋଗୁ ଝାଲମୁଢି ବିକ୍ରି ବନ୍ଦ ହେବାରୁ ରାସ୍ତାକଡ଼ରେ କିଛି ତରଭୁଜ ଆଣି ବିକ୍ରି କରୁଛି। ଦିନକୁ ୨ରୁ ୩ଶହ ଟଙ୍କା ଲାଭ କରି ଏଥିରେ ପରିବାର ଚଳାଉଛି। ରାଶନ କାର୍ଡ ନ ଥିବା ଯୋଗୁ କିଛି ସରକାରୀ ସହାୟତା ମିଳିନାହିଁ।

**- ପ୍ରଦୀପ ଯାଦବ, ଝୁଲା ବିକାଳି**



"ଲକ୍‌ଡାଉନ୍ ଯୋଗୁ ସୁନ୍ଦରଗଡ଼ ଅଟୋ, ଟାଟା ମ୍ୟାଜିକ ମାଲିକ ଓ ଚାଳକମାନଙ୍କ ଜୀବିକା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସ୍ଥାନୀୟ ବେକାର ଯୁବକମାନେ ବ୍ୟାଙ୍କରୁ ଋଣ ଆଣି ଗାଡ଼ି ଖଣ୍ଡିଏ ଲେଖାଏ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ହେଲେ ବର୍ତ୍ତମାନ ପରିସ୍ଥିତିରେ ଏହା ବନ୍ଦ ହୋଇଥିବାରୁ ବ୍ୟାଙ୍କ ଋଣ ପରିଶୋଧ କରିବା ଦୂରେ ଥାଉ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟକର ହୋଇପଡୁଛି।

**- ରେବତୀ ମୋହନ ଦେହୁରୀ, ସମ୍ପାଦକ, ଟାଟା ମ୍ୟାଜିକ ଆସୋସିଏଶନ**

# ସମ୍ବଲପୁରରେ ପ୍ରଥମ କରୋନା ରୋଗୀ

## ଅହମ୍ମଦାବାଦରୁ ଫେରି କ୍ୱାରାଣ୍ଟାଇନରେ ଥିଲେ

**ସମ୍ବଲପୁର/ରେଢାଖୋଲ, ୧୭।୫ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲାରେ ରବିବାର ପ୍ରଥମ କରି ଜଣେ ୧୮ ବର୍ଷ ବୟସର ଯୁବକଙ୍କଠାରେ କରୋନା ଚିହ୍ନଟ ହୋଇଛି। ଏହି ଘଟଣା ପ୍ରଚାର ହେବା ପରେ ଜିଲାରେ ଭୟର ବାତାବରଣ ଖେଳିଯାଇଛି। ଜିଲାପାଳ ଶୁଭମ୍ ସକସେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କରୋନା ଆକ୍ରାନ୍ତ ଯୁବକ ଜଣକ ଅହମ୍ମଦାବାଦ ଫେରନ୍ତା। ତାଙ୍କ ଘର ରେଢାଖୋଲ ସବ୍‌ଡିଭିଜନ ଅଧୀନ ତ୍ରିବଣପୁର ପଞ୍ଚାୟତରେ। ତାଙ୍କୁ ନିକଟସ୍ଥ ଲୁହାପଙ୍କ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ପରେ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରବିବାର ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଏହି ରିପୋର୍ଟ ମିଳିବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ତାଙ୍କ ଟ୍ରାଭେଲ ଲିଷ୍ଟ ଉପରେ ଖୋଳତାଡ କରାଯାଉଛି। ସମ୍ପୃକ୍ତ ଯୁବକଙ୍କୁ ରବିବାର ପୂର୍ବାହ୍ନରେ ଅନୁଗୋଳ ଜିଲା ତାଳଚେର କୋଭିଡ୍-୧୯ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ସେ ରହୁଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ସେଣ୍ଟରରେ ରହୁଥିବା ଅନ୍ୟ ୧୯ ଜଣଙ୍କ ସ୍ୱାବ ପରୀକ୍ଷା ମଧ୍ୟ ୭ ଦିନ ପରେ ଆଉଥରେ କରାଯିବ। ଏହାଛଡା କରୋନା ମୁକାବିଲା ପାଇଁ ରହିଥିବା ବ୍ୟବସ୍ଥା ଓ ସୁରକ୍ଷାକୁ ନେଇ ଯାହା ନିୟମ ଅଛି ତାହା ପାଳନ କରାଯିବ। ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସିଲ୍ କରି ଦିଆଯାଇଛି। ଭିତରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ରେଢାଖୋଲ ବ୍ଲକର ପ୍ରାୟ ୬୪ ଜଣ ଶ୍ରମିକ ଗୁଜୁରାଟର ଅହମ୍ମଦାବାଦରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆସି ଖୋର୍ଦ୍ଧା ଷ୍ଟେଶନରେ ଓହ୍ଲାଇବା ପରେ ବସ୍‌ରେ ରେଢାଖୋଲ ଆସିଥିଲେ। ଏମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଲୁହାପଙ୍କ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ୪୩ଜଣଙ୍କୁ ତ୍ରିବଣପୁର ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ଓ ଜଣକୁ ବଂଶାଜାଲ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ପ୍ରକାଶଯୋଗ୍ୟ, ଶୁକ୍ରବାର ସୁଦ୍ଧା ରେଢାଖୋଲ ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୧୫୯ ଜଣ ଶ୍ରମିକଙ୍କୁ ରଖାଯାଇଛି। ସମସ୍ତଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଛି।

**ଫଟୋରେ ଖବର**



ରବିବାର ସମ୍ବଲପୁର ମନ୍ଦଲିଆ ଚନ୍ଦନନଗର ଜନସାଧାରଣ ପିଇବା ପାଣି ନେବାକୁ ଭିଡ ଜମାଇଛନ୍ତି।

# ଭିମ୍‌ସାରରେ ପ୍ରସୂତିଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ

ସମ୍ବଲପୁର,୧୭।୫(ବ୍ୟୁରୋ)

- **ଡାକ୍ତର କହିଲେ ଗର୍ଭସ୍ଥ ଶିଶୁ ମୃତ**
- **ନର୍ସିଂହୋମରେ କିନ୍ତୁ ଶିଶୁକନ୍ୟା ଜନ୍ମ ହେଲା**

ବୁର୍ଲା ଭିମ୍‌ସାରରେ ଜଣେ ଗର୍ଭବତୀଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ମହିଳାଙ୍କ ଗର୍ଭରେ ଏକ ମୃତ ଶିଶୁ ରହିଛି। ତେଣୁ କୌଣସି ଘରୋଇ ଚିକିତ୍ସାଳୟ ନେବାକୁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ହେଲେ ସମ୍ପୃକ୍ତ ମହିଳା ଜଣକ ଏକ ଘରୋଇ ନର୍ସିଂହୋମରେ ଆଡମିଶନ ହେବା ପରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଏ ନେଇ ଭିମ୍‌ସାର ଅଧ୍ୟକ୍ଷ ଜୟଶ୍ରୀ ଡୋରାଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ହେଲେ ନିଶ୍ଚିତ ଭାବେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ରବିବାର ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସମେତ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଦେବେନ୍ଦ୍ର ମହାପାତ୍ର, ଅଶ୍ୱିନୀ ମାଝି ପ୍ରସୂତି ମହିଳାଙ୍କୁ ଭେଟିଛନ୍ତି।

ସୂଚନା ଅନୁସାରେ, ଝାରସୁଗୁଡା ଜିଲା କିର୍ମିରା ବ୍ଲକ ତେଲିଡିହି ଗ୍ରାମର ତରୁଣ କୁଅଁରଙ୍କ ସ୍ତ୍ରୀ ଜୟନ୍ତୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ସେ ଗତ ୧୪ତାରିଖରେ ଭିମ୍‌ସାରରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପେଟରେ ମୃତ ଶିଶୁ ଥିବା କହିଥିଲେ। ହେଲେ ଶିଶୁ ଜୀବିତ ଥିବା ଅନୁଭବ କରି ଜୟନ୍ତୀ ପରିବାର ଲୋକଙ୍କୁ ଜଣାଇଥିଲେ। ଏଣୁ ପରିବାର ବର୍ଗ ଡାକ୍ତରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ହେଲେ ଏବେ ଅଲଟ୍ରାସାଉଣ୍ଡ ହୋଇ ପାରିବ ନାହିଁ। ନମ୍ବର ଆସିଲା ପରେ ହେବ। ତେଣୁ ଘରୋଇ ନର୍ସିଂହୋମକୁ ନେଇଯାଅ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏଣୁ ପରିବାର ଲୋକେ ଜୟନ୍ତୀଙ୍କୁ ସମ୍ବଲପୁର ସହରର ଏକ ନର୍ସିଂହୋମକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଜୟନ୍ତୀ ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି।

# ଝାଡ଼ଖଣ୍ଡ ପୋଲିସ-ପିଏଲ୍‌ଏଫ୍‌ଆଇ ଗୁଳି ବିନିମୟ

- **ଜଣେ ପିଏଲ୍‌ଏଫ୍‌ଆଇ ସଦସ୍ୟ ମୃତ, ୫ ଗିରଫ**
- **ଗିରଫ ୫ଜଣଙ୍କ ମଧ୍ୟରେ ୨ଜଣ ଯୁବତୀ**
- **ଗୋଟିଏ ଏକେ ୪୭, ୪ଟି ୩୫୦ ରାଇଫଲ ଜବତ**

ନୂଆଗାଁ, ୧୭।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହାତୀବାରି ଥାନାଠାରୁ ପ୍ରାୟ ୨୦କିମି ଦୂର ଝାଡ଼ଖଣ୍ଡର ଜଳଡେଗା ଥାନା ଅନ୍ତର୍ଗତ ବନ୍ଦସେରା ଜଙ୍ଗଲରେ ରବିବାର ଭୋରରୁ ଝାଡ଼ଖଣ୍ଡ ପୋଲିସ ଓ ପିଏଲ୍‌ଏଫ୍‌ଆଇ (ପିପୁଲ୍ସ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ପିଏଲ୍‌ଏଫ୍‌ଆଇର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଦେହରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ରାଞ୍ଚିର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଙ୍ଗଲରୁ ଅନ୍ୟ ୫ଜଣ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ମଧ୍ୟ ଝାଡ଼ଖଣ୍ଡ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ଯୁବତୀ ଥିବା କୁହାଯାଉଛି। ଅନ୍ୟପକ୍ଷରେ ପିଏଲ୍‌ଏଫ୍‌ଆଇ ବ୍ୟବହାର କରୁଥିବା ଗୋଟିଏ ଏକେ-୪୭ ଓ ୪ଟି ୩୫୦ ରାଇଫଲ ଓ ବ୍ୟାପକ ଗୁଳିଗୋଳା ଜବତ ହୋଇଛି ବୋଲି ଝାଡଖଣ୍ଡ ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଅନୁସନ୍ଧାନ ଜାରି ରହିଛି, ଏ ନେଇ ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି।



ଗୁଳି ମିନିମୟ ପରେ ଜବତ ପିଏଲ୍‌ଏଫ୍‌ଆଇଙ୍କ ରାଇଫଲ।

ସୂଚନା ମୁତାବକ ବେଶ୍ କିଛି ମାସ ହେବ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ପୁଣି ପିଏଲ୍‌ଏଫ୍‌ଆଇ ସକ୍ରିୟ ହୋଇଉଠିଛନ୍ତି। ଏହାକୁ ଲକ୍ଷ୍ୟ କରି ଝାଡ଼ଖଣ୍ଡ ପୋଲିସ ପିଏଲ୍‌ଏଫ୍‌ଆଇ ସଂଗଠନର ଗତିବିଧି ଉପରେ କଡ଼ା ନଜର ରଖିଥିଲା। ଶନିବାର ରାତିରେ କୌଣସି ସୂତ୍ରରୁ ସୂଚନା ମିଳିଥିଲା ଯେ, ବନ୍ଦସେରା ଜଙ୍ଗଲରେ ପିଏଲ୍‌ଏଫ୍‌ଆଇର କେତେଜଣ ସଦସ୍ୟ ଲୁଚି ରହିଛନ୍ତି। ସେହି ଆଧାରରେ ରବିବାର ଭୋରରୁ ଉକ୍ତ ଜଙ୍ଗଲକୁ ଝାଡ଼ଖଣ୍ଡ ପୋଲିସ ଘେରି ଯାଇଥିଲା। ପରେ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା। ପରେ ପିଏଲ୍‌ଏଫ୍‌ଆଇ ସଦସ୍ୟମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ।

ତେବେ ଗତ ମଙ୍ଗଳବାର ନୂଆଗାଁ ବ୍ଲକ କର୍କଟନାସା ପଞ୍ଚାୟତର ନିଲମ୍ବିତ ସରପଞ୍ଚଙ୍କୁ ତାଙ୍କ ଘରୁ ଉଠାଇ ନେଇ ଜଙ୍ଗଲରେ ମାଡ ମାରିବା ଓ ପାଣି ଟାଙ୍କି ଉପରକୁ ୧୨ରାଉଣ୍ଡ ଗୁଳି ମାରିବା ଘଟଣାରେ ରବିବାର ଝାଡ଼ଖଣ୍ଡରୁ ଗିରଫ ହୋଇଥିବା ପିଏଲ୍‌ଏଫ୍‌ଆଇ ସଦସ୍ୟମାନେ ସମ୍ପୃକ୍ତ କି ନୁହେଁ ଜଣାପଡି ନ ଥିବା ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ପ୍ରକାଶ କରିଛନ୍ତି।

# ବୌଦ୍ଧରେ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ

**ବୌଦ୍ଧ, ୧୭।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ରବିବାର ଆଉ ଜଣେ କରୋନା ପଜିଟିଭ ରୋଗୀ ଚିହ୍ନଟ ହୋଇଥିବା ଜିଲାପାଳ ଲଳାଟେନ୍ଦୁ ମିଶ୍ର, ସିଡିଏମଓ ଲକ୍ଷ୍ମୀଧର ସାହୁ ସ୍ପଷ୍ଟ କରିଛନ୍ତି। ସୁରଟ ଫେରନ୍ତା ଏହି ୨୩ ବର୍ଷୀୟ ଯୁବକ ଜଣକ କଣ୍ଟାମାଳସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ଗତ ୮ତାରିଖରୁ ରହିଥିଲେ। ଆଜିର ଆକ୍ରାନ୍ତଙ୍କୁ ମିଶାଇ ଏଯାଏ ଜିଲାରେ ୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଜିଲାପାଳ ମିଶ୍ର କହିଛନ୍ତି।

# ଶ୍ରମମନ୍ତ୍ରୀଙ୍କ ସହାୟତାରେ ଝାଡ଼ଖଣ୍ଡ ଗଲେ

**ଗାଡ଼ି ଅଚଳ ହେବାରୁ ସୋହେଲାରେ ଅଟକିଲେ ଶ୍ରମିକ**

ସୋହେଲା,୧୭।୫(ଡି.ଏନ.ଏ.)

ବମ୍ବେରେ ଥିବା ଝାଡ଼ଖଣ୍ଡର ୫୩ଜଣ ଶ୍ରମିକ ଲକ୍‌ଡାଉନ୍ କାରଣରୁ ଏକ ମିନିଟ୍ରକ ଭଡାକରି ଝାଡ଼ଖଣ୍ଡ ଅଭିମୁଖେ ବାହାରିଥିଲେ। ବାଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡି ଅଟକିଥିଲା। ଫଳରେ ସମସ୍ତ ଶ୍ରମିକ ସୋହେଲା ପୁରୁଣା ଚେକଗେଟ ପାଖରେ ଅଟକି ରହିଥିଲେ। ଖବର ପାଇ ଶନିବାର ରାତି ପ୍ରାୟ ୧୦ଟା ସମୟରେ ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ସୀମାନ୍ତ ଲୁହୁରାଚଟି ଚେକ୍ ପଏଣ୍ଟରୁ ଫେରିବା ବେଳେ ଏହି ଶ୍ରମିକମାନଙ୍କୁ ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ମିନିଟ୍ରକ୍ ଭିତରେ ଥିବା ଦେଖି ଅଟକିଥିଲେ ଏବଂ ଶ୍ରମିକମାନଙ୍କ ଅସୁବିଧା ସମ୍ପର୍କରେ ବୁଝିଥିଲେ। ପରେ ମନ୍ତ୍ରୀ ସିଂ ସେମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଥିଲେ। ପରଦିନ ଅର୍ଥାତ୍ ରବିବାର ସକାଳେ ମନ୍ତ୍ରୀ ସିଂ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ଓଏସ୍‌ଆର୍‌ଟିସିର ଏକ ସ୍ୱତନ୍ତ୍ର ବସ୍‌ରେ ଓଡ଼ିଶା ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ବିରମିତ୍ରପୁର ପର୍ଯ୍ୟନ୍ତ ପଠାଇବା ବ୍ୟବସ୍ଥା କରିଥିଲେ।

# ଛତିଶଗଡ଼ରେ ଟ୍ରକ୍ ଧକ୍କାରେ କଳାହାଣ୍ଡିର ୨ ଶ୍ରମିକ ମୃତ

**କେଗାଁ, ୧୭।୫(ଡି.ଏନ.ଏ.):** ଛତିଶଗଡ ମହାସମୁଦ ନିକଟରେ ଶନିବାର ରାତିରେ ଟ୍ରକ ଧକ୍କାରେ ଦୁଇ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କୁହୁରା ଗ୍ରାମର ବୈଷ୍ଣବ ପୁଟେଲ(୨୫) ଓ ଭୁପିନ୍ଦ୍ର ପୁଟେଲ(୩୫)। ଗ୍ରାମର ଅନ୍ୟ ତିନି ଜଣଙ୍କ ସହ ରାତି ପ୍ରାୟ ୯ଟାରେ ସେମାନେ ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ ସେମନଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ବୈଷ୍ଣବ ଓ ଭୁପିନ୍ଦ୍ରଙ୍କ ମୃତ୍ୟୁ ହୋଇଥିବାବେଳେ କ୍ଷମାସାଗର ପୁଟେଲ, ଦେବରାଜ ପୁଟେଲ ଓଭରତ ଜାନି ଗୁରୁତର ହୋଇଥିଲେ। ସ୍ଥାନୀୟ ପୋଲିସ ସେମାନଙ୍କୁ ଉଦ୍ଧାର କରି ମହାସମୁଦ ଡାକ୍ତରଖାନରେ ଭର୍ତ୍ତି କରିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ ନେଇ ଫେରାର ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ନିଜ ଖର୍ଚ୍ଚରେ ତାମିଲନାଡୁରୁ ଫେରୁଛନ୍ତି ୪୫ ଶ୍ରମିକ

ସୋନପୁର,୧୭।୫(ନି.ପ୍ର.)

ଲକ୍‌ଡାଉନ୍ ଯୋଗୁ ତାମିଲନାଡୁର ନାମକୋଲରେ ଫସି ରହିଥିବା ସୁବର୍ଣ୍ଣପୁର ଜିଲାର ୪୫ ଶ୍ରମିକ ଘରକୁ ଫେରୁଛନ୍ତି। ଶନିବାର ରାତିରେ ଅନ୍ୟ ଜିଲାର ଓଡିଆ ଶ୍ରମିକଙ୍କ ସହିତ ୩ଟି ବସ୍ ଯୋଗେ ନାମକୋଲରୁ ବାହାରିଛନ୍ତି। ସୋମବାର ରାତି ୯ଟା ସୁଦ୍ଧା ଶ୍ରମିକମାନେ ସମ୍ବଲପୁରରେ ପହଞ୍ଚିବେ ବୋଲି ସୂଚନା ମିଳିଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ମହଦା, ଲିମ୍ବପାଲି ଓ କୋଟସମଲାଇ ଗ୍ରାମର ଏହି ପ୍ରବାସୀ ଶ୍ରମିକମାନେ ଘରକୁ ଫେରିବା ପାଇଁ ପଞ୍ଜୀକରଣ କରିଥିଲେ। ଶ୍ରମିକମାନେ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଅଞ୍ଚଳର ହୋଇଥିଲେ ମଧ୍ୟ କୌଣସି ସହାୟତା ମିଳିଲାନି। କେନ୍ଦ୍ର ସରକାର ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଓ ବସ୍ ସେବା ପ୍ରଚଳନ କରିଛନ୍ତି। କିନ୍ତୁ ସବୁ ସ୍ତରରେ ଉଦ୍ୟମ କରି ନିରାଶ ହେଲା ପରେ ସୂତା କଳରେ କାମ କରୁଥିବା ଶ୍ରମିକମାନେ ନିଜ ଖର୍ଚ୍ଚରେ ସେମାନଙ୍କ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। କର୍ମସଂସ୍ଥାନ ହରାଇ ଭୋକ ଉପବାସରେ ଥିବା ଶ୍ରମିକମାନେ ନିଜ ସଞ୍ଚିତ ଅର୍ଥରୁ ୫ହଜାର ୫ଶହ ଟଙ୍କା ଲେଖାଏଁ ବସ୍ ଭଡା ଦେଇ ଘରକୁ ଫେରୁଛନ୍ତି। ସୂତା କଳର ମାଲିକ ଶ୍ରମିକମାନଙ୍କୁ ଘରକୁ ଫେରିବା ସମୟରେ ରାତ୍ରି ଭୋଜନ ସହିତ ପ୍ରତି ଶ୍ରମିକଙ୍କୁ ୫ଶହ ଟଙ୍କା ଲେଖାଏ ଦେଇଥିବା କୋଟସମଲାଇ ଅଞ୍ଚଳର ପ୍ରବାସୀ ଶ୍ରମିକ ବିଷ୍ଣୁ ମନ୍ନା(୧୮) ଓ ଲକ୍ଷ୍ମୀନ୍ଦ୍ର ବଡ଼ିଆ(୪୫) କହିଛନ୍ତି। ଏହି ଶ୍ରମିକମାନେ ଗତ ୧ ବର୍ଷ ଧରି ସେଠାରେ କାମ କରୁଥିଲେ। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା ହେବା ପରେ କାରଖାନା ବନ୍ଦ ରହିଥିଲା। ଶତାଧିକ ଓଡିଆ ଶ୍ରମିକ କରୋନା ସଂକ୍ରମିତ ଅଞ୍ଚଳରୁ କିଭଳି ନିଜ ଭିଟାମାଟିକୁ ଫେରିବେ ମାନସିକ ଚାପରେ ଥିଲେ। କାରଖାନା ମାଲିକଙ୍କ ସହଯୋଗରେ ତାମିଲନାଡୁ ପୋଲିସ ଶ୍ରମିକମାନଙ୍କୁ ସମ୍ବଲପୁର ପର୍ଯ୍ୟନ୍ତ ବସ୍ ଯୋଗେ ଆସିବା ପାଇଁ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ଏହି ଶ୍ରମିକଙ୍କୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ସମ୍ବଲପୁରରୁ ଆଣିବାର ବ୍ୟବସ୍ଥା କରିବାକୁ ଶ୍ରମିକମାନେ ଅନୁରୋଧ କରିଛନ୍ତି।

# ବିପତ୍ତି ସମୟରେ ବି ପିସି ମୋହ

ସମ୍ବଲପୁର,୧୭।୫(ବ୍ୟୁରୋ)

ମହାମାରୀ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ କେତେକ ଅସାଧୁ ଅଧିକାରୀଙ୍କ ଲାଗି ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ଏହି ବିପତ୍ତି ସମୟରେ ବି ସରକାରୀ ଅଧିକାରୀମାନଙ୍କ ପିସି ମୋହ ଯାଉନି। ସହରଠୁ ଗ୍ରାମାଞ୍ଚଳ ସବୁଠାରେ ଏବେ ସଙ୍ଗରୋଧ କେନ୍ଦ୍ର (କ୍ୱାରାଣ୍ଟାଇନ ସେଣ୍ଟର) ଖୋଲା ଯାଇଛି। ସମ୍ବଲପୁର ଜିଲାରେ ଥିବା ୧୩୮ ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ପାଇଁ ପ୍ରତି ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହା ସହ ମହାନଗର ନିଗମ ଓ ଏନ୍‌ଏସି ଅଞ୍ଚଳରେ ମଧ୍ୟ ଏହି କେନ୍ଦ୍ର ଖୋଲାଯାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ଏଠାରେ ରଖିବା ପାଇଁ ଏହି ବ୍ୟବସ୍ଥା ହୋଇଛି। ପ୍ରାୟ ୭ ହଜାର ଶଯ୍ୟାର ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିବା ପ୍ରଶାସନ ସୂଚନା ଦେଇଛି। ହେଲେ ଏସବୁ ସଙ୍ଗରୋଧ କେନ୍ଦ୍ରଗୁଡିକରେ ଆବଶ୍ୟକ ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଫିସରଙ୍କ ସୁପାରିସ କ୍ରମେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ସଙ୍ଗରୋଧ କେନ୍ଦ୍ର ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ କିଣିବାକୁ ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚା ହେଉଛି। ବିଭିନ୍ନ କେନ୍ଦ୍ରକୁ ଏକ ନିର୍ଦ୍ଦିଷ୍ଟ ସୁପର ବଜାରର ଲୋଗୋ ଥିବା ସାମଗ୍ରୀ ଯୋଗାଇ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ଦୋକାନରୁ ମଧ୍ୟ ଏସବୁ ସାମଗ୍ରୀ କିଣାଯାଇଛି। ସଙ୍ଗରୋଧ କେନ୍ଦ୍ରଗୁଡିକୁ ରହୁଥିବା ବ୍ୟକ୍ତିଙ୍କ ପାଇଁ ବାଲ୍‌ଟି, ଟୁଥ୍ ପେଷ୍ଟ, ବ୍ରଶ୍, ଟାୱେଲ, ସାବୁନ, ଖଟ, ଚାଦର, ତକିଆ ଆଦି ସାମଗ୍ରୀ ଯୋଗାଇ ଦେବାର ନିୟମ ରହିଛି। ହେଲେ କେନ୍ଦ୍ରରେ ଏସବୁ ପହଞ୍ଚୁ ନ ଥିବା ଜଣେ ସରପଞ୍ଚ ଅଭିଯୋଗ କରିଛନ୍ତି। ଜରୁରିକାଳୀନ ସମୟରେ ସାମଗ୍ରୀ କିଣିବାକୁ ଗଲେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଥାଏ। ସେମାନେ ଦର ନିର୍ଦ୍ଧାରଣ କରିବେ। ଏଥିପାଇଁ ସାମଗ୍ରୀ ଯୋଗାଉଥିବା ଏଜେନ୍ସି ନିଜର ଦର ଦାଖଲ କରିବ। କମ୍ ଦର ଦେଉଥିବା ଏଜେନ୍ସିକୁ ସାମଗ୍ରୀ ଯୋଗାଇ ଦେବାକୁ ଅନୁମତି ଦିଆଯିବ। ଅନ୍ୟପକ୍ଷେ ଅତି ଦରକାରୀ ସାମଗ୍ରୀକୁ ଜିଲାପାଳ ନିଜ ଇଚ୍ଛାରେ ମଧ୍ୟ କିଣିପାରିବେ। ହେଲେ ଜିଲାରେ ସେଭଳି କିଛି ନିୟମ ପାଳନ କରାଯାଉଥିବା ଦେଖାଯାଉନାହିଁ। ଏହି ବିପତ୍ତିବେଳେ ମଧ୍ୟ ସମ୍ପୃକ୍ତ ସରକାରୀ ବାବୁଙ୍କ ଲାଭଖୋର ମନୋବୃତ୍ତି ରହିବା ପରିତାପର ବିଷୟ। ଏଣୁ ଜିଲାପାଳ ଏହାର ତଦନ୍ତ କଲେ ଦୁର୍ନୀତି ଧରାପଡ଼ିବ ବୋଲି ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଶୁଭମ୍ ସକ୍‌ସେନା କହିଛନ୍ତି ଯେ, ସରକାରୀସ୍ତରରେ ଏସବୁ ସାମଗ୍ରୀ କିଣାଯାଉଛି। ସେଭଳି ହୋଇ ନ ଥିବ। ହେଲେ ମଧ୍ୟ ଘଟଣା ଉପରେ ନଜର ରଖାଯିବ। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସକ୍‌ସେନା କହିଛନ୍ତି।



ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପଡିଥିବା ଖଟରେ ଗଦି, ତକିଆ, ଚାଦର ନାହିଁ।

## ସଂକ୍ଷେପରେ

### କ୍ୱାରାଣ୍ଟାଇନରେ ରହିଲେ ୨୬

ବଇଣ୍ଡା,୧୭।୫(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନ୍ନକାପଶି ପଞ୍ଚାୟତ ବଇଣ୍ଡା ରାମଦେଓ ହାଇସ୍କୁଲଠାରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ଶନିବାର ବିଭିନ୍ନ ଜିଲାରୁ ଆସିଥିବା ୨୬ ଜଣଙ୍କୁ ରଖାଯାଇଛି। ସେମାନଙ୍କ ମଧ୍ୟରେ ୨୪ ଜଣ ପୁରୁଷ ହୋଇଥିବା ବେଳେ ଅନ୍ୟ ଦୁଇଜଣ ହେଲେ ମହିଳା। ସେମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ପ୍ରକାର ଖାଦ୍ୟ ପ୍ରଦାନ ସହ ସହଯୋଗ ଯୋଗାଇ ଦିଆଯାଉଛି ବୋଲି ସରପଞ୍ଚ ଜଳଧର ସାହୁ ସୂଚନା ଦେଇଛନ୍ତି।

### ଆନ୍ଦୋଳନରେ ବସିଲେ ଟ୍ରକ୍ ଚାଳକ



ବଆଁରପାଳ, ୧୭।୫(ଡି.ଏନ.ଏ.): ଅନୁଗୋଳ ଜିଲା ବଆଁରପାଳ ବ୍ଲକ ନାଲ୍କୋ ସିପିପି ପ୍ଲାଣ୍ଟର ପରିବହନ କାର୍ଯ୍ୟରେ ନିୟୋଜିତ ଟ୍ରକ୍ ଚାଳକମାନେ ବିଭିନ୍ନ ଦାବିରେ ରବିବାର ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ଲାଣ୍ଟରୁ ପାଉଁଶ ପରିବହନ ପାଇଁ ଶତାଧିକ ଟ୍ରକ୍ ନିୟୋଜିତ ହୋଇଛି। ମାତ୍ର ପ୍ଲାଣ୍ଟକୁ ଯାଉଥିବା ଟ୍ରକ୍ ଚାଳକମାନଙ୍କୁ ଅନେକ ସମୟରେ ସୁରକ୍ଷା କର୍ମଚାରୀମାନେ ଦୁର୍ବ୍ୟବହାର ଦେଖାଉଛନ୍ତି। ବିଶେଷକରି ଲୋଡିଂ ପଏଣ୍ଟଠାରେ ହଇରାଣ ହରକତ କରାଯାଉଛି। ଚାଳକଙ୍କ ପାଇଁ ବିଶ୍ରାମାଗାର କିମ୍ବା ପିଇବା ପାଣିର କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଗ୍ରୀଷ୍ମ ପ୍ରବାସ ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ତ୍ତୃପକ୍ଷ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଟ୍ରକ୍ ଚାଳକମାନେ ଚେତାବନୀ ଦେଇଛନ୍ତି।

### ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟ ହେଉ ନ ଥିବା ଅଭିଯୋଗ

ଅନୁଗୋଳ ଅଫିସ୍, ୧୭।୫: ଅନୁଗୋଳ ସହର ଉପକଣ୍ଠ କାଙ୍ଗୁଲା କ୍ୱାରାଣ୍ଟାଇନ ସେଣ୍ଟରରେ ୬ ଦିନ ହେଲା ଦୁଇ ପ୍ରବାସୀଙ୍କୁ ରଖାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ନ ଥିବା ଅଭିଯୋଗ ହୋଇଛି। ନୂଆସାହି ଓ କାଙ୍ଗୁଲା ଅଞ୍ଚଳର ସମ୍ପୃକ୍ତ ପ୍ରବାସୀଙ୍କ ଅଭିଯୋଗ ମୁତାବକ, ସେମାନେ ଗତ ୧୧ ତାରିଖରୁ ପ୍ରଶାସନ କହିବା ଅନୁଯାୟୀ କ୍ୱାରାଣ୍ଟାଇନ ସେଣ୍ଟରେ ରହିଛନ୍ତି। ହେଲେ ଅଦ୍ୟାବଧି ସେମାନଙ୍କ ସ୍ୱାବ୍ ଟେଷ୍ଟ ପାଇଁ ନିଆଯାଇନାହିଁ। କେହି ସେମାନଙ୍କ କଥା ଶୁଣୁ ନାହାନ୍ତି। ଏ ନେଇ କାଙ୍ଗୁଲା ସରପଞ୍ଚ ପ୍ରକାଶ ଚନ୍ଦ୍ର ଭୋଇ କହିଛନ୍ତି, ବିଡିଓଙ୍କୁ ଅବଗତ କରାଯାଇଛି। ବିଡିଓ ଅଂଶୁମାନ ଶତପଥୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରିନାହିଁ।

### ବାର୍‌ହା ଉପଦ୍ରବ

ଢେଙ୍କାନାଳ ଅଫିସ୍, ୧୭।୫: ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳରେ ଦୁଇଦିନ ହେଲା ବାର୍‌ହା ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବାର୍‌ହା ପଲ ଜମିରେ ପଶି ବ୍ୟାପକ ସପୁରୀ, ତରଭୁଜ ଫସଲ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ପାଇ ବନ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀ କୂଳିଆ ଅଞ୍ଚଳରେ ପାଟ୍ରୋଲିଂ ଆରମ୍ଭ କରାଯାଇଛି।

# ବନ ବିଭାଗ ହାତରେ ପୁଟିପାଳ ଭବିଷ୍ୟତ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୭।୫

- ବିକାଶରେ ପ୍ରତିବନ୍ଧକ ଜଙ୍ଗଲ ଆଇନ
- ନାଲିଫିତା ତଳୁ ଉଠିପାରୁନି ଯୋଜନା
- ଅଧିକାର ଅପେକ୍ଷାରେ ୩୦ ପରିବାର

ଜଙ୍ଗଲ ଭିତରେ ଜୀବନ। ପାହାଡ଼ିଆ ରାସ୍ତା, ବିପଦସଙ୍କୁଳ ନାଳ, ହିଂସ୍ର ବନ୍ୟଜନ୍ତୁଙ୍କ ସହ ନିତି ସଂଘର୍ଷ। ବଣଜଙ୍ଗଲର ପ୍ରତିକୂଳ ପରିବେଶରୁ ସେମାନେ ଶିଖିଛନ୍ତି ଜିଇବାର ରାହା। ତଥାପି ସେମାନେ ଛାଡ଼ିନାହାନ୍ତି ଆଶା। ଆଜି ନ ହେଲେ କାଲି ସେମାନଙ୍କ ଯନ୍ତ୍ରଣାର ସ୍ୱର ସରକାରଙ୍କ କାନରେ ବାଜିବ। ପାହାଡ଼ ଉପରେ ଥିବା ଗାଁକୁ ତିଆରି ହେବ ସବୁଦିନିଆ ରାସ୍ତା। ବିଜୁଳି ଆଲୁଅ ଜଳିବ। ପିଲାମାନେ ଦେଖିବେ ବିକାଶର ଚିତ୍ର। ପ୍ରତିଶ୍ରୁତିର ପାହାଡ଼ ତଳେ ଛିଡ଼ା ହୋଇ ବର୍ଷବର୍ଷ ଧରି ଏମିତି ସ୍ୱପ୍ନ ଦେଖି ଚାଲିଛନ୍ତି ଢେଙ୍କାନାଳ ଜିଲାର ଉପାନ୍ତ ପୁଟିପାଳବାସୀ। ଜଟିଳ ଜଙ୍ଗଲ ଆଇନ ଆଗରେ ଉନ୍ନୟନ କାର୍ଯ୍ୟ ଶିଥିଳ ପଡ଼ିଥିବାବେଳେ ପୁଟିପାଳର ଭବିଷ୍ୟତ ଝୁଲିଛି ବନ ବିଭାଗ ହାତରେ।

କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତର ଆଦିବାସୀ ବହୁଳ ପୁଟିପାଳ, ଏକୁଲ, ସେକୁଲ, କୋଟ ଗ୍ରାମବାସୀ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବାରିନାହାନ୍ତି ବିକାଶର ସ୍ୱାଦ। ସବୁଠାରୁ ଅଧିକ ଦୟନୀୟ ଅବସ୍ଥାରେ ଅଛନ୍ତି ପୁଟିପାଳବାସୀ। କେନ୍ଦୁଝର ସୀମାନ୍ତ ଏହି ଗ୍ରାମକୁ ସବୁଦିନିଆ ରାସ୍ତାନାହିଁ। ଦୁର୍ଗମ ପାହାଡ଼ ରାସ୍ତା, ବିପଦପୂର୍ଣ୍ଣ ନାଳ ସାଜିଛି ଯାତାୟାତରେ ପ୍ରମୁଖ ପ୍ରତିବନ୍ଧକ। ବର୍ଷାଦିନେ ଏହି ଅଞ୍ଚଳ ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼େ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୦ରୁ ଊର୍ଦ୍ଧ୍ୱ ପରିବାର ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରେନାହିଁ। ଜଙ୍ଗଲ ଭିତରେ ଏହି ଗ୍ରାମର ବିକାଶର ପଥରୋଧ କରୁଛି ଜଙ୍ଗଲ ଆଇନ। ଅନ୍ୟ ବିଭାଗର ଟଙ୍କାଟିଏ ଅନୁଦାନ ଖର୍ଚ୍ଚ ହେବା ବି ଅସମ୍ଭବ। ନାଲିଫିତା ତଳୁ ଯୋଜନା ଉଠିପାରୁ ନ ଥିବାବେଳେ ଶିଳ୍ପସମୃଦ୍ଧ ଜିଲା ପାଇଁ ଅଭିଶାପ ପାଲଟିଛି ଏହି ଗ୍ରାମ।



ଢେଙ୍କାନାଳ ଜିଲା ଉପାନ୍ତ ଅଞ୍ଚଳର ପୁଟିପାଳ ଗାଁ।

୨୦୨୦ ଏପ୍ରିଲ ୨୮ରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଗ୍ରାମ ପରିଦର୍ଶନ କରି ସମସ୍ୟା ଦେଖିଥିଲେ। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଫେବୃୟାରୀରେ ଅଞ୍ଚଳ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏ ଯାଏ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଅପରପକ୍ଷେ କରୋନା ଲକ୍‌ଡାଉନ ସମୟରେ ପୁଣିଥରେ ଚର୍ଚ୍ଚାକୁ ଆସିଛି ପୁଟିପାଳ। ଏପରି ସଙ୍କଟ ସମୟରେ ଅଞ୍ଚଳର ଲୋକେ କ'ଣ ଖାଉଛନ୍ତି, କିପରି ଅଛନ୍ତି, ସେକଥା ଅନୁଧ୍ୟାନ କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ରାଜନେତାମାନେ ବାଇକ୍‌ରେ ଗାଁକୁ ସହାୟତା ଧରି ଯାଉଛନ୍ତି। ତେବେ ଏଭଳି ସହାୟତା କେତେଦିନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ପୁଟିପାଳ, ଏକୁଲ, ସେକୁଲ, କୋଟ ଗ୍ରାମକୁ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ଅଞ୍ଚଳର ରାସ୍ତାରେ ପ୍ରବାହିତ ୩ ନାଳରେ ପୋଲ ନିର୍ମାଣ କରାଯିବ। ଏ ନେଇ ଜିଲାପାଳ କୁହନ୍ତି, ଜଙ୍ଗଲ ଆଇନ ଯୋଗୁ ସେଠାରେ ଉନ୍ନୟନ କାର୍ଯ୍ୟ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବନ ବିଭାଗ ତର୍ଜମା କରି ଜଣାଇଲେ ଯାହାକିଛି ପଦକ୍ଷେପ ନିଆଯିବ।

# ସମ୍ପର୍କ ବାନ୍ଧିଛି ଶିକୁଳି

ଜୟଗୋପାଳ ଷଡ଼ଙ୍ଗୀ
ଆଠମଲ୍ଲିକ,୧୭।୫

ବେରୋଜଗାର ସ୍ୱାମୀ ରୋଗଗ୍ରସ୍ତ ହେବା ପରେ ଦୋହଲିଯାଇଥିଲା ନୀଳିମାଙ୍କ ମାନସିକ ସ୍ଥିତି। ସେବେଠୁ ବାହାରେ ବୁଲାବୁଲି କରୁଥିବା ନୀଳିମା ଶେଷରେ ପହଞ୍ଚି ଯାଇଥିଲେ ବଡ଼ ଭଉଣୀଙ୍କ ଘର ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ। ଦୁଃଖ ସହି ନ ପାରି ଗରିବ ଭଉଣୀ ଭିଣୋଇ ତାଙ୍କୁ ଘରେ ରଖିଥିଲେ ସିନା ହେଲେ ରୋକିପାରି ନ ଥିଲେ ଏଣେତେଣେ ଧାଉଁଥିବା ପାଦ ଯୋଡ଼ିକୁ। ବଢ଼ିଲା ବୟସରେ ନୀଳିମା ସାହି ଗଳିରେ ବୁଲିବା ବିଚଳିତ କରିଦେଇଥିଲା ସେମାନଙ୍କୁ। ତେଣୁ ଯେତେ କଷ୍ଟ ହେଲେ ବି ନିଜ ରକ୍ତ ସମ୍ପର୍କୀୟଙ୍କ ଗୋଡ଼ରେ ଶିକୁଳି ବାନ୍ଧିବାକୁ ବାଧ ହୋଇଥିଲେ ସେମାନେ।

ବିହାରୀ ମେହେରଙ୍କ ଝିଅ ନୀଳିମା (୨୫)ଙ୍କ ଘର ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ। ୬ ବର୍ଷ ତଳେ ତାଳଚେର ସହର ଅନ୍ତରାମଗେଟ୍ ନିକଟ ଅଜି ମେହେରଙ୍କ ପୁଅ ମିଥୁନଙ୍କ ସହ ତାଙ୍କର ବାହାଘର ହୋଇଥିଲା। ସ୍ୱାମୀଙ୍କର କିଛି ରୋଜଗାର କି ଜମିବାଡ଼ି ନ ଥିଲା। ତଥାପି ଘର ସଂସାର ଆଗକୁ ବଢୁଥିବା ବେଳେ ହଠାତ୍ ସ୍ୱାମୀ ଯକ୍ଷ୍ମା ରୋଗରେ ପଡ଼ିବା ନୀଳିମାଙ୍କୁ ବିବ୍ରତ କରିଦେଇଥିଲା। ସେବେଠାରୁ ତାଙ୍କ ମାନସିକ ଅବସ୍ଥା ଧୀରେ ଧୀରେ ଖରାପ ଆଡ଼କୁ ଗତି କରିଥିଲା। କିଛି ଦିନ ପରେ ସେ ସମ୍ପୂର୍ଣ୍ଣ ମାନସିକ ରୋଗୀ ପାଲଟି ଯାଇଥିଲେ। ଘର ଛାଡ଼ି ବାହାରେ ବୁଲାବୁଲି କରୁଥିବା ବେଳେ ଲକ୍‌ଡାଉନ ପୂର୍ବରୁ ସେ ଭଉଣୀଘର ଆଠମଲ୍ଲିକ ସହର ମୋଚି ସାହି ଆଡ଼େ ପଳାଇ ଆସିଥିଲେ। ନୀଳିମାଙ୍କୁ ଦେଖି ଭିଣୋଇ ମହେଶ୍ୱର ମେହେର ଓ ବଡ଼ ଭଉଣୀ ନିରାଶ ମେହେର ଘରକୁ ନେଇଯାଇଥିଲେ। କିନ୍ତୁ ସେଠାରେ ମଧ୍ୟ ନୀଳିମା ରହିପାରୁ ନ ଥିଲେ।



ଶିକୁଳି ବନ୍ଧା ଅବସ୍ଥାରେ ନୀଳିମା ମେହେର।

ଯେତେବେଳେ ପାରିଲେ ସାହି ଡେଇଁ ବଜାରରେ ପହଞ୍ଚି ଯାଉଥିଲେ। ନିଜ ଟ୍ରଲିରେ ପର ବୋଝ ଲଦି ପରିବାରର ପେଟ ପୂରାଇ ପାରୁ ନ ଥିବା ଭିଣୋଇ ମହେଶ୍ୱରଙ୍କୁ ଏହା ବେଶି ବାଧୁଥିଲା। ହେଲେ ନୀଳିମାଙ୍କ ଚିକିତ୍ସା କରିବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। କାଳେ ସରକାରଙ୍କ ନଜର ତାଙ୍କ ଦୁଃଖ ଦୂର କରିଦେବ ସେହି ଆଶାରେ ସେ ଶାଳୀ ଗୋଡ଼ରେ ଶିକୁଳି ପକାଇ ରଖିବାକୁ ବାଧ ହୋଇଥିଲେ।

ଏ ସମ୍ପର୍କରେ ଆଠମଲ୍ଲିକ ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା କହିଛନ୍ତି, ନୀଳିମା ଆଠମଲ୍ଲିକ ଅଞ୍ଚଳର ନୁହନ୍ତି। ତାଙ୍କ ପରିବାର ମଧ୍ୟ ଏନ୍‌ଏସିରେ ଅଭିଯୋଗ କରିନାହାନ୍ତି। ବଜାରରେ ବୁଲୁଥିବା ବେଳେ ତାଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିଲା। ଏବେ ନୀଳିମାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ଉଚିତ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ଭିଣୋଇ ମହେଶ୍ୱର କହିଛନ୍ତି, ଚିକିତ୍ସା କରାଗଲେ ନୀଳିମା ଭଲ ହୋଇପାରିବେ। ସରକାର କିମ୍ବା ଅନ୍ୟ କେହି କାଳେ ସାହାଯ୍ୟ କରିବେ ସେହି ଆଶାରେ ଆମେ ଏଯାଏ ରହିଛୁ।

# ୩୨୭୬ ଅଙ୍ଗନୱାଡି କର୍ମୀଙ୍କୁ ସାନିଟାଇଜ୍ କିଟ୍

ଅନୁଗୋଳ ଅଫିସ, ୧୭।୫

କରୋନା ବିରୋଧରେ ଲଢ଼େଇ କରୁଥିବା ପ୍ରତିଟି ଯୋଦ୍ଧାଙ୍କ ପାଇଁ ସହଯୋଗର ହାତ ବଢ଼ାଇଛି ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)। କମ୍ପାନୀର

## ଜେଏସ୍‌ପିଏଲ୍‌ର ସହାୟତା

ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ କୋଭିଡ-୧୯କୁ ପରାସ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ବିଶେଷକରି ଅନୁଗୋଳ ଜିଲାର ତୃଣମୂଳସ୍ତରରେ କାମ କରୁଥିବା ୧୬୫୪ଟି ଅଙ୍ଗନୱାଡି କେନ୍ଦ୍ରର ୩୨୭୬ କର୍ମଚାରୀଙ୍କ ପାଇଁ ମାସ୍କ ସହ ସାନିଟାଇଜ୍ କିଟ୍ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଅନୁଗୋଳ, ବଡବିଲ ଓ ଭୁବନେଶ୍ୱରରେ ୧.୩ ଲକ୍ଷ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଏହାର ମିଶନ ଜିରୋ ହଙ୍ଗର ଅଧୀନରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଇ ଦେଉଛି। କେବଳ ଅନୁଗୋଳ ଜିଲାରେ ୫୦ ହଜାର ଭୋଜନ ପ୍ରଦାନ କରାଯାଇଛି। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପ୍ରେରଣାରେ ପ୍ଲାଣ୍ଟର ଆଖପାଖରେ ଯେପରି କେହି ଭୋକିଲା ନ ରୁହନ୍ତି ସେଥିପାଇଁ ଏହି ମିଶନ ଜିରୋ ହଙ୍ଗର କାର୍ଯ୍ୟକାରୀ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।




ଜେଏସ୍‌ପିଏଲ୍ ପକ୍ଷରୁ ଜିଲାପାଳଙ୍କୁ ମାସ୍କ ଓ ସାନିଟାଇଜ୍ କିଟ୍ ପ୍ରଦାନ କରାଯାଉଛି।

### ବାଇକ୍ ଧକ୍କାରେ ବୃଦ୍ଧା ମୃତ

ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମ ନିକଟରେ ଏକ ବାଇକ୍ ଧକ୍କାରେ ରବିବାର ସେହି ଗ୍ରାମର ଗୋଲାପ ମାଝି(୬୫)ଙ୍କ ମୃତ୍ୟୁ ହୋଇଛି। ସେ ନିକଟସ୍ଥ ବଗିଚାରୁ କାଜୁ ସଂଗ୍ରହ କରି ଘରକୁ ଫେରୁଥିବାବେଳେ ଦ୍ରୁତଗତିରେ ବାଇକ୍ ନେଇ ଯାଉଥିବା ସେହି ଗ୍ରାମର ଦୀପକ ନାଏକ ଗୋଲାପଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଗୋଲାପଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିବା ଦୀପକଙ୍କୁ ପ୍ରଥମେ ଛେଣ୍ଡିପଦା ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ନଂ. ୧୫୫/୨୦ରେ ପୋଲିସ ଏକ ମାମଲା ରୁଜୁ କରିଛି।

# ସରକାରଙ୍କୁ ଦିଆଗଲା ତଦନ୍ତ ରିପୋର୍ଟ

## ମହିଳା ଶ୍ରମିକଙ୍କୁ ଦୁର୍ବ୍ୟବହାର ଘଟଣା

ଅନୁଗୋଳ ଅଫିସ, ୧୭।୫: ସଙ୍ଗରୋଧ ପାଇଁ ଛେଣ୍ଡିପଦା ବ୍ଲକ ବରପଦାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରକୁ ଅଣାଯାଇଥିବା କେତେଜଣ ମହିଳା ଶ୍ରମିକଙ୍କୁ ଫୋନରେ ଭିଡିଓ କରିଥିବା ଦୁର୍ବ୍ୟବହାର ଘଟଣାର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ପ୍ରଦାନ କରିବା ପରେ ଜିଲାପାଳ ତାହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ମିଳିଛି।

# ଷ୍ଟାଡିୟମକୁ ଉଠିବ ଫଳ, ପରିବା ଦୋକାନ

ଅନୁଗୋଳ ଅଫିସ, ୧୭।୫

ଅନୁଗୋଳ ସହରରେ ହେଉଥିବା ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ହୋଇଥିବା ନିଷ୍ପତ୍ତି ମୁତାବକ, ଅନୁଗୋଳ ସହରର ରାସ୍ତା କଡ଼ରେ ବସୁଥିବା ଆମିଷ ବେପାରୀମାନେ ଏଣିକି ଆର୍‌ଏମ୍‌ସି ହାଟ ନିକଟ ଆମିଷ ବଜାରକୁ ଉଠିଯିବେ। ସେହିପରି ଡେଲି ମାର୍କେଟରୁ ସମସ୍ତ ପରିବା ଦୋକାନ ଷ୍ଟାଡିୟମକୁ ଉଠିଯିବ। ଅନ୍ୟପକ୍ଷରେ ଠେଲା ଫଳ ଦୋକାନୀଙ୍କୁ ସହରର ବିଭିନ୍ନ ୱାର୍ଡ ପାଇଁ ଅନୁମତି ପ୍ରଦାନ କରାଯିବ। ଅନ୍ୟ ଫଳ ବ୍ୟବସାୟୀମାନେ ଷ୍ଟାଡିୟମଠାରେ ବସିବେ। ସେହିପରି ବସ୍‌ଷ୍ଟାଣ୍ଡରେ ବସୁଥିବା ମୋଚିମାନଙ୍କୁ ମଧ୍ୟ ଉଠାଯିବ। ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଖାଲି କରାଯିବ। ଏହି ନିର୍ଦ୍ଦେଶ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଶତପଥୀ କହିଛନ୍ତି। ଭିଡ଼ କରୁଥିବା ଲୋକଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯିବ। ପ୍ରଥମେ ୩ ଦିନ ଧରି ପୌରପାଳିକା ସଚେତନ କରିବ। ବୈଠକରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

### ଦିନକର ଦରମା ଦେଲା ସରକାରୀ କଲେଜ ଶିକ୍ଷକ ସଂଘ

ଢେଙ୍କାନାଳ ଅଫିସ, ୧୭।୫

କରୋନା ମୁକାବିଲା ପାଇଁ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦିନକର ଦରମା ପ୍ରଦାନ କରାଯାଇଛି। ରାଜ୍ୟ ସରକାର କରୋନା ମୁକାବିଲା ଲାଗି ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏପରି ସଙ୍କଟ ସମୟରେ ଏହି ସହାୟତା କାମରେ ଆସିବ ବୋଲି ସଂଘର ସାଧାରଣ ସମ୍ପାଦକ ତଥା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

# ଗୀତଗାଇ ସଚେତନ କଲେ ଦୌରାଜଜ୍

ଢେଙ୍କାନାଳ ଅଫିସ, ୧୭।୫

ଗୀତଗାଇ ଜନସାଧାରଣଙ୍କୁ କରୋନା ବିଷୟରେ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି ଢେଙ୍କାନାଳ ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶ। ସେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ବୁଲି ବୁଲି ସାମାଜିକ ଦୂରତ୍ୱ ନିୟମ ବିଷୟରେ ବ୍ୟବସାୟୀଙ୍କୁ ସଚେତନ କରାଇଥିଲେ। ଗୋପବନ୍ଧୁ ଟାଉନ୍‌ହଲ୍‌ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବାଜିଚୌକ୍ ପର୍ଯ୍ୟନ୍ତ ଚାଲିଥିଲା। ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଲିଗାଲ ଭଲ୍ୟୁଣ୍ଟିୟର କବିତା ବେହେରା, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ କୋଭିଡ୍-୧୯ ନିୟମାବଳୀ, ମାସ୍କ ବ୍ୟବହାର, ପରିଷ୍କାର ପରିଚ୍ଛନ୍ନ ରହିବା ଆଦି ବିଷୟରେ ସଚେତନ କରାଇଥିଲେ। ରାମେଶ୍ୱର ମାଇତି, ବୈଶିଷ୍ଟ ବରାଳ, ଅଶୋକ ନାୟକ, ଅଭିରାମ ବାରିକ, ମନୋରଞ୍ଜନ ସ୍ୱାଇଁ, ଦୁଃଖବନ୍ଧୁ ସାହୁ, ଗୋପାଳ ଚନ୍ଦ୍ର ଦଳାଇ, ଜିତେନ୍ଦ୍ର ନାୟକ, ହେମେନ୍ଦ୍ରନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଡାକବାଜି ଯନ୍ତ୍ର ସହାୟତାରେ ସଚେତନ କରାଯାଉଛି।

## ଫଟୋରେ ଖବର



ଅନୁଗୋଳ ମହାବିଦ୍ୟାଳୟ ସମ୍ମୁଖରେ ଜଣେ ବ୍ୟବସାୟୀ ତାଳସଜ ବିକ୍ରି କରୁଛନ୍ତି। (ଫଟୋ- ବୁବୁ)

# ମୃତକଙ୍କ ନାମରେ ଉଠୁଛି ଚାଉଳ

ବଇଣ୍ଡା, ୧୭।୫(ଡି.ଏନ.ଏ.)

## ସରପଞ୍ଚ କଲେ ଅଭିଯୋଗ



କରୋନା ବିପତ୍ତି ବେଳେ ରାଶନ କାର୍ଡଧାରୀମାନଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ଚାଉଳ, ଗହମ ଆଦି ଯୋଗାଇ ଦିଆଯାଉଛି। କିନ୍ତୁ ଅନେକ ପଞ୍ଚାୟତରେ ରାଶନ ପ୍ରଦାନରେ ଅନିୟମିତତା ହେଉଥିବା ଖବରମାନ ସାମନାକୁ ଆସୁଛି। ଏପରିକି ମୃତ ବ୍ୟକ୍ତିମାନଙ୍କ ନାମରେ ମଧ୍ୟ ଚାଉଳ ଉଠାଯାଉଛି। ଏପରି ଏକ ଅଭିଯୋଗ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତରୁ ଆସିଛି। ଏହି ପଞ୍ଚାୟତରେ ରାଶନ ସାମଗ୍ରୀ ଯୋଗାଣରେ ବ୍ୟାପକ ହେରଫେର ହେଉଥିବା ନେଇ ସରପଞ୍ଚ ସୁମନ୍ତ କୁମାର ବେହେରା ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କୁରୁମଟାପ ପଞ୍ଚାୟତ ଅଧୀନରେ ଥିବା କେତେଜଣ ଡିଲର ରାଶନ କାର୍ଡ ଯୋଗାଇଦେବାରେ ଅନିୟମିତତା କରୁଛନ୍ତି। ବିଶେଷକରି ଚାଉଳ, ଗହମ ବଣ୍ଟନ ବେଳେ ଓଜନରେ ହିତାଧିକାରୀଙ୍କୁ ଠକୁଛନ୍ତି। ଅନେକ ହିତାଧିକାରୀଙ୍କ ନାମରେ ଚାଉଳ ଆସୁଥିବାବେଳେ ସେମାନଙ୍କ ଆଧାର କାର୍ଡ ରାଶନ କାର୍ଡରେ ସଂଯୋଗ ହୋଇନାହିଁ କହି ଡିଲର ସମ୍ପୃକ୍ତ ହିତାଧିକାରୀଙ୍କୁ ଚାଉଳ ଦେଉନାହାନ୍ତି। ସେହିପରି ବରପାଲି ଗ୍ରାମର ଦୀନବନ୍ଧୁ ରାଉଳଙ୍କ ୨୦୧୫ରେ ଏବଂ ମନ୍ଦରବାହାଳ ଗ୍ରାମର ସୁବାସ ପ୍ରଧାନଙ୍କ ୨୦୧୭ରେ ମୃତ୍ୟୁ ଘଟିସାରିଥିବାବେଳେ ଉଭୟଙ୍କ ନାମରେ ଡିଲର ଚାଉଳ ଉଠାଇ ହଡ଼ପ କରୁଛନ୍ତି। ଏପରିକି ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ନାମରେ ରାଶନ ସାମଗ୍ରୀ ଉଠାଯାଇ ହଡ଼ପ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସରପଞ୍ଚ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଛନ୍ତି, ମୃତ ବ୍ୟକ୍ତିମାନଙ୍କ ନାମରେ ଚାଉଳ ଉଠାଣ ଘଟଣା ବିଭାଗର ନଜରକୁ ଆସିନାହିଁ। ତଥାପି ଏ ଦିଗରେ ତଦନ୍ତ କରାଯିବ ବୋଲି ସୋରେନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଲୁଣ ଦର ବୃଦ୍ଧି ନେଇ ଅପପ୍ରଚାର

ଜୟପୁର,୧୭।୫(ଡି.ଏନ.ଏ.)- କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲାର କେତେକ ଅଞ୍ଚଳରେ ଲୁଣ ଦର ବୃଦ୍ଧି ପାଇଥିବା ନେଇ କେତେଜଣ ବ୍ୟବସାୟୀ ପ୍ରଚାର କରୁଛନ୍ତି । ବଜାରରେ ବିଭିନ୍ନ କମ୍ପାନୀର ଲୁଣ ପ୍ୟାକେଟ୍ ଉପରେ ଲିଖିତ ଦରଠାରୁ ୨/୩ ଟଙ୍କା କମ୍‌ରେ ବିକ୍ରି ହେଉଛି। ପାଇକାରୀ ଦୋକାନଠାରୁ ଆଣି ଖୁଚୁରା ବ୍ୟବସାୟୀ କମ୍ ଲାଭାଂଶରେ ଏହାକୁ ବିକ୍ରି କରିବାକୁ ପଡୁଥିବାରୁ କେତେଜଣ ବ୍ୟବସାୟୀ ଏପରି ଅପପ୍ରଚାର କରୁଥିବା ଜଣାପଡ଼ିଛି। ବଜାରରେ ଲୁଣ ଷ୍ଟକ୍ କମ୍ ରହିଛି, ମାତ୍ର ଅଭାବ ନାହିଁ। ସୋମବାର ଜୟପୁରକୁ ଲୁଣ ବାହାରୁ ଆସିବାର ରହିଛି ବୋଲି ବ୍ୟବସାୟୀ ସୁରେଶ ପାତ୍ର କହିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

### ବାର୍ ଆସୋସିଏଶନ ଅସ୍ଥାୟୀ କର୍ମକର୍ତ୍ତା ଚୟନ

ମାଲକାନଗିରି୧୭।୫(ଡି.ଏନ୍.ଏ.)- କରୋନା ଯୋଗୁ ଚଳିତ ବର୍ଷ ରାଜ୍ୟରେ ବିଭିନ୍ନ ଜିଲାର ବାର୍ ଆସୋସିଏଶନ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଅସ୍ଥାୟୀ କର୍ମକର୍ତ୍ତା ଚୟନ କରାଯାଉଛି। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଏହି ଚୟନ ହୋଇଥିବା କର୍ମକର୍ତ୍ତା କାର୍ଯ୍ୟ କରିବେ। ସେହି କ୍ରମରେ ମାଲକାନଗିରି ଜିଲା ବାର୍ ଆସୋସିଏଶନର ଅସ୍ଥାୟୀ ସଭାପତି ଭାବେ ନୃସିଂହ ଚରଣ ମହାନ୍ତି, ସମ୍ପାଦକ ଗୌତମ ସରକାର ଓ ଲମ୍ବୋଦର ଡୁରୁକ ମନୋନୀତ ହୋଇଛନ୍ତି।

### ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଗିରଫ

ଗୋଷାଣୀ,୧୭।୫(ଡି.ଏନ.ଏ)- ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ରବିବାର ପୋଲିସ ଚଢାଉ କରି ବିପୁଳ ପରିମାଣର ଗୁଟଖା ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋଷାଣୀ ଥାନା ଅନ୍ତର୍ଗତ ସାତମାଇଲ ଛକର କେ. ତିରୁମଲା ରାଓ । ଜବତ ହୋଇଥିବା ଗୁଟଖାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଗୁରାଣ୍ଡି ଥାନା ଅଧିକାରୀ ମୁକେଶ ବେହେରା କହିଛନ୍ତି। ଖାଦ୍ୟ ନିରୀକ୍ଷକ ସ୍ମିତାରାଣୀ ଖାଡଙ୍ଗାଙ୍କ ଉପସ୍ଥିତିରେ ଏହାକୁ ଯାଞ୍ଚ କରାଯାଇ ଜବତ କରାଯାଇଛି।

### କ୍ୱାରାଣ୍ଟାଇନ ବ୍ୟବସ୍ଥାର ସମୀକ୍ଷା

ତେନ୍ତୁଲିଖୁଣ୍ଟି,୧୭।୫(ଡି.ଏନ.ଏ)- ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କ୍ୱାରାଣ୍ଟାଇନ ବ୍ୟବସ୍ଥା ସମ୍ପର୍କରେ ଏମପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ ସମୀକ୍ଷା କରିଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକଠାରୁ କ୍ୱାରାଣ୍ଟାଇନ ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ପ୍ରବାସୀ ଶ୍ରମିକ ପଞ୍ଜୀକରଣ କରିବା ପରେ କେତେ ଜଣ ପହଞ୍ଚିଛନ୍ତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ଏମଜିଏନଆରଇଜିଏସ ଯୋଜନାରେ ଅଧିକ ପ୍ରକଳ୍ପ କରାଯାଇ ଶ୍ରମିକଙ୍କ ପାଇଁ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ଇନ୍ଦ୍ରାବତୀ ଅତିଥି ଭବନରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପ୍ରବାସୀ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ ପାଇଁ ଶତପ୍ରତିଶତ ପ୍ରବର୍ତ୍ତାଇବା, ମାସ୍କ ବ୍ୟବହାର ପାଇଁ ଗ୍ରାମାଞ୍ଚଳରେ ସଚେତନ କରାଇବା, ସାମାଜିକ ଦୂରତା ପାଇଁ ସଚେତନତା ସୃଷ୍ଟି କରିବା ଉପରେ କର୍ମୀମାନଙ୍କୁ କହିଥିଲେ।

### ବୋରିଗୁମ୍ମାକୁ ଫେରିଛନ୍ତି ୧୪୬ ପ୍ରବାସୀ

ବୋରିଗୁମ୍ମା,୧୭।୫ (ଡି .ଏନ୍. ଏ.)- ମହାମାରୀ କରୋନା ବିଶ୍ୱରେ କାୟାବିସ୍ତାର କରିଚାଲିଛି। ଏହାର ମୁକାବିଲା ପାଇଁ ବିଶ୍ୱର ସବୁ ଦେଶ ଉଦ୍ୟମ ଜାରି ରଖିଛନ୍ତି। ଇତିମଧ୍ୟରେ ବାହାର ରାଜ୍ୟରେ କାମ କରୁଥିବା ପ୍ରବାସୀ ଓଡ଼ିଆମାନେ ନିଜ ରାଜ୍ୟକୁ ଫେରିବାକୁ ସରକାର ନିଷ୍ପତ୍ତି ନେଇ ସେମାନଙ୍କୁ ଫେରାଇ ଆଣୁଛନ୍ତି। ବୋରିଗୁମ୍ମା ବ୍ଲକକୁ ମଧ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଚିନ୍ତାରେ ପଡିଛନ୍ତି। ଏଯାଏ ବୋରିଗୁମ୍ମା ବ୍ଲକର ବି. ସିଂହପୁର ପଞ୍ଚାୟତକୁ ୨୧ଜଣ, ବେଣାଗାଁକୁ ୫, ବେଣାସୁରକୁ ୩, ବୋଡିଗାଁକୁ ୧୧, ବୋରିଗୁମ୍ମା ପଞ୍ଚାୟତକୁ ୪, ଡେଙ୍ଗପଦରକୁ ୪, ଟେଙ୍କରକୁ ୩, ଗୁମୁଡାକୁ ୯, ହରଦଲିକୁ ୧୪ , କାମତାକୁ ୯, କାଠରଗଡାକୁ ୪, କଣାଗାଁକୁ ୮, ବଡ ଇନ୍ଦାନପୁର କୁ ୩, ପଣ୍ଡସଗୁଡାକୁ ୧୦, ରଣସପୁରକୁ ୧୧, ସସାହାଣ୍ଡିକୁ ୧୧ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି।

# ଦୁର୍ଘଟଣାରେ କରୋନା ଯୋଦ୍ଧାଙ୍କ ମୃତ୍ୟୁ

**କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଉଥିଲେ**

ମାଲକାନଗିରି,୧୭।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନାର କାର୍ଯ୍ୟରତ ଗୃହରକ୍ଷୀ ଲଚ୍ଛମନ ନାୟକ(୩୮) କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଉଥିବା ବେଳେ ଦୁର୍ଘଟଣାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଗୋବିନ୍ଦପାଲି ମହାବିଦ୍ୟାଳୟସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ନିୟୋଜିତ କରାଯାଇଥିଲା। ଏପ୍ରିଲ ୨୫ ସକାଳେ ଲଚ୍ଛମନ ତାଙ୍କ ବାଇକ ଯୋଗେ ସମ୍ପୃକ୍ତ କେନ୍ଦ୍ରକୁ କାର୍ଯ୍ୟ କରିବାକୁ ଯାଉଥିଲେ। ଗୋବିନ୍ଦପାଲି ନିକଟ ଧୁଙ୍ଗିଆପୁଟ ପୋଲ ନିକଟରେ ଭାରସାମ୍ୟ ହରାଇ ମୋଟରସାଇକେଲ ସହ ସେ ପୋଲ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କୋରାପୁଟରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଥିଲା। ବିଭାଗ ପକ୍ଷରୁ ଲଚ୍ଛମନଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଉଥିବା ସମୟରେ ଲଚ୍ଛମନଙ୍କ ମୃତ୍ୟୁ ହୋଇଥିବାରୁ ଏନେଇ ରହିଥିବା ସମସ୍ତ ସରକାରୀ ସହାୟତା ତାଙ୍କ ପରିବାରକୁ ପ୍ରଦାନ କରିବା ଲାଗି ସାଧାରଣରେ ଦାବି ହେଉଛି।



ଅଗ୍ନିଶମ କର୍ମଚାରୀମାନେ ରାସ୍ତାରେ ପଡିଥିବା ଗଛ କାଟୁଛନ୍ତି ।

# ଗଛକାଟି ରାସ୍ତା ଅବରୋଧ ହଟାଇଲେ ଅଗ୍ନିଶମ କର୍ମଚାରୀ

ପଡିଆ,୧୭।୫(ଡି.ଏନ.ଏ.)

ଶନିବାର ସନ୍ଧ୍ୟାରେ ମାଲକାନଗିରି ଜିଲା ପଡିଆ ବ୍ଲକରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏହାର ପ୍ରଭାବରେ ପଡିଆ-କମାରଗୁଡା ବିଦ୍ୟାଳୟ ରାସ୍ତାରେ ଏକ ଗଛ ଉପୁଡି ପଡିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ରବିବାର ଅଗ୍ନିଶମ ବିଭାଗ କର୍ମଚାରୀମାନେ କାଟି ସଫା କରିଛନ୍ତି। ସେହିପରି ମାଢିଗୁଡା,ପଟେରୁ ଓ ଗିରକାନପଲି ଗ୍ରାମରେ କେତେକ ବ୍ୟକ୍ତିଙ୍କ ଘର ଉପରେ ଗଛ ଉପୁଡିପଡିଥିଲା। ତାହାକୁ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କାଟି ସଫା କରି ଘରଗୁଡିକ ଉପରୁ ହଟାଇଛନ୍ତି।

# ୫୭ ଶ୍ରମିକଙ୍କୁ ନିଜ ରାଜ୍ୟକୁ ପଠାଇଲା ପ୍ରଶାସନ

ମାଲକାନଗିରି,୧୭।୫(ଡି.ଏନ୍.ଏ.)

ଝାଡ଼ଖଣ୍ଡ,ପଶ୍ଚିମବଙ୍ଗ ଓ ବିହାରକୁ ୫୭ଜଣ ଶ୍ରମିକ ସାଇକେଲ ଯୋଗେ ଯାଉଥିବା ଜିଲା ପ୍ରଶାସନ ନଜରକୁ ଆସିବା ପରେ ସେମାନଙ୍କୁ ରବିବାର ଏକ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ରାଜ୍ୟକୁ ପଠାଯାଇଛି। ହାଇଦ୍ରାବାଦରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଏହି ୩ ରାଜ୍ୟର ଶ୍ରମିକମାନେ ହାଇଦ୍ରାବାଦରୁ ନିଜ ରାଜ୍ୟକୁ ଫେରୁଥିଲେ। ସେମାନଙ୍କୁ ସୀମାନ୍ତ ମୋଟୁଠାରେ ଅଟକାଇ ଖାଦ୍ୟପେୟ ସହ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ପରେ ସେମାନଙ୍କୁ ମାଲକାନଗିରି ଅଣାଯାଇଥିଲା। ମାଲକାନଗିରି ଜିଲାରେ ଥିବା ପଶ୍ଚିମବଙ୍ଗର ୯ ଜଣ ଶ୍ରମିକଙ୍କ ସହ ଏମାନଙ୍କୁ ଦୁଇଟି ବସ୍ ଯୋଗେ ନିଜ ରାଜ୍ୟକୁ ପଠାଯାଇଛି। ଏହି ସମୟରେ ପିଡି ବାଳମୁକୁନ୍ଦ ଭୂୟାଁ, ତହସିଲଦାର ଡ. ଗୁଣନିଧି ନାୟକ, ନିର୍ବାହୀଯନ୍ତ୍ରୀ ଏ. ବାରାପ୍ରସାଦ ରାଓ, ଜିଲା ଶ୍ରମ ଅଧିକାରୀ ମଦନମୋହନ ପାଇକ ଉପସ୍ଥିତ ଥିଲେ।



ଶ୍ରମିକମାନଙ୍କୁ ବସ୍‌ଯୋଗେ ସେମାନଙ୍କ ଘରକୁ ପଠାଯାଉଛି ।

# କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ସହ କାଜୁ ଉତ୍ପାଦକ ସଂଘର ଆଲୋଚନା

ଜୟପୁର,୧୭।୫(ଡି.ଏନ୍.ଏ.)

ଲକ୍‌ଡାଉନ ଯୋଗୁ ରାଜ୍ୟର ଲଘୁ ଉଦ୍ୟୋଗ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଚଳିତବର୍ଷ ଏହି ଉଦ୍ୟୋଗଗୁଡ଼ିକ ବ୍ୟାପକ କ୍ଷତି ସହିବା ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟର ଅନ୍ୟତମ ଲଘୁ ଉଦ୍ୟୋଗ ହେଉଛି କାଜୁ ଉତ୍ପାଦକ କାରଖାନା । ଏନେଇ କଞ୍ଚାମାଲ, ବିକ୍ରି, ଜିଏସ୍‌ଟି, ଋଣ ପରିଶୋଧ ଏବଂ ବ୍ୟାଙ୍କ ସମସ୍ୟା ଉପରେ ରାଜ୍ୟ କାଜୁ ଉତ୍ପାଦକ ସଂଘ ପକ୍ଷରୁ ୪୮ଜଣ ସଦସ୍ୟ ଅନ୍‌ଲାଇନରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସଂଘ ବିଭିନ୍ନ ଦାବି ଉପସ୍ଥାପନ କରିଛି। ରାଜ୍ୟର କାଜୁ କାରଖାନା ଏବଂ ବ୍ୟବସାୟ ଲାଗି ଏକ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଯିବ। ବ୍ୟାଙ୍କ, ସବ୍‌ସିଡି, ଜିଏସ୍‌ଟି, ଶ୍ରମିକଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ନେଇ କେନ୍ଦ୍ର ସରକାର ସମସ୍ତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ ବୋଲି ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ସଂଯୋଜନା କରିଥିଲେ। ସଂଘର ରାଜ୍ୟ ସଭାପତି କେଦାର ସୁବୁଦ୍ଧି, ସମ୍ପାଦକ ମନଶିଷ ପଣ୍ଡାଙ୍କ ସମେତ ବିଭିନ୍ନ ଜିଲାର ୪୮ଜଣ କାଜୁ କାରଖାନା ମାଲିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଲକ୍‌ଡାଉନ ଯୋଗୁ କାଜୁ ମିଲ୍‌ଗୁଡିକ ବନ୍ଦ ହୋଇଯାଇଛି। ବର୍ତ୍ତମାନ କଞ୍ଚାମାଲ କ୍ରୟ କରିବା ନେଇ ସମୟ ହୋଇଥିଲେ ସୁଦ୍ଧା ଚଳିତ ବର୍ଷ ଉନ୍ନତମାନର କଞ୍ଚାମାଲ ମିଳୁନାହିଁ। ପୂର୍ବ ଏସିଆ ଏବଂ ଆଫ୍ରିକା ମହାଦେଶର ବିଭିନ୍ନ ଦେଶରୁ କଞ୍ଚାମାଲ ଆମଦାନୀ ହୋଇଥାଏ। ମାତ୍ର ଏପରି ପରିସ୍ଥିତିରେ କଞ୍ଚାମାଲ ବାହାରୁ ଆସିପାରୁନାହିଁ।

# ପରିବାରକୁ ସହାୟତା ଦେଲା ଜିଲା ପ୍ରଶାସନ

**ଚିକିତ୍ସା ଅଭାବରୁ ପ୍ରବାସୀ ଶ୍ରମିକ ମୃତ୍ୟୁ ଘଟଣା**

ମାଲକାନଗିରି,୧୭।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ସେର୍‌ପାଲି ପଞ୍ଚାୟତ ପଦରଗୁଡ଼ା ଗ୍ରାମର ବାସୁଦେବ କରାମି(୨୫) ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଯାଇ ତେଲଙ୍ଗାନାର ସଧିପେଟା ଜିଲାର ଦବାଗ୍‌ଠାରେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ଲକ୍‌ଡାଉନ୍ ହୋଇଯିବାରୁ ସେ ଗ୍ରାମକୁ ଫେରିପାରି ନ ଥିଲେ। ଗୁରୁବାର ରାତିରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ି ଡାକ୍ତରଖାନା ଯାଇଥିଲେ ମଧ ଚିକିତ୍ସା ସୁବିଧା ନ ପାଇବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସାଥୀ ଶ୍ରମିକମାନେ ଏକ ଆମ୍ବୁଲାନ୍ସ ଯୋଗେ ବାସୁଦେବଙ୍କ ମୃତଦେହ ଗ୍ରାମକୁ ଆଣିଥିଲେ। ଶନିବାର ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ଏହି ଖବର ଜାଣିବା ପରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନ, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଭୂମିକ୍, ନୋଡାଲ ଅଧିକାରୀ ମନୋରଞ୍ଜନ ଦାସ ବାସୁଦେବଙ୍କ ଘରକୁ ଯାଇ ତାଙ୍କୁ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା, ବାସୁଦେବଙ୍କ ସ୍ତ୍ରୀଙ୍କୁ ବିଧବାଭତ୍ତା, ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୨୦ ହଜାର ଏବଂ ମାସିକ ୩୫ କେଜି ଚାଉଳ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ବାସୁଦେବଙ୍କ ସ୍ତ୍ରୀଙ୍କ ନାମରେ ଏକ ଗ୍ରାମୀଣ ଆବାସ ଯୋଜନା ମଞ୍ଜୁର ହୋଇଛି।

### ଆଧାର ଲିଙ୍କ୍ ନ ଥିବାରୁ ମିଳୁନି ଚାଉଳ

ଏମ୍‌ଭି-୭୯,୧୭।୫(ଡି.ଏନ୍.ଏ.)

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଲୋକଙ୍କୁ ଚାଉଳ, ଗହମ ଓ କିରୋସିନ ଯୋଗାଇ ଦେଉଛନ୍ତି। ମାତ୍ର ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି-୯୬ ଗ୍ରାମର କେତେକ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ରାଶନକାର୍ଡ ସହ ଆଧାର ନମ୍ବର ସଂଯୋଗ ହୋଇ ନ ଥିବାରୁ ସେମାନେ ଚାଉଳ ପାଇ ନ ଥିବା ଜଣାପଡ଼ିଛି। ଗ୍ରାମର ୭୮୯ ଲୋକଙ୍କର ରାଶନ କାର୍ଡ ସହ ଆଧାର ଲିଙ୍କ୍ ହୋଇ ନ ଥିବାରୁ ଚାଉଳ ଦେବାକୁ ଯୋଗାଣ ସହାୟକ ମନା କରୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଗ୍ରାମର ଗୋଟିଏ ପରିବାର ଯଦି ଚାଉଳ ପାଇବାରୁ ବଞ୍ଚିତ ହୁଅନ୍ତି ସେମାନେ କେହି ଚାଉଳ ନେବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ମହିଳା ଗୁରୁତର

କାଲିମେଲା,୧୭।୫(ଡି.ଏନ.ଏ.)

କାଲିମେଲା ବ୍ଲକ ତେଲତାଇ ପଞ୍ଚାୟତ କମଲାପଦର ଗ୍ରାମରେ ବଜ୍ରପାତରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେ ହେଉଛନ୍ତି ଗ୍ରାମର ଜୟ ଗୋଲରୀଙ୍କ ସ୍ତ୍ରୀ ତିଲୋତ୍ତମା ଗୋଲରୀ। ଶନିବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷାପବନ ବେଳେ ତିଲୋତ୍ତମା ଘରେ ଥିଲେ। ଏହି ସମୟରେ ଘରପାଖରେ ଥିବା ଏକ ସଲପ ଗଛ ଉପରେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ସେ ଆହତ ହୋଇଥିଲେ। ଖବର ପାଇ ତହସିଲଦାର ଆଲୋକ ଅଗୁରୁଲିଆ ତାଙ୍କୁ ୨ ହଜାର ଟଙ୍କା ସହାୟତା ଦେଇଛନ୍ତି।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

ଜୟପୁର,୧୭।୫(ଡି.ଏନ୍.ଏ.):

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟରେ ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଏ ନେଇ ଅନେକ ଥର ଆନ୍ଦୋଳନ ଏବଂ ଧାରଣା ମଧ ଅନୁଷ୍ଠିତ ହୋଇଛି। ଦାବି ପୂରଣ ନେଇ ପୂର୍ବରୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମଧ ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀରବତା କାରଣରୁ ଶେଷରେ ଶନିବାର ଏନ୍‌ଏଚ୍‌ଆର୍‌ସି ପକ୍ଷରୁ(୬୧୩୪/ଆଇଏନ୍/୨୦୨୦) ଏକ ମାମଲା ରୁଜୁ ହୋଇଛି। ଅବିଭକ୍ତ କୋରାପୁଟ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଅଧିକାଂଶ ଲୋକ ବିପିଏଲ୍ ପରିବାରର। ତେଣୁ ୫୦୦ରୁ ୭୦୦ କି.ମି. ଦୂରରେ ରହି ବିଭିନ୍ନ ମକଦ୍ଦମାରେ କଟକସ୍ଥିତ ହାଇକୋର୍ଟକୁ ଯିବା ପାଇଁ ଅସମର୍ଥ ହେଉଛନ୍ତି। ତେଣୁ ଏହି ଉପାନ୍ତ ଅଞ୍ଚଳରେ ହାଇକୋର୍ଟରେ ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଆବଶ୍ୟକତା ଓ ଅଧିକାର ଦର୍ଶାଇ ଜୟପୁରର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ ପାତ୍ର ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଏ ନେଇ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ୨୦୧୯ ସେପ୍ଟେମ୍ବର ୧୦ରେ ଦାବିକୁ ବିଚାରକରି ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ବିରକ୍ତି ପ୍ରକାଶ କରାଯାଇଛି।

# ଆଶ୍ରୟସ୍ଥଳରେ ଅବ୍ୟବସ୍ଥା: ଅଭିଯୋଗ ଆଣିଲେ ପ୍ରବାସୀ ଶ୍ରମିକ

ରାୟଗଡ଼ା ଅଫିସ,୧୭।୫:

ଶ୍ରମିକମାନେ ଚାଲି ଚାଲି ଯିବେ ନାହିଁ, ଚାଲି ଚାଲି ଯାଉଥିବା ରାଜ୍ୟ ଏବଂ ରାଜ୍ୟ ବାହାର ଶ୍ରମିକଙ୍କୁ ଆଶ୍ରୟସ୍ଥଳରେ ରଖି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଓ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ନିର୍ଦ୍ଦେଶ ରହିଛି। ତେବେ ପ୍ରବାସୀ ଆଶ୍ରୟସ୍ଥଳରେ ଅବ୍ୟବସ୍ଥା ନେଇ ଅଭିଯୋଗ କରିଛନ୍ତି ଅନ୍ୟ ରାଜ୍ୟର କେତେଜଣ ଶ୍ରମିକ। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପୁଡୁଚେରୀ ଓ ହାଇଦ୍ରାବାଦରୁ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ବଲାଙ୍ଗୀର ଓ ବରଗଡ଼ ଅଭିମୁଖେ ବାହାରିଥିବାବେଳେ ୩ ଦିନ ତଳେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ କେରେଡ଼ା ଚେକ୍ ପଏଣ୍ଟରେ ପହଞ୍ଚିଥିଲେ। ସେଠାରେ ନାମ ପଞ୍ଜୀକରଣ, ଥର୍ମାଲ ସ୍କ୍ରିନିଂ ପରେ ହାତରେ ଷ୍ଟାମ୍ପ ଲାଗିଥିଲା। ସେମାନଙ୍କୁ ପରେ ରାୟଗଡ଼ାସ୍ଥିତ ଜିସିଡି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରକୁ ପଠାଇବା ସହ ସେଠାରେ ଘରକୁ ପଠାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ତେବେ ୩ ଦିନ ହେଲା ସଙ୍ଗରୋଧ କେନ୍ଦ୍ରର ପରିଚାଳକ ପ୍ରବାସୀଙ୍କୁ ଠିକ୍‌ଭାବେ ଖାଇବାକୁ ଦେଉ ନ ଥିବା ସେମାନେ ରାୟଗଡ଼ା ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ତେବେ ଏହାର ପ୍ରତିକ୍ରିୟାରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରତିଦିନ ୪୦୦ ଶ୍ରମିକଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ୩୦ ଶ୍ରମିକ ଏପରି ଅଭିଯୋଗ ଆଣିଛନ୍ତି, ତେବେ ସେହି ଅଞ୍ଚଳର ଆଉ କେତେଜଣ ଶ୍ରମିକ ମିଶିଲେ ଗାଡ଼ିର ବ୍ୟବସ୍ଥା କରି ପଠାଯିବ।



ଆଶ୍ରୟସ୍ଥଳରେ ଥିବା ପ୍ରବାସୀମାନେ ଥାନାରେ ଅଭିଯୋଗ କରିବାକୁ ଯାଉଛନ୍ତି ।

# ବିଭିନ୍ନ ରାଜ୍ୟରୁ ଫେରିଲେ ୧୬୫ ଶ୍ରମିକ

ଡାବୁଗାଁ,୧୭।୫(ଡି.ଏନ୍.ଏ.):

ରାଜ୍ୟ ବାହାରୁ ୧୬୫ ଶ୍ରମିକ ଆସି ରବିବାର ନବରଙ୍ଗପୁର ଜିଲା ଡାବୁଗାଁରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ୧୧୭ ଜଣ, ତେଲଙ୍ଗାନାର ୩୩ ଏବଂ ତାମିଲନାଡୁର ୧୫ ଜଣ ରହିଛନ୍ତି। ଶ୍ରମିକମାନଙ୍କୁ ପ୍ରଶାସନ ପକ୍ଷରୁ ଘୋଡ଼ାଖୁଣ୍ଟା ହାଇସ୍କୁଲ, ଡାବୁଗାଁ ହାଇସ୍କୁଲ ଓ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧରେ ରଖାଯାଇଛି। ଏମାନଙ୍କ ମଧ୍ୟରେ ଡାବୁଗାଁ ସମେତ ଅନ୍ୟ ବ୍ଲକ୍ ଅଞ୍ଚଳର ଶ୍ରମିକ ରହିଥିବା ଜଣାପଡ଼ିଛି।

# ରାୟଗଡ଼ାରେ ଆଇସିଏମ୍‌ଆର୍ ଟିମ୍

ରାୟଗଡ଼ା ଅଫିସ,୧୭।୫:

ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍‌ଆର୍)ର ଏକ ଟିମ୍ ରବିବାର ରାୟଗଡ଼ା ଜିଲାରେ ପହଞ୍ଚିଛି। ଡା. ଦାଶରଥୀ ଦାଶଙ୍କ ସହାୟତାରେ ୧୦ ଜଣିଆ ଟିମ୍ ଜିଲାର ବିଭିନ୍ନ ବ୍ଲକ୍‌ରୁ ରକ୍ତ ନମୁନା ସଂଗ୍ରହ କରିଛି। ଏହା ସାହାଯ୍ୟରେ ଆଣ୍ଟିବଡି ଟେଷ୍ଟ କରାଯିବ। ଏଥିରୁ ଜିଲାରେ କରୋନା ଭାଇରସ୍‌ର ଗୋଷ୍ଠୀ ସଂକ୍ରମଣ ସମ୍ପର୍କରେ ସ୍ପଷ୍ଟ ହୋଇପାରିବ। ଏହି ଟିମ୍ ଓଡ଼ିଶାର ରାୟଗଡ଼ା ଜିଲା ସମେତ କୋରାପୁଟ ଓ ଗଞ୍ଜାମ ଜିଲାକୁ ଯାଇ ନମୁନା ସଂଗ୍ରହ କରିବ। ରାୟଗଡ଼ାର ୧୦ କ୍ଲଷ୍ଟରରୁ ୪୦୦ନମୁନା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ସୋମବାର ଟିମ୍ କୋରାପୁଟ ଜିଲାରୁ ନମୁନା ସଂଗ୍ରହ କରିବ ।



ଜଣେ ମହିଳାଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି ।

■ ଗୋଷ୍ଠୀ ସଂକ୍ରମଣ ଯାଞ୍ଚ ପାଇଁ ସଂଗ୍ରହ ହେଲା ୪୦୦ ରକ୍ତ ନମୁନା

# ବୈପାରିଗୁଡ଼ା : ୧୦ବର୍ଷରେ ୧୩ ଏଡ୍‌ସ ରୋଗୀ

**ସଚେତନତା ଅଭାବ**

ବୈପାରିଗୁଡ଼ା, ୧୭।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକରେ ୧୦ ବର୍ଷ ମଧ୍ୟରେ ୧୩ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ୭ ପୁରୁଷ ଓ ୬ ମହିଳା ଅଛନ୍ତି । ଗତ ସେପ୍ଟେମ୍ବରରେ ୫ ହଜାର ୯୪ ଜଣଙ୍କ କାଉନସେଲିଂ କରିବା ପରେ ୪ ହଜାର ୬୬ ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରେ ୨ ଜଣ ପଜିଟିଭ୍ ଥିବା ଜଣାପଡ଼ିଥିଲା । ରୋଗ ବ୍ୟାପିବାର ମୁଖ୍ୟ କାରଣ ହେଲା ଗ୍ରାମାଞ୍ଚଳରେ ସଚେତନତା ଅଭାବ। ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୦-୧୧ମସିହାଠାରୁ ଆଇସିଟିସି କାର୍ଯ୍ୟକାରୀ ହେଉଛି । ୩ ଟି ପ୍ରକ୍ରିୟାରେ ରୋଗୀଙ୍କୁ ଚିହ୍ନଟ କରାଯାଉଥିବା ଆଇସିଟିସି ପକ୍ଷରୁ କୁହାଯାଇଛି । ଗର୍ଭଧାରଣ ବେଳେ ଉଭୟ ସ୍ୱାମୀସ୍ତ୍ରୀଙ୍କ ଏଚ୍‌ଆଇଭି ଟେଷ୍ଟ କରିବାର ନିୟମ ରହିଛି । ସେହିପରି ବ୍ଲଡ୍‌ବ୍ୟାଙ୍କକୁ ରକ୍ତଦାନ କରିଥିବା ବ୍ୟକ୍ତିଙ୍କ ଏଚ୍‌ଆଇଭି ଟେଷ୍ଟ କରାଯାଇଥାଏ। ବିଭିନ୍ନ ରୋଗରେ ବାରମ୍ବାର ପୀଡ଼ିତ ହୋଇ ମେଡିକାଲକୁ ଯାଉଥିବା ରୋଗୀଙ୍କ ଡାକ୍ତରଙ୍କ ପରାମର୍ଶକ୍ରମେ ଏଚ୍‌ଆଇଭି ଟେଷ୍ଟ କରାଯାଇଥାଏ । ଅନ୍ୟପକ୍ଷରେ ବାହାରେ ପ୍ରଘଟ ହେବା ଭୟରେ ଅନେକ ରୋଗୀ ବ୍ଲକ ବାହାରେ ଥିବା ଆଇସିଟିସି ସେଣ୍ଟରକୁ ଯାଇ ଟେଷ୍ଟ କରୁଛନ୍ତି । ଯଦି ଏଡ୍‌ସରେ ଆକ୍ରାନ୍ତ ହୋଇଥାନ୍ତି ତେବେ ଚେରମୂଳୀ ଔଷଧର ଆଶ୍ରୟ ନେଉଛନ୍ତି । ସେହିଭଳି ଅନେକେ ବିଶାଖାପାଟଣା ଘରୋଇ କ୍ଲିନିକ୍‌ରେ ରକ୍ତ ପରୀକ୍ଷା କରି ପଜିଟିଭ୍ ବାହାରିବା ପରେ ସେଠାରେ ହିଁ ନିୟମିତ ମେଡିସିନ ଖାଉଛନ୍ତି । ଏହି ତଥ୍ୟ ସରକାରୀ ରେକର୍ଡକୁ ଆସୁନାହିଁ। ସେମାନଙ୍କ ତଥ୍ୟ ଏଠାରେ ଉପଲବ୍ଧ ନ ଥିବା ବେଳେ ରୋଗୀଙ୍କ ସଂଖ୍ୟା ନିଶ୍ଚିତ ଭାବେ ଢେର ଅଧିକ ବୋଲି ଅନୁମାନ କରାଯାଉଛି ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ମେ ୧୮/୨୦୨୦ Monday, May 18/2020

## ରାଜ୍ୟଗୁଡ଼ିକ ଲାଗି ଋଣ ସୀମା ୫%କୁ ବଢ଼ିଲା

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ଲାଗି ଋଣ ସୀମାକୁ ରବିବାର ୩%ରୁ ୫% ବଢ଼ାଇଛନ୍ତି। ଏହାଦ୍ୱାରା ରାଜ୍ୟଗୁଡିକ ୨୦୨୦-୨୧ରେ ସେମାନଙ୍କ ମୋଟ ରାଜ୍ୟ ଜିଡିପିର ୫% ପର୍ଯ୍ୟନ୍ତ ଋଣ କରିବାକୁ ସକ୍ଷମ ହୋଇପାରିବେ। ଏହାଦ୍ୱାରା ରାଜ୍ୟଗୁଡ଼ିକୁ ୪.୨୮ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ଉଠାଇବାକୁ ସୁବିଧା ମିଳିବ। ବର୍ତ୍ତମାନ ରାଜ୍ୟଗୁଡ଼ିକ ୬.୪୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଉଠାଣ ନେଇ ସୀମା ଧାର୍ଯ୍ୟ କରାଯାଇଛି। ଏହି ପ୍ରସଙ୍ଗରେ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିବା ସହ ଉଠାଣ ସୀମାକୁ ବଢାଇବା ଲାଗି ନିବେଦନ କରିଥିଲେ। ବର୍ତ୍ତମାନ ସମୟରେ ଅର୍ଥର ଆବଶ୍ୟକତା ପଡୁଥିବାରୁ ସୀମାକୁ ୫% ଯାଏ ବଢାଇବା ଲାଗି ଦାବି ଉଠିଥିଲା। ଏବେ ରାଜ୍ୟଗୁଡିକ ୪.୨୮ ଲକ୍ଷ କୋଟି ଅତିରିକ୍ତ ଉଠାଣ କରିବାର ସୁବିଧା ପାଇବେ ବୋଲି ଜଣାପଡିଛି।

# ଘରୋଇ ହାତକୁ ଯିବ ଅଣ ଷ୍ଟ୍ରାଟେଜିକ୍ ପିଏସ୍‌ୟୁ




**ନୂଆଦିଲ୍ଲୀ,୧୭।୫**

ସରକାର ବିଭିନ୍ନ କ୍ଷେତ୍ରରେ ଘରୋଇକରଣକୁ ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଷ୍ଟ୍ରାଟେଜିକ କ୍ଷେତ୍ରଗୁଡ଼ିକର ସଂଜ୍ଞା ନିରୂପଣ କରିବା ଲାଗି ନୂଆ ପବ୍ଲିକ ଏଣ୍ଟରପ୍ରାଇଜ ନୀତି ଆଣିବେ। ନୂଆ ନୀତି କାର୍ଯ୍ୟକ୍ଷମ ହେଲେ ଷ୍ଟ୍ରାଟେଜିକ କ୍ଷେତ୍ରଗୁଡ଼ିକରେ ୪ରୁ ଅଧିକ ରାଷ୍ଟ୍ରାୟତ୍ତ କମ୍ପାନୀ କାମ କରିପାରିବେ ନାହିଁ। ଷ୍ଟ୍ରାଟେଜିକ କ୍ଷେତ୍ରଗୁଡିକରେ କେଉଁ କେଉଁ କମ୍ପାନୀ କାମ କରିବେ ସେ ନେଇ ସରକାର ଶୀଘ୍ର ବିଜ୍ଞପ୍ତି ଜାରି କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି। ଷ୍ଟ୍ରାଟେଜିକ କ୍ଷେତ୍ରଗୁଡ଼ିକରେ ଅନ୍ତତଃ ପକ୍ଷେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀ କାର୍ଯ୍ୟ କରିବ। ଏହି କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକୁ ମଧ୍ୟ ଅନୁମତି ପ୍ରଦାନ କରାଯିବ। ଅନ୍ୟ କ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡ଼ିକୁ ସରକାର ଘରୋଇକରଣ କରିବେ ବୋଲି ଜଣାପଡ଼ିଛି।

- ଆସିବ ନୂଆ ପବ୍ଲିକ ଏଣ୍ଟରପ୍ରାଇଜ ନୀତି
- ଷ୍ଟ୍ରାଟେଜିକ୍ କ୍ଷେତ୍ର ନେଇ ଆସିବ ବିଜ୍ଞପ୍ତି
- ଷ୍ଟ୍ରାଟେଜିକ୍ କ୍ଷେତ୍ରରେ ରହିବ ଅନ୍ତତଃ ଗୋଟିଏ କମ୍ପାନୀ
- ୨.୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ

ଷ୍ଟ୍ରାଟେଜିକ କ୍ଷେତ୍ରରେ ବିଶେଷକରି ଗୋଟିଏରୁ ୪କମ୍ପାନୀ ରଖିବାକୁ ଯୋଜନା କରାଯାଇଛି। ଘରୋଇକରଣ, ମିଶ୍ରଣ ଏବଂ ଅଣ୍ଡର ହୋଲ୍ଡିଂ କମ୍ପାନୀ ଭାବେ ରୂପାନ୍ତରିତ କରିବାକୁ ଯୋଜନା ରଖାଯାଇଛି। ଘରୋଇକରଣ କରାଯିବା ଆଗରୁ ସରକାର କମ୍ପାନୀଗୁଡ଼ିକର ସ୍ଥିତିକୁ ବିଚାର କରିବେ। ସରକାର ଶୀଘ୍ର ନୂଆ ନୀତି ଘୋଷଣା କରିବେ। ଭାରତକୁ ଆତ୍ମନିର୍ଭରଶୀଳ କରାଇବା ଲାଗି ସରକାର ଯୋଜନା ହାତକୁ ନେଉଛନ୍ତି। ସବୁ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରାଯିବ। ନିର୍ଦ୍ଧାରିତ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଅତି ଜରୁରୀ କ୍ଷେତ୍ରକୁ ବିଚାରକରି ସରକାର ପଦକ୍ଷେପ ନେବେ ବୋଲି ସୀତାରାମନ ମତବ୍ୟକ୍ତ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ସରକାର ଆଗାମୀ ଦିନରେ ଆଣିବାକୁ ଥିବା ନୀତିରେ ଷ୍ଟ୍ରାଟେଜିକ ଏବଂ ଅନ୍ୟ କ୍ଷେତ୍ର ସମ୍ପର୍କରେ ବିସ୍ତୃତ ଭାବେ ବର୍ଗୀକରଣ କରିବେ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଘରୋଇକରଣ ନୀତି ଆସିବା ଦ୍ୱାରା ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ଏହା ତ୍ୱରାନ୍ୱିତ କରିବ। ସରକାର ବଜେଟରେ ୨.୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିମଧ୍ୟରୁ କେବଳ ୧.୨୦ ଲକ୍ଷ ରାଷ୍ଟ୍ରାୟତ୍ତ କମ୍ପାନୀ ପୁଞ୍ଜି ପ୍ରତ୍ୟାହାରରୁ ଆସିବ ବୋଲି ଜଣାପଡିଛି।

## କମ୍ପାନୀ ଆଇନରେ ଆସିବ ସଂଶୋଧନ

କମ୍ପାନୀ ଆଇନରେ ସଂଶୋଧନ ଆଣିବା ଲାଗି ସରକାର ଅଧ୍ୟାଦେଶ ଆଣିବେ। ଉକ୍ତ ଆଇନରେ ଥିବା ବିଭିନ୍ନ ଧାରାକୁ ଅପରାଧମୁକ୍ତ କରିବା, ଭାରତୀୟ କର୍ପୋରେଟଗୁଡ଼ିକୁ ସିଧାସଳଖ ବିଦେଶୀ ବଜାରରେ ଲିଷ୍ଟିଂ କରାଇବା ଏବଂ ଇଜ ଅଫ୍ ଡୁଇଁ ବିଜ୍‌ନେସକୁ




ପ୍ରୋତ୍ସାହିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେବେ ବୋଲି ଜଣାପଡ଼ିଛି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି ଯେ, ଭାରତୀୟ କମ୍ପାନୀଗୁଡ଼ିକ ସେମାନଙ୍କ ସିକ୍ୟୁରିଟିଜକୁ ବିଦେଶରେ ସିଧାସଳଖ ଲିଷ୍ଟିଂ କରାଇପାରିବେ। ଏହା ଏକ ବଡ଼ ପଦକ୍ଷେପ। ୨୦୧୩ରେ ଆସିଥିବା କମ୍ପାନୀ ଆଇନରେ ସଂଶୋଧନ ଆଣିବା ଲାଗି ସରକାର ପୂର୍ବରୁ ଯୋଜନା କରିଥିଲେ ମଧ୍ୟ ଏହା ବର୍ତ୍ତମାନ ପାର୍ଲାମେଣ୍ଟରେ ପାସ୍ ହୋଇପାରିନାହିଁ। ଏହି ଆଇନକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। କମ୍ପାନୀ ଆଇନରେ ରହିଥିବା ବିଭିନ୍ନ ନିୟମର ଅବମାନନାରେ ସାମାନ୍ୟ ତ୍ରୁଟି ରହିଲେ ଏହାକୁ ଅପରାଧମୁକ୍ତ କରିବା ନେଇ ଯୋଜନା ରଖାଯାଇଛି। ଏହା ମଧ୍ୟରେ ସିଏସ୍‌ଆର୍ ରିପୋର୍ଟିଂ, ଅପର୍ଯ୍ୟାପ୍ତ ବୋର୍ଡ ରିପୋର୍ଟ, ଫାଇଲିଂରେ ଖିଲାପ କରିବା, ଏଜିଏମ୍ ଡକାଇବାରେ ବିଳମ୍ବ ଭଳି କେତେକ ପ୍ରସଙ୍ଗ ସାମିଲ ରହିଛି। ଅତି ଗୁରୁତ୍ୱପୂର୍ଣ୍ଣ ଧାରାଗୁଡ଼ିକୁ ଆନ୍ତଃ ଆଡଜୁଡିକେଶନ ମେକାନିଜିମ ପରିସରଭୁକ୍ତ କରାଯିବ। ଏ କ୍ଷେତ୍ରରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ କ୍ଷମତା ପରିସରକୁ ମଧ୍ୟ ବଢ଼ାଇବା ଦିଗରେ ପଦକ୍ଷେପ ନିଆଯିବ।

### ଆତ୍ମନିର୍ଭର ଭାରତ ପ୍ୟାକେଜ

ଭାଗ- ୧: ୫,୯୪,୫୫୦ କୋଟି
ଭାଗ-୨: ୩,୧୦,୦୦୦ କୋଟି
ଭାଗ-୩: ୧,୫୦,୦୦୦ କୋଟି
ଭାଗ-୪,୫: ୪୮,୧୦୦ କୋଟି

**ମୋଟ: ୧୧,୦୨,୬୫୦ କୋଟି**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ: ୧,୯୨,୮୦୦ କୋଟି
ଆର୍‌ବିଆଇ ପଦକ୍ଷେପ: ୮,୦୧,୬୦୩

**ମୋଟ୍: ୯,୯୪,୪୦୩**

**ସର୍ବମୋଟ: ୨୦,୯୭, ୦୫୩ କୋଟି**

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଅତିରିକ୍ତ ବ୍ୟୟବରାଦ



ମହାତ୍ମା ଗାନ୍ଧୀ ନ୍ୟାଶନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଅତିରିକ୍ତ ୪୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହାଦ୍ୱାରା ୩୦୦ କୋଟି ମାନବ କାର୍ଯ୍ୟଦିବସ ସୃଷ୍ଟି କରାଯାଇପାରିବ। ଘରକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ଯୋଗାଣ ଲାଗି ସରକାର ଏଭଳି ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହି ଯୋଜନା ଦ୍ୱାରା ବିଭିନ୍ନ ଦୀର୍ଘସ୍ଥାୟୀ ପ୍ରକଳ୍ପଗୁଡିକର କାର୍ଯ୍ୟକୁ ହାତକୁ ନିଆଯିବ। ଏହାଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ ବୋଲି ସରକାର ଆଶାବାଦୀ ରହିଛନ୍ତି।

## ପବ୍ଲିକ ହେଲ୍‌ଥରେ ଅଧିକ ନିବେଶ ହେବ

ପବ୍ଲିକ୍ ହେଲ୍‌ଥ ସିଷ୍ଟମରେ ସରକାର ଅଧିକ ପୁଞ୍ଜି ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା ସ୍ୱାସ୍ଥ୍ୟସେବା ଯୋଗାଣ କରୁଥିବା ଅନୁଷ୍ଠାନଗୁଡିକରେ ଏହାଦ୍ୱାରା ଅଧିକ ଅର୍ଥ ବିନିଯୋଗ ହେବ। ଅଧିକ ହେଲ୍‌ଥ ଏବଂ ୱେଲ୍‌ନେସ ସେଣ୍ଟର ସ୍ଥାପନକୁ ସରକାର ଗୁରୁତ୍ୱ ଦେବେ। ମହାମାରୀକୁ ରୋକିବା ଲାଗି ତୃଣମୂଳ ସ୍ତରରୁ ପ୍ରସ୍ତୁତି, ଲାବ୍‌ନେଟ୍‌ୱର୍କ, ଗବେଷଣା ଏବଂ ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନରେ ଉପରେ ସରକାର ଫୋକସ କରିବେ ବୋଲି ଜଣାପଡିଛି।

## ବର୍ଷେ ଯାଏ ହେବନି ବ୍ୟାଙ୍କ୍ରପ୍ସି ଫାଇଲିଂ

ଋଣ ଖିଲାପ କ୍ଷେତ୍ରରେ ଆଗାମୀ ବର୍ଷେ ଯାଏ କୌଣସି ନୂଆ ବ୍ୟାଙ୍କ୍ରପ୍ସି ଫାଇଲିଂ ହୋଇପାରିବ ନାହିଁ। ଏହାକୁ ସରକାର ଗୋଟିଏ ବର୍ଷ ଲାଗି ସ୍ଥଗିତ ରଖିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାବାଦ କମ୍ପାନୀଗୁଡ଼ିକ ଲାଗି ଇନ୍‌ସଲଭେନ୍ସି ସୀମାକୁ ୧ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାକୁ କାର୍ଯ୍ୟକାରୀ କରାଇବା ଲାଗି ସରକାର ଏକ ଅଧ୍ୟାଦେଶ ଆଣିବେ। କୋଭିଡ୍ ଯୋଗୁ ଦେଶର ଶିଳ୍ପ କ୍ଷେତ୍ର ବର୍ତ୍ତମାନ ପ୍ରଭାବିତ ରହିଛି। କରୋନା ଯୋଗୁ ଋଣ ଶୁଝିବାକୁ ଅସୁବିଧା ହେଉଥିଲେ ଏହାକୁ ଖିଲାପ ଭାବେ ବିଚାର କରାଯିବ ନାହିଁ।

# ଖେଳ ଖବର

## ଓଭିଏର ୧ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର,୧୭।୫ (କ୍ରୀଡ଼ା ପ୍ରତିନିଧି):** କରୋନାଭାଇରସ୍ ସଂକ୍ରମଣରେ ପ୍ରଭାବିତ ଲୋକଙ୍କ ସାହାଯ୍ୟାର୍ଥେ ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି। ସହଯୋଗ ପାଇଁ ସଭାପତି ସୁବୋଧ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ଉପସଭାପତି ଭବାନୀ ପ୍ରସାଦ ପଣ୍ଡା, ଶିବପ୍ରସାଦ ତ୍ରିପାଠୀ, ଜନାର୍ଦ୍ଦନ ଦାଶ, ସୟଦ ଅକମଲ ଅଲୀ, କିଶୋର କୁମାର ବିଶ୍ୱାଳ, ଦୁଲାଲ ଚନ୍ଦ୍ର ପ୍ରଧାନ, ଯୁଗ୍ମସମ୍ପାଦକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଜଗଦୀଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ମହାନ୍ତିଙ୍କୁ ଓଭିଏ ସମ୍ପାଦକ ଗଗନେନ୍ଦୁ ଧନ୍ୟବାଦ ଜଣାଇଛନ୍ତି।

## କ୍ରୀଡ଼ା ମନ୍ତ୍ରଣାଳୟର ସହାୟତା ଲୋଡ଼ିଲା ଆଇଓଏ

**ନୂଆଦିଲ୍ଲୀ, ୧୭।୫**

କରୋନା ଭାଇରସ୍ ସଂକ୍ରମଣଜନିତ ସ୍ଥିତିକୁ ଦୃଷ୍ଟିରେ ରଖି କ୍ରୀଡ଼ା ମନ୍ତ୍ରଣାଳୟର ସହାୟତା ଲୋଡ଼ିଛି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ)। ଆସନ୍ତାବର୍ଷ ପର୍ଯ୍ୟନ୍ତ କୌଣସି ପ୍ରାୟୋଜକ ଆଗକୁ ଆସିବା ସମ୍ଭାବନା ନାହିଁ। ତେଣୁ ସରକାର ସହାୟତାର ହାତ ବଢ଼ାଇବା ଜରୁରୀ ହୋଇପଡ଼ିଛି। ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପାଇଁ ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ କ୍ରୀଡ଼ା ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି ଆଇଓଏ ସଭାପତି ନରିନ୍ଦର ବାତ୍ରା। ଯଦି ସରକାରୀ ସହାୟତା ନ ମିଳେ ତେବେ ଲକ୍‌ଡାଉନ୍ ଉଠିଲେ ବିଭିନ୍ନ କ୍ରୀଡ଼ାର ସହଜ ଆରମ୍ଭ ଅସମ୍ଭବ ହୋଇ ପଡ଼ିବ ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ଲେଖିଥିବା ପତ୍ରରେ ବାତ୍ରା ଦର୍ଶାଇଛନ୍ତି। ଆଇଓଏ ପାଇଁ ୧୦କୋଟି, ଅଲିମ୍ପିକ୍ସ କ୍ରୀଡ଼ାର ବିଭିନ୍ନ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ଗୁଡ଼ିକ ପାଇଁ ୫ କୋଟି ଲେଖାଏ, ଅଣ ଅଲିମ୍ପିକ୍ସ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଗୁଡ଼ିକ ପାଇଁ ୨.୫୦ କୋଟି ଲେଖାଏ, ବିଭିନ୍ନ ରାଜ୍ୟ କ୍ରୀଡ଼ା ଆସୋସିଏଶନ ପାଇଁ ୧ କୋଟି ଲେଖାଏ ଏହିପରି ପାଖାପାଖି ୨୨୦ କୋଟି ଟଙ୍କା ପ୍ରଦାନ କରିବାକୁ ବାତ୍ରା ଅନୁରୋଧ କରିଛନ୍ତି। ''୨୦୨୧ ଅଲିମ୍ପିକ୍ସ ଓ ଏହା ପର ପର୍ଯ୍ୟନ୍ତ ପ୍ରାୟୋଜକମାନେ ସହାୟତା କରିବା ସମ୍ଭାବନା ନାହିଁ। ଏପରି ସ୍ଥିତିରେ କ୍ରୀଡ଼ା ମନ୍ତ୍ରଣାଳୟ ସାହାଯ୍ୟ କରିବା ଉଚିତ। ଏହା କ୍ରୀଡ଼ାବିତ୍ ମାନଙ୍କୁ ଅନେକ ପରିମାଣରେ ସହାୟକ ହୋଇ ପାରିବ। ସମ୍ପୂର୍ଣ୍ଣ ବିଶ୍ୱ ଏବେ କଠିନ ସମୟ ଦେଇ ଗତି କରୁଛି। ସମସ୍ତ କ୍ରୀଡ଼ା ପ୍ରତିଯୋଗିତା, ଟ୍ରେନିଂ ଏବଂ ଅନ୍ୟ କାର୍ଯ୍ୟକଳାପ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଛି। ଏ ସବୁ ଆରମ୍ଭ କରିବାକୁ ହେଲେ ଆସୋସିଏଶନଗୁଡ଼ିକୁ ଆର୍ଥିକ ସହାୟତା ଜରୁରୀ'' ବୋଲି ବାତ୍ରା ଲେଖିଛନ୍ତି ।



ଆଇଓଏ ସଭାପତି ନରିନ୍ଦର ବାତ୍ରା।

## ଆଫ୍ରିଦିଙ୍କୁ ଗମ୍ଭୀରଙ୍କ ଜବାବ

**ନୂଆଦିଲ୍ଲୀ, ୧୭।୫:** ଭାରତର ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ପାକିସ୍ତାନ ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦିଙ୍କୁ କଡ଼ା ଜବାବ ଦେଇଛନ୍ତି। କେବଳ ସେତିକି ନୁହେଁ, ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ, ସେନାମୁଖ୍ୟ ଜେନେରାଲ କମର ବାଜୱାଙ୍କ ସମେତ ଆଫ୍ରିଦିଙ୍କୁ ଜୋକର ବୋଲି କହିଛନ୍ତି।

ଆଫ୍ରିଦିଙ୍କ ଏକ ଭିଡିଓ ଭାଇରଲ ହୋଇଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭିରୁ ବୋଲି ଏହି ଭିଡିଓରେ କହୁଥିବାର ଲକ୍ଷ୍ୟ କରାଯାଇଥିଲା। ଏବେ ଗମ୍ଭୀର ଟୁଇଟ୍ କରି ନିଜ ଶୈଳୀରେ ଏହାର ଜବାବ ରଖିଛନ୍ତି। 'ପାକିସ୍ତାନ ପାଖରେ ୭ ଲକ୍ଷ ସୈନ୍ୟ ରହିଛନ୍ତି ଓ ତାଙ୍କ ପଛରେ ୨୦ କୋଟି ଲୋକ ରହିଛନ୍ତି ବୋଲି ୧୬ ବର୍ଷୀୟ ଆଫ୍ରିଦି କହିଛନ୍ତି। ତଥାପି ଏମାନେ ୭୦ ବର୍ଷ ହେବ କଶ୍ମୀର ପାଇଁ ଭିକ୍ଷା ମାଗୁଛନ୍ତି। ଆଫ୍ରିଦି, ଇମ୍ରାନ, ବାଜୱାଙ୍କ ଭଳି ଜୋକର ମୋଦିଙ୍କୁ ଗାଳି ଦେଇ ପାକିସ୍ତାନ ଲୋକଙ୍କୁ ବୋକା ବନାଉଛନ୍ତି। କିନ୍ତୁ କଶ୍ମୀର ମିଳିବା ବହୁ ଦୂରର କଥା। ବାଂଲାଦେଶ କଥା ମନେ ଅଛିତ?' ବୋଲି ଗମ୍ଭୀର ଟୁଇଟ୍ କରିଛନ୍ତି।

ପୂର୍ବରୁ ଆଫ୍ରିଦି ତାଙ୍କ ଭିଡିଓରେ ମୋଦିଙ୍କୁ ସାହସୀ ହେବା ପାଇଁ ପ୍ରୟାସ କରୁଛନ୍ତି, କିନ୍ତୁ ସେ ଜଣେ ଭୀରୁ । କଶ୍ମୀର ପାଇଁ ସେ ୭ ଲକ୍ଷ ସୈନ୍ୟ ମୁତୟନ କରିଛନ୍ତି। ପାକିସ୍ତାନର ୭ ଲକ୍ଷ ସୈନ୍ୟ ପଛରେ ୨୨-୨୩ କୋଟି ସୈନ୍ୟ ଅର୍ଥାତ୍ ପାକିସ୍ତାନ ଜନସଂଖ୍ୟା ଛିଡା ହୋଇଛନ୍ତି ତାହା ମୋଦି ଜାଣିନାହାନ୍ତି ବୋଲି ଆଫ୍ରିଦି କହିଥିଲେ।

## ଅଙ୍କିତା, ଶରନଙ୍କ ନାମ ସୁପାରିସ



**ନୂଆଦିଲ୍ଲୀ,୧୭।୫ (ପି.ଟି.)**

ଏସିଆନ ଗେମ୍ସ ପଦକ ବିଜେତା ତଥା ଟେନିସ୍ ତାରକା ଅଙ୍କିତା ରାଇନା ଓ ଦିଭିଜ ଶରନଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ୍ କରାଯାଇଛି। ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଏହି ଦୁଇ ଖେଳାଳିଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ପୂର୍ବତନ ଡେଭିସ୍ କପ୍ କୋଚ୍ ନନ୍ଦନ ବଲଙ୍କ ନାମ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଏଆଇଟିଏ ସୁପାରିସ କରିଛି।

୨୭ ବର୍ଷୀୟା ଅଙ୍କିତା ୨୦୧୮ ଏସିଆନ ଗେମ୍ସରେ ମହିଳା ସିଙ୍ଗଲ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଫେଡ୍ କପ୍‌ରେ ମଧ୍ୟ ସେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ପ୍ରଥମଥର ପାଇଁ ୱାର୍ଲ୍ଡଗ୍ରୁପ୍ ପ୍ଲେ- ଅଫ୍‌ସରେ ପହଞ୍ଚାଇଥିଲେ। ସେହିପରି ଦିଲ୍ଲୀର ଶରନ ଜାକାର୍ତ୍ତରେ ଅନୁଷ୍ଠିତ ଏସିଆନ ଗେମ୍ସରେ ନିଜ ଦେଶରେ ରୋହନ ବୋପାନ୍ନାଙ୍କ ସହ ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୩୪ ବର୍ଷୀୟ ଶରନ ୨୦୧୯ ସେସନରେ ଦୁଇଟି ଏଟିପି ଟାଇଟଲ ହାସଲ କରିଥିଲେ।

**ଅର୍ଜୁନ ପୁରସ୍କାର**

ସେ ଓ ବୋପାନ୍ନା ପୁଣେରେ ଟାଟା ଓପନ୍ ମହାରାଷ୍ଟ୍ର ଓ ସେଣ୍ଟ ପିଟର୍ସବର୍ଗରେ ଆଇଗର ଜେଲେନେଙ୍କ ସହ ମିଶି ଏଟିପି ଟାଇଟଲ ଜିତିଥିଲେ। ଅର୍ଜୁନ ପୁରସ୍କାର ପାଇବା ପାଇଁ ଏହି ଦୁଇ ଖେଳାଳିଙ୍କର ହକ୍ ରହିଛି ଓ ଏମାନେ ଯୋଗ୍ୟ। ତେଣୁ ଆମେ ଏମାନଙ୍କ ନାମ ସୁପାରିସ କରିଛୁ ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରୋନମୟ ଚାଟାର୍ଜୀ କହିଛନ୍ତି।

## ଗାଭାସ୍କରଙ୍କ ଭାରତ-ପାକ୍ ମିଳିତ ଏକାଦଶ

**ନୂଆଦିଲ୍ଲୀ, ୧୭।୫:** କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ଭାରତ-ପାକିସ୍ତାନ ମିଳିତ ଏକାଦଶ ଚୟନ କରିଛନ୍ତି। ଏଥିରେ ସେ ୬ ଭାରତୀୟ ଓ ୫ ପାକିସ୍ତାନ ଖେଳାଳିଙ୍କୁ ନେଇଥିବାବେଳେ ଅନେକ ବିସ୍ମୟ ଦେଖିବାକୁ ମିଳିଛି। ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାବିଡ, ମହେନ୍ଦ୍ର ସିଂ ଧୋନୀ, ଇଞ୍ଜାମାମ-ଉଲ-ହକ୍ ଓ ୱାକର ୟୁନିସ ଜଣେ ଜଣେ କ୍ରିକେଟ ଲିଜେଣ୍ଡ ହୋଇଥିଲେ ହେଁ ଗାଭାସ୍କରଙ୍କ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ବୀରେନ୍ଦ୍ର ସେହ୍ୱାଗଙ୍କ ସହ ସେ ପାକିସ୍ତାନର ହନିଫ୍ ମହମ୍ମଦଙ୍କୁ ଅନ୍ୟତମ ଓପନର ବାଛିଛନ୍ତି। ମିଡଲ ଅର୍ଡରରେ ୩ ଖେଳାଳି ହେଲେ ଜାହିର ଆବାସ, ସଚିନ ତେନ୍ଦୁଲକର ଓ ଗୁଣ୍ଡାପ୍ପା ବିଶ୍ୱନାଥ। ୬ ଓ ୭ ନମ୍ବରରେ ସ୍ଥାନ ପାଇଛନ୍ତି ଦୁଇ ପ୍ରସିଦ୍ଧ ପେସ୍ ବୋଲିଂ ଅଲରାଉଣ୍ଡର କପିଳ ଦେବ ଓ ଇମ୍ରାନ ଖାଁ। ସୟଦ କିର୍ମାନୀଙ୍କୁ ସେ ଉଇକେଟ କିପରଭାବେ ନେଇଛନ୍ତି। ବୋଲିଂ ବିଭାଗରେ ରହିଛନ୍ତି ୱାସିମ ଆକ୍ରମ, ଅବଦୁଲ କାଦିର ଓ ବି.ଏସ୍. ଚନ୍ଦ୍ରଶେଖର।

## ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଅନୁମତି ମିଳିଲା

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

କରୋନାଭାଇରସ୍ ଯୋଗୁ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ କରିବା ଲାଗି ସରକାର ବାଧ୍ୟ ହୋଇଛନ୍ତି। ତେବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କ୍ରୀଡ଼ା କମ୍ପ୍ଲେକ୍ସ ଖୋଲିବା ଲାଗି ଅନୁମତି ଦେଇଛନ୍ତି। ଫଳରେ ମାର୍ଚ୍ଚ ମଧ୍ୟଭାଗରୁ ବନ୍ଦ ରହିଥିବା ଆଥଲେଟ୍‌ମାନଙ୍କ ଟ୍ରେନିଂ



କାର୍ଯ୍ୟ ପୁଣି ଆରମ୍ଭ ହୋଇ ପାରିବ। ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ଷ୍ଟାଡିୟମ ଖୋଲିବା ଲାଗି ଅନୁମତି ଦିଆଯାଇଥିଲେ ହେଁ ଦର୍ଶକମାନଙ୍କୁ ବାରଣ କରାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ମାନି ଚଳିବାକୁ ହେବ। ଲକ୍ ଡାଉନ୍ ମିଆଦ ୧୭ ତାରିଖରେ ଶେଷ ହେଉଥିଲେ ମଧ୍ୟ ଏହାର ମିଆଦକୁ ସରକାର ପୁଣି ମେ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଭାରତରେ କୋଭିଡ୍-୧୯ ରୋଗୀଙ୍କ ସଂଖ୍ୟା ୯୦,୦୦୦ରୁ ଅଧିକ ହୋଇଥିବାବେଳେ ଇତିମଧ୍ୟରେ ୩୦୦୦ ପାଖାପାଖି ମୃତ୍ୟୁବରଣ କରିସାରିଲେଣି। ମାର୍ଚ୍ଚ ମଧ୍ୟ ଭାଗରେ ଲକ୍‌ଡାଉନ୍ ଲାଗୁ କରାଯାଇଥିଲା। ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) କମ୍ପ୍ଲେକ୍ସଠାରେ ବର୍ତ୍ତମାନ ଅବସ୍ଥାନ କରୁଥିବା ଏଲିଟ୍ ଆଥଲେଟ୍‌ମାନେ ପୁନର୍ବାର ଟ୍ରେନିଂ ଆରମ୍ଭ କରିବା ଲାଗି ଦାବି କରିଥିଲେ। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଗତ ସପ୍ତାହରେ ଭିଡିଓ କନଫରେନ୍ସ ଜରିଆରେ ଏ ବିଷୟରେ ଆଥ୍‌ଲେଟମାନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଚଳିତମାସ ଶେଷ ଭାଗରେ କିଛି ନ ହେଲେ ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଆଥଲେଟମାନଙ୍କ ଲାଗି ପୁଣି ଜାତୀୟ କ୍ୟାମ୍ପ ଆରମ୍ଭ କରିବା ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ମେ ୩ ତାରିଖରେ ଘୋଷଣା କରାଯାଇଥିଲା।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଶିଷ୍ଟ ଜ୍ୟୋତିଷ ଆଚାର୍ଯ୍ୟ
ଶ୍ରୀଯୁକ୍ତ ମଦନ ମୋହନ ନାୟକ
ଆବିର୍ଭାବ: ୧୫।୧୧।୧୯୩୮
ତିରୋଧାନ: ୦୯।୦୫।୨୦୨୦
ଆପଣଙ୍କ ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା । ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ ।
-:ଶୋକସନ୍ତପ୍ତ:-
ପୁତ୍ର: ଲୋକନାଥ, ରଘୁନାଥଙ୍କ ସହ ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୧୭୩୦୧

୨୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଇଂ ଦୟାନିଧି ମହାପାତ୍ର
ଗ୍ରାମ: ବଡ଼ଝରିଲୋ, କଟକ, ନିବାସ- କି ୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୨୩
ତିରୋଧାନ: ୧୩।୦୫।୧୯୯୬
ନନା, ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଝିଅ -ଜ୍ୱାଇଁ, ପୁଅ-ବୋହୂ ଓ ନାତି-ନାତୁଣୀମାନେ।
ଧ-୬୯୨୭



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ